DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୧/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, September 11/2019 | ★★★★★★
୪୫ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## କଂଗ୍ରେସ ଛାଡ଼ିଲେ ଉର୍ମିଳା ମାତୋଣ୍ଡକର

ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଉର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ।

୧୦

୧୮

## ଭାରତ'ଏ' ଦଳରେ ଦିବ୍ୟଦର୍ଶିନୀ

ମଙ୍ଗଳବାର ଘୋଷିତ ଭାରତୀୟ ମହିଳା 'ଏ' ଏବଂ ଇମର୍ଜିଂ ମହିଳା ଏସିଆ କପ୍ କ୍ରିକେଟ ପାଇଁ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ।



# ଛୁଟିଦିନରେ ଖୋଲିବ ଆରଟିଓ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଗତ ୧ ତାରିଖରୁ ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଲୋକମାନେ ସେମାନଙ୍କ ଗାଡ଼ି ସମ୍ବନ୍ଧିତ କାଗଜପତ୍ର ଦେଖାଇ ନ ପାରିବା ଯୋଗୁ ୧୦ ଗୁଣା ଜରିମାନା ଆଦାୟ କରାଗଲା । ଏନେଇ ବିଭିନ୍ନ ପ୍ରକାର ପ୍ରତିବାଦ ଓ ଅପ୍ରୀତିକର ପରିସ୍ଥିତି ଉପୁଜିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମାସ ପର୍ଯ୍ୟନ୍ତ ଲୋକଙ୍କୁ ହଇରାଣ ନ କରିବାକୁ ପୋଲିସ ଓ ପରିବହନ ବିଭାଗ ଅଧିକାରୀଙ୍କୁ ସୋମବାର ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ସମୟ ମଧ୍ୟରେ ନୂଆ ମୋଟର ଯାନ ଆଇନ ଅନୁସାରେ ନିଜ ଗାଡ଼ି ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ନିବେଦନ କରିଥିଲେ । ଏହାର ଦିନକ ପରେ ରାଜ୍ୟ ସରକାର ମଙ୍ଗଳବାର ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି । ତଦନୁଯାୟୀ ଛୁଟିଦିନଗୁଡ଼ିକରେ ମଧ୍ୟ ରାଜ୍ୟ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଗାଡ଼ିର କାଗଜପତ୍ର ନିମନ୍ତେ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ହେଉଥିବା ଲୋକଙ୍କ ଭିଡ଼କୁ ଏଡ଼ାଇ ଦିଆଯାଇପାରିବ । ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଡ୍ରାଇଭିଂ ଲାଇସେନ୍ସ, ଫିଟନେସ ଏବଂ ପ୍ରଦୂଷଣ ସାର୍ଟିଫିକେଟ ଆଦି କାର୍ଯ୍ୟ ଛୁଟିଦିନରେ କରିହେବ । ସେଥିଲାଗି ସରକାରୀ ସ୍ତରରେ ଲୋକଙ୍କୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ । ଏହାସହ ବିଭିନ୍ନ କ୍ୟାମ୍ପ କରାଯାଇ ଲୋକଙ୍କୁ କାଗଜପତ୍ର କାମରେ ସହଯୋଗ କରାଯିବ । ୩ ମାସ ମଧ୍ୟରେ ଜନସାଧାରଣ ନିଜ ଗାଡ଼ିର କାଗଜପତ୍ର ଠିକ୍ କରାଇ ନେବା ପାଇଁ ବେହେରା କହିଛନ୍ତି । ବିରୋଧୀ ଦଳ ନେତାମାନେ ମୋଟା ଅଙ୍କର ଜରିମାନା ପୈଠ କରିଥିବା ଲୋକଙ୍କୁ ସେମାନଙ୍କ ଟଙ୍କା ଫେରାଇବା ଲାଗି ଦାବି କରିଥିବା ବେଳେ ମନ୍ତ୍ରୀ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି ।



ଭୁବନେଶ୍ୱର ଆର୍‌ଟିଓ ଅଫିସ ସମ୍ମୁଖରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଭିଡ଼ ।

**ପଲ୍ୟୁଶନ ଟେଷ୍ଟିଂ ସେଣ୍ଟରରେ ଲାଗିବ ରେଟ୍ ଚାର୍ଟ** ପୃଷ୍ଠା-୪

### ଅନ୍ତର୍ଜାତୀୟ ମଞ୍ଚରେ ସତ ମାନିଲା ପାକିସ୍ତାନ

## ଜମ୍ମୁ-କଶ୍ମୀର ଭାରତର

**ଜେନେଭା,୧୦।୯(ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମଙ୍ଗଳବାର ପାକିସ୍ତାନ ସ୍ୱୀକାର କରିଛି। ସୁଇଜରଲାଣ୍ଡର ଜେନେଭାରେ ଚାଲିଥିବା ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ଅଧିବେଶନରେ ଯୋଗଦେବା ପରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ 'ଜମ୍ମୁ-କଶ୍ମୀର ଭାରତର ରାଜ୍ୟ' ବୋଲି କହୁ କହୁ କହିଦେଇଛନ୍ତି। କୁରେଶୀ କହିଥିଲେ, ଜମ୍ମୁ-କଶ୍ମୀରରେ ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି ଭାରତ ବିଶ୍ୱକୁ ଏକ ଧାରଣା ଦେଉଛି। ଯଦି ଲୋକଙ୍କ ଜୀବନଯାତ୍ରା ସ୍ୱାଭାବିକ ହୋଇଛି, ତେବେ ସେମାନେ ଆପଣମାନଙ୍କୁ, ଅନ୍ତର୍ଜାତୀୟ ଗଣମାଧ୍ୟମକୁ, ଅନ୍ତର୍ଜାତୀୟ ସଙ୍ଗଠନ, ଏନ୍‌ଜିଓ, ସିଭିଲ ସୋସାଇଟି ଅର୍ଗାନାଇଜେଶନଗୁଡ଼ିକୁ ଭାରତୀୟ ରାଜ୍ୟ ଜମ୍ମୁ-କଶ୍ମୀରକୁ ବାସ୍ତବତା ଅନୁଧ୍ୟାନ ଲାଗି କାହିଁକି ଯିବାକୁ ଦେଉନାହାନ୍ତି ବୋଲି କୁରେଶୀ ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ଅନେକ ଦାବି କରିବା ସହ ଭାରତ ବିରୋଧରେ ନାନା ଅଭିଯୋଗ ଆଣିଥିଲେ। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଯିବା ପରେ ପାକିସ୍ତାନ ଏହି ପ୍ରସଙ୍ଗ ଜାତିସଂଘରେ ଉଠାଇ ତୃତୀୟ ପକ୍ଷର ହସ୍ତକ୍ଷେପ ଲୋଡ଼ିଥିଲା। ସେଥିରେ ବିଫଳ ହେବା ପରେ ଏବେ କଶ୍ମୀର ପ୍ରସଙ୍ଗକୁ ୟୁଏନ୍‌ଏଚ୍‌ଆର୍‌ସିକୁ ଟାଣିଛି। ୧୯୪୭ରୁ ଭାରତ ଜମ୍ମୁ-କଶ୍ମୀରକୁ ନିଜ ଭୂଖଣ୍ଡର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦାବି କରୁଛି। ଏହାସହ ଏ ସମ୍ପର୍କିତ ସମସ୍ତ ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ବୋଲି ଦର୍ଶାଉଛି। ଏବେ ଭାରତକୁ ଅପଦସ୍ଥ କରିବାକୁ ଯାଇ ମିଥ୍ୟା ପ୍ରଚାର ଚଳାଇଥିବା ପାକିସ୍ତାନ ନିଜେ ହଟହଟା ହୋଇଛି।



ଶାହ ମେହମୁଦ୍ କୁରେଶୀ


NATIONAL EGG CO-ORDINATION COMMITTEE 10.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 64 | 111 | 121 |
| ANG | 62 | 109 | 119 |
| BHM | 58 | 103 | 113 |

*Conditions Apply
Eggs Retail Price- 44/-Dozen
Issued in the Interest of Consumers


### ■ ସୀତାରାମନ୍‌ଙ୍କ ଯୁକ୍ତି

## ଓଲା, ଉବର ଯୋଗୁ ଅଟୋ ସେକ୍ଟରରେ ଆସିଛି ମାନ୍ଦାବସ୍ଥା

**ଚେନ୍ନାଇ,୧୦।୯**



ଦେଶର ଅଟୋ ସେକ୍ଟର ଏବେ ଜବରଦସ୍ତ ମାନ୍ଦାବସ୍ଥାର ଶିକାର ହୋଇଛି । କେତେକ କମ୍ପାନୀ ଏବେ କିଛିଦିନ ପାଇଁ ଉତ୍ପାଦନ ବନ୍ଦ ଲାଗି ଘୋଷଣା କରିସାରିଲେଣି । ଫଳରେ ଏହି କ୍ଷେତ୍ର ସହ ଜଡ଼ିତ ଲୋକଙ୍କର ଚାକିରି ଚାଲିଯିବା ଆରମ୍ଭ ହୋଇଗଲାଣି । ଏପରିସ୍ଥିତିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ନେଇ ମଙ୍ଗଳବାର ଅଜବ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ, ଅଟୋମୋବାଇଲ ସେକ୍ଟରରେ କେତେକ କାରଣ ଯୋଗୁ ମାନ୍ଦାବସ୍ଥା ଦେଖାଯାଇଛି । ବିଏସ-୬ ମୁଭମେଣ୍ଟ, ରେଜିଷ୍ଟ୍ରେଶନ ଫି ବୃଦ୍ଧି ପାଇବା, ସର୍ବୋପରି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବା ଯୋଗୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଦେଇଛି ବୋଲି ସେ କହିଛନ୍ତି । ତାଙ୍କ ମତରେ ଲୋକେ ଇଏମ୍‌ଆଇ ଦେଇ ନୂଆ ଗାଡ଼ି କିଣିବା ଅପେକ୍ଷା ଓଲା, ଉବର ଭଳି କ୍ୟାବ୍‌ରେ ଯାତାୟାତ କରିବାକୁ ଅଧିକ ପସନ୍ଦ କରୁଛନ୍ତି ।

ଅଟୋ ସେକ୍ଟରରେ ବିକ୍ରି ହ୍ରାସ ଏକ ଗମ୍ଭୀର ସମସ୍ୟା ବୋଲି ସୀତାରାମନ୍ ସ୍ୱୀକାର କରିଛନ୍ତି ଏବଂ ଏହାର ସମାଧାନ ବାହାରିବା ନିହାତି ଜରୁରୀ ବୋଲି କହିଛନ୍ତି । ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନ ପୂର୍ଣ୍ଣ ହେବା ଅବସରରେ ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ସୀତାରାମନ୍ ସରକାରଙ୍କ ସଫଳତା ବଖାଣିଥିଲେ । ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର ସମସ୍ତ ସେକ୍ଟରରେ ଦେଖାଦେଇଥିବା ସମସ୍ୟାକୁ ନେଇ ଅତ୍ୟନ୍ତ ଗମ୍ଭୀର ଅଛନ୍ତି ଏବଂ ଆବଶ୍ୟକୀୟ ପଦକ୍ଷେପମାନ ମଧ୍ୟ ନେଉଛନ୍ତି । ଅଗଷ୍ଟ ଓ ସେପ୍ଟେମ୍ବରରେ ଦୁଇଟି ବଡ଼ ଘୋଷଣା ହୋଇଛି । ଆବଶ୍ୟକ ହେଲେ ଆହୁରି କିଛି ଘୋଷଣା କରାଯିବ ।

## ମହଙ୍ଗା ଯୋଗୁ ଲୋକେ ଗାଡ଼ି କିଣୁନାହାନ୍ତି: ମାରୁତି ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୦।୯**



ଓଲା,ଉବର କ୍ୟାବ୍ ଯୋଗୁ ଦେଶରେ କାର୍ ବିକ୍ରି ପ୍ରଭାବିତ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଯୁକ୍ତି ସହ ଏକମତ ନୁହନ୍ତି ମାରୁତି ସୁଜୁକି ଅଧ୍ୟକ୍ଷ ଆର୍.ସି. ଭାର୍ଗବ। ଏଥିଲାଗି ସରକାରଙ୍କ ନୀତିକୁ ସେ ଦାୟୀ କରିଛନ୍ତି । ତାଙ୍କର କହିବାନୁଯାୟୀ, ପେଟ୍ରୋଲ-ଡିଜେଲ ଉପରେ ଉଚ୍ଚହାରରେ ଟିକସ ଆଦାୟ, ସଡ଼କ ଟିକସ ବୃଦ୍ଧି କରାଯାଉଥିବାରୁ ଲୋକେ ଏବେ କାର୍ କିଣିବାରୁ ଦୂରେଇ ଯାଉଛନ୍ତି । ଏହାଛଡ଼ା ଏୟାର ବ୍ୟାଗ୍ ଓ ଏବିଏସ୍ ଭଳି ନୂଆ ସୁରକ୍ଷା ଫିଚର ଯୋଡାଯିବା କାରଣରୁ ଏବେ କାର୍ ଦାମ ବହୁଗୁଣ ବଢ଼ିଯାଇଛି । ଏହି କାରଣରୁ ଏଣ୍ଟ୍ରି ଲେଭେଲ କାର୍ ଦାମ୍ ମହଙ୍ଗା ହୋଇଗଲାଣି । ଫଳରେ ଏହା ଦୁଇଚକିଆ ଯାନ ଚଳାଉଥିବା ବ୍ୟକ୍ତିବିଶେଷଙ୍କ ହାତପାହାନ୍ତାରୁ ବାହାରିଗଲାଣି । ଅଟୋ ଉଦ୍ୟୋଗ ଏବେ ଜିଏସ୍‌ଟି ହ୍ରାସ ପାଇଁ ଜୋରଦାର ଦାବି କରୁଥିବା ବେଳେ ଭାର୍ଗବଙ୍କ ମତରେ ଏହାଦ୍ୱାରା ସେଭଳି ବିଶେଷ ଫରକ ପଡ଼ିବ ନାହିଁ । ସୂଚନାଥାଉ କି, ଘରୋଇ ପାସେଞ୍ଜର କାର୍ ବିକ୍ରି ବାର୍ଷିକ ଆଧାରରେ ଅଗଷ୍ଟରେ ୩୧.୬% ହ୍ରାସ ପାଇଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ(ସିଆମ୍) ପକ୍ଷରୁ ପ୍ରକାଶିତ ତଥ୍ୟରୁ ସ୍ପଷ୍ଟ ହୋଇଛି । ୧୯୯୭-୯୮ ପରେ ସର୍ବନିମ୍ନ ହ୍ରାସ ବୋଲି କୁହାଯାଉଛି ।

### ■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

## ଦୋଷୀଙ୍କୁ ଫାଶୀଦଣ୍ଡ

**ଜଗତ୍‌ସିଂହପୁର ଅଫିସ, ୧୦।୯**

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକା(୯)ଙ୍କୁ ୨୦୧୮ ମାର୍ଚ୍ଚ ୨୦ରେ ବଳାତ୍କାର ପରେ ହତ୍ୟା କରାଯାଇଥିଲା । ଏହି ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଡ. ମୁନରାଣୀ ମିଶ୍ର ଅଭିଯୁକ୍ତ କାଳିଆ ଓରଫ ଲବ ମାନା(୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ପରେ କୋର୍ଟରେ ଉପସ୍ଥିତ ନାବାଳିକାଙ୍କ ମା', ବାପା ଓ ଭଉଣୀ କୋହ ସମ୍ବରଣ କରିପାରି ନ ଥିଲେ । ସେମାନେ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି ଯେ, ଦେଢ଼ବର୍ଷ ପରେ ଭଗବାନ ସେମାନଙ୍କ ଦୁଃଖ ଶୁଣିଛନ୍ତି। ଦୋଷୀକୁ ଫାଶୀ ଦେବାକୁ ବିଚାରପତି ଯେଉଁ ରାୟ ଶୁଣାଇଛନ୍ତି, ସେଥିରେ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ନ୍ୟାୟପାଳିକା ଉପରେ ସେମାନଙ୍କର ଆସ୍ଥା ଅତୁଟ ରହିଛି। ଯେଉଁଦିନ ଲବ ବେକରେ ରଶି ଲାଗିବ ସେଦିନ ଝିଅର ଆତ୍ମା ଶାନ୍ତି ପାଇବ ବୋଲି ସେମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ରାୟକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଭଳି ରାୟ ଜିଲାରେ ପ୍ରଥମ ବୋଲି କୁହାଯାଉଛି।



କାଳିଆ ଓରଫ ଲବ

- ଜଗତ୍‌ସିଂହପୁର ଜିଲାରେ ପ୍ରଥମ
- ଭାବବିହ୍ୱଳ ହୋଇପଡ଼ିଲେ ମୃତ ନାବାଳିକାଙ୍କ ପରିବାର

ପୃଷ୍ଠା-୮

**ସେଦିନ ବି ଥିଲା ମଙ୍ଗଳବାର**

**୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ**

**ଆଜିର ସମ୍ପାଦକୀୟ**

**କଡ଼ା କର ସଡ଼କ ନିୟମ**

**ଆଜିର ମନ୍ତବ୍ୟ**

"କଶ୍ମୀରକୁ ନେଇ କୌଣସି ଦେଶ ଚିନ୍ତିତ ହେବା ଅନୁଚିତ।
-ମୁଖ୍‌ତାର ଅବ୍ବାସ୍ ନକ୍‌ଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

**ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ଚାଷୀଙ୍କ ଦାବି** ୩

**ମାନ୍ଦାବସ୍ଥା ଘୋର ସଙ୍କଟ ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ସପକ୍ଷରେ** ୧୭

## ଧାନ ବିକିବାକୁ ଆଧାର ବାଧ୍ୟତାମୂଳକ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**


ରାଶନ କାର୍ଡ ପରେ ଏବେ ଚାଷୀ ପଞ୍ଜୀକରଣ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି । ଯେଉଁ ଚାଷୀ ଧାନ ବିକ୍ରି କରିବେ ସେମାନେ ନାମ ପଞ୍ଜୀକରଣ ବେଳେ ଆଧାର କାର୍ଡ ଦେବେ । ଏହାଦ୍ୱାରା ଚାଷୀ ପଞ୍ଜୀକରଣରେ ଜାଲିଆତି ହୋଇପାରିବ ନାହିଁ। ବିଗତ ବର୍ଷଗୁଡ଼ିକରେ ଯେକୌଣସି ପରିଚୟ ପତ୍ର ଦେଖାଇ ଚାଷୀ ନାମ ପଞ୍ଜୀକରଣ କରୁଥିଲେ । କେବଳ ସେତିକି ନୁହେଁ ଧାନ କିଣା ଆରମ୍ଭଠାରୁ ପଞ୍ଜୀକୃତ ଚାଷୀଙ୍କ ନାମକୁ ପରବର୍ତ୍ତୀ ବର୍ଷରେ ସାମିଲ କରାଯାଉଥିଲା । ଅନ୍ୟ ଅର୍ଥରେ କହିବାକୁ ଗଲେ କେବଳ ଚାଷୀଙ୍କ ନାମ ନବୀକରଣ ହେଉଥିଲା । ଚଳିତ ଖରିଫ୍ ଋତୁଠାରୁ ନବୀକରଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ନୂତନ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି । ଚାଷୀମାନେ ନିକଟସ୍ଥ ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପ୍‌ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ଆଧାର କାର୍ଡ ଓ ଜମି ପଟ୍ଟା ଦେଇ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି । ସେପ୍ଟେମ୍ବର ୧୦ ତାରିଖରେ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଶେଷ ଦିବସ ଘୋଷଣା କରାଯାଇଥିଲା । ତେବେ ଏହି ଅବଧିକୁ ଆସନ୍ତା ସପ୍ତାହେ (୧୭ ତାରିଖ) ଯାଏ ବୃଦ୍ଧି କରାଯାଇଛି । ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ଘୋଷଣା କରିଛନ୍ତି ।



- ଚାଷୀ ନବୀକରଣ ବନ୍ଦ
- ପଞ୍ଜୀକରଣ ସପ୍ତାହେ ବଢ଼ିଲା



**ଧାନକିଣାରେ ମହିଳା ଏସ୍‌ଏଚ୍‌ଜି ସାମିଲ, ମାର୍କଫେଡ୍ ବିଦା** ପୃଷ୍ଠା-୪



"କେନ୍ଦ୍ର ସରକାର ପ୍ରତ୍ୟେକ ଭାରତୀୟଙ୍କ ଅଧିକାରର ସୁରକ୍ଷା ଲାଗି ପ୍ରତିଶ୍ରୁତିବଦ୍ଧ।
-ସ୍ମୃତି ଇରାନୀ,
କେନ୍ଦ୍ରମନ୍ତ୍ରୀ



### ■ ୟୁଏନ୍‌ଏଚ୍‌ଆର୍‌ସିରେ ଭାରତ-ପାକ୍ ମୁହାଁମୁହିଁ

# ୩୭୦ ଉଚ୍ଛେଦ ସାର୍ବଭୌମ ନିଷ୍ପତ୍ତି

ଜେନେଭା,୧୦।୯
(ପି.ଟି./ଆଇଏଏନ୍‌ଏସ୍)



ଅଧିବେଶନରେ ଭାରତର ବହିର୍ବ୍ୟାପାର ସଚିବ ବିଜୟ ଠାକୁର ସିଂ (ମଝି)।

**ସ୍ଥିତିର ଅନ୍ତର୍ଜାତୀୟ ତଦନ୍ତ ଦାବି କଲା ପାକିସ୍ତାନ**

**ଆତଙ୍କବାଦର ପୃଷ୍ଠପୋଷକ ମାନବାଧିକାର କଥା କହିବା ଅନୁଚିତ:ଭାରତ**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ମଙ୍ଗଳବାର ଭାରତ ଓ ପାକିସ୍ତାନ ପୁଣିଥରେ ଅନ୍ତର୍ଜାତୀୟ ମଞ୍ଚରେ ମୁହାଁମୁହିଁ ହୋଇଛନ୍ତି। ପାକିସ୍ତାନ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇ ଭାରତକୁ ଘେରିବାକୁ ଉଦ୍ୟମ କରିଛି। କଶ୍ମୀର ସ୍ଥିତିକୁ ନେଇ ୟୁଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଏକ ଅନ୍ତର୍ଜାତୀୟ ତଦନ୍ତ କରାଯାଉ ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପକ୍ଷରେ କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ଭାରତର ସାର୍ବଭୌମ ନିଷ୍ପତ୍ତି ବୋଲି ଭାରତ ଜବାବ ରଖିଛି।

ସୁଇଜରଲାଣ୍ଡର ଜେନେଭାରେ ମଙ୍ଗଳବାର ୟୁଏନ୍‌ଏଚ୍‌ଆର୍‌ସିର ୪୨ ତମ ଅଧିବେଶନ ବସିଛି। ଏଥିରେ ପାକିସ୍ତାନ ପକ୍ଷରୁ ପ୍ରତିନିଧିତ୍ୱ କରି ସେଠାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି, କଶ୍ମୀର ପ୍ରସଙ୍ଗରେ କିଛି ପଦକ୍ଷେପ ନେଇ ନ ଥିବାରୁ ୟୁଏନ୍‌ଏଚ୍‌ଆର୍‌ସି ଲଜ୍ଜିତ ହେବା ଅନୁଚିତ। ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତାକୁ ଭାରତ ପ୍ରତ୍ୟାହାର କରିବା ପରେ ଉପତ୍ୟକାର ସ୍ଥିତିକୁ ନେଇ ବିଶ୍ୱ ମାନବାଧିକାର ପରିଷଦ ନିଃସ୍ପୃହ ରହିପାରିବ ନାହିଁ। କଶ୍ମୀରୀଙ୍କୁ ନ୍ୟାୟ ଓ ସମ୍ମାନ ପ୍ରଦାନ ପାଇଁ ମାନବାଧିକାର ପାଇଁ ଆମେ ଏହି ସଂସ୍ଥାର ଦ୍ୱାରସ୍ଥ ହୋଇଛୁ। ଭାରତୀୟ ସେନା ଉପତ୍ୟକାରେ ପେଲେଟ୍ ଗନ୍ ବ୍ୟବହାର ବନ୍ଦ କରିବା ସହ ସମସ୍ତ ପ୍ରକାର କଟକଣା ହଟାଇଦେଇ ଲୋକଙ୍କୁ ସେମାନଙ୍କ ସ୍ୱାଧୀନତା ଦେଉ। ଏହାସହ ଅନ୍ତର୍ଜାତୀୟ ଆଇନାନୁସାରେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରି ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପନାମା ଓ ମାନବାଧିକାର ଚୁକ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରୁ। ଏଥି ସକାଶେ ୟୁଏନ୍‌ଏଚ୍‌ଆର୍‌ସି ଭାରତକୁ ପରାମର୍ଶ ଦେଉ। ମାନବାଧିକାର ସମ୍ପର୍କିତ ଜାତିସଂଘ ଉଚ୍ଚାୟୁକ୍ତଙ୍କ ସୁପାରିସ ଅନୁସାରେ କଶ୍ମୀର ସ୍ଥିତିର ତଦନ୍ତ ପାଇଁ ଏକ କମିଶନ ଗଠନ କରାଯାଉ ବୋଲି କୁରେଶୀ ଦାବି କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭାରତର ଏକତରଫା ଓ ବେଆଇନ ନିଷ୍ପତ୍ତି ବୋଲି ସେ ଅଭିହିତ କରିଥିଲେ, ଯାହାକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତର ବହିର୍ବ୍ୟାପାର ସଚିବ(ପୂର୍ବ) ବିଜୟ ଠାକୁର ସିଂ ପରିଷଦକୁ ସମ୍ବୋଧିତ କରି ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, ନିଜ ରାଜନୈତିକ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ମାନବାଧିକାର ଆଳରେ ୟୁଏନ୍‌ଏଚ୍‌ଆର୍‌ସିକୁ ବ୍ୟବହାର କରୁଥିବା ଦେଶଗୁଡ଼ିକୁ ଡାକି ଦାଗିଦ୍ କରାଯାଉ। ସେମାନେ ପ୍ରକୃତରେ ଅପରାଧୀ ହୋଇଥିବାବେଳେ ନିଜକୁ ପୀଡ଼ିତ ବୋଲି ଦେଖାଇହେଉଛନ୍ତି। ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ଭାରତର ସାର୍ବଭୌମ ଅଧିକାର। ସେହିପରି ମନ୍ତ୍ରଣାଳୟର ପ୍ରଥମ ସଚିବ ବିମର୍ଶ ଆର୍ଯ୍ୟନ ପାକିସ୍ତାନର ଦାବିକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅନୁଚ୍ଛେଦ ୩୭୦ ଭାରତୀୟ ସମ୍ବିଧାନର ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା। ଏହାକୁ ଉଚ୍ଛେଦ କରାଯିବା ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏଥିରେ ହସ୍ତକ୍ଷେପ କରିବା ଅଧିକାର ପାକିସ୍ତାନର ନାହିଁ।

### ■ ପାକିସ୍ତାନର ମୁଖା ଖୋଲିଲେ ଇମ୍ରାନ୍‌ଙ୍କ ଦଳର ପୂର୍ବତନ ବିଧାୟକ

## ଭାରତର ଶରଣ ପଶିଲେ ବଲଦେବ

ଚଣ୍ଡିଗଡ଼,୧୦।୯
(ପି.ଟି./ଆଇଏଏନ୍‌ଏସ୍)



**ପାକ୍‌ରେ ମୌଳିକ ଅଧିକାରରୁ ବଞ୍ଚିତ ସଂଖ୍ୟାଲଘୁ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ପାର୍ଟି (ପିଟିଆଇ)ର ପୂର୍ବତନ ବିଧାୟକ ବଲଦେବ କୁମାର ସିଂ ଭାରତର ଶରଣ ପଶିଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁମାନେ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ। ସେମାନେ ସେଠାରେ ସୁରକ୍ଷିତ ନୁହନ୍ତି। ପାକିସ୍ତାନରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ବଲଦେବ ଅଭିଯୋଗ ଆଣିଛନ୍ତି। ତାଙ୍କର ଏହି ପଦକ୍ଷେପ ଇମ୍ରାନ୍‌ଙ୍କ 'ନୂଆ ପାକିସ୍ତାନ'ର ଅସଲ ମୁଖା ଖୋଲିଦେଇଛି।

୪୩ ବର୍ଷୀୟ ବଲଦେବ ତାଙ୍କର ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଗତମାସରେ ଭାରତ ଆସିଛନ୍ତି। ସେମାନେ ପଞ୍ଜାବର ଲୁଧିଆନା ଜିଲାସ୍ଥିତ ଖନ୍ନାରେ ରହୁଛନ୍ତି। ବଲଦେବ ଗଣମାଧ୍ୟମକୁ ମଙ୍ଗଳବାର କହିଛନ୍ତି, ସେ ଭାରତରେ ଆଶ୍ରୟ ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। କାରଣ ବର୍ତ୍ତମାନ ପାକିସ୍ତାନର ସ୍ଥିତି ଉପରେ ସାରା ବିଶ୍ୱର ନଜର ରହିଛି। ଇମ୍ରାନ୍ କ୍ଷମତାକୁ ଆସିବା ପରେ ପାକିସ୍ତାନର ଭାଗ୍ୟ ବଦଳିଯିବ ବୋଲି ଆମେ ଆଶା କରିଥିଲୁ। କିନ୍ତୁ ସେ ଏଥିରେ ବିଫଳ ହୋଇଛନ୍ତି। ଖାନ୍ ସାହେବ୍ ନୂଆ ପାକିସ୍ତାନର କଥା କହୁଛନ୍ତି। କିନ୍ତୁ ବର୍ତ୍ତମାନର ପାକିସ୍ତାନଠାରୁ ପୁରୁଣା ପାକିସ୍ତାନ ଭଲ ଥିଲା। ସେଠାକାର ପଞ୍ଜାବ ପ୍ରଦେଶରେ ଶିଖ୍ ସମ୍ପ୍ରଦାୟର ଜଣେ ଗୁରୁଦ୍ୱାରା ଗ୍ରନ୍ଥୀଙ୍କ ଝିଅଙ୍କୁ ଅପହରଣ ପରେ ଧର୍ମପରିବର୍ତ୍ତନ କରାଗଲା। ଜଣେ ମୁସ୍‌ଲିମ୍ ଯୁବକ ବନ୍ଧୁକମୁନରେ ତାଙ୍କୁ ଜବରଦସ୍ତ ବିବାହ କଲେ। ଏଭଳି ଘଟଣା ଘଟିବା ଅନୁଚିତ। ସଂଖ୍ୟାଲଘୁଙ୍କୁ ସେମାନଙ୍କ ଅଧିକାର ମିଳୁଥିଲେ ପାକିସ୍ତାନରେ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା। ଯେଉଁଠି ମୁସ୍‌ଲିମ୍‌ମାନେ ସୁରକ୍ଷିତ ନୁହନ୍ତି ସେଠାରେ ମୋ ଭଳି ଲୋକେ ନିଜକୁ କିପରି ସୁରକ୍ଷିତ ମଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାରିକୋଟ୍ ଆସନରୁ ବଲଦେବ ପୂର୍ବରୁ ବିଧାୟକ ହୋଇଥିଲେ। ସେ ୨୦୦୭ରେ ଖନ୍ନାର ଭାବନାଙ୍କୁ ବିବାହ କରିଥିଲେ। ପିଲାଙ୍କ ଭବିଷ୍ୟତ ପାଇଁ ସେ ଭାରତରେ ରହିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

## ଭାରତ-ପାକ୍ ଉତ୍ତେଜନା କମିଛି

ୱାଶିଂଟନ,୧୦।୯(ପି.ଟି.)



**କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍**

ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ପରେ ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇ ସପ୍ତାହ ପୂର୍ବର ସ୍ଥିତି ଏବେ ନାହିଁ। କଶ୍ମୀରକୁ ନେଇ ଦକ୍ଷିଣ-ଏସିଆର ଦୁଇ ପଡ଼ୋଶୀ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଛି ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏହାସହ ଦୁଇଦେଶ ଚାହିଁଲେ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ସାହାଯ୍ୟ କରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଅଗଷ୍ଟ ୨୬ରେ ଫ୍ରାନ୍ସରେ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରଥମଥର ପାଇଁ କଶ୍ମୀର ପ୍ରସଙ୍ଗରେ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଖବରଦାତାଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ରହିଛି। କିନ୍ତୁ ଦୁଇ ସପ୍ତାହ ତଳେ ଯେପରି ଉତ୍ତେଜନା ରହିଥିଲା ଏବେ ଆଉ ତାହା ନାହିଁ। ଦୁଇଦେଶ ଚାହିଁଲେ ସେ ଆଗକୁ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତ ଥିବା ଟ୍ରମ୍ପ୍ କହିଛନ୍ତି।

## ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ପାକ୍

ଜାତିସଂଘ,୧୦।୯(ପି.ଟି.)



**ଗୁଟେରେସ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଲେ ମଲିହା ଲୋଧି**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପାକିସ୍ତାନ ପୁଣିଥରେ କଶ୍ମୀର ପ୍ରସଙ୍ଗ ଉଠାଇଛି। ଭାରତ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ପରେ ୟୁଏନ୍‌ଏସ୍‌ସି ଉପତ୍ୟକା ସ୍ଥିତି ଉପରେ କଡ଼ା ନଜର ରଖିବା ସହ ସେଠାରେ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବାକୁ ଇସ୍‌ଲାମାବାଦ ପକ୍ଷରୁ ଦାବି କରାଯାଇଛି।

ଜାତିସଂଘରେ ପାକିସ୍ତାନର ପ୍ରତିନିଧି ମଲିହା ଲୋଧି ମଙ୍ଗଳବାର ସୁରକ୍ଷା ପରିଷଦର ଜାତିସଂଘ ଶାନ୍ତିରକ୍ଷା ସମ୍ପର୍କିତ ବିତର୍କରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ନୂଆଦିଲ୍ଲୀ ପକ୍ଷରୁ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନେଇ ନିଷ୍ପତ୍ତି ପରେ ଭାରତ ଓ ପାକିସ୍ତାନରେ ଜାତିସଂଘ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀ (ୟୁଏନ୍‌ଏମ୍‌ଓଜିଆଇପି)ର ଭୂମିକା ଓ ଗୁରୁତ୍ୱ ବୃଦ୍ଧି ପାଇଛି। ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ସୁରକ୍ଷା ପରିଷଦ ସଂକଳ୍ପନାମାକୁ ଉଲ୍ଲଂଘନ କରିଛି ବୋଲି ଲୋଧି ଅଭିଯୋଗ ଆଣିଛନ୍ତି। ଏହି ଅବସରରେ ସେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ସାକ୍ଷାତ କରିଛନ୍ତି। ୩୬ ଦିନ ହେଲା ଉପତ୍ୟକାରେ ମାନବିକ ସଙ୍କଟ ସୃଷ୍ଟି ହୋଇଥିବା ଦର୍ଶାଇ କଶ୍ମୀର ପ୍ରସଙ୍ଗରେ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ୧୯୪୯ ଜାନୁୟାରୀରେ ପ୍ରତିଷ୍ଠିତ ୟୁଏନ୍‌ଏମ୍‌ଓଜିଆଇପିର ପ୍ରାସଙ୍ଗିକତା ଶିମ୍‌ଲା ଚୁକ୍ତି ଓ ପରବର୍ତ୍ତୀ ସମୟରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ ପରେ ରହିନାହିଁ ବୋଲି ଭାରତ ଯୁକ୍ତି ବାଢ଼ିଛି।

## ୟୁଏଇରେ ଫସିଛନ୍ତି ୨୦୦ ଭାରତୀୟ ଶ୍ରମିକ

**ଦୁବାଇ, ୧୦।୯ (ପି.ଟି.):** ପେଟ ଲାଗି ୟୁଏଇ ଯାଇ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ପ୍ରାୟ ୨୦୦ ଭାରତୀୟ ଏବେ ସେଠାରେ ଫସି ରହିଛନ୍ତି। ଦୀର୍ଘମାସ ହେବ ସେମାନଙ୍କୁ ଦରମା ଦିଆଯାଉ ନ ଥିବାରୁ ସେମାନେ ସ୍ୱଦେଶ ଫେରିପାରୁ ନ ଥିବା ଜଣାପଡ଼ିଛି। କେବଳ ଭାରତୀୟ ନୁହନ୍ତି ବାଂଲାଦେଶ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ଫିଲିପାଇନ୍ସ ଓ ଇଜିପ୍ଟରୁ ସେଠାକୁ ଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ଲୋକ ଫସି ରହିଛନ୍ତି। ଅଲ୍ ୱାସିତା ଏମିରେଟ୍ସ କ୍ୟାଟରିଂ ସର୍ଭିସେସ୍‌ରେ ଏମାନେ କାମ କରୁଛନ୍ତି। ମାନସିକ ସ୍ତରରେ ଏମାନେ ଦୁର୍ବଳ ହୋଇପଡ଼ି ଥିବାବେଳେ ଫେରିବା ଲାଗି ଭିଜା ଓ ବିମାନ ଟିକେଟ ଲାଗି ପଇସା ଏମାନଙ୍କ ପାଖରେ ନାହିଁ। ସେମାନଙ୍କ ସମସ୍ୟା ଖୁବ୍‌ଶୀଘ୍ର ଦୂର କରାଯିବ ବୋଲି ଆବୁଧାବିସ୍ଥିତ ଭାରତୀୟ ଦୂତାବାସର ଅଧିକାରୀ ପୂଜା ଭର୍ନେକର କହିଛନ୍ତି।

## ୮ ଲଶ୍କର ସହଯୋଗୀ ଗିରଫ

ଶ୍ରୀନଗର,୧୦।୯
(ପି.ଟି./ଆଇଏଏନ୍‌ଏସ୍)

ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୮ ସହଯୋଗୀ ମଙ୍ଗଳବାର କଶ୍ମୀରରୁ ଗିରଫ ହୋଇଛନ୍ତି। ସେମାନେ ବାରାମୁଲା ଜିଲାର ସୋପୋରରେ ଆତଙ୍କବାଦୀଙ୍କ ଛତ୍ରଛାୟା ତଳେ ରହି ଧମକପୂର୍ଣ୍ଣ ପୋଷ୍ଟର ପ୍ରସାର କରୁଥିଲେ। ଆଇନ ଅମାନ୍ୟ ପାଇଁ ଲୋକଙ୍କୁ ଉସୁକାଇବା ପାଇଁ ଉଦ୍ଦିଷ୍ଟ ଏହି ପୋଷ୍ଟରରେ ସିଭିଲ କର୍ଫ୍ୟୁର ବାର୍ତ୍ତା ରହିଛି। ଏହାସହ ଏଥିରେ ସ୍ଥାନୀୟ ଲୋକଙ୍କୁ ଧମକ ଦିଆଯାଇଥିବା ପୋଲିସ କହିଛି। ଗିରଫ ଐଜାଜ୍ ମିର, ଓମାର ମିର, ତସିଫ୍ ନଜାର, ଇମ୍‌ତିଆଜ୍ ନଜାର, ଓମାର ଆକ୍‌ବର, ଫୈଜାନ୍ ଲତିଫ୍, ଦାନିଶ, ହବିବ୍ ଓ ଶୌକତ୍ ଅହମ୍ମଦ ମିରଙ୍କଠାରୁ ଏହି କାର୍ଯ୍ୟରେ ବ୍ୟବହୃତ କେତେକ କମ୍ପ୍ୟୁଟର ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି।



## ମସ୍‌ଜିଦରେ ଦଳାଚକଟା: ୩୧ ମୃତ

ବାଗ୍‌ଦାଦ,୧୦।୯(ଆଇଏଏନ୍‌ଏସ୍)

ଇରାକ୍‌ର କର୍ବଲା ସହରସ୍ଥିତ ଏକ ପ୍ରସିଦ୍ଧ ମସ୍‌ଜିଦରେ ମଙ୍ଗଳବାର ଦଳାଚକଟା ହୋଇଛି। ଏଥିରେ ୩୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧିପାଇବା ଆଶଙ୍କା କରାଯାଉଛି।

୬୮୦ ଖ୍ରୀଷ୍ଟାବ୍ଦରେ ସଂଘଟିତ କର୍ବଲା ଯୁଦ୍ଧରେ ଖଲିଫା ୟାଜିଦ୍‌ଙ୍କ ନେତୃତ୍ୱାଧୀନ ସୈନ୍ୟଙ୍କ ଆକ୍ରମଣରେ ମହମ୍ମଦଙ୍କ ଅଣନାତି ଇମାମ ହୁସେନ ପ୍ରାଣ ହରାଇଥିଲେ। ତାଙ୍କ ଶ୍ରାଦ୍ଧ ବାର୍ଷିକୀ ପ୍ରତିବର୍ଷ ମହରମ୍ ମାସର ୧୦ ତାରିଖରେ ପାଳନ କରାଯାଏ, ଯାହାକୁ ଅଶୁରା କୁହାଯାଏ। ରାଜଧାନୀ ବାଗ୍‌ଦାଦରୁ ୧୧୦ କି.ମି. ଦୂର କର୍ବଲାସ୍ଥିତ ଇମାମ ହୁସେନ ମସ୍‌ଜିଦରେ ଅଶୁରା ପାଳନ ପାଇଁ ଭାରତ, ପାକିସ୍ତାନ, ଇରାନ ସମେତ ଉପସାଗରୀୟ ରାଷ୍ଟ୍ରଗୁଡ଼ିକର ହଜାର ହଜାର ସଂଖ୍ୟାରେ ଶିହା ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ସେମାନେ କଳପତାକା ଧରି ଶୋଭାଯାତ୍ରାରେ ଯାଉଥିବାବେଳେ କୌଣସି କାରଣରୁ ସେଠାରେ ଦଳାଚକଟା ହୋଇଥିଲା। ଫଳରେ ୩୧ମୃତ ଓ ଶତାଧିକ ଆହତ ହୋଇଛନ୍ତି। ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମୁଖପାତ୍ର ସୟାଫ୍ ଅଲ୍-ବଦର୍ ସୂଚନା ଦେଇଛନ୍ତି। ଏହାକୁ ଅଶୁରା ଶୋଭାଯାତ୍ରା ସମୟରେ ଇରାକ୍ ଇତିହାସରେ ସବୁଠୁ ବଡ଼ ଦଳାଚକଟା ବୋଲି କୁହାଯାଉଛି। ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କ ସୁନ୍ନି ଆଧିପତ୍ୟ ଶାସନ ବେଳେ ଅଶୁରା ଉପରେ କଟକଣା ଜାରି କରାଯାଇଥିଲା। ପରେ ଏହି ପର୍ବ ପାଳନ ବେଳେ ସୁନ୍ନି କଠୋରପନ୍ଥୀମାନେ ଶିହା ଶ୍ରଦ୍ଧାଳୁଙ୍କୁ ଟାର୍ଗେଟ କରୁଥିବା ନଜିର ରହିଛି।

## ସୋନିଆଙ୍କୁ ଭେଟିଲେ ପାୱାର



**ମୁମ୍ବାଇ, ୧୦।୯ (ପି.ଟି.):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଆସନ ବୁଝାମଣା ଲାଗି କଂଗ୍ରେସ ଓ ଏନ୍‌ସିପି ମଧ୍ୟରେ ପ୍ରୟାସ ଆରମ୍ଭ ହୋଇଛି। ଏନ୍‌ସିପି ନେତା ଶରଦ ପାୱାର ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି ଏନେଇ ଆଲୋଚନା କରିଛନ୍ତି। ଦୁଇ ରାଜନୈତିକ ଦଳର ରାଜ୍ୟ ନେତୃବୃନ୍ଦ ପୂର୍ବରୁ ଅନେକ ଥର ଆସନ ବୁଝାମଣା ନେଇ ଆଲୋଚନା କରିସାରିଥିଲା ବେଳେ କେନ୍ଦ୍ରୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

## ୧୧ ଅଭିଯୁକ୍ତଙ୍କ ଉପରୁ ହଟିଲା ହତ୍ୟା ମାମଲା

ରାଞ୍ଚି, ୧୦।୯ (ପି.ଟି.)



**ତବ୍‌ରେଜ୍ ଭିଡ଼ହିଂସା**

ମୁସଲ୍‌ମାନ ଯୁବକ ତବ୍‌ରେଜ୍ ଅନ୍‌ସାରି(୨୪) ଭିଡ଼ହିଂସା ମାମଲାରେ ଝାଡ଼ଖଣ୍ଡର ଷଢେଇକଳା-ଖରସୁଆଁ ଜିଲା ପୋଲିସ ୧୧ ଅଭିଯୁକ୍ତଙ୍କ ବିରୋଧରେ ଲଗାଯାଇଥିବା ହତ୍ୟା ମାମଲାକୁ ଉଠାଇ ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ତବ୍‌ରେଜ୍‌ଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଦର୍ଶାଯିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏସ୍‌ପି କାର୍ତ୍ତିକ ଏସ୍. ପ୍ରକାଶ କରିଛନ୍ତି। ପୁଣେରେ କାମ କରୁଥିବା ତବ୍‌ରେଜ୍ ଇଦ୍ ପାଳନ ଲାଗି ଘରକୁ ଆସିଥିବାବେଳେ କେତେକ ସ୍ଥାନୀୟ ଲୋକେ ତାଙ୍କୁ ଗାଡ଼ିଚୋର ଭାବି ଖୁଣ୍ଟରେ ବାନ୍ଧିଦେବା ସହ ବାଡ଼ି ଓ ଲୁହାରଡ଼୍‌ରେ ପିଟିଥିଲେ। ତାଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ କରାଯାଇଥିଲା। ଏନେଇ ଭିଡିଓ ଭାଇରାଲ ହୋଇଥିଲା। ତବ୍‌ରେଜ୍‌ଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ଜୁନ୍ ୨ରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ୧୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ୧୧ ଙ୍କ ବିରୋଧରେ ହତ୍ୟା ମାମଲା ଲଗାଯାଇଥିଲା। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ହୃଦ୍‌ଘାତ ବାହାରିବା ପରେ ଅଭିଯୁକ୍ତଙ୍କ ଉପରୁ ହତ୍ୟା ମାମଲା ହଟାଇ ଦିଆଯାଇଥିବା ଜଣାପଡ଼ିଛି।

## ନାବାଳିକାଙ୍କୁ ଗଣବଳାତ୍କାର

ଜୟପୁର, ୧୦।୯ (ପି.ଟି.)

ରାଜସ୍ଥାନର ଭିଲ୍‌ୱାରା ଜିଲାରେ ଜଣେ ନାବାଳିକା(୧୫)ଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ନିଜ ସାଙ୍ଗ ସହ ମନ୍ଦିରକୁ ଯାଉଥିବାବେଳେ ତିନିଜଣ ଯୁବକ ସେମାନଙ୍କୁ ଅପହରଣ କରି ନେଇଯିବା ସହ ସୋମବାର ସନ୍ଧ୍ୟାରେ ଗଣବଳାତ୍କାର କରିଥିଲେ। ବାଟରୁ ଜଣେ ନାବାଳିକା ଫେରାର ହେବାରେ ସକ୍ଷମ ହୋଇଥିଲାବେଳେ ଅନ୍ୟ ଜଣେ ମଦ୍ୟପଙ୍କ ଶିକାର ହୋଇଥିଲେ। ଘରକୁ ଫେରି ସେ ନିଜ ବାପା-ମା'ଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ପୋଲିସରେ ଏତଲା ଦିଆଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ଜେରା କରୁଥିବା ଜଣାପଡ଼ିଛି।

## ଶିବକୁମାରଙ୍କ ଝିଅଙ୍କୁ ଇଡି ସମନ

**ବେଙ୍ଗାଲୁରୁ, ୧୦।୯ (ପି.ଟି.):** କଂଗ୍ରେସର ବରିଷ୍ଠ ନେତା ଡି.କେ. ଶିବକୁମାରଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ମନି ଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ପକ୍ଷରୁ ମଙ୍ଗଳବାର ସମନ ଜାରି କରାଯାଇଛି। ୧୨ ସୁଦ୍ଧା ଇଡିରେ ହାଜର ହେବା ଲାଗି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ଶିବକୁମାର ଗିରଫ ହୋଇସାରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କେତେକ ଅର୍ଥ ନେଣଦେଣ ମାମଲାରେ ଐଶ୍ୱର୍ଯ୍ୟାଙ୍କୁ ଜେରା କରାଯିବ।

### ■ ଜମ୍ମୁ-କଶ୍ମୀର ସରପଞ୍ଚମାନଙ୍କୁ ଭେଟିଲେ ଉପରାଷ୍ଟ୍ରପତି

## ପଞ୍ଚାୟତକୁ ଦିଆଯିବ ଅଧିକ କ୍ଷମତା

ନୂଆଦିଲ୍ଲୀ, ୧୦।୯ (ପି.ଟି.)



ଜମ୍ମୁ-କଶ୍ମୀରରୁ ଆସିଥିବା ସରପଞ୍ଚ ଓ ପ୍ରତିନିଧିମାନଙ୍କୁ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ନୂଆଦିଲ୍ଲୀରେ ସାକ୍ଷାତ କରୁଛନ୍ତି।

ଏଣିକି ଜମ୍ମୁ-କଶ୍ମୀରର ପଞ୍ଚାୟତଗୁଡ଼ିକୁ ଅଧିକ କ୍ରିୟାଶୀଳ କରାଯିବ। ସେଗୁଡ଼ିକର ବିକାଶ ଓ ଆର୍ଥିକ କ୍ଷମତା ବୃଦ୍ଧି କରାଯିବ ବୋଲି ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ କହିଛନ୍ତି। ମଙ୍ଗଳବାର ଜମ୍ମୁ-କଶ୍ମୀରରୁ ଆସିଥିବା ସରପଞ୍ଚ ଓ ପ୍ରତିନିଧୀମାନଙ୍କୁ ଭେଟି ସେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଜମ୍ମୁ-କଶ୍ମୀରବାସୀଙ୍କ ବିକାଶ ପ୍ରତି ଅଧିକ ଧ୍ୟାନ ଦେବା ଲାଗି ସେ ଲୋକପ୍ରତିନିଧୀମାନଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ଏଥିଲାଗି ବହୁ ପଦକ୍ଷେପ ଗ୍ରହଣ କରୁଥିବା ସେ ପ୍ରକାଶ କରିଛନ୍ତି। ପଞ୍ଚାୟତିରାଜ ଅନୁଷ୍ଠାନକୁ ଅଧିକ ଆର୍ଥିକ କ୍ଷମତା ପ୍ରଦାନ, ବିଭିନ୍ନ କର ସଂଗ୍ରହ ସହ ପ୍ରାକୃତିକ ସମ୍ପଦର ସୁବିନିଯୋଗ, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସେ ଆଲୋଚନା କରିଥିଲେ। ୩୭୦ ଧାରା ଉଚ୍ଛେଦ ପରେ ପଞ୍ଚାୟତକୁ ସେଠାରେ ଅଧିକ ୧୦ ଗୁଣ ଆର୍ଥିକ କ୍ଷମତା ପ୍ରଦାନ କରାଯାଇଥିବା ଉପରାଷ୍ଟ୍ରପତି କହିଛନ୍ତି।

# ମଧ୍ୟାହ୍ନ ଭୋଜନରେ ଦିଆଯିବ ଦୁଗ୍ଧଜାତ ଦ୍ରବ୍ୟ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବିଗତ ବର୍ଷଗୁଡ଼ିକରେ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ଅଧିକରୁ ଅଧିକ ଲୋକ ଦୁଗ୍ଧ ଚାଷକୁ ଆପଣେଇଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଏହାର ଠିକ୍ ବିକ୍ରିବଟା ଏବଂ ଖାଉଟିମାନଙ୍କୁ ଉନ୍ନତ ମାନର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୈନିକ ୧୫ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା କୃଷିଭବନଠାରେ ଆୟୋଜିତ 'ଗୋସମ୍ପଦର ବିକାଶରେ ଉଦ୍ୟୋଗୀମାନଙ୍କ ଭୂମିକା' ଶୀର୍ଷକ କର୍ମଶାଳାରେ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗୋପାଳନ ରାଜ୍ୟ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଉପାଦାନ। କୃଷକମାନଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରାଣୀପାଳନ ବିଶେଷ କରି ଗୋପାଳନ ଏକାନ୍ତ ଆବଶ୍ୟକ। ତେଣୁ ଗୋପାଳନର ବିକାଶ ନିମନ୍ତେ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଅରୁଣ ସାହୁ କହିଛନ୍ତି।

## ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ଚାଷୀଙ୍କ ଦାବି

ସେପଟେ ଘରୋଇ ଦୁଗ୍ଧ ସଂସ୍ଥା ଆଗୁଆ ଦର ବୃଦ୍ଧି କରିଛନ୍ତି। କର୍ମଶାଳାରେ ବିଭିନ୍ନ ଜିଲ୍ଲାର ଚାଷୀମାନେ ଦୁଗ୍ଧ ଦର ବଢ଼ାଇବା ପାଇଁ ଜୋର ଦେଇଥିଲେ। ବିଶେଷକରି କୋରାପୁଟ, ପୁରୀ, ମାଲକାନଗିରି ଭଳି ଜିଲ୍ଲାର ଚାଷୀମାନେ ଜୋରଦାର ଦାବି ଉଠାଇଥିଲେ। ଖର୍ଚ୍ଚ ଅନୁସାରେ ଆୟ ହେଉନାହିଁ ବୋଲି ଚାଷୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏନେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ସରକାର ଚିନ୍ତା କରୁଛନ୍ତି। ଉଭୟ ଖାଉଟି ଓ ଦୁଗ୍ଧ ଚାଷୀଙ୍କୁ ସୁହାଇଲା ଭଳି ଦର ଧାର୍ଯ୍ୟ ହେବ ବୋଲି ଅରୁଣ ସାହୁ କହିଛନ୍ତି।

ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବାକୁ ସରକାର ଯୋଜନା କରୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କର୍ମଶାଳାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗଦେଇ କହିଛନ୍ତି ଯେ, ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବା ପ୍ରସ୍ତାବକୁ ନେଇ ସରକାର ତର୍ଜମା କରୁଛନ୍ତି। ଏପରି ହେଲେ ରାଜ୍ୟର ଦୁଗ୍ଧ ଚାଷୀ ଉପକୃତ ହେବେ। ପିଲାମାନେ ମଧ୍ୟ ପୁଷ୍ଟିକର ଖାଦ୍ୟ ପାଇବାକୁ ସକ୍ଷମ ହେବେ।

ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଦୁଗ୍ଧ ଚାଷୀମାନେ ଦୁଗ୍ଧଚାଷ କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା, ଅସୁବିଧା ଓ ଦୁଗ୍ଧର କ୍ରୟମୂଲ୍ୟ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କର୍ମଶାଳା ଅବସରରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ଯୋଗଦେଇ ବିଭାଗ ପକ୍ଷରୁ ଗୋସମ୍ପଦର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳା ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରତ୍ନାକର ରାଉତ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଓମ୍‌ଫେଡ୍‌ର ସାଧାରଣ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ।




# ବଦଳିବ ଯୁକ୍ତ ୩ ପରୀକ୍ଷା ଢାଞ୍ଚା

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ଯୁକ୍ତ ୩ ପରୀକ୍ଷା ଢାଞ୍ଚା ବଦଳିବ। ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଦୃଷ୍ଟିରେ ରଖି ସିଲାବସ୍ ମଧ୍ୟ ସେହିପରି ପ୍ରସ୍ତୁତ କରାଯାଇଛି। ସେଥିପାଇଁ ଚଳିତ ବର୍ଷଠାରୁ ନୂଆ ସିଲାବସ୍ ଲାଗୁ ସହ ପରୀକ୍ଷା ପଦ୍ଧତିକୁ ମଧ୍ୟ ପ୍ରତିଯୋଗିତାମୂଳକ ଢାଞ୍ଚାରେ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ପରୀକ୍ଷାରେ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ବଦଳରେ ଆସିବ ମଲ୍ଟି ପ୍ୟାଟର୍ନ ପ୍ରଶ୍ନ। ଏଣିକି ୧, ୨, ୩ ଓ ୫ ମାର୍କ ବିଶିଷ୍ଟ ପ୍ରଶ୍ନ ଆସିବ। ଯୁକ୍ତ ୩ ପରୀକ୍ଷାରେ ପ୍ରଥମ ବର୍ଷରେ ଆଡମିଶନ୍ ନେଇଥିବା ଛାତ୍ରୀଛାତ୍ରଙ୍କଠାରୁ ଏହି ସଂସ୍କାରମୂଳକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ପରେ ହିଁ ନୂଆ ଢାଞ୍ଚାରେ ପିଲାଙ୍କୁ ଶିକ୍ଷାଦାନ



ଆରମ୍ଭ ହୋଇସାରିଛି। ପ୍ରଶାସନିକ ପରୀକ୍ଷା କ୍ଷେତ୍ରରେ ଓଡ଼ିଆ ଛାତ୍ରୀଛାତ୍ରମାନେ ବହୁ ପଛରେ ରହୁଛନ୍ତି। ଏହି ସ୍ଥିତିରେ ସୁଧାର ଆଣିବା ଲାଗି ଚଳିତ ବର୍ଷ ଠାରୁ ଲଜିକାଲ୍ ରିଜନିଂ ଓ କ୍ୱାଣ୍ଟିଟେଟିଭ୍ ଆପ୍ଟିଚ୍ୟୁଡ୍ ଏବଂ ଇଂରାଜି ବିଷୟ ଛାତ୍ରୀଛାତ୍ରଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି। ଉଭୟ ବିଷୟ ୧୦୦ ମାର୍କ ଲେଖାଏ ରହିବ। ଫଳରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି କଲେଜ୍ ସ୍ତରରୁ ହିଁ ଶିକ୍ଷା ପାଇପାରିବେ। ସୂଚନାଯୋଗ୍ୟ, ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ପରୀକ୍ଷା ପ୍ରଣାଳୀ ଲାଗୁ ହେବ। କିନ୍ତୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପୁରୁଣା ଢାଞ୍ଚାରେ ପରୀକ୍ଷା ଦେବେ।

## କିଛି ତଥ୍ୟ

ଚଳିତବର୍ଷ ଅଗଷ୍ଟ ମାସରେ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ୍ (ଇଟିଏଫ୍)ରେ ୧୪୫ କୋଟି ଟଙ୍କା ନିବେଶ କରାଯାଇଛି।

**– ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡ ଇନ୍ ଇଣ୍ଡିଆ**






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରୋଶନ୍ ରାଜ୍
ପରିବାରବର୍ଗ


ସୁମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀ-ଇନ୍ଦୋର ଏକ୍ସପ୍ରେସ୍ ଦୁଇଦିନ ବାତିଲ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥର ଭୂପଦେଓପୁର ରେଳ ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟ ଆସନ୍ତା ୧୭ ଓ ୧୮ ତାରିଖରେ ହେବ। ଏଥିପାଇଁ ଏହି ରୁଟ୍‌ରେ ଚଳାଚଳ କରୁଥିବା ପୁରୀ-ଇନ୍ଦୋର (୧୯୩୧୭) ଓ ଇନ୍ଦୋର-ପୁରୀ (୧୯୩୧୮) ଏକ୍ସପ୍ରେସକୁ ଦୁଇଦିନ ପାଇଁ ବାତିଲ କରାଯାଇଛି। ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

# ପଲ୍ୟୁଶନ ଟେଷ୍ଟିଂ ସେଣ୍ଟରରେ ଲାଗିବ ରେଟ୍ ଚାର୍ଟ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

- ଆର୍‌ଟିଓରେ ରହିବେ ଇନସ୍ୟୁରାନ୍ସ ଅଧିକାରୀ
- ଡିଜିଙ୍କୁ ଚିଠି ଲେଖିଲେ ପରିବହନ ସଚିବ
- ଦଲାଲଙ୍କ ଉପରେ ରହିବ ନଜର

ନୂଆ ମୋଟର ଯାନ ଆଇନ ଅନୁଯାୟୀ ଲୋକଙ୍କୁ କିଭଳି ସେମାନଙ୍କ ଗାଡ଼ି ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ସୁବିଧା ଯୋଗାଇ ଦିଆଯାଇପାରିବ ସେନେଇ ମଙ୍ଗଳବାର ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ ଏବଂ ପରିବହନ କମିଶନର ଭିଡିଓ କନଫରେନ୍ସି ଜରିଆରେ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ବୈଠକ ପରେ ଜି. ଶ୍ରୀନିବାସ କହିଛନ୍ତି ଯେ, ଅଧିକ ପଲ୍ୟୁଶନ ଟେଷ୍ଟିଂ ସେଣ୍ଟର ଖୋଲାଯିବ। ସେହିପରି ପଲ୍ୟୁଶନ ଟେଷ୍ଟିଂ ସେଣ୍ଟରରେ ରେଟ୍ ଚାର୍ଟ ଲଗାଯିବ। ଅନ୍ୟପକ୍ଷରେ ପରିବହନ କାର୍ଯ୍ୟାଳୟରେ ଅଧିକ କ୍ୟାମ୍ପ ଖୋଲାଯିବ। ବହୁସଂଖ୍ୟାରେ ଆବେଦନକୁ ଦୃଷ୍ଟିରେ ରଖି ଦୈନିକ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ସଂଖ୍ୟା ବୃଦ୍ଧି କରାଯାଇଛି। ଯେଉଁମାନେ ଲାଇସେନ୍ସ କରାଇବା ଲାଗି ଦଲାଲି କରିବେ ସେମାନଙ୍କୁ ଦଣ୍ଡ ଦିଆଯିବ। ଏହାସହ ଆର୍‌ଟିଓ କାର୍ଯ୍ୟାଳୟରେ ଇନସ୍ୟୁରାନ୍ସ ଅଧିକାରୀଙ୍କୁ ରଖାଯିବ ବୋଲି ସେ କହିଛନ୍ତି।

ଅନ୍ୟ ଜଣେ ପରିବହନ ଅଧିକାରୀଙ୍କ କହିବାନୁଯାୟୀ, ଭୁବନେଶ୍ୱର ଆରଟିଓରେ ଦୈନିକ ୧୫୦ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଉଥିଲା। ଏବେ ସେହି ସଂଖ୍ୟା ୩ଶହକୁ ବୃଦ୍ଧି କରାଯାଇଛି। ଆଜିଠାରୁ ଦୁଇଜଣ ଲେଖା ଇନସ୍ୟୁରାନ୍ସ କର୍ମଚାରୀଙ୍କୁ ଆରଟିଓରେ ବସାଇବାର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ ଅଧିକ ସଂଖ୍ୟାରେ ଲୋକ ରହିଥିବାରୁ ଏଠାରେ ଅଧିକ ଭିଡ଼ ରହୁଛି। ସେହିଭଳି ବ୍ରହ୍ମପୁର, ବାଲେଶ୍ୱର, କଟକ ଆଦି କେତୋଟି ସ୍ଥାନରେ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷରେ ପରିବହନ ସଚିବ ଜି. ଶ୍ରୀନିବାସ ପୋଲିସ ଡିଜି ବିଜୟ କୁମାର ଶର୍ମା ଏବଂ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଚିଠି ଲେଖି ପୋଲିସ କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ସୂଚନା ଦେଇଛନ୍ତି। ପରିବହନ ସଚିବ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଗାଡ଼ି ଚାଳକମାନଙ୍କୁ ଅଯଥାରେ ହଇରାଣ ନ କରିବା ପାଇଁ ଏସ୍‌ପି ଏବଂ ଡିସିପିଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଉ। ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଲାଗୁ କରିବାବେଳେ ଲୋକଙ୍କୁ ପୋଲିସ ହଇରାଣ କରିବାର ବହୁ ଘଟଣା ସାମ୍ନାକୁ ଆସିଛି। ଟ୍ରାଫିକ ନିୟମର ପ୍ରାବଧାନ ଅନୁଯାୟୀ ଦାୟିତ୍ୱରେ ଥିବା କୌଣସି ପୋଲିସ ଅଧିକାରୀ ଯଦି ଭୁଲ୍ କରନ୍ତି ତେବେ ସେମାନଙ୍କଠାରୁ ଦୁଇଗୁଣା ଜରିମାନା ଆଦାୟ କରାଯିବ। ଏ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ଜଣାଇବା ପାଇଁ ଡିଜିଙ୍କୁ ପରିବହନ ସଚିବ ଅନୁରୋଧ କରିଥିବା ଜଣାପଡିଛି।

# ଧାନକିଣାରେ ମହିଳା ଏସ୍‌ଏଚ୍‌ଜି ସାମିଲ, ମାର୍କଫେଡ୍ ବିଦା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ସେପ୍ଟେମ୍ବର ୧୦ ସୁଦ୍ଧା ରାଜ୍ୟରେ ୯ ଲକ୍ଷ, ୭୯ ହଜାର ୯୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗଞ୍ଜାମରେ ସର୍ବାଧିକ ୧ ଲକ୍ଷ ୧୨ ହଜାର ୪୭ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ବରଗଡ଼ ୮୫୫୦୯, ବାଲେଶ୍ୱର ୪୮୮୯୦, ଭଦ୍ରକ ୩୧୧୩୬୧, କଟକ ୪୦୬୯୩, କଳାହାଣ୍ଡି ୬୪୯୪୦, ଖୋର୍ଦ୍ଧା ୩୦୬୦୫, ସମ୍ବଲପୁର ୩୪୨୧୯, ସୁନ୍ଦରଗଡ଼ ୩୨୦୧୩, ସୁବର୍ଣ୍ଣପୁର ୪୪୩୯୦, କେନ୍ଦ୍ରାପଡ଼ାରେ ୨୪୯୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ଥର ପାଇଁ ଧାନ କିଣିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଥିବା ବେଳେ ଚଳିତ ବର୍ଷ ମାର୍କଫେଡକୁ ଧାନ କିଣାରୁ ବାଦ୍ ଦିଆଯାଇଛି। ଧାନ କିଣାରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଖରିଫ୍ ଋତୁରେ କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ମଧ୍ୟ ସେମାନଙ୍କର ଧାନ ବିକ୍ରି କରିପାରିବେ। ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ଛାଡ଼ି ବଳକା ବିକ୍ରି କରିବାକୁ ସରକାର ଅନୁମତି ଦେଇଛନ୍ତି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ଧାନ କ୍ରୟ ଆରମ୍ଭ ହେବ। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ। ୨୦୧୮-୧୯ରେ ଖରିଫ୍ ଧାନ ବିକ୍ରି ପାଇଁ ୧୨ ଲକ୍ଷ ୫୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଆସନ୍ତା ଖରିଫ୍ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୮୧୫ଟଙ୍କା କୁଇଣ୍ଟାଲ ପିଛା ଧାର୍ଯ୍ୟ କରାଯାଇଛି। ଗତ ବର୍ଷ ୧ ଲକ୍ଷ ଭାଗଚାଷୀ ଧାନ ବିକ୍ରି କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଭାଗଚାଷୀମାନେ ସରପଞ୍ଚ କିମ୍ବା ଜମି ମାଲିକଙ୍କଠାରୁ ଅନୁମତି ପତ୍ର ଆଣି ଧାନ ବିକିବା ପାଇଁ ନିଜର ନାମ ପଞ୍ଜୀକୃତ କରିପାରିବେ। ତେବେ ଆଧାର ଲିଙ୍କ୍ କରାଯାଉଥିବାରୁ ଚଳିତବର୍ଷ ଚାଷୀ ପଞ୍ଜୀକରଣ ୨ ଲକ୍ଷ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଧାନ ପଞ୍ଜୀକରଣ କିଭଳି ଚାଲିଛି ସେ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗର ୧୬ ଜଣ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହି ଅଧିକାରୀମାନେ ୩୦ଟି ଜିଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟକୁ ତଦାରଖ କରିବେ। ଏମାନେ ଦୁଇଦିନ ଉଦ୍ଦିଷ୍ଟ ଜିଲାର ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ହେଉଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରିବେ। ପଞ୍ଜୀକରଣ ସମୟରେ ଚାଷୀ ଦେଇଥିବା ଜମିଜମା ସଂକ୍ରାନ୍ତୀୟ ତଥ୍ୟ ଓ ପଟ୍ଟାଗୁଡିକର ଯାଞ୍ଚ କରିବେ। ପଞ୍ଜୀକୃତ ଚାଷୀଙ୍କର ତାଲିକା ପଞ୍ଚାୟତ, ସମବାୟ ସମିତି ଓ ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ପ୍ରଦର୍ଶନ କରାଯାଇଛି କି ନାହିଁ ସେସବୁର ତନଖି କରିବେ। ଚାଷୀମାନଙ୍କର ମଧ୍ୟ ଆପତ୍ତି ଅଭିଯୋଗ ଶୁଣିବେ।

# ସ୍କୁଲ ବ୍ୟାଗ୍ ଯାଞ୍ଚ ପାଇଁ ଗଠନ ହେଲା ସ୍କ୍ୱାଡ୍

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ସ୍କୁଲ ବ୍ୟାଗ୍ ଓଜନ ଯାଞ୍ଚ ପାଇଁ ଖୋର୍ଦ୍ଧା ଜିଲାପାଳଙ୍କ ତତ୍ତ୍ୱାବଧାନରେ ୩ ଜିଲାସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ସ୍କୁଲଗୁଡ଼ିକୁ ପରିଦର୍ଶନ କରି ପିଲାଙ୍କ ସ୍କୁଲ ବ୍ୟାଗ୍ ଯାଞ୍ଚ କରିବେ। ଯଦି କିଛି ନିୟମ ଉଲଘଂନ ହୋଇଥିବା ଦେଖାଯାଏ ତେବେ ସେମାନେ ଜିଲା ଶିକ୍ଷାଧିକାରୀଙ୍କୁ ଓ ବିଦ୍ୟାଳୟ ଅଧୀନସ୍ଥ ନିର୍ଦ୍ଦେଶାଳୟ ଓ ଗଣଶିକ୍ଷା ବିଭାଗକୁ ରିପୋର୍ଟ ଦେବେ। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ମଙ୍ଗଳବାର ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ, ପବ୍ଲିକ ସ୍କୁଲ ଅଧକ୍ଷ ଏବଂ ଅଭିଭାବକ ମହାସଂଘ ଅଧକ୍ଷଙ୍କୁ ଚିଠି ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ମକର ରାଶିସ୍ଥ ଚନ୍ଦ୍ର ଆପଣଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ସ୍ୱାଭାବିକ ରଖିବ। କିନ୍ତୁ ଷଷ୍ଠଭାବସ୍ଥ ଶୁକ୍ର ନୀଚସ୍ଥ ଯୋଗୁ ଆର୍ଥିକ ସ୍ଥିତି ବିଗିଡିଯାଇପାରେ, କିନ୍ତୁ ଋଣ ଜରିଆରେ ଟଙ୍କା ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ।

**ବୃଷ** ଆଜି ବୁଧଙ୍କ ସହ ଶୁକ୍ରଙ୍କ ସଂଯୋଗ ଫଳରେ ସଭାସମିତି କିମ୍ବା ପଦସ୍ଥବ୍ୟକ୍ତିଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କିନ୍ତୁ ପାରିବାରିକ ସମସ୍ୟା ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ସମସ୍ତ ପ୍ରକାରର ସୁବିଧା ହାସଲ କରି ଲକ୍ଷ୍ୟପଥର ପଥିକ ହୋଇପାରନ୍ତି। ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବାର ସମ୍ଭାବନା ରହିଛି। ବୈଷୟିକ ସମ୍ପଦ ହାସଲ ପରିପ୍ରେକ୍ଷୀରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ** ଯେ କୌଣସି ପରିସ୍ଥିତି ହେଉନା କାହିଁକି, ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଆପଣ କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରନ୍ତି। ଅବଶ୍ୟ ଆର୍ଥିକ, ବ୍ୟବସାୟିକ, ଉପରିସ୍ଥ କର୍ମଚାରୀ କିମ୍ବା ସରକାରୀ କାମ କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ସିଂହ** ସ୍ୱଗୃହୀ ରବି ହେତୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାର ଲକ୍ଷ୍ୟକରି ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ । କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ । ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି ।

**କନ୍ୟା** ଶୁକ୍ରଙ୍କ ପ୍ରଭାବକ୍ରମେ ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ଅନୁଭବ କରିବେ। ଏହା ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ରାହୁଙ୍କ ସ୍ଥିତି କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** ଦ୍ୱିତୀୟଭାବସ୍ଥ ବୁଧଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କିନ୍ତୁ ସ୍ଥଳ ବିଶେଷରେ ରୋକ୍‌ଠୋକ୍ କଥା କେତେକ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କଲେ ସଫଳତା ପାଇବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଶନି ଓ ରାହୁଙ୍କ ସ୍ଥିତିଜନିତ ବିବାଦୀୟ ଘଟଣା କିମ୍ବା ଅସଫଳତା ହେତୁକ ମନସ୍ତାପ କରିପାରନ୍ତି। ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରି ଅଧିକାଂଶ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ ହେବେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରିବାରିକ କ୍ଷେତ୍ରରେ ଅସ୍ଥିରତା କ୍ରମଶଃ ଦୂରେଇବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ନିଜ ନିଜର ସାଙ୍ଗସାଥୀମାନଙ୍କ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ମକର** ଆଜି ନିଜ ରାଶିରେ ଚନ୍ଦ୍ର ଅବସ୍ଥାନ କରି ମନରେ ଉତ୍ସୁକତା ପ୍ରଦାନ କରିବେ। ମାନସିକ ସ୍ଥିରତା କେତେମାତ୍ରାରେ କ୍ଷୁଣ୍ଣ ହୋଇପାରେ। ତଥାପି ସାମୟିକ ଭାବରେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ।

**କୁମ୍ଭ** ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ କେତେକାଂଶରେ ପୂର୍ବାପେକ୍ଷା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡିବ। ଆଜି ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ବୃହସ୍ପତିଙ୍କ ଶୁଭ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବା ସହ ଉଚ୍ଚଚିନ୍ତା ଓ ନୂଆ ନୂଆ ଯୋଜନା କରିପାରନ୍ତି। କିନ୍ତୁ ପାଖ ପଡୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବ ଏବଂ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ବୁଧିବାମନ ଓଷା ଶେଷପାଳି, ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ (ସ୍ୱାମୀ ବିବେକାନନ୍ଦଙ୍କ ଶିକାଗୋଭାଷଣ-୧୧।୯।୧୮୯୩), ରାଶିନକ୍ଷତ୍ର-ଶ୍ରବଣା/ମକର, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୫ମି. ଗତେ ଘ୮।୩୨ମି. ମଧ୍ୟେ, ଘ୩।୧୦ମି. ଗତେ ଘ୪।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୫ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧।୫୦ମି. ମଧ୍ୟେ ଘ୪।୪୭ମି. ଗତେ, ଘ୬।୧୦ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302




## BRIDE WANTED

Son age 30 B.Tech IIT Dhanbad MBA XLRI Jamsedpur working in Manager at Pune salary 20laks 7008986003. (Caste-no-bar). D-14295

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Bhandari / 29years, groom, B.Tech, Burla, MBA, IIM, Indore working as consultant in MNC, Bhubaneswar seeking working bride, Caste-no-bar. 9437756821. D-14255

Brahmin Boy 1991, 6ft, B.Tech, MBA, serving Manager MNC Pune- Sunasansar. 9937512659. D-66779

Khandayat son age 31 B.Tech IIT Kharagpur M.Tech IIM Bangalore working in Gartner Gurgaon salary 30lacs 8144589551. D-14297

Girl for M.Tech (IIT, Bombay), Internship (Steinbeis University), Germany, qualified karan Commander in Indian Navy. Contact: +919438183860. D-14225

ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ ଶିକ୍ଷିତା, ସୁନ୍ଦର, ଗୌରବର୍ଣ୍ଣ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୭୮୯୪୧୭୬୫୧୬। D-14251

Looking Bride (IT/ MBA/MCA) Karan Groom 29/5'7", Senior Consultant, Bangalore. 0674-2382150, 9861006061. D-14259

Now Matrimonial ads. only on Wednesday & Sunday Book 1 Get 1 FREE

## GROOM WANTED

Deputy Registrar ଭାବରେ Central Govt.ର ISMରେ କାର୍ଯ୍ୟରତ। ଛାଡ଼ପତ୍ରଥିବା ୪୦ବର୍ଷର ଝିଅ ପାଇଁ ସ୍ତ୍ରୀ ନଥିବା ବରପାତ୍ର ଆବଶ୍ୟକ। ୪୦ବର୍ଷ ଉପରକୁ ହୋଇଥିବା ବରପାତ୍ର ଯୋଗାଯୋଗ କରନ୍ତୁ। 8763284487 D-63785

Brahmin looking groom for girl B.Tech NIT MBA IIT Chennai working in MNC Company at Mumbai 6372748613. D-14296

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

35/5'3" ଏମ୍.ଏସ୍‌ସି, ରେଲୱେ କ୍ଲର୍କ ଭାବେ କାର୍ଯ୍ୟରତ, ମାସିକ 42000 ରୋଜଗାର କରୁଥିବା ସୁନ୍ଦର କନ୍ୟା ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଦୟାକରି ଯୋଗାଯୋଗ କରନ୍ତୁ। 6261597187. D-14254

## real estate

## SALE

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**କଟକ-ଗୋପାଳପୁର ଧାଙ୍କୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

1500 sqft gharabari plot for sale at Keshura, Cuttack - Puri bypass road Bhubaneswar price 26 lakh. Contact: 9078151122. D-67383

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି Sqft 650/- 7008045582, 9692003948. D-14283

## PURCHASE

Land requires on basis of Outright/ Sharing/ Marketing. 9937816565, 9937568585. D-14284

## to-let

2500sqft. for godown cum office at Bhanpur between Cuttack, Bhubaneswar. Please call: 9437033691. D-65688

Shop on rent of 12ft x 20ft with partitions and furniture at New Care Hospital Road, Chandrasekharpur, Bhubaneswar. 9937000624, 9438080874. D-66959

1500sqft. rooftop godown space near Slughterhouse, Canalroad, Laxmisagar: 9861085668. D-67058

**1200sqft full furnished commercial office space for rent, 1st floor Bomikhal CTC Road, Bhubaneswar. Contact: 09880193309, 7411536937.** D-67385

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

## ACCOMMODATION

**Required 1500sqft to 2000sqft hall type area for office purpose. Location: Gandamunda Square to Khandagiri Square. Contact: 9668737327.** D-14291

**Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658.** D-67384

## healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

## business

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

## astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

## AFFIDAVIT

Mishra Milin Basant, S/o - Basant Mishra, 64/6950/9617, Chandrasekharpur, Bhubaneswar, changed my name as Milin Mishra. D-14294

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନାବାଳିକା ବଳାତ୍କାରୀକୁ ଫାଶୀ ଦଣ୍ଡାଦେଶ




# ୫ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର ୧୦।୯(ବ୍ୟୁରୋ)

ଉଚ୍ଚତର ଗବେଷଣା ପାଇଁ ରାଜ୍ୟର ୫ଜଣ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବ ବିଜ୍ଞାନ ଓ କାରିଗରି ବିଭାଗ। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଅଧିକତର ଗବେଷଣା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ପ୍ରଦତ୍ତ ପ୍ରସ୍ତାବକୁ ମଙ୍ଗଳବାର ବିଜ୍ଞାନ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନୁମୋଦନ କରିଛନ୍ତି। ବାୟୋଟେକ୍ନୋଲୋଜିରେ ଗବେଷଣା ଓ ବିକାଶକୁ ଦୃଷ୍ଟିରେ ରଖି ଏକ ଉପସମିତିର ସୁପାରିସକ୍ରମେ ୫ଜଣ ଗବେଷକ ଏହି ସହାୟତା ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ୫ଜଣ ଗବେଷକଙ୍କ ମଧ୍ୟରେ ରହିଛନ୍ତି ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ରାଉରକେଲାସ୍ଥିତ ଏନ୍‌ଆଇଟିର ଜୀବବିଜ୍ଞାନ ବିଭାଗୀୟ ସହକାରୀ ପ୍ରଫେସର ଡ. ସୁମନ ଝା, ନିଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ) ଭୁବନେଶ୍ୱରର ସ୍ନାୟୁ ବିଭାଗ ଆସୋସିଏଟ୍ ପ୍ରଫେସର ଡ. ସଂଜୀବ କୁମାର ଭୋଇ ଏବଂ ଆସୋସିଏଟ୍ ପ୍ରଫେସର ଡ. ସୁଚିତ୍ରା କୁମାରୀ, ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍‌ସ ଏବଂ ମ୍ୟାଟେରିଆଲ୍ସ ଟେକ୍ନୋଲୋଜିର ବରିଷ୍ଠ ବୈଜ୍ଞାନିକ ଡ. ସୋନୀ ପାଣ୍ଡେ। ପ୍ରତି ଗବେଷକଙ୍କୁ ୩ ବର୍ଷ ନିମନ୍ତେ ସରକାରଙ୍କ ପକ୍ଷରୁ ସର୍ବାଧିକ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୋଟ ଭାବେ ୫ଜଣ ଗବେଷକଙ୍କୁ ସହାୟତା ବାବଦରେ ୪୯.୪୮ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ଅନୁମୋଦିତ ହୋଇଛି।

## ଜିଲା ଚିଠି ସୁନ୍ଦରଗଡ଼



# ଅନିଶ୍ଚିତ ପ୍ରକଳ୍ପ

ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପରେ କାମ ଆରମ୍ଭ ହେବା ନେଇ ଦିନଗଡ଼ୁଛି। ତେଣୁ ବିସ୍ଥାପିତ ଓ ପ୍ରଭାବିତ ଅଧିବାସୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲଠାରେ ରାଜ୍ୟ ସରକାର ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ କରିବାର ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୩୨୪୬ ଏକର ଜମି ଆବଶ୍ୟକ କରି ୨୦୦୬ମସିହାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ମାତ୍ର ସେତେବେଳେ ଏହି ଗ୍ରାମସଭାରେ ଲଙ୍କାହୁଡା ଗ୍ରାମପଞ୍ଚାୟତର ସେମନା ଓ ଜପଙ୍ଗା ଗ୍ରାମବାସୀ ଜମି ନ ଦେବା ପାଇଁ ଜିଦ୍ ଧରି ବସିବାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରୁଥିବା ଇଡ୍‌କୋକୁ ଏହି ୨ଟି ଗ୍ରାମକୁ ବାଦଦେଇ ଅନ୍ୟ ଗ୍ରାମର ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହି ପଞ୍ଚାୟତର ରୂପିଡି, ଲଙ୍କାହୁଡା ଓ କୋପସିଂହା ଗ୍ରାମର ଚାଷଜମି ସହ ଘର ନିର୍ମାଣ ହୋଇଥିବା ଜମି ଅଧିଗ୍ରହଣ କରି କ୍ଷତିପୂରଣ ପ୍ରଦାନ କରିଥିଲେ। ଜପଙ୍ଗା ଓ ସେମନା ଗ୍ରାମକୁ ବାଦ ଦେଇ ପ୍ଲାଣ୍ଟ ପାଇଁ ଭେଡାବାହାଲ ଓ କିରେଇ ପଞ୍ଚାୟତରେ ଜମି ଗ୍ରହଣ ହୋଇଥିଲା। ପ୍ଲାଣ୍ଟ ପାଇଁ ଘରୋଇ ଜମି ୨୭୩୩ ଏକର, ୪୪୪ଏକର ସରକାରୀ ଜମି ଓ ୬୯ ଏକର ରାଜସ୍ୱ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଇଛି। ୨୦୦୬ରେ ଜମି ଅଧିଗ୍ରହଣ ସରିବା ପରେ ଏହି ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଦିନ ଗଡୁଥିବା ବେଳେ ଏଣେ ଅଧିଗ୍ରହଣ ସରିଥିବା ଗ୍ରାମବାସୀ ବର୍ତ୍ତମାନ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରିକି ଗରିବ ଲୋକେ ରାଶନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ ଗ୍ରାମଗୁଡିକରେ ରାସ୍ତାଘାଟ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ମଧ୍ୟ ହେଉ ନାହିଁ। ଫଳରେ ଲୋକେ ନାନାଦି ଅସୁବିଧାରେ ରହୁଥିବା ବେଳେ ସରକାରୀ ବାବୁମାନେ ହାତଟେକି ବସିଛନ୍ତି। ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନଠାରୁ ସରକାରଙ୍କ ଯାଏ ଗୁହାରି କଲେ ମଧ୍ୟ ସମସ୍ତେ ଚୁପ୍। ଏଭଳି ସ୍ଥିତିରେ ଲୋକେ ସରକାର ତୁରନ୍ତ ପ୍ଲାଣ୍ଟ ପ୍ରତିଷ୍ଠା କରନ୍ତୁ ନତୁବା ଅଧିକୃତ ଜମି ଫେରସ୍ତ କରନ୍ତୁ ବୋଲି ଦାବି କରୁଛନ୍ତି।

– ଜୟନାରାୟଣ ମେଣ୍ଡୁଲି

## ସଂକ୍ଷେପରେ

### ନିଲମ୍ବିତ କନଷ୍ଟେବଲଙ୍କୁ ମାଲକାନଗିରି ବଦଳି

**କଟକ ଅଫିସ, ୧୦।୯:** ଡିଜିପି ବିଜୟ୍ କୁମାର ଶର୍ମା ମଙ୍ଗଳବାର ଜଣେ କନ୍‌ଷ୍ଟେବଲଙ୍କୁ ମାଲକାନଗିରି ଜିଲାକୁ ବଦଳି କରିଛନ୍ତି। କନଷ୍ଟେବଲ ଜଣକ ହେଉଛନ୍ତି ଅନୁଗୋଳ ଜିଲାର ଗୋପାଳ ଶଙ୍କର ମାରାଣ୍ଡି। ଦୁର୍ବ୍ୟବହାର, ବିଶୃଙ୍ଖଳିତ ଆଚରଣ ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ମାଲକାନଗିରିକୁ ବଦଳି କରାଯାଇଛି। ସୂଚନା ଅନୁଯାୟୀ, ବିଶୃଙ୍ଖଳିତ ଆଚରଣ ପାଇଁ ଗୋପାଳଙ୍କୁ ଗତ ସୋମବାର ଅନୁଗୋଳ ଏସ୍‌ପି ଜଗମୋହନ ମୀନା କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଓଡ଼ିଶା ପୋଲିସ ମାନୁଆଲର ଅଧିନିୟମ ୮୪୦ ଅନୁଯାୟୀ ତାଙ୍କୁ ନିଲମ୍ବିତ କରାଯାଇଥିଲା।

### ହୀରାକୁଦ ଡ୍ୟାମ୍ ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ

**ସମ୍ବଲପୁର, ୧୦।୯ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମରୁ ମଙ୍ଗଳବାର ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି। ରାତି ୯ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡରେ ୩ଲକ୍ଷ ୪୧ ହଜାର ୮୭୬ କ୍ୟୁସେକ ପାଣି ଡ୍ୟାମରୁ ନିଷ୍କାସନ ହେଉଛି। ପ୍ରତି ସେକେଣ୍ଡରେ ଡ୍ୟାମକୁ ୩ଲକ୍ଷ ୪୧ ହଜାର ୮୭୬ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାର ଚ୍ୟାନେଲରେ ୧୮ ହଜାର ୪୮୭, ବିଭିନ୍ନ କେନାଲରେ ୧ହଜାର ୫୧୯ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ତଳ ମୁଣ୍ଡ ବେଲଗାଁରେ ୩୫ ହଜାର ୨୦୦, ପର୍ଥଲାରେ ୧ଲକ୍ଷ ୨ ହଜାର ୯୨୩, ଖଇରମାଲରେ ୫ଲକ୍ଷ ୮ ହଜାର, ବଡ଼ମୂଲରେ ୫ଲକ୍ଷ ୨୦ ହଜାର ୫୦୦ ଓ ମୁଣ୍ଡଳିରେ ୬ଲକ୍ଷ ୫୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଡ୍ୟାମ ଉପର ମୁଣ୍ଡରେ ବର୍ଷା ଅଧିକ ପରିମାଣରେ ହୋଇଛି। ଡ୍ୟାମରେ ଜଳସ୍ତର ୬୨୫.୩୯ ଘନଫୁଟ ରହିଛି ବୋଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି। ବୁର୍ଲାରେ ୫.୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ୧.୭ ମି.ମି. ବର୍ଷା ରେକର୍ଡ ହୋଇଛି।

# ଶ୍ରୀମନ୍ଦିର ପରି ପ୍ରଭୁ ଲିଙ୍ଗରାଜଙ୍କ ପାଇଁ ପ୍ରସ୍ତୁତ ହେବ ଅଧିନିୟମ: ମନ୍ତ୍ରୀ

- ଅନ୍ୟ ୩ ପ୍ରମୁଖ ମନ୍ଦିର ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପ୍ରସ୍ତାବ
- ଦେବୋତ୍ତର କମିଶନ ମାଧମରେ ପରାମର୍ଶ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ(ଆକ୍ଟ) ଢାଞ୍ଚାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଆଇନ ଖୁବ୍‌ଶୀଘ୍ର ପ୍ରଣୟନ କରାଯିବ। ଲୋକସେବା ଭବନରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପୁରୀ ଶ୍ରୀମନ୍ଦିର ସମସାମୟିକ ହୋଇଥିବାରୁ ଏପରି କରାଯିବାର ଆବଶ୍ୟକତା ରହିଥିବା ବିଜ୍ଞାନ ଓ କାରିଗରି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ବୈଠକରେ ମତ ଦେଇଥିଲେ। ଏଥି ସହ ଟ୍ରଷ୍ଟ ବୋର୍ଡର ପୁନର୍ଗଠନ କରିବା, ଆକ୍ଟ ପ୍ରସ୍ତୁତି ପାଇଁ ଟ୍ରଷ୍ଟ ବୋର୍ଡ ଦେବୋତ୍ତର କମିଶନଙ୍କ ମାଧମରେ ଆଇନ ବିଭାଗକୁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଥିବା ମନ୍ଦିର ସମ୍ବନ୍ଧୀୟ ଆଇନ ବାବଦରେ ଯଥେଷ୍ଟ ଅଭିଜ୍ଞତା ରହିଥିବା ଆଇନଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଅଶୋକ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ, ମାର୍କେଟ କମ୍ପ୍ଲେକ୍ସ ସମ୍ବନ୍ଧିତ ସମସ୍ୟାର ସମାଧାନ, ବ୍ୟାଖ୍ୟାନ କେନ୍ଦ୍ର ସମ୍ମୁଖର ବିକାଶ ଓ ଦେବୀ ପାଦହରା ପୁଷ୍କରିଣୀର ଉନ୍ନୟନ ପାଇଁ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହୋଇଥିବା ବୈଠକରୁ ସୂଚନା ମିଳିଛି।



ବୈଠକରେ ଉପସ୍ଥିତ ଆଇନ ମନ୍ତ୍ରୀ ପ୍ରତାପ ଜେନା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟ ପ୍ରମୁଖ ଅଧିକାରୀ।

ଅନୁରୂପ ଭାବେ ଘଟଗାଁ ତାରିଣୀ ମନ୍ଦିର କମିଟି ଓ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିରର ଟ୍ରଷ୍ଟ ବୋର୍ଡର ସମ୍ପୂର୍ଣ୍ଣ ପୁନର୍ଗଠନ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଦେବୋତ୍ତର ବିଭାଗ ଦ୍ୱାରା ତଦନ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଷୋଡ଼ଶ ଶତାବ୍ଦୀର ବାରିପଦା ଜଗନ୍ନାଥ ମନ୍ଦିର କାର୍ଯ୍ୟକାରିତା ସମ୍ପର୍କରେ ମଧ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ମନ୍ଦିର ଅତି ପୁରାତନ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ବାରିପଦା ଉପଜିଲାପାଳ ଏ ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଦେବୋତ୍ତର ଜମିରେ ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ଅର୍ଥ ଆଦାୟ କରାଯାଉଛି। ତାହାର ଅଂଶ ମନ୍ଦିରକୁ ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଦେବୋତ୍ତର ଜମି ଯେଉଁମାନଙ୍କ ଅଧୀନରେ ଅଛି ସେମାନେ ୧୯ ଧାରା ଅନୁଯାୟୀ ନିୟମିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ଉଭୟ ଉପଜିଲାପାଳ ଓ ଦେବୋତ୍ତର ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି କାର୍ଯ୍ୟ କରିବା ପାଇଁ ପ୍ରଥମେ ୨୫ ଧାରାରେ ସେମାନଙ୍କୁ ନୋଟିସ୍ ପଠାଯିବ। ଆଗାମୀ ଏକ ମାସ ମଧ୍ୟରେ ମନ୍ଦିର ୱେବ୍‌ସାଇଟ୍ ଓ ସେବାୟତମାନଙ୍କ ସ୍ୱାସ୍ଥ୍ୟବୀମା କାର୍ଯ୍ୟ ଶେଷ ହେବ ବୋଲି ବୈଠକରେ ଉପଜିଲାପାଳ ପ୍ରକାଶ କରିଥିଲେ। ସେହିପରି ସେବାୟତମାନଙ୍କର ଯାହାକିଛି ସମସ୍ୟା ରହିଛି ସେ ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ପ୍ରକାଶ କରାଯାଇଛି।

# ଭରତପୁରରେ ସେବା ସପ୍ତାହ ଶୁଭାରମ୍ଭ କରିବେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନଠାରୁ ୭ଦିନ ପର୍ଯ୍ୟନ୍ତ ସାରା ଦେଶରେ ଭାଜପା ସେବା ସପ୍ତାହଭାବେ ପାଳନ କରିବ । ୧୭ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପଡୁଛି। ତେଣୁ ସେପ୍ଟେମ୍ବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ। ସେବା ସମିତିର ରାଜ୍ୟ ସଂଯୋଜକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏହି ସୂଚନା ଦେଇଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଷ୍ଣୁ କହିଛନ୍ତି ଯେ, ୧୪ରେ ଭୁବନେଶ୍ୱରସ୍ଥିତ ଭରତପୁରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେବା ସପ୍ତାହର ଶୁଭାରମ୍ଭ କରିବେ। ଏହି ଅବସରରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ତଥ୍ୟକୁ ଫଟୋ ମାଧମରେ ପ୍ରଦର୍ଶିତ କରାଯିବ । ପ୍ରଧାନମନ୍ତ୍ରୀଙ୍କ ଜୀବନଧାରା ଏବଂ ଉପଲବ୍ଧି ସମ୍ପର୍କିତ ପୁସ୍ତକ ସମସ୍ତ ସହର ଏବଂ ଜିଲାରେ ପ୍ରଦର୍ଶିତ କରାଯିବ। ହସ୍ପିଟାଲ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମ ଗୁଡିକରେ ଫଳ ବିତରଣ କରାଯିବ । ଦିବ୍ୟାଙ୍ଗମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ସହଭାଗିତାରେ ସେବା କାର୍ଯ୍ୟ କରିବାକୁ ଦଳ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ । ଆସନ୍ତା ୨୦ରେ ସାରା ରାଜ୍ୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ। ଏହା ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ' ତଥା ପ୍ଲାଷ୍ଟିକ ମୁକ୍ତ ଭାରତର ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେବେ ବୋଲି ବିଷ୍ଣୁ କହିଛନ୍ତି । ଏହି ସେବା ସପ୍ତାହ ପାଳନର ପ୍ରସ୍ତୁତି ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି ।

## କାନ୍ଧ ଦେବାକୁ କେହି ଆସିଲେ ନାହିଁ

# ୬ ଘଣ୍ଟା ପଡ଼ିରହିଲା ମୃତଦେହ

## ସାହିରୁ ବାସନ୍ଦ ହୋଇଥିଲେ

ନୟାଗଡ଼ ଅଫିସ,୧୦।୯

ସାହି ଲୋକେ ଏକ ପରିବାରକୁ ବାସନ୍ଦ କରିଥିଲେ। ଉକ୍ତ ପରିବାରର ସୁଖଦୁଃଖରେ ସାହିଲୋକେ ସାମିଲ ହେଉ ନ ଥିଲେ। ଫଳରେ ଏକଘରକିଆ ହୋଇ ଖୁବ୍ କଷ୍ଟରେ ଜୀବନ ବିତାଉଥିଲେ ଉକ୍ତ ପରିବାର ସଦସ୍ୟ। ଏପରିସ୍ଥିତିରେ ମଙ୍ଗଳବାର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ପରିବାର ମୁଖ୍ୟଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ଶେଷ ଦର୍ଶନ କରିବା ପାଇଁ କିମ୍ବା ସତ୍କାର ଲାଗି ମୃତଦେହ ମଶାଣିକୁ ନେବାକୁ ସାହିର କେହି ଜଣେ ବି ଉକ୍ତ ପରିବାର ପାଖରେ ଉପସ୍ଥିତ ହେଲେ ନାହିଁ। ମୃତକଙ୍କ ଏକମାତ୍ର ପୁଅ ଥିବାବେଳେ ମଶାଣିକୁ ନେବା ପାଇଁ ଚାରି କାନ୍ଧର ଆବଶ୍ୟକ ଥିବାରୁ ଦୀର୍ଘ ୬ଘଣ୍ଟା କାଳ ଘରେ ପଡିରହିଲା ମୃତଦେହ। ପରେ ସରପଞ୍ଚଙ୍କ ହସ୍ତକ୍ଷେପ ଯୋଗୁ ଗ୍ରାମର ଅନ୍ୟ ଲୋକଙ୍କ ସହଯୋଗରେ ମୃତଦେହ ମଶାଣିକୁ ନିଆଯାଇ ସତ୍କାର କରାଯାଇଥିଲା।



ମୃତକଙ୍କ ନାତି ମଶାଣିକୁ ବାଉଁଶ ନେଇ ଯାଉଛନ୍ତି।

ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ସଦର ବ୍ଲକ ଗମ୍ଭାରିଡିହି ଗ୍ରାମର ବଣିଆସାହିରେ। ବଣିଆସାହିର ଶ୍ରୀଧର ସାଥୁଆଙ୍କ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମୃତ୍ୟୁ ଘଟିଥିଲା। କୌଣସି ଏକ ବିବାଦକୁ ନେଇ ତାଙ୍କ ସାହି ଜାତିଭାଇ ଦୀର୍ଘ ବର୍ଷ ହେଲାଣି ଶ୍ରୀଧରଙ୍କ ପରିବାରକୁ ବାସନ୍ଦ କରି ରଖିଥିଲେ। ପୂର୍ବରୁ ଶ୍ରୀଧରଙ୍କ ଘରେ ଯାହାର ମୃତ୍ୟୁ ହେଉଥିଲା ତାଙ୍କ ମୃତଦେହକୁ ଶ୍ରୀଧର ଓ ତାଙ୍କର ଏକମାତ୍ର ପୁଅ ଧନେଶ୍ୱର ମଶାଣିକୁ ନେଇ ସତ୍କାର କରୁଥିଲେ। ତେବେ ଶ୍ରୀଧରଙ୍କ ମୃତ୍ୟୁ ପରେ ଧନେଶ୍ୱର ସାହିଲୋକଙ୍କୁ ଯାଇ ମୃତଦେହ ମଶାଣିକୁ ନେବା ପାଇଁ ଡାକିବାରୁ କେହି ଆସି ନ ଥିଲେ। ପରେ ଧନେଶ୍ୱର ଏ ନେଇ ସରପଞ୍ଚ ଓ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। ଗମ୍ଭାରିଡିହି ସରପଞ୍ଚ ଦିବାକର ମିଶ୍ର ଉକ୍ତ ସାହିରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି ଆସି ନ ଥିଲେ। ପରେ ଗ୍ରାମର ଅନ୍ୟ ସାହିରୁ ଲୋକ ଆସି ଅପରାହ୍ନ ୫ଟାରେ ଦୀର୍ଘ ପ୍ରାୟ ୬ଘଣ୍ଟା ପରେ ଶ୍ରୀଧରଙ୍କ ମୃତଦେହ ମଶାଣିକୁ ନେଇଥିଲେ। ସେହିପରି ସାହିର ଅନ୍ୟ ଲୋକମାନେ ସାହାଯ୍ୟ ନ କରିବାରୁ ଧନେଶ୍ୱରଙ୍କ ଏକମାତ୍ର ନାବାଳକ ପୁଅ ଜେଜେବାପାଙ୍କ ପାଇଁ ମଶାଣିକୁ ବାଉଁଶ ନେଇ ଯାଉଥିବାର ଦେଖିବାକୁ ମିଳିଥିଲା।





ପ୍ରାୟୋଜକ:
ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର
www.ministryoftextiles.gov.in
INDIA HANDLOOM
www.indiahandloombrand.gov.in
ଆୟୋଜକ
ଜାତୀୟ ହସ୍ତତନ୍ତ ବିକାଶ ନିଗମ ଲିଃ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
NHDC www.nhdc.org.in

ଜାତୀୟ ହସ୍ତତନ୍ତ ବିକାଶ ନିଗମ ଲିଃ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଣିଛନ୍ତି
ସିଲ୍‌କ ଫ୍ୟାବ୍®
ପ୍ରଦର୍ଶନୀ ତଥା ବିକ୍ରୟ
ସିଲ୍‌କ ହସ୍ତତନ୍ତ ବସ୍ତ୍ରଗୁଡ଼ିକର
୦୬-୧୯ ସେପ୍ଟେମ୍ବର, ୨୦୧୯ ପୂର୍ବାହ୍ନ ୧୧ ଘଟିକାରୁ ରାତ୍ରି ୮ ଘଟିକା ପର୍ଯ୍ୟନ୍ତ
ସ୍ଥାନ:
ଦି ନ୍ୟୁ ମାରିୟନ୍ ହୋଟେଲ, ରାମ ମନ୍ଦିର ସମ୍ମୁଖ, ୬, ଜନପଥ, ଭୁବନେଶ୍ୱର
ସମସ୍ତ ପ୍ରମୁଖ କ୍ରେଡିଟ୍/ଡେବିଟ୍ କାର୍ଡ ଏବଂ ଭୀମ୍/ୟୁପିଆଇ ଦେୟପୈଠ ଗ୍ରହଣ କରାଯାଏ
ଆକର୍ଷଣୀୟ ରିହାତି ପାଆନ୍ତୁ
ଭାରତର ପାରମ୍ପରିକ ହାତବୁଣା ଐତିହ୍ୟର ପ୍ରଚାର ପ୍ରସାର
ସିଲ୍‌କ ଶାଢ଼ି । ସାଲୱାର ସୁଟ୍‌ସ । ଡ୍ରେସ୍ ମ୍ୟାଟେରିଆଲ୍ । ଓଢ଼ଣି । ଷ୍ଟୋଲ୍ । ଫର୍ନିଶିଂ
davp 41102/13/0019/1920

11 Sept 2019 7.00 PM
Rabindra Mandap, Bhubaneswar at 7pm




NALCO A NAVRATNA COMPANY
Guru Kelucharan Mohapatra Award 2019
NALCO A NAVRATNA COMPANY
Guru Kelucharan Mohapatra Yuva Prativa Samman 2019



"Namami Gange"
an ode to Mother Ganga
Neo-classical Innovation in Odissi by Srjan Ensemble
Choreography: Ratikant Mohapatra
Music: Lakshmikant Palit
Script: Nityananda Misra

OMC · ODISHA MGM · NALCO · SBI · imfa · NEWS7 · ଧରିତ୍ରୀ · OrissaPOST · MAYFAIR · CROWN

# କଡ଼ା କର ସଡ଼କ ନିୟମ

ଭାରତରେ ୧ ସେପ୍ଟେମ୍ବର ୨୦୧୯ରେ ନୂଆ ମୋଟର ଭେଇକିଲ୍ ଆଇନ ଲାଗୁ ହେବା ପରଠାରୁ ଦେଶବ୍ୟାପୀ କୋକୁଆ ଭୟ ସୃଷ୍ଟି ହୋଇଛି। ଓଡ଼ିଶାରେ ଗୋଟିଏ ସପ୍ତାହ ମଧ୍ୟରେ ଯେଉଁଭଳି ଧରପଗଡ଼ ହେବା ସହ ଉଲ୍ଲଂଘନକାରୀଙ୍କ ଉପରେ ଅତ୍ୟଧିକ ମାତ୍ରାର ଜରିମାନା ଲଦାଗଲା, ତାହା ଏବେ ପୁରପଲ୍ଲୀରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ସେତିକି ନୁହେଁ, ଜନସାଧାରଣ ଓ ପୋଲିସ ମଧ୍ୟରେ ୭ ସେପ୍ଟେମ୍ବରରେ ଭୁବନେଶ୍ୱର ରାଜମହଲ ଛକରେ ଗାଡ଼ି ଯାଞ୍ଚକୁ ନେଇ ତୁମୁଳକାଣ୍ଡ ଘଟିଯାଇଛି। ପୋଲିସ ଗାଡ଼ିଚାଳକଙ୍କୁ କାଗଜପତ୍ର ମାଗିଥିବା ବେଳେ ଜନସାଧାରଣ ଓଲଟା ପୋଲିସ ଗାଡ଼ିର କାଗଜପତ୍ର ମାଗି ଗଣ୍ଡଗୋଳ ଘଟାଇଥିଲେ। ଏସବୁ ଦେଖି ଅନେକ କହୁଛନ୍ତି, ଯାହା ହେଉ ପୋଲିସ ପାନେ ପାଇଛି। ଏଭଳି ଅସ୍ୱାଭାବିକ କଥା ଶୁଣିଲା ବେଳେ ମନକୁ ପ୍ରଶ୍ନ ଆସୁଛି– ନିୟମଭଙ୍ଗକାରୀ କେଉଁ ସ୍ତରରେ ଅଛନ୍ତି। ୨୦୧୮ରେ ପ୍ରକାଶିତ ସରକାରୀ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସଡ଼କ ଦୁର୍ଘଟଣାରେ ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ପ୍ରତି ଘଣ୍ଟାରେ ୧୭ ଜଣଙ୍କ ପ୍ରାଣହାନି ଘଟୁଛି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ମାରାତ୍ମକ ରୋଗଜନିତ ମୃତ୍ୟୁସଂଖ୍ୟା ତୁଳନାରେ ରାସ୍ତା ଦୁର୍ଘଟଣା ଯୋଗୁ ଘଟୁଥିବା ପ୍ରାଣହାନି ଯଥେଷ୍ଟ ଅଧିକ। ଏହାର ଏକମାତ୍ର କାରଣ ହେଲା ଅସାବଧାନତାରେ ଗାଡ଼ି ଚାଳନା। ଏସବୁକୁ ଲକ୍ଷ୍ୟ କରି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଯେ, ଲୋକଙ୍କ ଉପରେ ଅତ୍ୟଧିକ ଜରିମାନା ଆଦାୟ କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ, କିନ୍ତୁ ଏଭଳି ପଦକ୍ଷେପ ନିଆଯିବା ଦ୍ୱାରା ଆଗକୁ ସମସ୍ତେ ନିୟମ ମାନିବାକୁ ବାଧ୍ୟ ହେବେ ଓ କେହି ଜରିମାନା ଦେବା ସକାଶେ ଯୋଗ୍ୟ ରହିବେ ନାହିଁ। ଗଡ଼କରୀଙ୍କ ଏହି କଥାକୁ ଆମେ ସମର୍ଥନ କରିବା ପଛରେ ଉଦ୍ଦେଶ୍ୟ ରହିଛି ଯେ ସମସ୍ତେ ଶୃଙ୍ଖଳିତ ହୋଇ ଚାଲନ୍ତୁ। କେବଳ ଓଡ଼ିଶା ନୁହେଁ, ଦେଶର ପ୍ରାୟ ଅଧିକାଂଶ ଆର୍‌ଟିଓ ଶାଖା ସମ୍ମୁଖରେ ଲାଗି ରହିଥିବା ଲମ୍ବା ଧାଡ଼ିକୁ ଦେଖିଲେ ଏହା ପ୍ରମାଣିତ କରୁଛି। ହଠାତ୍ ଦୁଇଚକିଆ ଓ ଚାରିଚକିଆ ଚାଳକମାନେ ଲାଇସେନ୍ସ କରିବା ଉଚିତ ବୋଲି ଭାବିଲେଣି। ଇତିମଧ୍ୟରେ ବେଆଇନ ଭାବେ ଚାଲୁଥିବା ବିଭିନ୍ନ ପ୍ରକାରର ଯାନବାହନ ସଂଖ୍ୟା ରାସ୍ତାରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। ତେବେ ଯେଉଁମାନେ ଆଇନକୁ ବିରୋଧ କରୁଛନ୍ତି ଓ ବଡ଼ ଆକାରର ଜରିମାନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି, ସେମାନେ ନିଶ୍ଚିତ ଭାବେ କାଗଜପତ୍ର ଠିକ୍ ରଖି ନାହାନ୍ତି ବୋଲି ଧରିନେବାକୁ ହେବ। ଯେତେବେଳେ ଏକ ରାଜ୍ୟ ବା ଦେଶରେ ୯୦ ପ୍ରତିଶତ ଲୋକ ଭୁଲକୁ ସମର୍ଥନ କରିବେ ଓ ଆଇନକୁ ଅମାନ୍ୟ କରିବେ, ସେତେବେଳେ ଏହା ଜନଗଣଙ୍କ ପ୍ରତିବାଦ ବୋଲି ଧରିନେବା ଉଚିତ ନୁହେଁ। କାରଣ ଆଇନର ସମ୍ମାନ କହେ ଜନସାଧାରଣଙ୍କ ଭଲ ପାଇଁ ଏହା ପ୍ରଣୟନ କରାଯାଇଛି।

ରାଜମହଲ ଛକରେ ଘଟିଯାଇଥିବା ତୁମୁଳକାଣ୍ଡକୁ ଦେଖିବା ପରେ ଓଡ଼ିଶା ସରକାର ଭୟଭୀତ ହେବା ପରି ଲାଗୁଛନ୍ତି। ସେଥିପାଇଁ ୯ ସେପ୍ଟେମ୍ବରରେ ସରକାରୀ ଭାବେ ଘୋଷଣା କରାଯାଇଛି ଯେ, ନୂଆ ମୋଟରଯାନ ଆଇନକୁ ଏଠାରେ ୩ ମାସ ପାଇଁ କୋହଳ କରାଗଲା। ସଂଶୋଧିତ ଆଇନକୁ କଡ଼ାକଡ଼ି ଲାଗୁ ନ କରି ଲୋକଙ୍କୁ ସଚେତନ କରିବାକୁ ପୋଲିସ ଓ ପରିବହନ ଅଧିକାରୀଙ୍କୁ ଉପରସ୍ତରରୁ ନିର୍ଦ୍ଦେଶ ଦିଆଯାଇଛି। ବାସ୍ତବରେ ସଡ଼କ ଓ ଯାନବାହନ ସମ୍ପର୍କିତ ଆଇନକୁ ଓଡ଼ିଶାରେ ଆଜିଯାଏ କଡ଼ାକଡ଼ି ଭାବେ କେବେହେଲେ ଲାଗୁ କରାଯାଇ ନ ଥିଲା। ସେଥିପାଇଁ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳରେ ବେଆଇନ ଭାବେ ଗାଡ଼ି ଚଳାଇବା ଏକ ସାଧାରଣ ବିଷୟ ହୋଇପଡ଼ିଥିଲା। ଯେତେବେଳେ ନିୟମ କଡ଼ାକଡ଼ି ଲାଗୁ ହେଲା, ସେତେବେଳେ ମୁଷ୍ଟିମେୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ମୁଷ୍ଟିମେୟ ଏଇଥିପାଇଁ କୁହାଯାଉଛି କାରଣ ଯେଉଁମାନେ ଗଣ୍ଡଗୋଳ କରିଥିଲେ ସେମାନେ ବିନା ଲାଇସେନ୍ସ, ବିନା ଫିଟ୍‌ନେସ୍ କିମ୍ବା ଚୋରାଗାଡ଼ି ଚଳାଉଥିଲେ। ଯେଉଁମାନଙ୍କର ଆଇନଗତ କାଗଜପତ୍ର ରହିଛି, ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା। ଏପରିକି ସେମାନେ ନିଜର ଭବିଷ୍ୟତ ସୁରକ୍ଷିତ ରଖିବା ସକାଶେ ସଂଶୋଧନକୁ ସମର୍ଥନ କରିଛନ୍ତି। କାରଣ ଦୁର୍ଘଟଣାରେ ଜୀବନ ଯିବା ଗୋଟେ କଥା, ତା'ଠାରୁ ଅଧିକ ଦୁଃଖଦାୟକ ହେଉଛି ଶାରୀରିକ ଭାବେ ପଙ୍ଗୁ ପାଲଟିବା।

ଗାଡ଼ି ନିୟମ କଡ଼ାକଡ଼ି ହେବା ପରେ ଲୋକେ ସ୍ୱଧ୍ରୁତିରେ ଆରମ୍ଭ କରିଥିଲେ। କାଗଜପତ୍ର ଠିକ୍ କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରୁଥିଲେ। ଗତ ଏକ ସପ୍ତାହ ମଧ୍ୟରେ ରାଜ୍ୟରେ କମ୍ ମଦ ବିକ୍ରି ହୋଇଥିବା ଲକ୍ଷ୍ୟ କରାଯାଇଛି। ସାଧାରଣରେ ଅଧିକାଂଶ ଡ୍ରାଇଭର ଅତ୍ୟଧିକ ମଦ ପିଇ ଗାଡ଼ି ଚଳାଉଥିଲେ। ଯେହେତୁ ଧରପଗଡ଼ ଜୋରଦାର ହେଲା ଓ ଗାଡ଼ିଚାଳକ ମଦ ପିଇବା କମାଇ ଦେଇଛନ୍ତି, ସେହେତୁ ରାସ୍ତା ଦୁର୍ଘଟଣା ମାତ୍ରା କମିଥିବା ତଥ୍ୟ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବିଦେଶରେ ମଦ୍ୟପାନ କରି ଗାଡ଼ି ଚଳାଇବା କିମ୍ବା ଏକତରଫା (ୱାନ୍ ୱେ) ରାସ୍ତା ଆଇନ ଭାଙ୍ଗିବା ଏକ ଧର୍ତ୍ତବ୍ୟ ଅପରାଧ। ଭାରତରେ ବର୍ଷବର୍ଷ ଧରି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବା ଦ୍ୱାରା ଯେଉଁ ସଚେତନତା ସୃଷ୍ଟି ହୋଇ ନ ଥିଲା, ତାହା ସେପ୍ଟେମ୍ବରରେ ଗୋଟିଏ ସପ୍ତାହରେ ତା'ଠାରୁ ଅଧିକ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳିଛି। ଏଥିରୁ ବୁଝିବାକୁ ହେବ ଯେ, ସାଧାରଣ ଭାରତୀୟଙ୍କୁ ଭଦ୍ର ବ୍ୟବହାର ଦେଖାଇ ସଚେତନ କଲେ ସେମାନେ ପରିବର୍ତ୍ତନକୁ ଗ୍ରହଣ କରନ୍ତି ନାହିଁ। ଏପରି କି ଭୁବନେଶ୍ୱରରେ କୋହଳ ନିର୍ଦ୍ଦେଶରେ ଗୋଟିଏ ଦିନ ନ ବିତୁଣୁ ତିନି ଜଣ ମୋଟର ସାଇକେଲରେ ବସିବା ଓ ଭୁଲ ବାଟରେ ଯିବା ଆରମ୍ଭ ହୋଇଗଲାଣି।

ଏଠାରେ ଆଇନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ଯୁକ୍ତି ଜରିମାନାକୁ ନେଇ ଚାଲିଛି। କେତେକ କହିଲେଣି ଆଦାୟ ହେଉଥିବା ଅର୍ଥରୁ ଅର୍ଦ୍ଧେକ ପୋଲିସ ପକେଟକୁ ଚାଲିଯାଉଛି। ଏଭଳି ଭାବିପାରୁଥିବା ସଚେତନ ନାଗରିକ ସମ୍ପୂର୍ଣ୍ଣ ଭାବେ କିଭଳି ଜରିମାନା ନ ଦେବେ ସେହି କଥା ଚିନ୍ତା କଲେ ସମାଧାନର ବାଟ ପାଇପାରନ୍ତେ। ଚୋରା କିମ୍ବା ଲାଇସେନ୍ସ ନ ଥିବା ଗାଡ଼ି ଦୁର୍ଘଟଣାରେ ପ୍ରାଣହାନି ଘଟୁଥିବା ବ୍ୟକ୍ତିଙ୍କୁ କୌଣସି ଭାବେ ବୀମା ସୁବିଧା ମିଳି ନ ଥାଏ। ଏଭଳି ଲୋକ ଯେଉଁମାନେ ପୋଲିସ ଗାଡ଼ିର କାଗଜପତ୍ର ମାଗୁଥିଲେ, ସେମାନେ ବୁଝିବା ଦରକାର ଯେ ସରକାରୀ ଗାଡ଼ି ଦ୍ୱାରା ଦୁର୍ଘଟଣା ଘଟିଲେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳିଥାଏ। ଉଦାହରଣ ସ୍ୱରୂପ ରେଳଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ସମ୍ପୃକ୍ତ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ମିଳିପାରୁଛି। ଏଥିରୁ ବୁଝିବାକୁ ହେବ, ସବୁ ସରକାରୀ ଗାଡ଼ିର ବୀମା ଭାବେ ନିଜେ ସରକାରୀ ବ୍ୟବସ୍ଥା ଛିଡ଼ା ହୋଇଥାଏ। କିନ୍ତୁ ଘରୋଇ ଯାନ କିମ୍ବା ବ୍ୟବସାୟିକ (କମର୍ସିଆଲ) ଗାଡ଼ି ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟିଥାଏ, ତେବେ ସେହି ଯାନର ଉଚିତ ବୀମା ନ ଥିଲେ ତୃତୀୟ ପକ୍ଷଙ୍କ ପାଇଁ ମୋଟରଆକ୍ସିଡେଣ୍ଟ କ୍ଲେମ୍‌ସ ଟ୍ରିବ୍ୟୁନାଲ (ଏମ୍‌ଏସିଟି) ପାଖରେ କୌଣସି ବିବାଦ ଉପସ୍ଥାପନ କରାଯାଇପାରେ ନାହିଁ। ଏସବୁ ଦିଗକୁ ସଚେତନ କରାଯାଇପାରିଲେ ରାସ୍ତା ଦୁର୍ଘଟଣା ହ୍ରାସ ହେବା ସହ ବହୁମୂଲ୍ୟ ଜୀବନ ବଞ୍ଚାଯାଇପାରିବ। ଗୋଟିଏ ସପ୍ତାହ ମଧ୍ୟରେ ଦେଖା ଦେଇଥିବା ସ୍ଥିତିରୁ ଫରକ ଅନୁଭୂତ ହୋଇଗଲାଣି।

ଏଠାରେ ଆଉ ଏକ ଦିଗକୁ ଦେଖିଲେ କଟକ ଓ ଭୁବନେଶ୍ୱର ଭଳି ସହରରେ ସବୁବେଳେ ରାହାଜାନି ସଦୃଶ ଅପରାଧ ବିଷୟରେ ଶୁଣିବାକୁ ମିଳେ। ନାଗରିକ ସଚେତନ ହେଉ ନାହାନ୍ତି ଯେ, ଏହି ଅପରାଧ ଘଟାଉଥିବା ଯୁବକମାନେ ଅଧିକାଂଶ ସମୟରେ ଚୋରା ମୋଟର ସାଇକେଲ ବ୍ୟବହାର କରିଥାଆନ୍ତି। ଯେହେତୁ କୌଣସି ସମୟରେ ଯାନବାହନ ଯାଞ୍ଚ କରାଯାଉ ନାହିଁ, ସେଥିପାଇଁ ଓଡ଼ିଶାରେ ମୋଟର ସାଇକେଲ ଚୋରି ମାତ୍ରାଧିକ। ଏଥିସହିତ ମଦ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ବ୍ୟବହାର ଏବଂ ବ୍ୟବସାୟ ଭୁବନେଶ୍ୱରରେ ଅଟୋରିକ୍ସା ମାଧ୍ୟମରେ କରାଯାଉଥାଏ ବୋଲି କର୍ତ୍ତୃପକ୍ଷଙ୍କ ପାଖରେ ତଥ୍ୟ ରହିଛି। ଯେତେବେଳେ ନିୟମ କଡ଼ାକଡ଼ି କରାଗଲା, ଅନେକ ପ୍ରକାରର ସଡ଼କ ଅପରାଧୀ ନିଜକୁ ଅସୁରକ୍ଷିତ ଭାବି ପୋଲିସକୁ ପ୍ରତିବାଦ କରିବାରେ ଆଗୁସାର ହୋଇଥିଲେ। ସେଥିଲାଗି ସଭ୍ୟ ସମାଜର ଡାକରା ହେବ ଯେ, ତିନି ମାସ ନୁହେଁ, ତିନି ସପ୍ତାହ ପରେ ପୁନର୍ବାର ଏହି ଆଇନକୁ କଡ଼ାକଡ଼ି ଲାଗୁ କରାଗଲେ, ଜନସାଧାରଣ ସୁରକ୍ଷିତ ହୋଇ ବଞ୍ଚିପାରିବେ ଏବଂ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ କମିଯିବ।

# ବଢୁଛି ପିଲାଙ୍କ ପ୍ରତି ଘୃଣିତ ଆଚରଣ

ଅରୁଣ କୁମାର ପଣ୍ଡା

ସୋସିଆଲ ମିଡିଆରେ ସେଦିନ ସେହି ଦୃଶ୍ୟଟି ଦେଖିବା ପରେ ରାତିରେ ନିଦ ହେଲା ନାହିଁ। ଘଟଣାଟି ହେଲା ଜଣେ ଆଇ ତା'ର ୩ ବର୍ଷର ନାତୁଣୀକୁ ଗୋଟିଏ ଛାଟରେ ନିର୍ଦ୍ଦୟ ଭାବେ ପିଟି ଚାଲିଥାଏ। ଶିଶୁଟି କରୁଣ ଭାବେ କାନ୍ଦୁଥାଏ, ସେ ଯେତିକି ଜୋର୍‌ରେ କାନ୍ଦୁଥାଏ, ଆଇ ତାକୁ ସେତିକି ଜୋର୍‌ରେ ପିଟି ଚାଲିଥାଏ। ଆଇମା' ମାଡ଼ରେ ଆହତ ଶିଶୁଟି ଆଉ କାନ୍ଦି ମଧ୍ୟ ପାରିଲା ନାହିଁ। ନିର୍ଜୀବ ଭାବେ ତଳେ ପଡ଼ି ରହିବା ପରେ ମଧ୍ୟ ରାକ୍ଷସୀ ଆଇର ମନ ଶାନ୍ତ ହେଲା ନାହିଁ। ପୁଣି ସେ ତାକୁ ପିଟି ଚାଲିଲା। ଝିଅଟିର ଅପରାଧ ହେଲା ସେ ଆଇକୁ ନ ପଚାରି ପଡ଼ୋଶୀ ଘରେ କ'ଣ ଟିକେ ଖାଇ ଦେଇଥିଲା। ଯେଉଁ ଆଇ ମା'ଛେଉଣ୍ଡ ନାତୁଣୀକୁ ଗେଲ କରିବା କଥା, ତାକୁ ସ୍ନେହ ଦେବା କଥା ସେ ତାକୁ କିପରି ଏତେ ନିର୍ମମ ଭାବେ ପିଟିପାରିଲା, ତାହା ସଭିଙ୍କୁ ନିଶ୍ଚିତ ଆଶ୍ଚର୍ଯ୍ୟ ଚକିତ କରିବ। ସେହିଭଳି ରାଜ୍ୟର ଏକ ଅନାଥାଶ୍ରମରେ ଜଣେ ତତ୍ତ୍ୱାବଧାରକ ସେଠାରେ ରହୁଥିବା ଅନାଥ ଶିଶୁମାନଙ୍କୁ କେବଳ ଯେ ବାଉଁଶ ବାଡ଼ିରେ ନିର୍ମମ ଭାବେ ପିଟି ଚାଲିଥିଲା, ତାହା ନୁହେଁ ଛୋଟ ପିଲାଙ୍କୁ ଉପରକୁ ଉଠାଇ ତଳେ କଚାଡିବା ଦୃଶ୍ୟ ମଧ୍ୟ ହୃଦୟ ବିଦାରକ ଥିଲା। ପିଲାମାନେ ପ୍ରାଣ ବିକଳରେ ଏଣେତେଣେ ଦଉଡିଥିଲେ ମଧ୍ୟ ରାକ୍ଷସ ଜଣକ ମନରେ ଟିକେ ବି ଦୟା ଆସି ନ ଥିଲା। ଏ ଖବର ପ୍ରକାଶିତ ହେବାପରେ ଆଇ ଓ ତତ୍ତ୍ୱାବଧାରକ ଦୁଇଜଣଙ୍କୁ ପୋଲିସ ଅବଶ୍ୟ ଗିରଫ କରି ଜେଲ ପଠାଇ ଦେଇଛି। ପରନ୍ତୁ ଶିଶୁଙ୍କ ପ୍ରତି ନୃଶଂସତା ନ କମି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ନୃଶଂସତାରେ ଓଡ଼ିଶା ମଧ୍ୟ ରେକର୍ଡ କରିବାରେ ଲାଗିଛି। ଶିଶୁଙ୍କୁ ନିର୍ଯାତନା ଏବଂ ସେମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

ଓଡ଼ିଶା ପୋଲିସର ପୂର୍ବତନ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଗତ ଏପ୍ରିଲ ୨୭ରେ ଦେଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ନାବାଳିକାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନାରେ ସେମାନଙ୍କ ସମ୍ପର୍କୀୟ ଓ ପରିବାର ଲୋକେ ସମ୍ପୃକ୍ତ। ୯୨.୫ ପ୍ରତିଶତ ଘଟଣାରେ ପୀଡ଼ିତାଙ୍କ ପରିଚିତମାନେ ଜଡ଼ିତ ଥିବା ରିପୋର୍ଟ ହସ୍ତଗତ ହୋଇଛି। ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ଓଡ଼ିଶା ପୋଲିସ ଗୁରୁତ୍ୱର ସହ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରୁଛି। ଏହିଭଳି ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ମାମଲା କରାଯିବା ପରେ ୨୦୧୮ରେ ୩୮.୫ ପ୍ରତିଶତଙ୍କୁ ଦଣ୍ଡିତ କରାଯାଇପାରିଛି। ୨୦୧୭ରେ ଏହି ହାର ୧୭ ପ୍ରତିଶତ ଥିଲା। ଗତ ବିଧାନସଭାରେ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି।

ମହିଳା ଏବଂ ବିଶେଷକରି ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ଆପରାଧିକ କାର୍ଯ୍ୟ ତଥା ଯୌନ ନିର୍ଯାତନା ସଂକ୍ରାନ୍ତ ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ଦ୍ରୁତ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେଭଳି ତତ୍ପରତା ପ୍ରକାଶ ପାଇବା ଦେଖାଯାଉ ନାହିଁ। କେବଳ ଗତ ଏପ୍ରିଲ ମାସରେ ୪୦ଟି ନାବାଳିକା ବଳାତ୍କାର ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ପୋଲିସ ରେକର୍ଡ କହୁଥିବା ବେଳେ ବାସ୍ତବରେ ଏ ସଂଖ୍ୟା ଅଧିକ। ମେ, ଜୁନ, ଜୁଲାଇ ମାସର ରେକର୍ଡ ଦେଖିଲେ ଏଭଳି ଅପରାଧ ବିଶେଷ ଭାବରେ ହ୍ରାସ ପାଉଛି ବୋଲି କୁହାଯାଇପାରିବ ନାହିଁ। ଏପରି କି ଯୌନ ବିକାରଗ୍ରସ୍ତମାନେ ୩/୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ଘଟଣା ପୋଲିସ ଫାଇଲରେ ଦେଖିବାକୁ ମିଳେ। କେବଳ ସେତିକି ନୁହେଁ ବଳାତ୍କାର ପରେ ପୀଡିତାଙ୍କୁ ଅତି ଜଘନ୍ୟ ଭାବରେ ଅପରାଧୀମାନେ ହତ୍ୟା କରି ଫୋପାଡ଼ି ଦେଇଥିବା ଭଳି ଅନେକ ଘଟଣା ନଜରକୁ ଆସିଛି। ଅପରାଧୀଙ୍କ ମଧ୍ୟରେ ଅନେକ ନାବାଳକ ଥିବା ପୋଲିସ ପ୍ରକାଶ କରିଛି। ସୁନ୍ଦରଗଡ଼, ମୟୂରଭଞ୍ଜ ଭଳି ଜିଲାର ବଳାତ୍କାର ଅପରାଧୀଙ୍କ ବିରୋଧରେ ଚାଲିଥିବା ମାମଲାର ବିଚାର ଶେଷ କରାଯାଇ ଇତିମଧ୍ୟରେ ଦୁଇଜଣଙ୍କୁ ଫାଶୀ ଦଣ୍ଡ ଶୁଣାଯିବା ଖୁସିର ଖବର। ପରନ୍ତୁ ସେମାନେ ଏହି ଦଣ୍ଡାଦେଶ ବିରୋଧରେ ଉପର ଅଦାଲତକୁ ଯିବେ ଏବଂ ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିବା ବେଳକୁ କ'ଣ ହେବ କହିହେବ ନାହିଁ। ବହୁଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ମାମଲାରେ କୌଣସି ଅଭିଯୁକ୍ତ ଦୋଷୀସାବ୍ୟସ୍ତ ନ ହେବା ଯେତିକି ଆଶ୍ଚର୍ଯ୍ୟଜନକ ଦିଲ୍ଲୀ ନିର୍ଭୟା ବଳାତ୍କାର ମାମଲାରେ ଅପରାଧ ବେଳେ ନାବାଳକ ଥିବା କହି ଅଭିଯୁକ୍ତଙ୍କୁ ଖଲାସ କରିଦେବା ସେତିକି ଦୁଃଖଦାୟକ।

୨୦୧୬, ଅଗଷ୍ଟ ୨୫ ତାରିଖରେ ଜଣେ ୪ ବର୍ଷର ଛାତ୍ରୀଙ୍କୁ ବିଦ୍ୟାଳୟର ଶୌଚାଳୟ ଭିତରେ ବଳାତ୍କାର କରିବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ପୋଲିସ ପରେ ସ୍କୁଲବସ୍ ଡ୍ରାଇଭରଙ୍କୁ ଗିରଫ କରିଥିଲା। ସେହିପରି ବାଙ୍କୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ମାରିଦେଇ ନଦୀ ଶଯ୍ୟାରେ ଫିଙ୍ଗିଦେବା ଘଟଣା ପଦାକୁ ଆସିବା ପରେ ଡ୍ରାଇଭର, କଣ୍ଡକ୍ଟରଙ୍କୁ ଗିରଫ କରାଯାଇଥିଲେ ମଧ୍ୟ କଚ୍ଛପଗତିରେ ଏସବୁ ମାମଲାର ବିଚାର ଚାଲିଛି। ପୁରୀ ରଥଯାତ୍ରା ବେଳେ ଜନଗହଳି ଗୁଣ୍ଡିଚା ମନ୍ଦିର ନିକଟ ବସ୍‌ଷ୍ଟାଣ୍ଡରେ ଜଣେ ଆଦିବାସୀ କନ୍ୟାକୁ ବସ୍ ଭିତରେ ବଳାତ୍କାର ଘଟଣା ପରେ ଅଭିଯୁକ୍ତ ବସ୍ ହେଲ୍‌ପର ଗିରଫ ହୋଇଥିଲେ ହେଁ ମାମଲାର ବିଚାର ଗତି ସମ୍ପର୍କରେ ଠିକ୍ ତଥ୍ୟ ମିଳୁନାହିଁ। ବର୍ଷ ବର୍ଷ ଧରି ମାମଲାର ବିଚାର ଚାଲୁଛି ଏବଂ ଅନେକ କ୍ଷେତ୍ରରେ ଅପରାଧୀ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି।

ନ୍ୟାଶ୍‌ନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ଆଦିବାସୀ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ଦୃଷ୍ଟିରୁ ଓଡ଼ିଶା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଏ ଦୃଷ୍ଟିରୁ ଏକନମ୍ବରରେ ରହିଛି ମଧ୍ୟପ୍ରଦେଶ ଏବଂ ଦୁଇ ନମ୍ବରରେ ରାଜସ୍ଥାନ। ସେହିପରି ନାବାଳିକା ଏବଂ କିଶୋରୀ ବିଶେଷକରି ସ୍କୁଲ ଓ କଲେଜଛାତ୍ରୀଙ୍କ ସହ ବଳାତ୍କାର କରି ସୋସିଆଲ ମିଡିଆରେ ଫଟୋ ଭାଇରାଲ କରିବା ଘଟଣା ମଧ୍ୟ ଦେଶର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ବୃଦ୍ଧି ପାଇବାରେ ଲାଗିଛି। ଫଟୋ ଭାଇରାଲ କରିବା ପୂର୍ବରୁ ସାଇବର ଅପରାଧୀମାନେ ସମ୍ପୃକ୍ତ କନ୍ୟା ଓ ତାଙ୍କ ପରିବାରକୁ ବ୍ଲାକ୍‌ମେଲ୍ କରୁଛନ୍ତି ଏବଂ ଏଥିରେ ବିଫଳ ହେଲେ ଭାଇରାଲ କରୁଛନ୍ତି। କିଛିବର୍ଷ ତଳେ ରାଜସ୍ଥାନରେ ଜଣେ ଜର୍ମାନ୍ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଉଚ୍ଚପଦବୀଯୁକ୍ତ ଓଡ଼ିଆ ଯୁବକଙ୍କୁ ଗିରଫ କରାଯାଇ ମାତ୍ର ଦୁଇ ସପ୍ତାହ ମଧ୍ୟରେ ତାଙ୍କୁ ନ୍ୟାୟାଳୟରେ ଦଣ୍ଡିତ କରାଗଲା। ଅନ୍ୟ ଘଟଣାଗୁଡିକର ବିଚାର ପ୍ରକ୍ରିୟା କାହିଁକି ଏତେ ବିଳମ୍ବିତ ହେଉଛି ଜଣାପଡୁନାହିଁ।

ଦେଶର ରାଜଧାନୀ ଏବଂ ଏହାର ଆଖପାଖ କ୍ଷେତ୍ରରେ ଶିଶୁଙ୍କ ପ୍ରତି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସବୁଠାରୁ ଶିକ୍ଷିତ ପ୍ରଦେଶ କେରଳରେ ମଧ୍ୟ ଶିଶୁଙ୍କ ପ୍ରତି ଅପରାଧର ହାର କିଛି କମ୍ ନୁହେଁ। ରାଜଧାନୀ ଦିଲ୍ଲୀର ବସ୍ତିଗୁଡିକ ଏଭଳି ଅପରାଧର କେନ୍ଦ୍ର ହୋଇଥିବା ଜଣାପଡିଛି। ନୋବେଲ ବିଜେତା କୈଳାସ ସତ୍ୟାର୍ଥୀଙ୍କ ମତରେ ଶିଶୁ ଓ କିଶୋରୀମାନଙ୍କୁ ଅତ୍ୟଧିକ ସ୍ୱାଧୀନତା ଦେବା, ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ସେମାନଙ୍କ ମାନସିକତାରେ ବ୍ୟାପକ ପରିବର୍ତ୍ତନ କାରଣରୁ ସେମାନଙ୍କ ପ୍ରତି ଯୌନ ନିର୍ଯାତନା ଓ ବଳାତ୍କାର ବୃଦ୍ଧି ପାଇବାରେ ଲାଗିଛି। ଅପରାଧୀର ମନୋବୃତ୍ତି ବା ଉଦ୍ଦେଶ୍ୟକୁ ଏହି ଶିଶୁ ଓ କିଶୋରୀମାନେ ଠିକ୍ ଭାବେ ଜାଣି ନ ପାରି ସେମାନଙ୍କ ସହ ଅବାଧ ମିଳାମିଶା କରୁଥିବା କାରଣରୁ ସହଜରେ ବଳାତ୍କାରର ଶିକାର ହୋଇଥାନ୍ତି।

ଶିଶୁଙ୍କ ସୁରକ୍ଷା ପ୍ରତି ପରିବାର ଲୋକେ ଅଧିକ ଧ୍ୟାନ ଦେବା, ଏ ନେଇ ଥିବା ପୋକ୍‌ସୋ ଆଇନକୁ କଡାକଡି ଲାଗୁ କରି ଅପରାଧୀଙ୍କ ପ୍ରତି ଉଚିତ ଦଣ୍ଡବିଧାନ କରିବା, ଶିକ୍ଷାନୁଷ୍ଠାନରେ ନୀତିଶିକ୍ଷା ସହିତ ଶିକ୍ଷକମାନଙ୍କ ସହ ପିଲାଙ୍କ ମିଳାମିଶା ନେଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମିତ ଅନୁଧ୍ୟାନ କରିବା ଏବଂ କୋମଳମତି ଶିଶୁ ଭଗବାନଙ୍କ ପ୍ରତିରୂପ ବୋଲି ସାମାଜିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ।

୧୩୪୮/୪–ସି, ସେକ୍ଟର–୬, ସିଡିଏ,
କଟକ, ମୋ–୯୪୩୭୨୭୦୬୦୫

# ସ୍ୱାମିଜୀ ଓ ଶିକାଗୋର ବାର୍ତ୍ତା

## ବିଶ୍ୱ ଭ୍ରାତୃତ୍ୱ ଦିବସ ଉପଲକ୍ଷେ

ଗିରିଜା ଶଙ୍କର ତରାସିଆ

ଆଜକୁ ଠିକ୍ ୧୨୬ ବର୍ଷ ତଳେ ଆମେରିକାର ଶିକାଗୋ ସହରସ୍ଥିତ କଲମ୍ବସ୍ ହଲ୍‌ରେ ଅନୁଷ୍ଠିତ ହେଉଥାଏ ପ୍ରଥମ ବିଶ୍ୱ ଧର୍ମ ମହାସଭା। ୧୮୯୩ ସେପ୍ଟେମ୍ବର ୧୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଧର୍ମ ମହାସଭାରେ ବିଶ୍ୱର ବିଭିନ୍ନ ଧର୍ମ ସମ୍ପ୍ରଦାୟର ଧର୍ମଗୁରୁ ତଥା ବିଦ୍ୱାନ୍‌ମାନେ ଯୋଗ ଦେଇଥାନ୍ତି। ଭାରତବର୍ଷରୁ ବ୍ରହ୍ମବିଦ୍ୟା ସମିତିର ପ୍ରତିନିଧି ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀ ତଥା ବ୍ରାହ୍ମ ସମାଜର ପ୍ରତିନିଧି ପ୍ରତାପଚନ୍ଦ୍ର ମଜୁମଦାର ପ୍ରମୁଖ ବିଦ୍ୱାନ୍‌ମାନେ ଏହି ଐତିହାସିକ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ଉପସ୍ଥିତ ଥାନ୍ତି। ଧର୍ମ ମହାସଭାରେ ଯୋଗଦେବା ପାଇଁ ଆସିଥିବା ପ୍ରତିନିଧିଙ୍କୁ ବାଦ୍‌ଦେଇ ସାତ ହଜାର ଦର୍ଶକ ମଧ୍ୟ କଲମ୍ବସ୍ ହଲ୍‌ରେ ଉପସ୍ଥିତ ଥାନ୍ତି। ଅଧିବେଶନର ପ୍ରଥମ ଦିବସରେ ଗୈରିକ ପୋଷାକଧାରୀ ଜଣେ ସୌମ୍ୟ ଯୁବକ ମାତ୍ର ସ୍ୱଳ୍ପ ସମୟ ନିମନ୍ତେ ବକ୍ତୃତା ଦେବା ପାଇଁ ଅନୁମତି ପାଇ କୋମଳ ଅଥଚ ଭାବଗାମ୍ଭୀର୍ଯ୍ୟ କଣ୍ଠରେ ଉଦ୍‌ବୋଧନ ଦେବାକୁ ଆରମ୍ଭ କଲେ– 'ଆମେରିକାବାସୀ ଭାଇ ଓ ଭଉଣୀମାନେ!' ଏହି କଥାପଦକ ଶ୍ରୋତାଙ୍କ ମଧ୍ୟରେ ବିଦ୍ୟୁତ୍ ସଂଚାରଣ ପରି ଏକ ଆଲୋଡ଼ନ ସୃଷ୍ଟି କଲା। କଲମ୍ବସ୍ ହଲ୍ ଘନଘନ କରତାଳିରେ ପ୍ରକମ୍ପିତ ହେବାକୁ ଲାଗିଲା। ମାତ୍ର ଦୁଇ ମିନିଟ୍ ନିମନ୍ତେ ଉଦ୍‌ବୋଧନ ଦେବାକୁ ଅନୁମତି ପାଇଥିବା ଏହି ବିଦ୍ୱାନ ଯୁବକ ତତ୍‌କ୍ଷଣାତ୍ ପାଲଟିଗଲେ ତାରକା ବକ୍ତା। ସେ ଥିଲେ ଭାରତମାତାର ସୁଯୋଗ୍ୟ ସନ୍ତାନ ସ୍ୱାମୀ ବିବେକାନନ୍ଦ।

ବିବେକାନନ୍ଦ ଥିଲେ ଶ୍ରୀରାମକୃଷ୍ଣଙ୍କର ଆଧ୍ୟାତ୍ମିକ ଉତ୍ତରାଧିକାରୀ। ଦେହାବସାନର ମାତ୍ର କିଛିଦିନ ପୂର୍ବରୁ ଶ୍ରୀରାମକୃଷ୍ଣ ନିଜର ସାଧନାଲବ୍ଧ ସମସ୍ତ ଶକ୍ତି ବିବେକାନନ୍ଦଙ୍କୁ ଦେଇ କହିଥିଲେ– ''ଆଜି ତୋତେ ମୋର ସର୍ବସ୍ୱ ଦେଇ ଫକିର ହୋଇଗଲି। ଏହି ଶକ୍ତିରେ ତୁ ଜଗତର ଅଶେଷ କଲ୍ୟାଣ ସାଧନ କରିବୁ।'' ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଗୁରୁ ଶ୍ରୀରାମକୃଷ୍ଣଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ସଂକଳ୍ପ ନେଇ ସ୍ୱାମିଜୀ ବିଶ୍ୱ ଭ୍ରମଣର ପରିକଳ୍ପନା କଲେ।

କପର୍ଦ୍ଦକଶୂନ୍ୟ ଏହି ଅମିତ ତେଜସ୍ୱୀ ଯୁବସନ୍ନ୍ୟାସୀ ଆମେରିକାର ଉକ୍ତ ବିଶ୍ୱ ସର୍ବଧର୍ମ ମହାସଭାରେ ଅଂଶଗ୍ରହଣ କରିବାର ଆକାଂକ୍ଷା ନେଇ ବମ୍ବେ ବନ୍ଦରରୁ ଜାହାଜ ଯୋଗେ ୧୮୯୩ ମେ ୩୧ରେ ଆମେରିକା ଯାତ୍ରା କଲେ। ଯାତ୍ରା ସମୟରେ ସେ କଲମ୍ବୋ, ମାଳୟ ଉପଦ୍ୱୀପର ପେନାଙ୍ଗ ସହର ସମେତ, ସିଙ୍ଗାପୁର, ହଂକଂ, ଚାଇନାର କ୍ୟାଣ୍ଟନ ସହର, ଜାପାନର ଓସାକା, କିୟାଟୋ ଆଦି ସହରମାନ ପରିଦର୍ଶନ କରିବାର ସୁଯୋଗ ପାଇଥିଲେ। ଜାପାନରୁ ଜାହାଜ ଯାଇ ଜୁଲାଇ ମାସରେ ଆମେରିକାର ଭାଙ୍କୁଭର ବନ୍ଦରରେ ପହଞ୍ଚିଲା। ସ୍ୱାମିଜୀ ଶିକାଗୋରେ ପହଞ୍ଚି ସେଠାକାର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବାକୁ ଅସମର୍ଥ ହେବାରୁ ଶିକାଗୋ ଛାଡ଼ି ବୋଷ୍ଟନ ସହର ଅଭିମୁଖେ ଯାତ୍ରାକଲେ। ବାଟରେ ଟ୍ରେନରେ ଜଣେ ସହୃଦୟ ମହିଳାଙ୍କ ସହିତ ତାଙ୍କର ବାର୍ତ୍ତାଳାପ ହେଲା। ମହିଳା ଜଣକ ସ୍ୱାମିଜୀଙ୍କ ସହିତ କଥାବାର୍ତ୍ତାରେ ଆକୃଷ୍ଟ ହୋଇ ତାଙ୍କୁ ବୋଷ୍ଟନ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଥିବା ନିଜ ଗୃହରେ ଆଣି ରଖିଲେ। ସଂପୃକ୍ତ ଭଦ୍ର ମହିଳା ସ୍ୱାମିଜୀଙ୍କ ସହିତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗ୍ରୀକ୍‌ଭାଷାର ଅଧ୍ୟାପକ ଡ. ରାଇଟ୍‌ଙ୍କ ସାକ୍ଷାତ ଆଲୋଚନାର ବନ୍ଦୋବସ୍ତ କରିଦେଲେ। ମାତ୍ର ତିନିଘଣ୍ଟାର କଥୋପକଥନରେ ଅଧ୍ୟାପକ ରାଇଟ୍ ଏତେ ମୁଗ୍ଧ ହେଲେ ଯେ ସ୍ୱାମିଜୀଙ୍କ ପରିଚୟପତ୍ର ଅଭାବରୁ ଧର୍ମ ମହାସଭାରେ ଯୋଗଦେଇ ପାରୁ ନ ଥିବା ଶୁଣି କହିଥିଲେ– ''ଧର୍ମ ମହାସଭାରେ ବକ୍ତୃତା ଦେବାର ଅଧିକାର ପାଇଁ ଆପଣଙ୍କୁ ପରିଚୟପତ୍ର ଦେଖାଇବାକୁ ହେଲେ ସୂର୍ଯ୍ୟଙ୍କୁ ମଧ୍ୟ ଆଲୋକ ଦେଖାଇବାର ଅଧିକାର ପାଇଁ ପରିଚୟପତ୍ର ଦେଖାଇବାକୁ ହେବ।'' ସୌଭାଗ୍ୟକୁ ଡ. ରାଇଟ୍‌ଙ୍କର ଜଣେ ବନ୍ଧୁ ଡ. ଜେ.ଏଚ୍. ବ୍ୟାରୋଜ୍ ଧର୍ମ ମହାସଭାର ସଦସ୍ୟ ନିର୍ବାଚନ ସଂସଦର ସଭାପତି ଥିଲେ। ଡ. ରାଇଟ୍ ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖି ଦର୍ଶାଇଥିଲେ ଯେ– ''ଏହି ବ୍ୟକ୍ତିଙ୍କର ପାଣ୍ଡିତ୍ୟ ଆମ ଦେଶର ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କର ସମବେତ ପାଣ୍ଡିତ୍ୟ ଅପେକ୍ଷା ବେଶି।'' ଏହି ସୁପାରିସ ପତ୍ରଟି ଧରି ଶିକାଗୋ ଧର୍ମ ମହାସଭାରେ ଯୋଗଦାନ କରିବା ନିମନ୍ତେ ସ୍ୱାମିଜୀ ଯାତ୍ରା କରନ୍ତେ ଦୁର୍ଭାଗ୍ୟକୁ ସମିତି ଠିକଣାଟି ବାଟରେ ହଜାଇଦେଇ ହାଡ଼ଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ଷ୍ଟେଶନ ପ୍ରାଙ୍ଗଣରେ ମାଲପରିବହନ ନିମନ୍ତେ ରଖାଯାଇଥିବା ଗୋଟିଏ ଖାଲି କାଠବାକ୍ସ ମଧ୍ୟରେ ପଶି କୌଣସି ପ୍ରକାରେ ପ୍ରାଣରକ୍ଷା କଲେ। ସେ ଆଶଙ୍କା ଭିତରେ କ୍ଳାନ୍ତ ହୋଇ ବସିଥିବା ବେଳେ ଫୁଟ୍‌ପାଥ୍‌ର ଅପରପାର୍ଶ୍ୱରେ ଥିବା ଏକ ଅଟ୍ଟାଳିକାର ଦରଜା ଖୋଲିଗଲା ଏବଂ ମିସେସ୍ ହେଲ୍ ନାମ୍ନୀ ଜନୈକା ସହୃଦୟା ମହିଳା ଦେବଦୂତ ପରି ବାହାରି ଆସି ସ୍ୱାମିଜୀଙ୍କୁ ନିଜ ଗୃହକୁ ନେଇଗଲେ। ଏହି ଭଦ୍ରମହିଳାଙ୍କ ସହାୟତା କ୍ରମେ ସ୍ୱାମିଜୀ ଡ. ବ୍ୟାରୋଜ୍‌ଙ୍କ ସହିତ ସାକ୍ଷାତ୍ କରି ଧର୍ମ ମହାସଭାରେ ଯୋଗଦାନ ପାଇଁ ଅନୁମତି ପାଇଲେ। ସ୍ୱାମିଜୀଙ୍କର ଐତିହାସିକ ଶିକାଗୋ ବକ୍ତୃତା ତାଙ୍କୁ ସମଗ୍ର ବିଶ୍ୱରେ ଜ୍ଞାନର ଏକ ପ୍ରଦୀପ୍ତ ସୂର୍ଯ୍ୟଭାବେ ପରିଚୟ ପ୍ରଦାନ କରିଥିଲା। ଶିକାଗୋ ଧର୍ମସଭାରେ ସ୍ୱାମିଜୀ ବିଶ୍ୱ ଭ୍ରାତୃତ୍ୱର ବାର୍ତ୍ତା ଦେଇଥିବାରୁ ସେହି ଦିବସକୁ ବିଶ୍ୱ ଭ୍ରାତୃତ୍ୱ ଦିବସ ଭାବେ ପାଳନ କରାଯାଉଛି।

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୩୩୪୮୦୦

## ଏଇ ଭାରତରେ

ହିନ୍ଦୁ ଓ ମୁସଲମାନଙ୍କ ପର୍ବ, ପରମ୍ପରା ଭିନ୍ନ ହୋଇଥିଲେ ହେଁ ବିହାରର ଏକ ଗାଁରେ ହିନ୍ଦୁମାନେ ଯେଭଳି ମୁସଲମାନଙ୍କ ପରମ୍ପରାକୁ ଆଦରିନେଇଛନ୍ତି ତାହା ସହାବସ୍ଥାନ ଓ ଭାଇଚାରାର ଉଦାହରଣ ସୃଷ୍ଟି କରିଛି। ବିହାରର କଟିଆର ଜିଲା ହସନଗଞ୍ଜ ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ହରିପୁର ଗାଁ ସାମ୍ପ୍ରଦାୟିକ ସଦ୍‌ଭାବନାର ଭିନ୍ନ ପରିଚୟ ଦେଇଛି। ଏହି ଗାଁର ଅଧିକାଂଶ ହିନ୍ଦୁ ରୋଜା ରଖନ୍ତି ଓ ମହରମର ତାଜିଆ ଶୋଭାଯାତ୍ରା ବାହାର କରନ୍ତି। ଏଥିରେ ଦୁଇ ସମ୍ପ୍ରଦାୟର ଲୋକଙ୍କ ସହଯୋଗ ଥାଏ। ମହରମକୁ ନେଇ ସବୁ ପ୍ରସ୍ତୁତି ଏଠାରେ ପାରମ୍ପରିକ ନୀତି ଅନୁଯାୟୀ କରାଯାଏ। ଲୋକମାନେ ନିୟମ ଅନୁସାରେ ଆଖଡା ସଜାଡ଼ନ୍ତି। ଶୋଭାଯାତ୍ରାରେ ଦୁଇ ସମ୍ପ୍ରଦାୟର ଲୋକେ ବିଭିନ୍ନ ସାହସିକ କଳା ପ୍ରଦର୍ଶନ କରନ୍ତି। ବହୁ ସଂଖ୍ୟାରେ ମହିଳା ବି ଏହି ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ଗାଁରେ ଥିବା ଛେଦି ଶାହଙ୍କ ସମାଧିରୁ ମହରମର ତାଜିଆ ବାହାରିବା ପରମ୍ପରା ବହୁ ଦିନରୁ ରହିଆସିଛି।

## ଚିରନ୍ତନୀ

ସେହିକାଲୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି
ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ! (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୯୪

- କ୍ୟୁବାରୁ ଆମେରିକାକୁ ବେଆଇନ ଭାବେ ଆସୁଥିବା ଶରଣାର୍ଥୀମାନଙ୍କୁ ରୋକିବା ପାଇଁ କ୍ୟୁବା–ଆମେରିକା ଚୁକ୍ତିପତ୍ର ସ୍ୱାକ୍ଷରିତ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର ପିନାକର ଉଡାଣ ପରୀକ୍ଷା ସଫଳତାର ସହିତ ସମ୍ପନ୍ନ।

## ପାଠକ ଶ୍ରେଷ୍ଠ ବିଚାରକ

### ବହୁମୁଖୀ ଶିକ୍ଷା କର୍ମଚାରୀ

ମହାଶୟ,

ଶିକ୍ଷା ବ୍ୟବସ୍ଥାରେ ଅନବରତ ପରିବର୍ତ୍ତନ ଚାଲିଛି। ଶିକ୍ଷକଙ୍କୁ ପାଠ ପଢାଇବା ସହିତ ଅନେକ ଅଣଶୈକ୍ଷିକ କାର୍ଯ୍ୟରେ ଜୋର ଜବରଦସ୍ତି ନିୟୋଜିତ କରି ଦିଆଯାଉଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସହିତ ଅଣ୍ଡା କିଣି ଏବଂ ସିଝାଇ ପିଲାଙ୍କୁ ଦେବା, ଗୃହ ନିର୍ମାଣ କରିବା, ଆଧାର କାର୍ଡ ପ୍ରସ୍ତୁତି, କୃମିନାଶକ ଔଷଧ, ଆଇରନ ବଟିକା ଦେବା– ଏହିପରି କାର୍ଯ୍ୟର ଶେଷ ନାହିଁ। ଏତେ କାର୍ଯ୍ୟଭାରରେ ଶିକ୍ଷକମାନଙ୍କ ମାନସିକ ତଥା ଶାରୀରିକ ଅବସ୍ଥା ରୁଗ୍ଣ ହୋଇଯାଉଛି। ଉପରୁ ତଳ ପର୍ଯ୍ୟନ୍ତ ଚାଲିଛି କେବଳ ହୁକୁମ୍। ହ୍ୱାଟ୍‌ସଆପ୍‌ରେ ମେସେଜ୍ ଓ ଫଟୋ ଉଠାଇ ଛାଡିଦେଲେ କାମ ଶେଷ। ବାସ୍ତବ ସ୍ଥିତି ସୁଧାରିବାରେ କାହାରି ଆନ୍ତରିକତା ନାହିଁ। ଶିକ୍ଷକମାନଙ୍କର ପାଠ ପଢାଇବା ପାଇଁ ସ୍ୱାଧୀନତା ନାହିଁ। ଏଣୁ ଅଭିଭାବକମାନେ ଯାଉଛନ୍ତି ପ୍ରାଇଭେଟ୍ ସ୍କୁଲକୁ। ଶିକ୍ଷା ବ୍ୟବସ୍ଥା କ'ଣ ହେବ ଭବିଷ୍ୟତ କହିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଭକ୍ତି ନାଁରେ ମସ୍ତି

ଧରିତ୍ରୀ(୨୯।୭)ରେ ଭାଲଚନ୍ଦ୍ର ଷଡ଼ଙ୍ଗୀଙ୍କର (ଭକ୍ତି ନାଁରେ ମସ୍ତି ଓ ବେପାର) ପଢି ଏହା ପଛରେ ଥିବା ଅନେକ କାରଣ ଜଣାପଡିଲା। ସତରେ ଭକ୍ତି କରିବା ସମସ୍ତଙ୍କର ମୌଳିକ ଅଧିକାର। ଯଦି ପଦଯାତ୍ରାରେ ଯାଇ ଘଣ୍ଟା ଘଣ୍ଟା ଲାଇନରେ ଛିଡା ହୋଇ ପାଣି ଢାଳି କାଉଡିଆ ଭାଇ ତପସ୍ୟା କରୁଛନ୍ତି ତେବେ ତପୋବନରେ ସେମିତି ଚାଲି ଚାଲି ଫେରିଲେ ହୁଅନ୍ତାନି? ଫେରିଲା ବେଳେ ଟ୍ରେନ, ବସ ଇତ୍ୟାଦିରେ ଜବରଦସ୍ତି ଦୌରାତ୍ମ୍ୟ, ପେଲାଠେଲାରେ ସେ ପୁଣ୍ୟ ନଷ୍ଟ ହେଉନାହିଁ କି। ଶ୍ରାବଣ ମାସରେ ବରଷାର ଧାରା ବହିଯାଉଥିଲା ବେଳେ ଡାଳେ ଦୁଇ ଡାଳ ପାଣିର ତାତ୍ପର୍ଯ୍ୟ କ'ଣ? ବରଂ ମେ– ଜୁନ୍ ମାସ ମୁଣ୍ଡଫଟା ଖରା ବେଳେ ତୃଷାର୍ତ୍ତ ବାଟୋଇକୁ ସେଇ ଦୁଇଡାଳ ପାଣି ଦାନ ଦେଇ ଅଂଶୁଘାତରୁ ରକ୍ଷା କଲେ କେମିତି ହୁଅନ୍ତା? ଗଳ୍ପଟିଏ କେଉଁଠି ପଢିଥିଲି। ଥରେ କାଉଡିଆଙ୍କୁ ପରୀକ୍ଷା କରିବାକୁ ସ୍ୱୟଂ ଭୋଳାନାଥ ବୃଦ୍ଧ ବେଶରେ ଆବିର୍ଭୂତ ହୋଇ ପାଣି ମାଗିଲେ। କିନ୍ତୁ ବହୁ ପଥଶ୍ରମ କରି ମନ୍ଦିର ନିକଟରେ ହୋଇଥିବା କାଉଡିଆ ଭାଇମାନେ ପାଣି ଦେବାକୁ ମନାକଲେ। କିନ୍ତୁ ଜଣେ ଯୁବକ ଦୁଇ କଳସରୁ ପାଣି ଦେଲେ ଓ ଭୋଳାନାଥ ଆଶୀର୍ବାଦ କରି ଚାଲିଗଲେ। ଶ୍ରାବଣ ମାସ ଆସିଲେ ମନେପଡେ ହାସ୍ୟରସିକ ଫତୁରାନନ୍ଦଙ୍କ ଗଳ୍ପ 'ଶ୍ରାବଣର ଅଗିଆ ବାତ'। ଯାହାହେଉ ପ୍ରାବନ୍ଧିକଙ୍କୁ ଅଜସ୍ର ଧନ୍ୟବାଦ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପାଇଁ ସାକ୍ଷାତ୍କାର ଆଜି

ଭୁବନେଶ୍ୱର, ୧୦।୯(ବ୍ୟୁରୋ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପାଇଁ ବୁଧବାର ରାଜ୍ୟ ଅତିଥି ଭବନରେ ପୂର୍ବାହ୍ନ ୯ଟା ବେଳେ ସାକ୍ଷାତ୍କାର ଅନୁଷ୍ଠିତ ହେବ। କୁଳପତି ଚୟନ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମନୋନୀତ ହୋଇଥିବା କମିଟିରେ ପ୍ରଫେସର ଅଶୋକ ଦାସ, ପ୍ରଫେସର ଆଦିତ୍ୟ ପାଢ଼ୀ ଓ ପ୍ରାକ୍ତନ ପ୍ରଶାସକ ଚିନ୍ମୟ ବସୁ ସାକ୍ଷାତ୍କାର ନେବାର କାର୍ଯ୍ୟକ୍ରମ ରହିଛି। ତେବେ ଆବେଦନକାରୀଙ୍କ ମଧ୍ୟରୁ ମନୋନୀତ ପ୍ରାର୍ଥୀଙ୍କ ତାଲିକା ରାଜ୍ୟପାଳଙ୍କ ନିକଟକୁ କମିଟି ସଦସ୍ୟମାନେ ପଠାଇବେ। ଏହାପରେ ରାଜଭବନରେ ରାଜ୍ୟପାଳ କୁଳପତି କିଏ ହେବେ ସେ ନେଇ ପରବର୍ତ୍ତୀ ସମୟରେ ଘୋଷଣା କରିବେ।

### ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୦।୯(ବ୍ୟୁରୋ): ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ କାର୍ଯ୍ୟରତ କେତେଜଣ ଅଧିକାରୀଙ୍କ ଅଦଳବଦଳ କରାଯାଇଛି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ନିଯୁକ୍ତି ଅନୁଯାୟୀ, ଇନ୍ଦ୍ରମଣି ତ୍ରିପାଠୀ ଜିଏ ଏଣ୍ଡ ପିଜି ଅତିରିକ୍ତ ସଚିବ, ବିଶ୍ୱନାଥ ସାହୁ ଭୁବନେଶ୍ୱରସ୍ଥିତ ଅତିରିକ୍ତ ରିଭିଜନାଲ କୋର୍ଟର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରିବେ। ତୁଷାରକାନ୍ତ ମହାନ୍ତି ଅତିରିକ୍ତ ଆଇଜି ପ୍ରିଜନ୍, ପ୍ରଦୀପ କୁମାର ଗରଡିଆ ଓଡ଼ିଶା ପଣ୍ୟାଗାର ନିଗମ ଏମ୍‌ଡି, ଚିତ୍ତରଞ୍ଜନ ପାତ୍ର କୃଷି ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ପ୍ରତାପ କୁମାର ମିଶ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବ, ଶୁଭେନ୍ଦୁ କୁମାର ନାୟକ ଶିଳ୍ପ ଯୁଗ୍ମ ସଚିବ, ଶିବ ନାରାୟଣ ସାହୁ ଏମ୍‌ଏସ୍‌ଏମ୍‌ଇ ଯୁଗ୍ମ ସଚିବ, ଲିନା କୁମାରୀ ଏକ୍କାଙ୍କୁ ସୁନ୍ଦରଗଡ ଡେପୁଟି କଲେକ୍ଟର ଭାବେ ନୂଆ ନିଯୁକ୍ତି ମିଳିଛି। ସେହିଭଳି ସୁବ୍ରତ କୁମାର ନାୟକ ସମ୍ବଲପୁରସ୍ଥିତ ବୁର୍ଲା ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ, ଲମ୍ବଜିତ ରାଉତ ନୟାଗଡ ଉପଜିଲାପାଳ, ଅରୁଣ କୁମାର ମଲ୍ଲିକ ସୁନ୍ଦରଗଡ ପାନପୋଷ ଆଇଟିଡିଏର ପିଏ ଭାବେ ନିଯୁକ୍ତି ପାଇଛନ୍ତି। ସରୋଜ କୁମାର ବେହେରା ଯାଜପୁର ସୁକିନ୍ଦା ରେଙ୍ଗାଲି ଜଳସେଚନ ପ୍ରକଳ୍ପ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ, ଅଞ୍ଜଳିନା ପ୍ରଧାନ ସମ୍ବଲପୁରର ଅତିରିକ୍ତ ଉପଜିଲାପାଳ ଏବଂ ସୁଧାଂଶୁ କୁମାର ମହାନ୍ତିଙ୍କୁ ନୂଆଦିଲ୍ଲୀସ୍ଥିତ ପ୍ରମୁଖ ରେସିଡେଣ୍ଟ କମିଶନରଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦିଆଯାଇଛି।

## ■ ରାଜଧାନୀରେ ଚାଞ୍ଚଲ୍ୟ

# ଯୁବକଙ୍କୁ ଗୋଡ଼ାଇ ହାଣି ହତ୍ୟା

■ ୯ଜଣ ଯୁବକ ଚାପଡ଼, ଖଣ୍ଡାରେ କଲେ ଆକ୍ରମଣ

■ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା ସନ୍ଦେହ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମଞ୍ଚେଶ୍ୱର ଥାନା ରଙ୍ଗମାଟିଆ ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଅତି ବୀଭତ୍ସଭାବେ ହତ୍ୟା କରାଯାଇଛି। ଯୁବକ ଜଣକ ରଙ୍ଗମାଟିଆ ତଳସାହି ମଙ୍ଗଳାମନ୍ଦିର ନିକଟରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ୯ଜଣ ଯୁବକ ଚାପଡ଼ ଏବଂ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ମୃତ ଯୁବକ ଜଣକ ହେଲେ ରଙ୍ଗମାଟିଆର ଦୀପକ ବେହେରା ଓରଫ ଲଣ୍ଡା(୨୨)। ଖବରପାଇ ପୋଲିସ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଦୀପକଙ୍କ ବେକ, ପିଠି, ପେଟ ଏବଂ ଗୋଡ଼ରେ ହଣା ଯାଇଥିବା ଦେଖିବାକୁ ମିଳିଛି। ମୃତ ଦୀପକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସନ୍ଦେହରେ ଗ୍ରାମର ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଗ୍ରାମର ଦୁଇ ପଡ଼ାରେ ଉତ୍ତେଜନା ଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତି ଉପରେ ନଜର ରଖାଯିବା ସହ ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଟ୍ରୋଲିଂ କରିଛନ୍ତି।

ସୂଚନା ଅନୁଯାୟୀ,ଦୀପକ ରଙ୍ଗମାଟିଆ ତଳସାହିରେ ପରିବାର ସହ ରହୁଥିଲେ। ସେ ଜମି ବିକ୍ରିରେ ମଧ୍ୟସ୍ଥଭାବେ କାମ କରୁଥିଲେ। ଏକ ଜମିବାଡ଼ି ଘଟଣାକୁ ନେଇ ଗତ ୧୫ଦିନ ତଳେ ଦୀପକ ଉପରସାହିର ଦୁଇ ଜଣ ଯୁବକଙ୍କୁ ଆକ୍ରମଣ କରିଥିଲେ। ଯାହାକୁ ନେଇ ଦୀପକଙ୍କ ଉପରେ ରାଗ ରହିଥିଲା। ମଙ୍ଗଳବାର ରାତି ପ୍ରାୟ ୭ଟା ୪୫ମିନିଟରେ ରଙ୍ଗମାଟିଆ ତଳସାହି ମଙ୍ଗଳାମନ୍ଦିର ନିକଟରେ ଥିବା ଜଳଖିଆ ଦୋକାନକୁ ଦୀପକ ବନ୍ଦ କରୁଥିଲେ। ଏହି ସମୟରେ ୯ଜଣ ଯୁବକ ହାତରେ ମାରଣାସ୍ତ୍ର ଧରି ବାଇକଯୋଗେ ସେଠାରେ ପହଞ୍ଚିଥିଲେ। ହଠାତ୍ ଦୀପକ କିଛି ବୁଝିବା ପୂର୍ବରୁ ସେମାନେ ଖଣ୍ଡା ଏବଂ ଚାପଡ଼ରେ ତାଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଦୀପକ ଚେଷ୍ଟା କରି ଦୌଡ଼ିଥିଲେ ମଧ୍ୟ ଉକ୍ତ ଯୁବକମାନେ ଛାଡ଼ି ନ ଥିଲେ। ଗୋଡ଼େଇ ଗୋଡ଼େଇ ତାଙ୍କୁ ହାଣି ଚାଲିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୀପକ ଚିତ୍କାର କରିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଦୀପକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ■ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବେଖାତିର

# ବାଇକ୍ ଚାଳକଙ୍କୁ ୧୮,୫୦୦ ଟଙ୍କା ଜରିମାନା

ବେତନଟୀ,୧୦।୯(ଡି.ଏନ୍.ଏ.)

ନୂଆ ମୋଟରଯାନ ଆଇନ ଅନୁଯାୟୀ ଜରିମାନା ଆଦାୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମାସ ପାଇଁ କୋହଳ କରିଛନ୍ତି। ମାତ୍ର ଏହି ଘୋଷଣାର ଦିନକ ପରେ ଜଣେ ବାଇକ ଚାଳକଙ୍କ ଉପରେ ୧୮ହଜାର ୫ଶହ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ବଙ୍ଗାଳଛକ ନିକଟରେ ପୋଲିସ୍ ଓ ପରିବହନ ବିଭାଗ ପକ୍ଷରୁ ଗାଡି ଯାଞ୍ଚ କରାଯାଉଥିଲା। ଏହି ସମୟରେ ସ୍ଥାନୀୟ ଶୁଙ୍ଖିଲାହାର ଗ୍ରାମର ଗୋପାଳ ଚନ୍ଦ୍ର ମହାନ୍ତ ନାମକ ଜଣେ ଚାଷୀ ନିକଟରେ ଥିବା ଚାଷ ଜମିରେ ସାର ପକାଇ ଫେରୁଥିଲେ। ପରିବହନ ବିଭାଗର ଜୁନିୟର ଏମ୍‌ଭିଆଇ ଦେବାଶିଷ ପାଇକ୍‌ରାୟ ଓ ବେତନଟୀ ଥାନାର ଆଇଆଇସି ପର୍ଶୁରାମ ସାହୁଙ୍କ ଉପସ୍ଥିତିରେ ତାଙ୍କ ଗାଡି ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗୋପାଳ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପରିବହନ ବିଭାଗ ତାଙ୍କ ନାମରେ ମୋଟ ୧୮,୫୦୦ ଟଙ୍କାର ଜରିମାନା କରିଛନ୍ତି। ପୋଲିସ ତାଙ୍କ ବାଇକ୍‌କୁ ଥାନାକୁ ନେଇ ଯିବାରୁ ସେ ଚାଲି ଚାଲି ଘରକୁ ଫେରିଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜୁନିୟର୍ ଏମ୍‌ଭିଆଇ ପାଇକ୍‌ରାୟଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ଏହା ସେ ରଂଗ ନମ୍ବର କହି ସେ ଫୋନ କାଟି ଦେଇଥିଲେ। ଅତିରିକ୍ତ ଜିଲା ପରିବହନ ଅଧିକାରୀ ମନୋଜ ଟପ୍ପୋଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏଭଳି କରାଯିବା କଥା ନୁହେଁ, ଯଦି ଏମିତି କିଛି ଘଟଣା ଘଟିଥାଏ ତେବେ ତାହା ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ବାରିପଦା ଉପଜିଲାପାଳ ଏହି ପଦରେ ଅସ୍ଥାୟୀ ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ଗାଡ଼ି ଧକ୍କାରେ ୨ ଛାତ୍ର ମୃତ

ଭଦ୍ରକ ଅଫିସ, ୧୦।୯

ପ୍ରାତଃ ସାଇକେଲ ଚାଳନା କାଳ ହେଲା


ସୁମିତ ସାହୁ


ଶୁଭଙ୍କର ମଲ୍ଲିକ

ଭଦ୍ରକ ସହର ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଲୋକାଲ ରୋଡ୍ ନିକଟରେ ମଙ୍ଗଳବାର ସକାଳ ସାଢେ ୬ଟା ବେଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ ଜଣ ଛାତ୍ରଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଛାତ୍ର ଦ୍ୱୟ ପ୍ରାତଃ ସାଇକେଲ ଚାଳନା କରୁଥିବା ବେଳେ ନାଲିରଙ୍ଗର ଏକ ଇଣ୍ଡିଗୋ କାର ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଟାଉନ ପୋଲିସ ପହଞ୍ଚି ଦୁଇ ଛାତ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟ ପଠାଇଥିଲା।

ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତ ଦୁଇ ଜଣ ଛାତ୍ର ହେଲେ କୁଆଁସ ଗ୍ରାମରେ ଭଡାରେ ରହି ୮ମ ଶ୍ରେଣୀରେ ପଢୁଥିବା ଛାତ୍ର ସୁମିତ୍ ସାହୁ ଓ ଅନ୍ୟ ଜଣେ ହେଲେ ୧୦ମ ଶ୍ରେଣୀର ଛାତ୍ର ଶୁଭଙ୍କର ମଲ୍ଲିକ। ସେମାନେ ଦୁଇଟି ସାଇକେଲ ଯୋଗେ ନିଜ ଘରୁ ପ୍ରାତଃ ସାଇକେଲ ଚାଳନା ପାଇଁ ବାହାରିଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଲୋକାଲ ରୋଡ ଓ ଜାତୀୟ ରାଜପଥ-୧୬ ସଂଯୋଗ ଛକ ନିକଟରେ ଦ୍ରୁତଗତିରେ ଆସୁଥିବା କାର୍ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୋଟିଏ ସାଇକେଲ ଦୁର୍ଘଟଣାସ୍ଥଳରୁ ୨୦ ମିଟର ଦୂରକୁ ଛିଟିକି ପଡିଥିବା ବେଳେ ଅନ୍ୟ ସାଇକେଲଟି ଦୁର୍ଘଟଣା ଘଟାଇଥିବା ଗାଡିରେ ଲାଗି ପ୍ରାୟ ୫ ଶହ ମିଟର ଦୂର ଯାଏ ଘୋଷାରି ହୋଇ ଯାଇଥିଲା। ଦୁର୍ଘଟଣା ସ୍ଥଳରେ ପ୍ରଚୁର ରକ୍ତସ୍ରାବ ହେବା କାରଣରୁ ଛାତ୍ର ଦ୍ୱୟଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଉକ୍ତ ଗାଡିଟିକୁ ଅଟକାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଡ୍ରାଇଭର ଦ୍ରୁତବେଗରେ ଗାଡି ନେଇ ଚାଲିଯାଇଥିଲେ। ପ୍ରଥମେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଛାତ୍ରଦ୍ୱୟ ମୃତ ବୋଲି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନାଧିକାରୀ ସରୋଜିନୀ ସିଂ ପହଞ୍ଚି ଏକ ଆମ୍ବୁଲାନ୍ସ ଯୋଗେ ଛାତ୍ର ଦ୍ୱୟଙ୍କ ମୃତଦେହକୁ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ମୃତ ସୁମିତ୍‌ଙ୍କ ଘର ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଦୋଳପଦୀ ଗ୍ରାମରେ। ସେ ଭଦ୍ରକର କୁଆଁସରେ ରହି ନୂଆବଜାର ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। ମୃତ ଶୁଭଙ୍କରଙ୍କ ଘର ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଅଞ୍ଚଳରେ ବୋଲି ଜଣାପଡିଛି। ସେ ଚରମ୍ପା ସେଣ୍ଟ ଜାଭିୟର୍ ସ୍କୁଲରେ ପାଠ ପଢୁଥିଲେ।

## କର୍ମକ୍ଷେତ୍ରରେ ସେବା ବାତାବରଣ ସୃଷ୍ଟି କର: ମନ୍ତ୍ରୀ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ସରକାରୀ ଚାକିରିକୁ ଏକ ସେବାଭାବେ ଗ୍ରହଣ କରି କର୍ମକ୍ଷେତ୍ରରେ ସମାନ ବାତାବରଣ ସୃଷ୍ଟି କରିପାରିଲେ ଜନସାଧାରଣଙ୍କ ଆଶା-ଆକାଂକ୍ଷା ପୂରଣ ହୋଇପାରିବ। ରାଜ୍ୟ ସରକାରଙ୍କ ଦ୍ୱାରା ଲୋକାଭିମୁଖୀ ଯୋଜନାର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ବଜାୟ ରଖି ଓ ଏହାର ସୁଫଳ ସମାଜର ସବୁଠାରୁ ତଳସ୍ତର ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ସରକାରୀ କର୍ମଚାରୀମାନେ ନିଷ୍ଠାପର ଉଦ୍ୟମ କରିବାକୁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କରେ ନବନିଯୁକ୍ତ ସମବାୟ ଅଡିଟରମାନଙ୍କ ୫'ଟି' ସମ୍ବନ୍ଧୀୟ ଏକ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟରେ ୯ ହଜାରରୁ ଊର୍ଦ୍ଧ୍ୱ ସମବାୟ ଅନୁଷ୍ଠାନ କାର୍ଯ୍ୟ କରୁଥିବାବେଳେ ଏହି ଅନୁଷ୍ଠାନଗୁଡ଼ିକର ଆୟ ବ୍ୟୟର ହିସାବ ଠିକଣା ଓ ସନ୍ତୁଳିତ ଭାବେ କରିବା ପାଇଁ ଅଡିଟରମାନେ ନିଷ୍ଠାର ସହ କାର୍ଯ୍ୟକରିବା ଉଚିତ। ରାଜ୍ୟରେ ଚାଷୀମାନଙ୍କୁ ଦିଆଯାଉଥିବା ଫସଲ ଋଣର ପ୍ରାୟ ୭୦ ଭାଗରୁ ଊର୍ଦ୍ଧ୍ୱ ସମବାୟ ସଂସ୍ଥା ମାଧ୍ୟମରେ ଦିଆଯାଉଥିବା ପରିପ୍ରେକ୍ଷୀରେ ଅଡିଟରମାନେ କୃଷି ଓ କୃଷକମାନଙ୍କ ବିକାଶ ଦିଗରେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିପାରିବେ। ନବନିଯୁକ୍ତ ଅଡିଟରମାନେ ପରିବର୍ତ୍ତନର ବାହକଭାବେ ତୃଣମୂଳସ୍ତରରେ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି । ନୂତନ ଅଡିଟର ନିଯୁକ୍ତି ଦ୍ୱାରା ସମବାୟ ବିଭାଗ ଅଧିକ ଚଳଚଞ୍ଚଳ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ୫୨ ଜଣ ନବନିଯୁକ୍ତ ଅଡିଟରମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । କର୍ମଶାଳାରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର ଯୋଗଦେଇ କହିଛନ୍ତି, ରାଜ୍ୟର ପରିବର୍ତ୍ତନରେ ୫'ଟି' ମନ୍ତ୍ରୀ ଉପଯୋଗ ଅପରିହାର୍ଯ୍ୟ। ଯେଉଁ କ୍ଷେତ୍ରରେ କାର୍ଯ୍ୟ କର ୫'ଟି'ର ପ୍ରୟୋଗ ଦ୍ୱାରା କାର୍ଯ୍ୟରେ ସଫଳତା ହାସଲ କରିହେବ ବୋଲି ସେ କହିଛନ୍ତି ।

# ନବବଧୂଙ୍କ ମୁଣ୍ଡକୁ ହାଣି ହତ୍ୟା: ସ୍ୱାମୀ, ଶାଶୁ ଅଟକ

ଗୋପାଳପୁର,୧୦।୯

ଗଞ୍ଜାମଜିଲା ଗୋପାଳପୁର ଥାନା ଅନ୍ତର୍ଗତ ମନସୁର୍‌କୋଟା ଗ୍ରାମର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଛି। ଅଧିକ ଯୌତୁକ ଦାବି ନେଇ ରବିବାର ରାତିରେ ନବବଧୂ ତଥା ପୁରୀ ଅଞ୍ଚଳର ନାନୁ ଦାସ (୨୨)ଙ୍କ ମୁଣ୍ଡକୁ ଏକ ଧାରୁଆ ଅସ୍ତ୍ରରେ ହାଣି ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। ମଙ୍ଗଳବାର ଏ ନେଇ ନାନୁଙ୍କ ମା' ମମତା ଦାସଙ୍କ ଏତଲାକୁ ଭିତ୍ତିକରି ଗୋପାଳପୁର ଥାନାରେ (ନଂ.୯୭/୧୯)ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ମା'ଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ପ୍ରାୟ ଦେଢ଼ବର୍ଷ ତଳେ ନାନୁ ବୋହୂ ହୋଇ ମନସୁରକୋଟା ଗାଁକୁ ଆସିଥିଲେ। ବିବାହ ବେଳେ ବାପଘର ପକ୍ଷରୁ ଯାନିଯୌତୁକ ଦିଆଯାଇଥିଲା। କିଛିଦିନ ଭଲରେ ଚଳିବା ପରେ ସ୍ୱାମୀ ଓ ଶାଶୁ ଅଧିକ ଯୌତୁକ ଆଣିବା ଦାବି କରି ନାନୁଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ବିଭିନ୍ନ ସମୟରେ ସ୍ୱାମୀ ନିଶାସକ୍ତ ହୋଇ ଆସି ଗଣ୍ଡଗୋଳ କରୁଥିଲେ। ଜୁନ ମାସରେ ପ୍ରାୟ ୫ମାସର ଶିଶୁକନ୍ୟାକୁ ନେଇ ସ୍ୱାମୀଙ୍କ ସହ ନାନୁ ବାପ ଘରକୁ ଯାଇଥିଲେ। ଗତ ୨ ତାରିଖରେ ମନସୁରକୋଟା ଆସିବା ପରେ ଟଙ୍କା ପାଇଁ ନାନୁଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ସୋମବାର ରାତିରେ ଏ ସମ୍ପର୍କରେ ସେ ତାଙ୍କ ମା'ଙ୍କୁ ଫୋନ ଯୋଗେ ଜଣାଇଥିଲେ। ରାତି ପ୍ରାୟ ୧୧ଟାରେ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ଆସି ଯୌତୁକ ଟଙ୍କା ଆଣିବା ବିଷୟରେ ବାପଘରେ କହିଲୁ କି ନାହିଁ କହି ଏକ ଧାରୁଆ ଅସ୍ତ୍ରରେ ନାନୁଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଗୁରୁତର ଅବସ୍ଥାରେ ନାନୁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୨ଟାରେ ନାନୁଙ୍କ ମୃତ୍ୟୁ ଘଟିଥିଲା।

ଭାରତ ସରକାର
ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ
Digital India Power To Empower
सत्यमेव जयते
ELECTRONICS INDIA Billion Needs Million Chips
ଅଣପଞ୍ଜୀକୃତ/ମରାମତିକୃତ/ନବୀକୃତ/ସେକେଣ୍ଡ ହ୍ୟାଣ୍ଡ ଏମ୍‌ଏଫ୍‌ଡିଗୁଡ଼ିକର ବ୍ୟବସାୟର ପ୍ରଭାବ ଅଧ୍ୟୟନ
ସଞ୍ଚାଳନ ନିମନ୍ତେ କାର୍ଯ୍ୟଭାର ନ୍ୟସ୍ତ କରିବା
ନିମନ୍ତେ
ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛି
ବିବରଣୀ ନିମ୍ନପ୍ରଦତ୍ତ ୟୁଆର୍‌ଏଲ୍‌ରେ ଉପଲବ୍ଧ:
http://meity.gov.in/esdm/standards
ଅଫର୍ ଦାଖଲର ଶେଷ ତାରିଖ:
ବିଜ୍ଞାପନ ପ୍ରକାଶନ ତାରିଖରୁ ୨୧ ଦିନ
davp 06101/11/0008/1920

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ସ୍ମୃତି ରଞ୍ଜନ ମିଶ୍ର (ପପୁ)
ତଡ଼ାସ ରାମହଂସପୁର
ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭
(ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫
(ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୪୨୯୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରସନ୍ନ କୁମାର ପାଲ
N-4/ 244, ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର
ତିରୋଧାନ: ୨୨।୦୯।୨୦୧୮
(ଭାଦ୍ରବ ମାସ ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥି)
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା,
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।
ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
କ୍ରିଷ୍ଣା କୁମାରୀ ପାଲ, ମନୀଷା, ବବଲୁ, ଇଟୁନା, ପାକିନା, ବାବୁ ଓ ପରିବାରବର୍ଗ।
ଧ-୫୭୬୫୪

ପୂର୍ବ ତଟ ରେଳପଥ
ଦୂରସଂଚାର ଜୋନାଲ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-JJKR-159, ତା.05.09.2019ରିଖ
କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ଯାଜପୁର କେନ୍ଦୁଝର ରୋଡ଼ ଏବଂ ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 48,51,435/-, EMD (ଟଙ୍କାରେ): 97,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-(18% GST ସହିତ)।
ବିଡ୍ ଆରମ୍ଭ ହେବା ତାରିଖ : ତା.13.09.2019 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.27.09.2019 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-359/K/19-20

IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦
ସୁନା ଅଳଙ୍କାର ନିଲାମ ନୋଟିସ୍
ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ବ୍ୟାଙ୍କ ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୧୬.୦୯.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଆରମ୍ଭ କରାଯିବ।

| କ୍ର. ନଂ. | ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାର ଗୁଡିକର ବିବରଣୀ | ମୋଟ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ନିଲାମ ସ୍ଥାନ |
|---|---|---|---|---|---|
| ୧. | ଆକାଉଣ୍ଟ ନଂ.: ୦୪୦୩୭୬୫୧୧୦୦୦୦୨୬୦୮/ ଦୁର୍ଗା ମେଡିସିନ୍ ଷ୍ଟୋର୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ, ସା.: ହେରାଗୋହିରୀ ସାହି, ପୁରୀ ଟାଉନ, ପୁରୀ, ପିନ୍-୭୫୨୦୦୧ | ହାର-୧ଟି / ଚେନ୍-୧ଟି | ୨୧.୩୬୫/୩.୪୯୫ | ଟ.୯୭,୩୫୦/-* / ଟ.୯,୭୩୫/- | ଆଇଡିବିଆଇ ଲିଃ., ବଡଶଙ୍ଖ, ଗ୍ରାଣ୍ଡ କନଭେସନ୍ ତଳ, ପୁରୀ-୭୫୨୦୦୨ |
| | | ସମୁଦାୟ | ୩୪.୮୬୦ | | |
| ୨. | ଆକାଉଣ୍ଟ ନଂ.: ୦୪୦୩୭୬୫୧୧୦୦୦୦୨୫୫୪/ ଶ୍ରୀ ସାଇ ଗାର୍ମେଣ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ହେମନ୍ତ କୁମାର ମହାରଣା, ସା.: ବାଲିସାହି ସାମିଲ ସିଦ୍ଧବକୁଳ ଲେନ୍, ପୁରୀ ମ୍ୟୁନିସିପାଲଟି, ପୁରୀ ଟାଉନ, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ହାର-୧ଟି ସହିତ ଚେନ୍-୧ଟି | ୨୩.୩୬୫ | ଟ.୧,୭୯,୮୫୦/-* / ଟ.୧୭,୯୮୫/- | |
| | | ଝରା-୬ଟି / ହାତ ମୁଦି-୪ଟି | ୧୧.୧୧୦/୧୩.୨୩୫ | | |
| | | ବ୍ରତ-୧ଟି ସହିତ ଲକେଟ-୧ଟି | ୧୫.୭୧୦ | | |
| | | ନୋଳି ଲକେଟ-୧ଟି | ୪.୧୮୫ | | |
| | | ସମୁଦାୟ | ୬୭.୬୦୫ | | |
| ୩. | ଆକାଉଣ୍ଟ ନଂ.: ୦୪୦୩୭୬୫୧୧୦୦୦୦୨୯୦୫/ ଶ୍ରୀ ସୌମ୍ୟ ରଞ୍ଜନ ଦାସ, ସା.: ଦଉଡୋଟା, ଗ୍ରାମ ପଞ୍ଚାୟତ: ପୁରୀ ନଗର ପାଳିକା, କୁମ୍ଭାରପଡା, ପୁରୀ-୭୫୨୦୦୧ | ହାର-୫ଟି / ଚେନ୍-୧ଟି | ୧୨୧.୩୪୦/୧୭.୨୦୫ | ଟ.୭,୧୧,୧୫୦/-* / ଟ.୭୧,୧୧୫/- | |
| | | ରୁଲି-୨ଟି / ହାତ ମୁଦି- ୧୬ଟି | ୩୬.୬୪୦/୫୫.୮୧୫ | | |
| | | ଝରା ଏବଂ ଟପ- ୧୦ଟି / | ୨୦.୧୫୫/ | | |
| | | ଶଙ୍ଖା-୪ଟି | ୫୫.୧୨୦ | | |
| | | ସମୁଦାୟ | ୩୦୬.୨୭୫ | | |
| ୪. | ଆକାଉଣ୍ଟ ନଂ.: ୦୪୦୩୭୬୫୧୧୦୦୦୦୩୩୮୪/ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ତ୍ୱାଧିକାରୀ: କେ. ସୁରେଶ କୁମାର, ଦେବୀଘାଟ, ବାରବାଟି ଲେନ୍, ପୁରୀ-୭୫୨୦୦୧, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.: ୧୮୨୬, ସି-୩, ସିଦ୍ଧି ବିହାର, ଜାଗମରା, ଭୁବନେଶ୍ୱର-୭୫୧୦୩୦ | ହାର-୧ଟି / ଚୁଡ-୩ଟି | ୧୯.୭୨୫/୧୦୩.୪୮୦ | ଟ.୫,୭୯,୧୫୦/-* / ଟ.୫୭,୯୧୫/- | |
| | | ଝିଙ୍କା ଝରା-୧୦ଟି/ ହାତ ମୁଦି-୩ଟି | ୩୧.୪୧୫/୮.୬୮୫ | | |
| | | କଏନ- ୧ଟି / ବାହୁଟି-୪ଟି | ୧୦.୦୦/୩୯.୮୧୫ | | |
| | | ସମୁଦାୟ | ୨୧୩.୧୨୦ | | |

* ଦର୍ଶିତ ମୂଲ୍ୟ GST ବ୍ୟତିତ । ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ (Closed Bid Public Auction) ସମ୍ପନ୍ନ ହେବ। ଏହାର କପି (ନକଲ) ସଂପୃକ୍ତ ଶାଖା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୧୧.୦୯.୨୦୧୯ରିଖ ରୁ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବିଡ୍‌ରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୬.୦୯.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା।
ସ୍ଥାନ : ପୁରୀ, ତାରିଖ : ୧୦.୦୯.୨୦୧୯
ସ୍ୱା/- ଶାଖା ପ୍ରବନ୍ଧକ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.

ପୂର୍ବ ତଟ ରେଳପଥ
ଇଂଜିନିୟରିଂ କାର୍ଯ୍ୟ
ଟେଣ୍ଡର ବିଜ୍ଞପ୍ତି ସଂ. 06/ET/SBP/ENGG/2019-20 ତା. 30.08.2019 ରିଖ
(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.17-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ଼-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ପରିକ୍ଷେତ୍ର ଏବଂ କଲୋନୀଗୁଡ଼ିକରେ କ୍ଷତିଗ୍ରସ୍ତ ସଡ଼କଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,54,18,873.97, EMD(ଟଙ୍କାରେ): 2,27,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.18-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ରେଢ଼ାଖୋଲ ଏବଂ ସିନିୟର ସେକ୍ସନ ଇଂଜିନିୟର(P.Way)/ଅନଗୁଳ ପରିସୀମା ଅଧୀନରେ ପଏଣ୍ଟ ଏବଂ କ୍ରସିଙ୍ଗ୍ ତଥା ୟାର୍ଡ ଲାଇନଗୁଡ଼ିକର ମାନୁଆଲ ଡିପ୍ ସ୍କ୍ରିନିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,21,87,140.41, EMD (ଟଙ୍କାରେ): 2,10,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ।
(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.19-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ବଲାଙ୍ଗୀର ଅଧୀନସ୍ଥ ବରଗଡ଼ ରୋଡ଼ (Ex)-ବଲାଙ୍ଗୀର (In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,09,84,496.70, EMD (ଟଙ୍କାରେ): 2,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.20-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ସର୍ଣ୍ଣତଳା ଅଧୀନସ୍ଥ ବଲାଙ୍ଗୀର (Ex)-ଟିଟିଲାଗଡ଼ (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,09,97,806.24, EMD (ଟଙ୍କାରେ): 2,05,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.21-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ସମ୍ବଲପୁର (Ex)-ବାମୁର(Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 98,84,712.91, EMD (ଟଙ୍କାରେ): 1,97,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.22-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଅନଗୁଳ ପରିସୀମା ଅଧୀନସ୍ଥ ବାମୁର (In)-ଅନଗୁଳ (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 98,74,498.54, EMD (ଟଙ୍କାରେ): 1,97,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.21-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ମହାସମୁନ୍ଦ ପରିସୀମା ଅଧୀନସ୍ଥ ଲାଖୋଲି (Ex)-ଖରିଆର ରୋଡ଼ (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99,65,982.14, EMD (ଟଙ୍କାରେ): 1,99,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(8)ଇ-ଟେଣ୍ଡର ବିଜ୍ଞପ୍ତି ସଂ.22-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ଖରିଆର ରୋଡ଼ (In)-ରହେନବଟା(In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99,75,983.67, EMD (ଟଙ୍କାରେ): 1,99,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(9)ଇ-ଟେଣ୍ଡର ବିଜ୍ଞପ୍ତି ସଂ.23-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରହେନବଟା(Ex)-ଲାଞ୍ଜିଗଡ଼ ରୋଡ଼(Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 99,98,245.17, EMD (ଟଙ୍କାରେ): 2,00,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(10)ଇ-ଟେଣ୍ଡର ବିଜ୍ଞପ୍ତି ସଂ.24-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଅମ୍ବୋଦଳା ପରିସୀମା ଅଧୀନସ୍ଥ ଲାଞ୍ଜିଗଡ଼ ରୋଡ଼(In)-ମୁନିଗୁଡ଼ା (Ex) ଏବଂ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 75,99,184.12, EMD (ଟଙ୍କାରେ): 1,52,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(11)ଇ-ଟେଣ୍ଡର ବିଜ୍ଞପ୍ତି ସଂ.25-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ମୁନିଗୁଡ଼ା(In)-ଥେରୁବାଲି (In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 64,88,392.65, EMD (ଟଙ୍କାରେ): 1,29,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(12)ଇ-ଟେଣ୍ଡର ବିଜ୍ଞପ୍ତି ସଂ.26-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ଅଧୀନସ୍ଥ ଲାଖୋଲି (Ex)-ରହେନବଟା (In) ସେକ୍ସନ ମଧ୍ୟରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 89,92,693.14, EMD (ଟଙ୍କାରେ): 1,79,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(13)ଇ-ଟେଣ୍ଡର ବିଜ୍ଞପ୍ତି ସଂ.27-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ଅଧୀନସ୍ଥ ରହେନବଟା(Ex)-ଥେରୁବାଲି (In) ସେକ୍ସନ ଏବଂ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ସେକ୍ସନ ମଧ୍ୟରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 94,75,917.37, EMD (ଟଙ୍କାରେ): 1,89,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(14)ଇ-ଟେଣ୍ଡର ବିଜ୍ଞପ୍ତି ସଂ.19-eT-DENC-SBP-19
କାର୍ଯ୍ୟର ନାମ: ସିନିୟର ସେକ୍ସନ ଇଂଜିନିୟର (P.Way)/ରେଙ୍ଗାଲି ଅଧୀନସ୍ଥ ଝାରସୁଗୁଡ଼ା (Ex)-ସମ୍ବଲପୁର (Ex) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,09,66,448.13, EMD (ଟଙ୍କାରେ): 2,04,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
(15)ଇ-ଟେଣ୍ଡର ବିଜ୍ଞପ୍ତି ସଂ.20-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର (In)-ବରଗଡ଼ ରୋଡ଼ (In) ମଧ୍ୟସ୍ଥ ସେକ୍ସନରେ 30.09.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,04,91,556.34, EMD (ଟଙ୍କାରେ): 2,02,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.09.2020।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ): ତା.27.09.2019ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-355/K/19-20

# ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**

କେନ୍ଦୁଝର, ୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ମଙ୍ଗଳବାର କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ବିଚାରପତି ଲୋକନାଥ ସାହୁ ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହିତ ୫୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିଚରଣୀରୁ ପ୍ରକାଶ ଯେ, କେନ୍ଦୁଝର ଜିଲା ବଡବିଲ ଥାନା ସାଇଡିଂବସ୍ତି ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୫ ନଭେମ୍ବର ୬ରେ ତାଙ୍କ ଘରେ କେହି ନଥିବା ସୁଯୋଗରେ ୬ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏହି ମାମଲା(ନଂ୨୧୭/୧୫) ସେତେବେଳେ ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

ଏନେଇ ବଡବିଲ ପୋଲିସ ଅଭିଯୁକ୍ତ ବୁଲୁ ପାତ୍ର, ଝଣ୍ଟା ମୁଣ୍ଡା, ଶନି ମହାକୁଡ, ଭରତ ହେସା, ଶ୍ରୀରାମ ଓରାମ ଏବଂ ମନୋଜ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ମଙ୍ଗଳବାର ବିଚାରପତି ଲୋକନାଥ ସାହୁ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଆଇପିସି ଦଫା ୩୭୬(ଘ),୫୦୬,୩୪, ପୋକ୍ସୋ ଆଇନର ଦଫା ୬, ଅନୁସୂଚିତ ଜାତି ଓ ଜନଜାତି ଆଇନର ଦଫା ୩(୧)(୧୧)ରେ ବିଚାର କରି ଏହି ଦଣ୍ଡ କରିଛନ୍ତି। ମୋଟ ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ଦଣ୍ଡ ଦିଆଯାଇଥିବାବେଳେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରିଥିଲେ।

## ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣା: ବୁଲା କୁକୁର ଦେଲା ସୂଚନା

# ମିଳିଲା ଆଉ ୨ ମୃତଦେହ



ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ବାଲି ଖୋଳାଯାଉଛି।

ପରଜଙ୍ଗ, ୧୦।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କୁନ୍ଦନଦେଈପୁର ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାରେ ମଙ୍ଗଳବାର ଆଉ ୨ ନିଖୋଜଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ଛତୁ ବ୍ୟବସାୟୀ ରମେଶ ସାହୁ ଏବଂ ବିଜୟ ନାୟକ ଓରଫ୍ ଲୁଲୁ। ଏହି ଘଟଣା ପରେ ମୃତକଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଅନ୍ୟପଟେ ନିଖୋଜ ଥିବା ସୁଶାନ୍ତ ସାହୁଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ସୋମବାର ପାଣିଗେଇଁଠିଆ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟରେ କାଉଁସ ଗଛରୁ ବିଶ୍ୱଜିତ ଆଚାର୍ଯ୍ୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ନଦୀରେ ପାଣି କମିଯାଇଥିଲା। କେତେଜଣ ଲୋକ ମାଛ ଧରୁଥିବାବେଳ ନଦୀ ମଝିରେ ବୁଲା କୁକୁର ବାଲି ରାମ୍ପୁଥିବା ଦେଖିଥିଲେ। ସନ୍ଦେହରେ ସେମାନେ ସେଠାକୁ ଯିବାବେଳେ ଏକ ମୃତଦେହର ପୋତି ହୋଇ ରହିଥିବା ଦେଖିଥିଲେ। ମୃତଦେହ ଉଦ୍ଧାର କରାଯିବା ପରେ ତାହା ରମେଶଙ୍କର ବୋଲି ଜଣାପଡ଼ିଥିଲା। ସେଠାରୁ ଅଳ୍ପ ଦୂରରୁ ବାଲିରେ କୁକୁର ରାମ୍ପୁଡ଼ା ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ଖୋଳାଯିବା ପରେ ଉକ୍ତ ସ୍ଥାନରୁ ବିଜୟଙ୍କ ମୃତଦେହ ବାହାରିଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା।

# ସେଦିନ ବି ଥିଲା ମଙ୍ଗଳବାର

**ଜଗତ୍‌ସିଂହପୁର ଅଫିସ, ୧୦।୯:** ନାବାଳିକା ଗାଁ ସ୍କୁଲରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ସେ ଦିନ ଥିଲା ମଙ୍ଗଳବାର। ସ୍କୁଲରେ ପରୀକ୍ଷା ଦେଇସାରି ସେ ଖୁସିରେ ଘରକୁ ଫେରିଥିଲେ। ପରେ ସାଙ୍ଗସାଥୀଙ୍କ ସହ ଖେଳକୁଦ କରୁଥିଲେ। କିଏ ଜାଣିଥିଲା ସେ ଦିନ ହିଁ ତାଙ୍କ ଜୀବନ ଦୀପ ଲିଭିଯିବ। ଅଭିଯୁକ୍ତ ଲବ ମାନା ବଳାତ୍କାର ପରେ ତାଙ୍କୁ ଅତି ନିଷ୍ଠୁର ଭାବେ ଯେଭଳି ତଣ୍ଟି ଚିପି ହତ୍ୟା କରିଥିଲେ ଓ ମୃତଦେହ ଉପରେ କାଜୁପତ୍ର ଘୋଡ଼ାଇ ଚାଲିଯାଇଥିଲେ, ତାହାକୁ ଆଜି ମଧ୍ୟ ଗ୍ରାମବାସୀ ଭୁଲି ପାରୁନାହାନ୍ତି। ଭଗବାନଙ୍କ ଇଚ୍ଛାରେ ସେହି ମଙ୍ଗଳବାର ହିଁ ରାୟ ପ୍ରକାଶ ପାଇଛି ଏବଂ ଲବଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି ବୋଲି ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପରେ ସ୍ଥାନୀୟ ଲୋକେ କହିଛନ୍ତି।

ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବ ମାଝୀ କହିଛନ୍ତି ଯେ, ୨୦୧୮ ମାର୍ଚ୍ଚ ୨୦ ଅପରାହ୍ନ ପ୍ରାୟ ୩ଟା ବେଳେ ନାବାଳିକା ଖେଳୁଥିବାବେଳେ ଲବ କୌଣସିମତେ ତାଙ୍କୁ ମନାଇ ଅନ୍ୟତ୍ର ନେଇଯାଇଥିଲେ। ପରେ ଝିଅ ଘରକୁ ନ ଫେରିବାରୁ ରାତିରେ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରଦିନ ଭୋରରୁ ଗ୍ରାମର ଜଣେ ମହିଳା ବାହାରକୁ ଶୌଚ ଯାଇଥିବାବେଳେ କାଜୁ ବଗିଚାରେ ଏକ ମୃତଦେହ ପଡିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ନିଜ ପରିବାର ଲୋକଙ୍କୁ କହିଥିଲେ। ଖବରପାଇ ନାବାଳିକାଙ୍କ ପରିବାର ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏହା ପରେ ଏରସମା ଥାନାକୁ ଫୋନ ଯୋଗେ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ପଞ୍ଚନାମା ପରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିଲା। ମୃତ ନାବାଳିକାଙ୍କ ବାପା ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ନଂ.୪୨/୧୮ ରୁଜୁ ହୋଇଥିଲା। ଏଥିସହ ଅଭିଯୁକ୍ତ ଲବଙ୍କୁ କଟକ ବାଦାମବାଡ଼ିରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୨୫ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଆଇପିସି ଦଫା ୩୦୨ରେ ଲବଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି।

**ରହସ୍ୟ ଉପରୁ ପର୍ଦ୍ଦା ଉଠାଇଥିଲେ ୨ ନାବାଳିକା**

କାଜୁ ବଗିଚାରୁ ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ କିଏ ତାଙ୍କୁ ହତ୍ୟା କରିଛି ବୋଲି ଗ୍ରାମରେ ଚହଳ ପଡ଼ିଯାଇଥିଲା। ତେବେ ଏହି ରହସ୍ୟ ଉପରୁ ପର୍ଦ୍ଦା ହଟାଇଥିଲେ ୨ ଜଣ ନାବାଳିକା। ସେମାନେ ମିଳିମିଶି ଖେଳୁଥିଲେ। ଏହି ସମୟରେ ଲବ ସେଠାରେ ପହଞ୍ଚି ସମ୍ପୃକ୍ତ ଝିଅକୁ ସେଠାରୁ ନେଇଯାଇଥିଲେ ବୋଲି ସେମାନେ ଗାଁରେ କହିଥିଲେ। କେବଳ ଗାଁରେ ନୁହେଁ, କୋର୍ଟରେ ମଧ୍ୟ ସେମାନେ ବୟାନ ଦେଇଥିଲେ। ଯାହାକି ଏହି ମାମଲାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

**ଅଭିଯୁକ୍ତଙ୍କ ହତ୍ୟା ସ୍ୱୀକାର**

ଅଭିଯୁକ୍ତ ଲବଙ୍କୁ ଚିହ୍ନଟ ପାଇଁ ଏରସମା ପୋଲିସ ନିଶିକାନ୍ତ କାଣ୍ଡ ଓ ନିତେଲାଲ ଗୁଡିଆ ନାମକ ୨ ଜଣ ଶ୍ରମିକ ଶ୍ରେଣୀର ଲୋକଙ୍କୁ ନେଇ ବାଦାମବାଡ଼ି ବସଷ୍ଟାଣ୍ଡ ଯାଇଥିଲା। ସେଠାରେ ଲବଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ଏହି ୨ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଲବ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। କେବଳ ଏତିକି ନୁହେଁ, ସେଦିନ ସେ ନିଜ ଅନ୍ତଃବସ୍ତ୍ରକୁ ପାଖାପାଖି ୨୦ ଫୁଟ ଦୂର ଏକ କାଜୁଗଛ ମୂଳେ ଲୁଚାଇ ଚାଲିଯାଇଥିବା କହିଥିଲେ। ପୋଲିସ ଉକ୍ତ ଅନ୍ତଃବସ୍ତ୍ରକୁ ଜବତ କରି ସିମେନ୍ ପରୀକ୍ଷା ପାଇଁ ପଠାଇଥିଲା। ଏହା ମଧ୍ୟ ବଳାତ୍କାର ସମ୍ପର୍କିତ ପ୍ରମାଣ ଯୋଗାଇଥିଲା। ସୂଚନାଯୋଗ୍ୟ, ଲବ ବିବାହିତ। ଘରେ ତାଙ୍କ ମା', ବାପା, ଭାଇ, ସ୍ତ୍ରୀ, ୫ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି।

**ହତ୍ୟାକାରୀଙ୍କୁ ଗିରଫ ଦାବି ତେଜିଥିଲା**

ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଖବର ପ୍ରଚାରିତ ହେବା ପରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ୨୦୧୮ ମାର୍ଚ୍ଚ ୨୧ ତାରିଖରେ ସରପଞ୍ଚ ଭୀମସେନ ରାଉତ, ସମିତି ସଭ୍ୟ ସତ୍ୟରଞ୍ଜନ ଜାନାଙ୍କ ସମେତ ଗଡ଼ହରିଶପୁର ଗାଁ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ପାଖାପାଖି ୨ ହଜାର ଲୋକ ଟାୟାର ଜାଳି ଗଡ଼ହରିଶପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସେତେବେଳେ ସମସ୍ତେ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରିଥିଲେ। ଆନ୍ଦୋଳନସ୍ଥଳରେ ପୋଲିସ ପହଞ୍ଚି ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ ସହ ମୃତ ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ନାବାଳିକାଙ୍କ ପରିବାରକୁ ସରକାରୀ ସହାୟତା ଦିଆଯାଇଥିଲା।

**ହାଇକୋର୍ଟ ଯିବେ ଲବ**

ଲବଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ନିଜ ତରଫରୁ କୌଣସି ଓକିଲ ନିଯୁକ୍ତ କରିପାରି ନ ଥିଲେ। ତେଣୁ ଏସ୍‌ଡିସି (ଷ୍ଟେଟ୍ ଡିଫେନ୍ସ କାଉନସିଲ୍) ପକ୍ଷରୁ ତାଙ୍କ ପାଇଁ ଓକିଲ ନିଯୁକ୍ତ କରାଯାଇଥିଲା। ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରବି ସ୍ୱାଇଁ କହିଛନ୍ତି ଯେ, ପୋକ୍ସୋ ଅଦାଲତର ରାୟକୁ ଚ୍ୟାଲେଞ୍ଜ କରି ଲବ ହାଇକୋର୍ଟ ଯିବେ ବୋଲି ତାଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖ ପାଇଲା ବେଳର କଥା**
**ଉଠିଆରି ବେଳକୁ ନ ଥାଏ ।**

ଯେତେବେଳେ ଦୁଃଖ ଆସେ ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ସେଥିରୁ କେମିତି ଉଦ୍ଧାର ପାଇବ ସେ ନେଇ ଭାଳି ହୋଇଥାଏ। ତେବେ ଯେତେବେଳେ ଦୁଃଖଦୁର୍ଦ୍ଦଶା ଚଳିଯାଏ ସେତେବେଳେ ମଣିଷ ହାଲୁକା ଅନୁଭବ କରିବା ସହ ଦୁଃଖ ବେଳର କଥାକୁ ପାସୋରି ଦେଇଥାଏ। ସୁଖ ଭୋଗ ହେବା ବେଳେ ଦୁଃଖ ବେଳର ଯାତନା ମନରୁ ଶୀଘ୍ର ଭୁଲି ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖିଲେ କଥା ନ କହେ,**
**ନ ଦେଖିଲେ କାନ୍ଦୁଥାଏ ।**

ଉପର ଠାଉରିଆ ଭଲ ପାଇବା। କେତେକ ବ୍ୟକ୍ତି ମନରେ ପଛେ କିଛି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଦେଖେଇ ହୁଅନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିଥାନ୍ତି। ନ ଦେଖିଲେ ନ ଆସିଲେ ମନ କଷ୍ଟ, ଆସିଲେ ଆଡ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆନ୍ତରିକତା ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ହଷ୍ଟେଲ ଛାଡ଼ିଲେ ୩୬ ଛାତ୍ର

ରାୟଗଡ଼ା ଅଫିସ,୧୦।୯

ରାୟଗଡା ବ୍ଲକ ବିଲେଶୁ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀର ୩୬ ଜଣ ଛାତ୍ର ମଙ୍ଗଳବାର ହଷ୍ଟେଲ ଛାଡିଛନ୍ତି। ବିଦ୍ୟାଳୟ ଓ ହଷ୍ଟେଲରେ ଲାଗି ରହିଥିବା ସମସ୍ୟା ନେଇ ସେମାନେ ହଷ୍ଟେଲ ଛାଡିଥିବା ଜଣାପଡିଛି । ହଷ୍ଟେଲରୁ ଲୁଚି ଛାତ୍ରମାନେ ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଜିଲାପାଳଙ୍କୁ ଭେଟି ସମସ୍ୟା ନ ଜଣାଇବା ପର୍ଯ୍ୟନ୍ତ କୁଆଡେ ଯିବେ ନାହିଁ ବୋଲି ଅଡ଼ି ବସିଥିଲେ । ଖବରପାଇ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ଆସି ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ। ବିଦ୍ୟାଳୟ ଓ ହଷ୍ଟେଲରେ ଥିବା ଶୌଚାଳୟ ଭାଙ୍ଗିରୁଜି ଗଲାଣି, ତାହାକୁ ମରାମତି କରାଯାଉ ନାହିଁ । ବାରମ୍ବାର ଏ ନେଇ ପ୍ରଧାନଶିକ୍ଷକଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଛାତ୍ରମାନେ ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏମିତି କି କମ୍ପ୍ୟୁଟର ବିଦ୍ୟାଳୟରେ ଥାଇ ମଧ୍ୟ କମ୍ପ୍ୟୁଟର ଶିକ୍ଷା ଆମମାନଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ସେମାନେ କହିଥିଲେ । କମ୍ପ୍ୟୁଟର ଶିକ୍ଷକଙ୍କୁ ବଦଳି କରିବାକୁ ଦାବି କରିଥିଲେ । ସମସ୍ୟା ଶୁଣିବା ପରେ ୨ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଟୋ ଓ ଗାଡିରେ ସମସ୍ତ ଛାତ୍ରଙ୍କୁ ବିଦ୍ୟାଳୟରେ ଛାଡ଼ିଥିଲେ।


# CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
ସଚ୍ଚାପ୍ରେମୀ ନିରାଶ କାହିଁକି ?
9899587663
8743922900

FINANCE

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
JIWAN JYOTI FINANCE LTD.
(Reg. No. - U6519TN198PLC00855)
ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

BUSINESS

EDUCATION

GTL Telecom Network Company
90,000,00/-, ଭଡା 50,000/-
9348700276
8676907143

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maatarataririnison@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

BASUNDHAR FINANCE
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ଲୋନ! ଲୋନ! ଲୋନ
୨ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କେଟିଂ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡ଼ାପାଳନ ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୪୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
8394004932
8394004961
8394004898

LOAN
ଶ୍ରୀ ରାମ ଫାଇନାନ୍ସ
ମାର୍କେଟିଂ, ପ୍ରପର୍ଟି, ବ୍ୟବସାୟ, ରାଶନକାର୍ଡ, ପର୍ସନାଲ,ଆଧାର କାର୍ଡ
2% - ସୁଧ - 40% ରିହାତି
ଠକମାନଙ୍କ ଠାରୁ ସାବଧାନ
8929619951, 8395859853


Dhanalaxmi Finance
Regd. No.-U6519TN198PLC00855
2% ସୁଧ, 40% ଛାଡ଼
HELPLINE
8859690149

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

FINANCE
SHREE FINANCE
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BUSINESS
9499452368

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University UGC & NCTE Approved Equivalent to Govt. of Odisha
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091


DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ଆପଣଙ୍କ ଖର୍ଚ୍ଚାଭ୍ୟାସ ଆପଣଙ୍କ ବିଷୟରେ କ'ଣ କହିଥାଏ



ଆପଣଙ୍କ ପ୍ରଥମ ଦରମା ଯେବେ ଆପଣଙ୍କ ବ୍ୟାଙ୍କ ଖାତାରେ କ୍ରେଡିଟ୍ ହୁଏ ସେ ସମୟରେ ଆପଣ ଯେଉଁ ଖୁସି ଅନୁଭବ କରନ୍ତି ତାହାର ତୁଳନା ଆଉ କାହା ସହ କରାଯାଇପାରିବ ନାହିଁ । ନିଜ ଭାବାବେଗର ବଶବର୍ତ୍ତୀ ହୋଇ ଆପଣ ବୋଧହୁଏ ତାହାକୁ ମନ ମୁତାବକ ଖର୍ଚ୍ଚ କରିଥିବେ। ନିଶ୍ଚିତ ଭାବେ ନିଜର ପ୍ରଥମ ଦରମାକୁ ଖର୍ଚ୍ଚ କରିବାର ତାହା ଏକ ଯୁକ୍ତିସଙ୍ଗତ ଉପାୟ ହୋଇପାରେ। କିନ୍ତୁ, ଦ୍ୱିତୀୟ, ତୃତୀୟ ଆଉ ଚତୁର୍ଥ ଦରମା କଥା କ'ଣ? ଆପଣ ସେଗୁଡ଼ିକୁ ମଧ୍ୟ ସେହିଭଳି ଖର୍ଚ୍ଚ କରିଦେଇଥିଲେ କି? ଯଦି ହଁ, ତେବେ ତାହା ଆପଣଙ୍କ ପ୍ରଥମ ଚାକିରି ପାଇବାର ଖୁସିର ମନଖୋଲା ଖର୍ଚ୍ଚ କୁହାଯାଇପାରିବ ନାହିଁ । ବରଂ ତାହା ଆପଣଙ୍କ ଖର୍ଚ୍ଚାଭ୍ୟାସ ଅଟେ।

### ଆପଣ କେଉଁ ଧରଣର ଖର୍ଚ୍ଚୀ ଆଉ ନିଜ ଖର୍ଚ୍ଚାଭ୍ୟାସକୁ ଆପଣ କିପରି ଉନ୍ନତ କରିପାରିବେ ତାହା ଜାଣିବା ପାଇଁ ଏହି କୁଇଜ୍‌ର ସହାୟତା ନିଅନ୍ତୁ

**୧** ଶୀଘ୍ର! ଆଉ ନ ଦେଖି କୁହନ୍ତୁ, ଆପଣଙ୍କ ୱାଲେଟ୍‌ରେ ବର୍ତ୍ତମାନ କେତେ ଟଙ୍କା ଅଛି?
କ) ମୁଁ ସେ ଖବର ଆଦୌ ରଖେ ନାହିଁ।
ଖ) ଟଙ୍କା ବିଷୟରେ ମୋ ପାଖରେ ଅସ୍ପଷ୍ଟ ଆଇଡିଆ ଅଛି ।
ଗ) କେତେ ଟଙ୍କା ଅଛି ମୁଁ ତାହା ଠିକ୍ ଭାବେ ଜାଣିଛି ।

**୨** ବିଶେଷ ଅବସରରେ ନିଜ ମାତାପିତା କିମ୍ବା ବନ୍ଧୁବାନ୍ଧବଙ୍କ ଠାରୁ ପାଉଥିବା ଟଙ୍କାକୁ ଆପଣ କ'ଣ କରନ୍ତି?
କ) ତାକୁ ମୁଁ ମନଖୋଲି ଖର୍ଚ୍ଚ କରେ ।
ଖ) ମୋ ପାଇଁ ଆବଶ୍ୟକ ଜିନିଷଗୁଡ଼ିକୁ କିଣେ ।
ଗ) ଅଳ୍ପକିଛି ଖର୍ଚ୍ଚ କରେ କିନ୍ତୁ ଅଧିକ ସାଇତି ରଖେ ।

**୩** ଅତ୍ୟଧିକ ପରିଶ୍ରମ କାରଣରୁ ଆପଣ ଥକିପଡ଼ିଛନ୍ତି ଆଉ ଆପଣଙ୍କ ଘର ୧୦ ମିନିଟ୍ ଦୂରରେ ଅଛି । ଆପଣ ଘରକୁ କେମିତି ଯିବେ?
କ) ନିଶ୍ଚିତ ଭାବେ, ମୁଁ ଟ୍ୟାକ୍ସିରେ ଯିବି ।
ଖ) ମୁଁ ବସ୍ କିମ୍ବା ଶେୟାର୍ ଅଟୋ/ଟ୍ୟାକ୍ସିକୁ ଅପେକ୍ଷା କରିବି।
ଗ) ମୁଁ ଚାଲି ଚାଲି ପହଞ୍ଚିଯିବି, ମାତ୍ର ୧୦ ମିନିଟ୍‌ର ବାଟ ତ ।

**୪** ଆପଣ ଏକ ଅତ୍ୟାଧୁନିକ ଫୋନ୍ କିଣିବାକୁ ଚାହୁଁଛନ୍ତି, ଆପଣ କ'ଣ କରିବେ?
କ) ମୋ କ୍ରେଡିଟ୍ କାର୍ଡ ସ୍ୱାଇପ୍ କରିବି ।
ଖ) ମୋ ସଞ୍ଚିତ ଟଙ୍କାକୁ ବ୍ୟବହାର କରିବି, ବାକି ଟଙ୍କା କରଜ କରିପାରେ।
ଗ) ଆଗେ ସେଥିପାଇଁ ସଞ୍ଚୟ କରିବି, ତା' ପରେ କିଣିବି।

**୫** ଆଜି ଆପଣଙ୍କ ମନ ଭଲ ଲାଗୁନାହିଁ । ନିଜକୁ ଖୁସି କରିବା ପାଇଁ ଆପଣ କ'ଣ କରିବେ?
କ) ଶପିଂ ହେଉଛି ସର୍ବୋତ୍ତମ ଉପଚାର ।
ଖ) ଚାଲି ବୁଲିବାକୁ ଯିବି କିମ୍ବା ସାଙ୍ଗସାଥୀଙ୍କ ସହ କଫି ପିଇବା ପାଇଁ ଯିବି।
ଗ) ନିଜକୁ କାମରେ ବ୍ୟସ୍ତ ରଖିବାର ଚେଷ୍ଟା କରିବି।

**ଅଧିକାଂଶ ଉତ୍ତର ଯଦି କ ହୁଏ**
**ତେବେ ଆପଣ:** ଜଣେ ଅମିତବ୍ୟୟୀ ଓ ଆବେଗଗତ ଖର୍ଚ୍ଚୀ ବ୍ୟକ୍ତି ଅଟନ୍ତି।
**କାହିଁକି:** ଆପଣ ବିଳାସପୂର୍ଣ୍ଣ ଜୀବନ ଜିଇଁବାରେ ବିଶ୍ୱାସ ରଖନ୍ତି, ନିଜ ଆର୍ଥିକ ପରିସ୍ଥିତି ଯାହା ବି ହେଉ ନା କାହିଁକି। ନିଜ ଇଚ୍ଛାଗୁଡ଼ିକ ସହ ସାଲିସ୍ କରିବାକୁ ଆପଣ ଭଲ ପାଆନ୍ତି ନାହିଁ। ଆବେଗ ଆପଣଙ୍କ ଖର୍ଚ୍ଚାଭ୍ୟାସକୁ ପ୍ରେରିତ କରିଥାଏ ।
**କ'ଣ କରାଯିବା ଉଚିତ:** ମନଖୋଲା ଖର୍ଚ୍ଚ କରନ୍ତୁ, କିନ୍ତୁ ତାହା ନିଜ ଭବିଷ୍ୟତ ପାଇଁ କରନ୍ତୁ! ନିଜର ବିଭିନ୍ନ ଇଚ୍ଛା – ଫୋନ୍, କାର୍ କିମ୍ବା ଘର ପାଇଁ ଭିନ୍ନ ଭିନ୍ନ ମ୍ୟୁଚୁଆଲ ଫଣ୍ଡ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ (ଏସ୍ଆଇପି) ଆରମ୍ଭ କରନ୍ତୁ।

**ଅଧିକାଂଶ ଉତ୍ତର ଯଦି ଖ ହୁଏ**
**ତେବେ ଆପଣ:** ଜଣେ ସନ୍ତୁଳିତ ଖର୍ଚ୍ଚୀ ।
**କାହିଁକି:** ଆପଣ ନିଜ ଇଚ୍ଛା ପଛରେ ବୁଝିଶୁଝି ଖର୍ଚ୍ଚ କରିଥାନ୍ତି । ନିଜ ଇଚ୍ଛାଗୁଡ଼ିକୁ ଚପାଇ ନ ରଖି ନିଜ ଟଙ୍କାକୁ ଭଲ ଭାବେ ଉପଯୋଗ କରିପାରନ୍ତି ।
**କ'ଣ କରାଯିବା ଉଚିତ:** ରିସ୍କ ଓ ରିଟର୍ନକୁ ସନ୍ତୁଳିତ କରୁଥିବା ନିବେଶଗୁଡ଼ିକୁ ବାଛନ୍ତୁ – ହାଇବ୍ରିଡ୍ ମ୍ୟୁଚୁଆଲ ଫଣ୍ଡ । ଏପରି ଫଣ୍ଡଗୁଡ଼ିକ ହେଉଛି ଇକ୍ୱିଟି ଓ ଡେବ୍‌ଟର ଏକ ସମଷ୍ଟି ଯାହା ଆପଣଙ୍କୁ ସମାନ ସମୟରେ ନିରନ୍ତର ରିଟର୍ନ ସହ ସ୍ଥାୟିତ୍ୱ ଯୋଗାଇଥାଏ ।

**ଅଧିକାଂଶ ଉତ୍ତର ଯଦି ଗ ହୁଏ**
**ତେବେ ଆପଣ:** ଜଣେ ରକ୍ଷଣଶୀଳ ଖର୍ଚ୍ଚୀ ।
**କାହିଁକି:** ଆପଣ ନିଜ ଆବଶ୍ୟକତାଗୁଡ଼ିକୁ ପ୍ରାଧାନ୍ୟ ଦିଅନ୍ତି, ଇଚ୍ଛାଗୁଡ଼ିକୁ ନୁହେଁ । ଆପଣ ରିସ୍କ ପ୍ରତି ବିମୁଖ ଓ କଠିନ ଦିନଗୁଡ଼ିକୁ ନେଇ ସର୍ବଦା ଚିନ୍ତିତ ରହିଥାନ୍ତି ।
**କ'ଣ କରାଯିବା ଉଚିତ:** ବଜେଟିଂର ୫୦-୨୦-୩୦ ନିୟମକୁ ବ୍ୟବହାର କରନ୍ତୁ । ଏହାଦ୍ୱାରା ଆପଣ ଖର୍ଚ୍ଚ, ସଞ୍ଚୟ ଓ ନିବେଶରେ ଏକ ସନ୍ତୁଳନ ରକ୍ଷା କରିପାରିବେ ।

ଏହାପରେ କ'ଣ: ନିବେଶ କଥା ଆସିଲେ, ନିଜର ପ୍ରଥମ ଚାକିରିକୁ ହିଁ ମହତ୍ତ୍ୱପୂର୍ଣ୍ଣ କରନ୍ତୁ । ଏହା କିପରି କରିପାରିବେ ଆସନ୍ତୁ ଦେଖିବା ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ନିକଟ ଅତୀତରେ ଏକ ଟେଲିକମ୍ କମ୍ପାନୀରେ କାମ କରିବା ଆରମ୍ଭ କରିଛି । ସେମାନେ ମୋ ପାଇଁ ବୀମା ଓ ମେଡିକ୍ଲେମ୍‌ର ବ୍ୟବସ୍ଥା କରିଛନ୍ତି । ତଥାପି କ'ଣ ମୁଁ ଜରୁରିକାଳୀନ ପାଣ୍ଠି ଆବଶ୍ୟକ କରିବି?

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

**ପ୍ରଫୁଲ୍ଲ କୁମାର ପଣ୍ଡା**
ଆର୍ଥିକ ବିଶେଷଜ୍ଞ

ଏକ ଜରୁରିକାଳୀନ ପାଣ୍ଠିର ଅଭିପ୍ରାୟ ହେଉଛି ଆକସ୍ମିକ ବା ଜରୁରିକାଳୀନ ସ୍ଥିତି ପାଇଁ କିଛି ପରିମାଣର ଟଙ୍କା ଅଲଗା ରଖିବା । ଏହି ପାଣ୍ଠି ଆପଣ ନିଜ ସଙ୍କଟକାଳୀନ ପରିସ୍ଥିତି ବା ଅପ୍ରତ୍ୟାଶିତ ବା ଯୋଜନା ବାହାରେ ଥିବା ପରିସ୍ଥିତିରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ, ଆପଣଙ୍କ ନିୟମିତ ବା ଦୈନନ୍ଦିନ ଖର୍ଚ୍ଚ ପାଇଁ ନୁହେଁ । ଆହୁରି ମଧ୍ୟ, ଏକ ଜରୁରିକାଳୀନ ପାଣ୍ଠି ପାଇଁ ସର୍ବୋତ୍ତମ ବିକଳ୍ପ ହେଉଛି ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡ । ଆବଶ୍ୟକତା ସମୟରେ ଆପଣ ଯେବେ ଚାହିଁବେ, ବିନା ବିଳମ୍ବରେ ନିଜ ଟଙ୍କା ଉଠାଣ କରିବାରେ ସକ୍ଷମ ହେବେ । ସମାନ ସମୟରେ, ଆପଣ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ଆପଣ ପ୍ରସ୍ଥାନ ଭାର ବା ପ୍ରାକ୍-ଉଠାଣ ଜରିମାନା ଦେୟ ଆକାରରେ ଦଣ୍ଡିତ ନ ହୁଅନ୍ତି । ନିବେଶ କରାଯାଇଥିବା ଅର୍ଥରାଶିର ମୂଲ୍ୟ ହ୍ରାସିତ ନ ହେବା ଏବଂ ନିଶ୍ଚିତ ଭାବେ ଗ୍ୟାରେଣ୍ଟିଯୁକ୍ତ ରିଟର୍ନ ଯୋଗାଇବା ମଧ୍ୟ ଜରୁରୀ ।

### ଗୁରୁ କୁହନ୍ତି

**ପ୍ରମୋଦ କୁମାର ଖିଲାର**
ଆର୍ଥିକ ପରାମର୍ଶଦାତା

**ନିଜ ଅବସରକାଳ ପାଇଁ ଆପଣ କେତେ ଶୀଘ୍ର ନିବେଶ ଆରମ୍ଭ କରିବା ଉଚିତ?**

ଆପଣ ଯେଉଁଦିନଠାରୁ ରୋଜଗାର କରିବା ଆରମ୍ଭ କରିବେ, ସେହିଦିନଠାରୁ ଆପଣଙ୍କୁ ନିଜ ଅବସରକାଳ ପାଇଁ ଯୋଜନା ଆରମ୍ଭ କରିଦେବା ଉଚିତ । ବୃଦ୍ଧିଶୀଳ ଜୀବନ ପ୍ରତ୍ୟାଶା ଓ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖିଲେ, ଆପଣ ଏକ ବିଶାଳ ପାଣ୍ଠି ଆବଶ୍ୟକ କରିବେ । ତେଣୁ ନିଜର ପ୍ରଥମ ଦରମା ପାଇବା ମୁହୂର୍ତ୍ତରୁ ହିଁ ଅବସରକାଳୀନ ଯୋଜନା ପାଇଁ ଆପଣ ନିବେଶ ଆରମ୍ଭ କରିବା ଉଚିତ । ଆପଣ ନିଜର ଟିକସ ସଞ୍ଚୟ ଲକ୍ଷ୍ୟକୁ ନିଜର ଅବସରକାଳୀନ ଯୋଜନା ଲକ୍ଷ୍ୟ ସହ ସମ୍ମିଶ୍ରିତ କରିବା ଉଚିତ ଏବଂ ଏଥିରେ ଆପଣଙ୍କୁ ଇଏଲ୍ଏସ୍ଏସ୍ ମ୍ୟୁଚୁଆଲ ଫଣ୍ଡ ଯୋଜନା ସହାୟକ ହୋଇପାରିବ। ଇଏଲ୍ଏସ୍ଏସ୍‌ଗୁଡ଼ିକ କ୍ଲୋଜ୍-ଏଣ୍ଡେଡ୍, ବିବିଧକୃତ ଇକ୍ୱିଟି ସ୍କିମ୍ ହୋଇଥାଏ, ଯାହା ୩ ବର୍ଷର ଲକ୍-ଇନ୍ ଅବଧି ସହ ଆସିଥାଏ । ଏହା ହେଉଛି ଆୟକର ଅଧିନିୟମର ଧାରା ୮୦ସି ଅଧୀନରେ ଅନୁମୋଦିଯୋଗ୍ୟ ଟିକସ ସଞ୍ଚୟକାରୀ ସାଧନ । ଏହା ଆପଣଙ୍କୁ ଦୀର୍ଘ ମିଆଦରେ ଆପଣଙ୍କ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ଏବଂ ଟିକସ ସଞ୍ଚୟ ସମେତ ଏକ ବଡ଼ ଅବସରକାଳୀନ ପାଣ୍ଠି ଗଠନ କରିବାରେ ସାହାଯ୍ୟ କରିଥାଏ ।

## ନିଜର ପ୍ରଥମ ଦରମା ପାଇବା ଦିନରୁ ହିଁ ନିବେଶ ଆରମ୍ଭ କାହିଁକି କରିବା ଉଚିତ ତାହା ଜାଣିରଖନ୍ତୁ

ଚାରିଜଣ ଗ୍ରାଜୁଏଟ୍ – ଆର୍‌କେ, ପିସି, ଦୀପି ଏବଂ ସିକେ ୫ ବର୍ଷ ତଳେ ସମାନ କମ୍ପାନୀରେ ସମାନ ଦରମାରେ ଚାକିରି ପାଇଥିଲେ। ନିଜ ପ୍ରଥମ ଚାକିରିର ମହତ୍ତ୍ୱକୁ ବୁଝି ସେମାନେ ସମସ୍ତେ ସମାନ ପରିମାଣର ଅର୍ଥରାଶି ନିବେଶ କରିବା ଆରମ୍ଭ କଲେ । କିନ୍ତୁ, ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟମାନଙ୍କୁ ପଛରେ ପକାଇଦେଲେ । କାହିଁକି ଜାଣନ୍ତୁ:



| ବିବରଣୀ | ଆର୍‌କେ | ପିସି | ଦୀପି | ସିକେ |
|---|---|---|---|---|
| ନିବେଶ ଆରମ୍ଭ କରିଥିଲେ | ୫ ବର୍ଷ ପୂର୍ବେ | ୪ ବର୍ଷ ପୂର୍ବେ | ୩ ବର୍ଷ ପୂର୍ବେ | ୧ ବର୍ଷ ପୂର୍ବେ |
| ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ମାସିକ ଏସ୍ଆଇପି ପରିମାଣ | ₹୧୦,୦୦୦ | ₹୧୦,୦୦୦ | ₹୧୦,୦୦୦ | ₹୧୦,୦୦୦ |
| ରିଟର୍ନ* | ୧୭.୭୩% | ୧୬.୯୪% | ୯.୧୪% | ୧୦.୫୮% |
| ନିବେଶର ମୂଲ୍ୟ | ₹୯.୭ ଲକ୍ଷ | ₹୬.୯ ଲକ୍ଷ | ₹୪.୨ ଲକ୍ଷ | ₹୧.୩ ଲକ୍ଷ |

* କ୍ରିସିଲ ଏଏମ୍ଏଫ୍ଆଇ ଇକ୍ୱିଟି ଫଣ୍ଡ ପରଫର୍ମାନ୍ସ ଇଣ୍ଡେକ୍ସ, ମାର୍ଚ୍ଚ ୨୮, ୨୦୧୮ ସୁଦ୍ଧା ରିଟର୍ନ।

**କମ୍ପାଉଣ୍ଡିଂର ଶକ୍ତିକୁ ଧନ୍ୟବାଦ, ଉଚ୍ଚତର ରିଟର୍ନ ହେଉଛି ଅନ୍ୟତମ କାରଣ ଯେଉଁଥିପାଇଁ ଆପଣ ନିଜର ପ୍ରଥମ ଦରମା ପାଇବା ଦିନଠାରୁ ହିଁ ନିବେଶ କରିଦେବା ଆବଶ୍ୟକ । ଅନ୍ୟାନ୍ୟ ଲାଭଗୁଡ଼ିକ ଉପରେ ଆସନ୍ତୁ ନଜର ପକାଇବା:**

**ରିସ୍କ ନେବାର ଉତ୍ତମ ସାମର୍ଥ୍ୟ**
- ଆର୍‌କେ ଅଧିକ ରିସ୍କ ନେଇପାରିବେ, କାରଣ ତାଙ୍କର ବେଶି କିଛି କିମ୍ବା ଆଦୌ କୌଣସି ଦାୟିତ୍ୱର ବୋଝ ନାହିଁ
- ରିସ୍କ-ଓ-ମିଟରରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଉଚ୍ଚରେ ରହିଥାଇପାରେ, କିନ୍ତୁ ଦୀର୍ଘମିଆଦରେ ତାହାର ଉତ୍ତମ ରିଟର୍ନ ଦେବାର ସାମର୍ଥ୍ୟ ରହିଛି
- ତେଣୁ, ଆର୍‌କେ ରିସ୍କଗୁଡ଼ିକୁ ବିଚାରକୁ ନେଲେ, ଇକ୍ୱିଟି ବଜାରର ଭରପୂର ଫାଇଦା ଉଠାଇଲେ ଏବଂ ଦ୍ରୁତ ଗତିରେ ନିଜର ଧନ ସୃଜନ କରିପାରିଲେ

**ଟଙ୍କାପଇସା ପ୍ରବନ୍ଧନରେ ଦକ୍ଷତା**
- ସିକେ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ସଂଘର୍ଷରତ, କିନ୍ତୁ ଆର୍‌କେ ଓ ପିସି ତାଙ୍କଠାରୁ ଅଧିକ ଆରାମଦାୟକ ସ୍ଥିତିରେ ଅଛନ୍ତି
- ବିବେକୀ ଭାବେ ଖର୍ଚ୍ଚ କରିବା ଓ ନିୟମିତ ସଞ୍ଚୟ କରିବା ଏବେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି
- ତେଣୁ, ସେମାନେ ଅନ୍ୟ ଦୁଇଜଣଙ୍କ ତୁଳନାରେ ନିଜ ଆର୍ଥିକ ଜୀବନକୁ ଅଧିକ ଭଲ ଭାବେ ପରିଚାଳନା କରିପାରୁଛନ୍ତି

**ବର୍ଦ୍ଧିତ ନିବେଶ ନମନୀୟତା**
- ଆର୍‌କେ, ପିସି ଏପରିକି ଦୀପିଙ୍କ ନିବେଶ ମୂଲ୍ୟରେ ପହଞ୍ଚିବା ପାଇଁ ସିକେଙ୍କୁ ଅଧିକ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ।
- ଅଧିକନ୍ତୁ, ନିଜ ନିବେଶ ତ୍ରୁଟିଗୁଡ଼ିକୁ, ଯଦି ଥାଏ, ସୁଧାରିବା ପାଇଁ ଏବେ ସିକେଙ୍କ ନିକଟରେ ସମୟ ମଧ୍ୟ ନାହିଁ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏସ୍ଆଇପି ଆପଣଙ୍କୁ ଅତିରିକ୍ତ ଆୟ ଦେଇପାରିବ |** ପାଣ୍ଠିର ଏକ ବିକଳ୍ପ ଉତ୍ସ ହାସଲ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଯେହେତୁ ମାର୍ଚ୍ଚ ୨୦୧୯ ପାଇଁ ସଦ୍ୟତମ ରିପୋର୍ଟ ଏପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇନାହିଁ, ତେଣୁ ଇକ୍ୱିଟି ରିଟର୍ନ ତଥ୍ୟକୁ ମାର୍ଚ୍ଚ ୨୦୧୮ର କ୍ରିସିଲ୍ – ଏଏମ୍ଏଫ୍ଆଇ ଇକ୍ୱିଟି ଫଣ୍ଡ ପରଫର୍ମାନ୍ସ ଇଣ୍ଡେକ୍ସ ଫ୍ୟାକ୍ଟଶିଟ୍‌ରୁ ନିଆଯାଇଛି । ମାର୍ଚ୍ଚ ୨୦୧୮ରେ ସମାପ୍ତ ହୋଇଥିବା ଆର୍ଥିକ ବର୍ଷର ତଥ୍ୟ ବ୍ୟବହାର କରିବାର ଅଭିପ୍ରାୟ ସଂଖ୍ୟାଗୁଡ଼ିକୁ କମ୍ କିମ୍ବା ବେଶୀ କରି ଦେଖାଇବା ନୁହେଁ । ଅଧିକନ୍ତୁ, ମାର୍ଚ୍ଚ ୨୦୧୯ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଭାରତୀୟ ଇକ୍ୱିଟି ବେଞ୍ଚମାର୍କ ନିଫ୍ଟି ୫୦ ୧୪.୯୩% ବୃଦ୍ଧି ହାସଲ କରିଥିବା ବେଳେ ଏବଂ ବିଏସ୍‌ଇ ସେନସେକ୍ସ ୧୮.୭୭% ବୃଦ୍ଧି ହାସଲ କରିଛି ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

### ପାଠକୀୟ ମତ

ନୂଆ ଚାକିରିଆଙ୍କ ପ୍ରଥମ ନିବେଶ ତାଙ୍କ ପିତାମାତାଙ୍କ ଦ୍ୱାରା କରାଯିବା ଉଚିତ। ଆପଣ ଏକଥାରେ ସମ୍ମତ କି?

ହଁ | ନା

ନିଜ ଉତ୍ତର ଏସ୍ଏମ୍ଏସ୍ ମାଧ୍ୟମରେ ପଠାନ୍ତୁ।
Poll<SPACE>YES କିମ୍ବା
Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ
ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

### ଫଳାଫଳ

ଶେଷ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ଯେମିତି ପ୍ରତ୍ୟେକ ମାରାଥନ୍ ଦୌଡ଼ାଳି କୋଚ୍ ଆବଶ୍ୟକ କରନ୍ତି, ଠିକ୍ ସେମିତି ପ୍ରତ୍ୟେକ ନିବେଶକ ଜଣେ ଆର୍ଥିକ ପରାମର୍ଶଦାତା ଆବଶ୍ୟକ କରନ୍ତି। ଆପଣ ସମ୍ମତ କି?

ଆପଣଙ୍କ ମତାମତ ଏହିପରି ଥିଲା
ହଁ ୯୬% | ନା ୪%

### ସ୍ୱତନ୍ତ୍ର କୁମାର ବୁଝାନ୍ତି: ମ୍ୟୁଚୁଆଲ ଫଣ୍ଡ ଆପଣଙ୍କ ଟେକ୍-ହୋମ୍ ଦରମାକୁ ବୃଦ୍ଧି କରିବାରେ କିପରି ସହାୟକ ହୋଇପାରିବ

ବିଜ୍ଞ ଆର୍‌କେ ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍)ରେ ନିବେଶ କରି କେବଳ ଯେ ଉତ୍ତମ ରିଟର୍ନ ପାଇଲେ ତାହା ନୁହେଁ ବରଂ ₹୧.୫ ଲକ୍ଷ ନିବେଶ କରି ସେ ଅଧିକ ଟିକସ ସଞ୍ଚୟ କଲେ।

**ଇଏଲ୍ଏସ୍ଏସ୍ କ'ଣ?**
ଇଏଲ୍ଏସ୍ଏସ୍ ହେଉଛି ଏକ ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଯୋଜନା। ଅନ୍ୟାନ୍ୟ ସମାନ ଧରଣର ଟିକସ-ସଞ୍ଚୟ ସାଧନ ତୁଳନାରେ ଏହାର ସର୍ବନିମ୍ନ ଲକ୍-ଇନ୍ ଅବଧି ହେଉଛି ତିନିବର୍ଷ।
ଏହା ଦୀର୍ଘ ମିଆଦରେ ଉତ୍ତମ ରିଟର୍ନ ଯୋଗାଇବା ପାଇଁ ମଧ୍ୟ ବେଶ୍ ଜଣାଶୁଣା।
ଇଏଲ୍ଏସ୍ଏସ୍ ସହିତ ଆପଣ ଧନ ସୃଜନ କରିବା ସହ ଟିକସ ସଞ୍ଚୟ କରିପାରିବେ। କାରଣ ଇଏଲ୍ଏସ୍ଏସ୍ ନିବେଶରେ ଆପଣ ₹୧.୫ ଲକ୍ଷ ପର୍ଯ୍ୟନ୍ତ କାଟ ଭାବେ ଦାବି କରାଯାଇପାରିବ।




୨୭-ବର୍ଷୀୟ ଆର୍‌କେ ସର୍ବୋଚ୍ଚ ଟିକସ ସ୍ଲାବ୍‌ରେ ପହଞ୍ଚିଯାଇଛନ୍ତି। ୩୦% ଟିକସ ଏବଂ ୪% ସେସ୍ ସହିତ, ସେ ଟିକସରେ ₹୪୬,୮୦୦ ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। କମ୍ ଟିକସ ଦେଇ କରି ସେ, ଇଏଲ୍ଏସ୍ଏସ୍‌ରେ ନିବେଶ କରି ନ ଥିବା ଅନ୍ୟମାନଙ୍କ ତୁଳନାରେ ସେ ଅଧିକ ଦରମା ଘରକୁ ନେଇପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ପରବର୍ତ୍ତୀ ସଂସ୍କରଣରେ: ଜୀବନରେ ଅନେକ ପ୍ରଥମ ରହିଛି - ପ୍ରଥମ ଚାକିରି, ପ୍ରଥମ ଦରମା, କିମ୍ବା ପ୍ରଥମ ବିଦେଶ ଭ୍ରମଣ ମଧ୍ୟ । ଭ୍ରମଣ ମଜାଦାର ହୋଇପାରେ, କିନ୍ତୁ ଏହି ସର୍ତ୍ତରେ ଯେ ଆପଣ ସେଥିପାଇଁ ଭଲ ଭାବେ ଯୋଜନା ପ୍ରସ୍ତୁତ କରିଥିବେ। ନିବେଶ ମଧ୍ୟ ସେହିଭଳି। ଆସନ୍ତା ସଂସ୍କରଣରେ, ଏକ ଟ୍ରିପ୍‌ର ଯୋଜନା ପ୍ରସ୍ତୁତ କରିବା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ମଧ୍ୟରେ ରହିଥିବା ସମାନତାଗୁଡ଼ିକ ଉପରେ ଆମେ ନଜର ପକାଇବା।

f LIVE
ବିଶ୍ୱଭ୍ରମଣ ଏବେ କେବଳ ଆପଣଙ୍କ ସ୍ୱପ୍ନରେ ହିଁ ରହିଯିବ ନାହିଁ । ଉପଯୁକ୍ତ ଯୋଜନା ଓ ଉତ୍ତମ ନିବେଶ ରଣନୀତି ସହିତ ଏହି ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇପାରିବ। ୧୧ ସେପ୍ଟେମ୍ବର, ୨୦୧୯ ଦିନ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ "ମନରେ ବିଶ୍ୱ ଭ୍ରମଣର ଯୋଜନା ଅଛି? ଆଜି ହିଁ ନିଜ ଆର୍ଥିକ ଯୋଜନା ପ୍ରସ୍ତୁତ କରନ୍ତୁ" ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।


ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ ।

ସ୍ୱପ୍ନକୁ ସାକାର କରିବା ସ୍ୱପ୍ନକୁ ଦେଖିବା ବିଷୟରେ ନୁହେଁ, ବରଂ ଏହାକୁ ନେଇ ଜୀବନ ନିର୍ବାହ କରିବା ବିଷୟରେ ଅଟେ । ଏସ୍ଆଇପିକୁ ଆରମ୍ଭ କରି ଆପଣ ବି ଆପଣଙ୍କ ସ୍ୱପ୍ନକୁ ଜୀବନ୍ତ କରନ୍ତୁ ।

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
SMS "UTISIP" to 5676756

Scan this QR code to learn more about SIP

ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି)
ଆପଣଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏକ ଛୋଟ କଦମ ବଢ଼ାନ୍ତୁ, www.utiswatantra.com ରେ ଲଗ୍ ଅନ୍ କରନ୍ତୁ।
Follow us on

ଏକ ବିଶେଷ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ରେ ପୂର୍ବ-ନିର୍ଦ୍ଧାରିତ ତାରିଖରେ ଏକ ନିର୍ଦ୍ଧାରିତ ରାଶିର ଅନୁଶାସିତ ନିବେଶର ପ୍ରକ୍ରିୟା ଏସ୍ଆଇପି ଅଟେ ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ ।



ରୋହିତ ସେଟ୍ଟୀଙ୍କ ସହ କାମ କରିବାକୁ ମୋତେ ବହୁତ ଭଲ ଲାଗେ।
-ଆୟୁଷ୍ମାନ୍ ଖୁରାନା, ଫିଲ୍ମ ଅଭିନେତା



# ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ପାଇପ୍‌ଲାଇନ୍

କାଠମାଣ୍ଡୁ/ନୂଆଦିଲ୍ଲୀ



## ଉଦ୍‌ଘାଟନ କଲେ ମୋଦି-ଓଲି

ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ଉତ୍ପାଦ ପାଇପ୍‌ଲାଇନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନେପାଳ ପ୍ରତିପକ୍ଷ କେ.ପି. ଓଲି ମଙ୍ଗଳବାର ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ନେପାଳକୁ କମ ମୂଲ୍ୟରେ ନିରବଚ୍ଛିନ୍ନ ଭାବେ ପେଟ୍ରୋଲିୟମଜାତ ଦ୍ରବ୍ୟ ଯୋଗାଯାଇ ପାରିବ। ବିହାରର ମୋତିହାରି-ନେପାଳର ଆମ୍‌ଲେଖ୍‌ଗଞ୍ଜ ମଧ୍ୟରେ ୬୯ କି.ମି.ବ୍ୟାପୀ ଏହି ପାଇପ୍‌ଲାଇନ୍‌କୁ ଭିଡିଓ ଲିଙ୍କ୍ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। ନେପାଳ ତୈଳ ନିଗମ ସହଯୋଗରେ ଭାରତୀୟ ତୈଳ ନିଗମ ପକ୍ଷରୁ ୩୨୪ କୋଟି ଟଙ୍କା ବ୍ୟୟରେ ଏହି ପାଇପ୍‌ଲାଇନ୍ ନିର୍ମାଣ କରାଯାଇଥିଲା। ଏଥିସହ ୨୦୧୪ରେ ହୋଇଥିବା ଭାରତ-ନେପାଳ ଚୁକ୍ତି



ସଫଳ ରୂପ ନେଇଥିବା କୁହାଯାଉଛି। ଦୁଇଦେଶ ଆମ୍‌ଲେଖ୍‌ଗଞ୍ଜ ଡିପୋରେ ଅତିରିକ୍ତ ଷ୍ଟୋରେଜ୍ ସୁବିଧା ଲାଗି କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଦ୍ୱିପାକ୍ଷିକ ସହଯୋଗ କ୍ଷେତ୍ରରେ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏହାକୁ ଶେଷ କରିବା ଲାଗି ୩୦ ମାସ ସମୟ ଅବଧି ରଖାଯାଇଥିବାବେଳେ ମାତ୍ର ୧୫ ମାସରେ ଶେଷ କରାଯାଇଥିବା ସେ କହିଛନ୍ତି। ପ୍ରତିବର୍ଷ ଏହି ପାଇପ୍‌ଲାଇନ୍ ୨ ନିୟୁତ ମେଟ୍ରିକ ଟନ୍ ପେଟ୍ରୋଲଜାତ ଦ୍ରବ୍ୟ କମ ମୂଲ୍ୟରେ ନେପାଳକୁ ଯୋଗାଇ ଦେବ। ନେପାଳ ପ୍ରଧାନମନ୍ତ୍ରୀ ଓଲି ମୋଦିଙ୍କ ବିକାଶ ଓ ସବ୍‌କା ସାଥ୍ ନାରା ସଫଳ ରୂପ ନେଇଥିବା କହିଛନ୍ତି। ନେପାଳ ଲାଗି ଏହି ପାଇପ୍‌ଲାଇନ୍ ବେଶ୍ ଫଳପ୍ରଦ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତରୁ ଆସିବାକୁ ଥିବା ଡିଜେଲ ଓ ଅନ୍ୟ ସାମଗ୍ରୀର ସୁରକ୍ଷା ଦାୟିତ୍ୱ ନେପାଳ ସେନା ବୁଝିବ ବୋଲି ଓଲି ଆଶ୍ୱାସନା ଦେଇଛନ୍ତି।

# କଂଗ୍ରେସ ଛାଡ଼ିଲେ ଉର୍ମିଳା ମାତୋଣ୍ଡକର

ମୁମ୍ବାଇ



ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଉର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ୬ ମାସ ପୂର୍ବରୁ ସେ କଂଗ୍ରେସରେ ଯୋଗଦେଇ ମୁମ୍ବାଇ ନର୍ଥ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଭାଜପା ପ୍ରାର୍ଥୀ ଗୋପାଲ ସେଟ୍ଟୀଙ୍କଠାରୁ ପରାଜୟବରଣ କରିଥିଲେ। ଏନେଇ ଏକ ବିବୃତିରେ ମାତୋଣ୍ଡକର କଂଗ୍ରେସର ସାଙ୍ଗଠନିକ ଉତ୍ତରଦାୟିତ୍ୱକୁ ନାପସନ୍ଦ କରିଛନ୍ତି। ମୁମ୍ବାଇ କଂଗ୍ରେସ ତାଙ୍କ କଥାକୁ ଅଣଦେଖା କରିବା, ଦଳରେ ପରିବର୍ତ୍ତନ ଓ ସ୍ୱଚ୍ଛତା ରକ୍ଷା କରା ନ ଯିବା, ବିନା ଦାୟିତ୍ୱରେ କେତେକଙ୍କୁ ପଦୋନ୍ନତି ଦିଆଯିବା ଭଳି ନିଷ୍ପତ୍ତି ତାଙ୍କୁ ଏଭଳି ପଦକ୍ଷେପ ନେବାକୁ ବାଧ୍ୟକରିଛି ବୋଲି ମାତୋଣ୍ଡକର ପ୍ରକାଶ କରିଛନ୍ତି।

# ବଢ଼ୁଛି ମୋଦିଙ୍କ କ୍ରେଜ୍

## ବିଶ୍ୱର ତୃତୀୟ ଲୋକପ୍ରିୟ ନେତା

**ନୂଆଦିଲ୍ଲୀ:** ମାଇକ୍ରୋ ବ୍ଲଗିଂ ଆକାଉଣ୍ଟ ଟୁଇଟରରେ ବିଶ୍ୱର ସବୁଠୁ ଅଧିକ ଫଲୋଅର୍ସ ଥିବା ନେତାଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତ ବର୍ଷକ ମଧ୍ୟରେ ୬୦ ଲକ୍ଷ ଟୁଇଟର ୟୁଜର୍ସ ମୋଦିଙ୍କୁ ଫଲୋ କରିଥିବାବେଳେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ୫ କୋଟିରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ୬ କୋଟି ୪୦ ଲକ୍ଷ ଫଲୋଅର୍ସ ଥିବାବେଳେ ସେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦ କୋଟି ୮୦ ଲକ୍ଷ ଫଲୋଅର୍ସ ଥିବାରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ପ୍ରଥମ ସ୍ଥାନରେ ଅଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୯ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଟୁଇଟର ବ୍ୟବହାର ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ବେଶ୍ ସକ୍ରିୟ ରହିଛନ୍ତି। ଫେସ୍‌ବୁକ୍‌ରେ ତାଙ୍କର ୩ କୋଟି ୪୦ ଲକ୍ଷ ପ୍ରଶଂସକ ଥିବା ବେଳେ ଇନ୍‌ଷ୍ଟାଗ୍ରାମରେ ୨କୋଟି ୫୦ ଲକ୍ଷ ଫଲୋଅର୍ସ ଅଛନ୍ତି। ମୋଦି ପାର୍ଲାମେଣ୍ଟ ଭିତରେ ଏକ ଛୋଟ ପିଲା ସହ ଖେଳୁଥିବାର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଏହି ଫଟୋକୁ ସବୁଠୁ ଅଧିକ ଲାଇକ୍ ମିଳିଥିଲା।

# ଚାଇନାର ସବୁଠୁ ଧନୀ ବ୍ୟବସାୟୀ ଜ୍ୟାକ୍ ମା



## ଶ୍ରେଣୀରେ ଅନେକଥର ଫେଲ୍, ୩୦ କମ୍ପାନୀଠାରୁ ପ୍ରତ୍ୟାଖ୍ୟାତ

**ବେଜିଂ:** ଅଭାବ ଅନଟନର ଦ୍ୱାହି ଦେଇ ସଂଘର୍ଷ କରିବାକୁ ପଛଘୁଞ୍ଚା ଦେଉଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଏକ ଉଦାହରଣ ହେଉଛନ୍ତି ଜ୍ୟାକ୍ ମା। ବାଲ୍ୟକାଳରୁ ଏକ ଦୁର୍ବଳ ଛାତ୍ର, ଯିଏ କି ଏକାଧିକ ଥର ଶ୍ରେଣୀରେ ଫେଲ୍ ହୋଇଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଜଣେ ଇଂଲିଶ ଶିକ୍ଷକ ହୋଇପାରିଲେ। କେବଳ ଏତିକି ନୁହେଁ, ସେ ଜୀବନ ସହ ସଂଘର୍ଷ କରି ଚାଇନାର ସବୁଠାରୁ ବଡ଼ ଧନୀ ହେବା ସହ ସଫଳ ବ୍ୟବସାୟୀ ମଧ୍ୟ ହୋଇପାରିଲେ।

ଆଲିବାବା ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଲୋକପ୍ରିୟ ବ୍ୟବସାୟୀ ଜ୍ୟାକ୍ ମା ୨୦୧୯ ସେପ୍ଟେମ୍ବର ୧୦ ତଥା ନିଜ ୫୫ତମ ଜନ୍ମଦିବସରେ ନିଜ କମ୍ପାନୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଆଲିବାବା କମ୍ପାନୀ ଆରମ୍ଭ କରିବା ପୂର୍ବରୁ ଜ୍ୟାକ୍ ମା ଶିକ୍ଷକତା କରୁଥିଲେ। ପିଲାବେଳେ ତାଙ୍କର ପାଠ ହେଉ ନ ଥିବାରୁ ସେ ଅନେକ ଥର ଶ୍ରେଣୀରେ ଫେଲ୍ ହୋଇଛନ୍ତି। ପରେ ସଂକଳ୍ପ ଓ ସଂଘର୍ଷ କରି ସେ ଜଣେ ସଫଳ ଶିକ୍ଷକ ହୋଇପାରିଥିଲେ। ଶିକ୍ଷକତା ସମୟରେ ସେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଆବେଦନ କରୁଥିଲେ। କେଏଫ୍ ସି ଭଳି ପ୍ରାୟ ୩୦ଟି କମ୍ପାନୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା। ଏଥିରେ କିନ୍ତୁ ଜ୍ୟାକ୍ ଭାଙ୍ଗି ପଡ଼ି ନ ଥିଲେ। ବ୍ୟବସାୟ ପାଇଁ ମନବଳାଇ ନିଜର ୧୭ଜଣ ବନ୍ଧୁଙ୍କ ସହ ମିଶି ୧୯୯୯ରେ ଚାଇନାର ଝେଜିୟାଂଗର ହାଙ୍ଗଝୁଙ୍ଗ୍‌ରେ ଏକ ଆପାର୍ଟମେଣ୍ଟର ଛୋଟ ରୁମ୍‌ରୁ ଅନ୍‌ଲାଇନ୍ କମ୍ପାନୀ 'ଆଲିବାବା' ଆରମ୍ଭ କରିଥିଲେ। ତେବେ ସବୁଠାରୁ ମଜାକଥା ହେଲା ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାର ନିଷ୍ପତ୍ତି ନେବାବେଳେ ଜ୍ୟାକ୍‌ଙ୍କ କମ୍ପ୍ୟୁଟର ଜ୍ଞାନ ମଧ୍ୟ ସେତେଟା ନ ଥିଲା। ଜ୍ୟାକ୍ ୨୦୧୩ ଯାଏ ଅଲିବାବା କମ୍ପାନୀର ଅଧ୍ୟକ୍ଷ ରହିଲେ।

୨୦୧୪ରେ ସେ 'ଜ୍ୟାକ୍ ମା ଫାଉଣ୍ଡେଶନ୍' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଲେ। ଏବେ ଅବସର ନେବା ପରେ ଏହି ଫାଉଣ୍ଡେଶନ୍‌କୁ ଜ୍ୟାକ୍ ନିଜର ସମ୍ପୂର୍ଣ୍ଣ ସମୟ ଦେବେ।

# ଜାଲିଆନ୍‌ୱାଲାବାଗ୍ ହତ୍ୟାକାଣ୍ଡ ଏକ ବଡ଼ ଲଜ୍ଜା

## ସ୍ମୃତିସ୍ତମ୍ଭ ତଳେ ମୁଣ୍ଡ ନୁଆଁଇ ଦୁଃଖପ୍ରକାଶ କଲେ ଆର୍କବିଶପ



**ଅମୃତସର:** କ୍ୟାଣ୍ଟରବରୀର ଆର୍କବିଶପ ଜଷ୍ଟିନ୍ ୱେଲବାଇ ମଙ୍ଗଳବାର ଜାଲିଆନ୍‌ୱାଲା ବାଗ୍ ସ୍ମୃତିସ୍ତମ୍ଭ ଗସ୍ତକରି ପ୍ରାର୍ଥନା କରିବା ସହ ଏଥିଲାଗି ନିଜକୁ ଲଜ୍ଜିତ ଓ ଦୁଃଖିତ ବୋଲି କହିଛନ୍ତି। ୧୯୧୯ରେ କରାଯାଇଥିବା ଅପରାଧ ସବୁଠାରୁ ଜଘନ୍ୟ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ବ୍ରିଟିସ ସରକାର ବିରୋଧରେ ସେ କିଛି କହି ନ ଥିବାବେଳେ ଏହା ଏକ ପାପସ୍ଥାନ ବୋଲି କହିଛନ୍ତି। ଜଣେ ଧର୍ମଗୁରୁ ଭାବେ ମୁଁ ଶୋକପ୍ରାର୍ଥନା କରୁଛି। ଏହା ସେତେବେଳର ଜଘନ୍ୟ ପାପ ଓ ଅପରାଧର ମୁଖସାକ୍ଷୀ। ପ୍ରକାଶଥାଉ କି, ୧୯୧୯ ଏପ୍ରିଲ ୧୩ରେ ଜେନେରାଲ ଡାୟାରଙ୍କ ନିର୍ଦ୍ଦେଶ କ୍ରମେ ନିରୀହ ଆନ୍ଦୋଳନକାରୀଙ୍କୁ ଗୁଳିମାଡ଼ କରାଯାଇ ହତ୍ୟା କରାଯାଇଥିଲା।

## [ଇତିହାସର ଆଇନାରେ]

### ସେପ୍ଟେମ୍ବର ୧୧ର ପ୍ରମୁଖ ଘଟଣା

୨୦୦୧ ସେପ୍ଟେମ୍ବର ୧୧ରେ ଅଲ୍ କାଏଦା ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଆମେରିକାରେ ସିରିଜ୍ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ୨,୯୯୬ ଲୋକ ପ୍ରାଣ ହରାଇଥିଲେ ।

୨୦୧୨ ସେପ୍ଟେମ୍ବର ୧୧ରେ ପାକିସ୍ତାନର କରାଚୀ ଓ ଲାହୋରରେ ଥିବା ୨ଟି ଗୋଦାମରେ ଅଗ୍ନିକାଣ୍ଡ ଘଟିବାରୁ ୩୧୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ପଶ୍ଚିମ କରାଚୀର ଏକ କପଡ଼ା ଦୋକାନ ଓ ଲାହୋରରେ ଥିବା ଏକ ଜୋତା ତିଆରି କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା।

# ଆମେରିକା ଯିବାକୁ ସାଜିଥିଲେ ବୁଢ଼ାବେଶ



ବିମାନବନ୍ଦରରେ ଧରିପଡ଼ିଲେ

**ନୂଆଦିଲ୍ଲୀ:** ଚଷମା ପିନ୍ଧି ଦାଢି ଓ ଚୁଟି ଧଳା କରିଥିଲେ ସେ। ଏମିତିକି ନାଁ ମଧ୍ୟ ବଦଳାଇଥିଲେ। କଳେବଳେ କୌଶଳେ ପାସ୍‌ପୋର୍ଟ ଯୋଗାଡ଼ କରିବାରେ ସଫଳ ହୋଇଥିଲେ। ଇଚ୍ଛା ଥିଲା ଆମେରିକାରେ ଚାକିରି କରି ଆନନ୍ଦରେ ଜୀବନ କଟାଇବେ। ହେଲେ ତାଙ୍କର ସବୁ ଉଦ୍ୟମ ଫସର ଫାଟିଯାଇଥିଲା। ବିମାନ ଧରିବା ପୂର୍ବରୁ ସେ ଦିଲ୍ଲୀ ବିମାନବନ୍ଦରରେ ସିଆଇଏସ୍‌ଏଫ୍ ହାବୁଡ଼ରେ ପଡ଼ିଲେ। ୮୧ ବର୍ଷୀୟ ଅମ୍ରିକ ସିଂ ବେଶଧାରୀ ବୃଦ୍ଧ ସଙ୍ଗେ ସଙ୍ଗେ ପାଲଟି ଯାଇଥିଲେ ଅହମଦାବାଦର ଜୟେଶ ପଟେଲ(୩୨)। ହ୍ୱିଲଚେୟାରରେ ବିମାନବନ୍ଦରକୁ ଆସିଥିବା ଜୟେଶଙ୍କ କଣ୍ଠସ୍ୱର ସୁରକ୍ଷାକର୍ମୀ ଠଉରେଇ ନେଇଥିଲେ। ଯାଞ୍ଚ ପରେ ସବୁ ସତ ଲୋକଲୋଚନକୁ ଆସିଥିଲା। ଭାରତ ନାମକ ଜଣେ ଏଜେଣ୍ଟଙ୍କ ସହାୟତାରେ ସବୁ କାଗଜପତ୍ର କରିଥିବା ଜୟେଶ ସ୍ୱୀକାର କରିଛନ୍ତି। ଆମେରିକାରୁ ସେ ଭାରତଙ୍କୁ ୩୦ ଲକ୍ଷ ଦେବେ ବୋଲି କଥା ଛିଣ୍ଡିଥିଲା।

# ବୀମା ଟଙ୍କା ଲାଗି ଜୀବନ ହାରିଲେ ଜମିଦାର

**ଜୟପୁର:** ରାଜସ୍ଥାନର ଭିଲ୍‌ୱାରା ନିବାସୀ ବଲ୍‌ବୀର ଖରୋଲ(୩୮) ଜଣେ ଜମିଦାର। ପରିବାର ୫୦ ଲକ୍ଷ ଟଙ୍କା ବୀମାରାଶି ପାଇବା ଲୋଭରେ ସେ ନିଜକୁ ମାରିଦେଇଛନ୍ତି। ଲୋକଙ୍କୁ ଦେଇଥିବା ଟଙ୍କା ଫେରସ୍ତ ଆଣିବାରେ ବିଫଳ ହେବାରୁ ସେ ଏଭଳି ନିଷ୍ପତ୍ତି ନେଇଥିଲେ। ଘରୋଇ ବ୍ୟାଙ୍କରୁ ବୀମା ପଲିସି କରିଥିବାରୁ ଏହାଦ୍ୱାରା ପରିବାର ଲୋକେ ୫୦ ଲକ୍ଷର ବୀମାରାଶି ପାଇପାରିବେ ବୋଲି ସେ ଭାବିଥିଲେ। ତାଙ୍କଠାରୁ ଟଙ୍କା ନେଇ ଏହି ହତ୍ୟାକାଣ୍ଡ ଭିଆଇଥିବା ରାଜବୀର ସିଂ ଓ ସୁନିଲ ଯାଦବ ନାମକ ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି।

# ମୃତ ବ୍ୟକ୍ତିଙ୍କ ନାମରେ ମାମଲା



କୋର୍ଟରୁ ଆସିଛି ନୋଟିସ

ପାଟନା: ମୃତକ ହିତାଧିକାରୀ ହୋଇ ରାଶନ, ଘର ତଥା ଭତ୍ତା ପାଇବା କଥା ଶୁଣିଛନ୍ତି। ମାତ୍ର ମୃତକଙ୍କ ନାମରେ କେସ୍ ହେବା କଥା କେବେ ଶୁଣିଛନ୍ତି କି? ବିହାରରେ ଘଟିଛି ଏମିତି ଏକ ଘଟଣା। ମୃତ ବ୍ୟକ୍ତିଙ୍କ ନାମରେ କେସ୍ କରି ପୋଲିସ ତା' ଅପାରଗ ପଣିଆ ପଦାରେ ପକାଇ ଦେଇଛି। ପାଟନା ଜିଲାର ବରହ ଅଞ୍ଚଳରେ ଶାନ୍ତି ଭଙ୍ଗ ପାଇଁ ପୋଲିସ ଏଫ୍‌ଆଇଆରରେ ପାଞ୍ଚଜଣଙ୍କ ସହ ଜଣେ ମୃତ ବ୍ୟକ୍ତିଙ୍କ ନାମ ସାମିଲ କରିଥିଲା । ମୃତ ବ୍ୟକ୍ତିଙ୍କ ନାମ ଅଜୟ କୁମାର ଯାଦବ। ଏହାପରେ ୧୦୭ ଧାରାରେ ଏହି ୬ ଜଣଙ୍କ ନାମରେ କେସ୍ ଦାଏର କରି କୋର୍ଟରେ ଦାଖଲ କରିଥିଲା। ବରହ ଅଞ୍ଚଳରେ ମନ୍ଦିରକୁ ଦିଆଯାଉଥିବା ଦାନକୁ ନେଇ ଏକ ବିବାଦୀୟ ପରିସ୍ଥିତିରେ ଶାନ୍ତି ଭଙ୍ଗ ହେବା ଆଶଙ୍କା କରି ଏହି କେସ କରାଯାଇଥିଲା। ପୋଲିସ କୋର୍ଟ ଏବେ ଅଜୟଙ୍କ ନାମରେ ନୋଟିସ ପଠାଇ ସେପ୍ଟେମ୍ବର ୧୧ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଘର ଲୋକ ଏହି ନୋଟିସ ପାଇବା ପରେ ଅଜୟଙ୍କର ୫ ବର୍ଷ ହେବ ମୃତ୍ୟୁ ହୋଇଛି ବୋଲି ଜଣାଇଛନ୍ତି। ଅଜୟଙ୍କ ମୃତ୍ୟୁ ହୋଇଥିଲେ ବି ପୋଲିସ ଅଜୟଙ୍କ ନାମରେ ଜାନୁୟାରୀ, ୨୦୧୯ରେ ଏଫ୍‌ଆଇଆର୍ ଦାଏର କରିଛି ବୋଲି ତାଙ୍କ ପିତା ରାମକୃଷ୍ଣ ଯାଦବ କହିଛନ୍ତି। ବରହ ଥାନା ଏସ୍‌ଏଚଓ ସଞ୍ଜିତ କୁମାର ଏହି ଘଟଣାକୁ ଏକ ତ୍ରୁଟି ବୋଲି ଦର୍ଶାଇ ତାହାକୁ ଠିକ୍ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

# ନ୍ୟୁୟର୍କରୁ କ୍ୟାନ୍‌ସର ଚିକିତ୍ସା ସାରି ଘର ବାହୁଡ଼ିଲେ ଋଷି


**ମୁମ୍ବାଇ:** ସାରା ବଲିଉଡ୍ ଓ ଋଷିଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେହିପରି ବି-ଟାଉନର କପୁର ପରିବାରରେ ମଧ୍ୟ ଖୁସିର ମାହୋଲ୍ ରହିଛି। କାରଣ ପ୍ରାୟ ବର୍ଷେ ପରେ ନ୍ୟୁୟର୍କରୁ କ୍ୟାନ୍‌ସରର ସଫଳ ଚିକିତ୍ସା କରାଇ ଭାରତ ଫେରିଛନ୍ତି ଅଭିନେତା ଋଷି କପୁର। ଏଥିପାଇଁ ସୋସିଆଲ ମିଡିଆରେ ମଧ୍ୟ ଶୁଭେଚ୍ଛାର ସୁଅ ଛୁଟିଛି।



ସୂଚନାଥାଉ କି, କ୍ୟାନ୍‌ସର ପୀଡ଼ିତ ଋଷି କପୁର ପ୍ରାୟ ୧ବର୍ଷ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ବାପା ଋଷି କପୁରଙ୍କୁ କ୍ୟାନ୍‌ସର ହୋଇଥିବା ସୂଚନା ମିଳିବା କ୍ଷଣି ପୁଅ ରଣବୀର କପୁର ତାଙ୍କୁ ନ୍ୟୁୟର୍କକୁ ଚିକିତ୍ସା ପାଇଁ ପଠାଇଥିଲେ। ସୂଚନା ଅନୁସାରେ ଦିଲ୍ଲୀରେ ଏକ ଫିଲ୍ମର ଶୁଟିଂ ଚାଲିଥିବାବେଳେ ରଣବୀର ଏବଂ ତାଙ୍କ ପରିବାରର କିଛି ସଦସ୍ୟ ଦିଲ୍ଲୀରେ ଆସି ପହଞ୍ଚିଥିଲେ। ସେମାନେ ଫିଲ୍ମ ପ୍ରଯୋଜକଙ୍କ ସହ କଥା ହୋଇ ଋଷିଙ୍କ କ୍ୟାନ୍‌ସର ବାବଦରେ ସମସ୍ତ ବିଷୟ ଜଣାଇଥିଲେ। ସେହି ଦିନ ସନ୍ଧ୍ୟା ସୁଦ୍ଧା ସମସ୍ତେ ମିଶି ଋଷିଙ୍କୁ ମୁମ୍ବାଇ ନେଇଆସିଥିଲେ ଏବଂ ଯଥାଶୀଘ୍ର ତାଙ୍କୁ ନ୍ୟୁୟର୍କ ପଠାଇଥିଲେ। ରଣବୀର ବାପା ଋଷିଙ୍କୁ ନୂଆ ଫିଲ୍ମର ଶୁଟିଂ ଛାଡ଼ି ନ୍ୟୁୟର୍କରେ ଚିକିତ୍ସା ପାଇଁ ବାଧ୍ୟ କରିଥିଲେ। ତେବେ ଚିକିତ୍ସା ସମୟରେ ମଧ୍ୟ ସେ ନିଜ ପ୍ରଶଂସକଙ୍କ ସହ ସୋସିଆଲ ମିଡିଆ ଜରିଆରେ ଯୋଡ଼ି ହୋଇ ରହିଥିଲେ।

# ବହି କିଣିବାକୁ ଚାପ ପକାଇଲେ ଜରିମାନା

ପାଟନା



ପାଟନା ଡିଭିଜନର ବେସରକାରୀ ସ୍କୁଲ୍ ଆଗାମୀ ସେଶନ୍‌ରେ ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରିପାରିବେ ନାହିଁ ବୋଲି ଡିଭିଜନ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟଠାରୁ ବେଶି ବୃଦ୍ଧି କରିବାକୁ ହେଲେ ତା'ର କାରଣ ଜଣାଇବାକୁ ପଡିବ ଓ ଡିଭିଜନର ମୁଖ୍ୟଙ୍କ ବିନା ଅନୁମତିରେ ଯଦି ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରାଯାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଟନା, ନାଳନ୍ଦା,ଭୋଜପୁର,ବକ୍ସର, ରୋହତାସ ଓ କୈମୁର ଜିଲାର ବେସରକାରୀ ସ୍କୁଲ ଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ବର୍ଷର ଦେୟ ବୃଦ୍ଧି ଲାଗି ନଭେମ୍ବର ୩୦ ସୁଦ୍ଧା ପ୍ରସ୍ତାବ ଦେବା ପାଇଁ କୁହାଯାଇଛି । ଅଭିଭାବକମାନେ ନିଜ ଇଚ୍ଛାରେ ଦେକାନରୁ ବହି ଓ ଖାତା କିଣିପାରିବେ। ସ୍କୁଲ ସେମାନଙ୍କ ଜଣାଶୁଣା ଦୋକାନରୁ ଏସବୁ କିଣିବା ଲାଗି ଚାପ ପକାଇ ପରିବନାହିଁ। ଯଦି ପକାନ୍ତି , ଅଭିଯୋଗ ଆସିଲେ ପ୍ରଥମ ଥର ୧ ଲକ୍ଷ ଓ ଦ୍ୱିତୀୟ ଥର ଅଭିଯୋଗ ହେଲେ ୨ ଲକ୍ଷ ଟଙ୍କା ଜରିମାନା ଦେବେ । ଏ ବାବଦରେ ତୃତୀୟଥର ଅଭିଯୋଗ ହେଲେ ସ୍କୁଲର ଆଫିଲେଶନ ରଦ୍ଦ କରାଯିବ। ପ୍ରତ୍ୟେକ ସ୍କୁଲ୍ ନିଜ ୱେବ୍‌ସାଇଟ ଖୋଲିବେ । ଏଥିରେ ଦେୟ ବାବଦରେ ସବୁ ବିବରଣୀ ପ୍ରଦାନ କରିବେ ଓ ଏହାର ଏକ କପି ନୋଟିସ ବୋର୍ଡରେ ବି ଲଗାଇବେ । ଛାତ୍ରୀ ଓ ଛାତ୍ରଙ୍କ ଲାଗି ଅଲଗା ଅଲଗା ଟଏଲେଟ କରିବାକୁ ପଡିବ। ଛାତ୍ରୀଙ୍କ ଟଏଲେଟ ସଫା କରିବା ପାଇଁ ମହିଳା ସଫେଇକର୍ମୀ ନିଯୁକ୍ତ ହେବେ। ଛାତ୍ରୀଙ୍କ ପାଇଁ ମହିଳା କାଉନସିଲର ବି ରହିବେ । ସ୍କୁଲର କାର୍ଯ୍ୟରତ ଗାର୍ଡ,ସଫେଇକର୍ମୀ,ଡ୍ରାଇଭର,ପିଅନଙ୍କ ଠିକଣା ୧୫ ଦିନ ମଧ୍ୟରେ ଥାନାରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ବସ୍‌ରେ ମ୍ୟୁଜିକ ସିଷ୍ଟମ ବି ରହିବନି। ଜିଲା ପରିବହନ ଅଧିକାରୀ ବସ୍‌ର ଯାଞ୍ଚ କରିବେ। ଯଦି ଏହାର ଉଲ୍ଲଂଘନ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍କୁଲରେ ବୃଦ୍ଧି ପାଉଥିବା ଅପରାଧ ଆଶଙ୍କା କମ୍ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

## ସଂକ୍ଷେପରେ

### ଶ୍ରୀନଅରରେ ସୁନିଆ ଚାଲିଲା ୬୨ ଅଙ୍କ, ୧୪୨୭ ସାଲ



**ପୁରୀ ଅଫିସ, ୧୦।୯:** ଗଜପତି ମହାରାଜା ଦିବ୍ୟ ସିଂହଦେବଙ୍କ ଶାସନରେ ୬୧ ଅଙ୍କ ଶେଷ ହୋଇଛି। ମଙ୍ଗଳବାର ସୁନିଆ ଅବସରରେ ୬୨ଅଙ୍କ ଏବଂ ୧୪୨୭ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡିଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚ ଦେବତା ପୂଜା, ରାମାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୨ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଏହାପରେ ଗଜପତି ମହାରାଜାଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଉପସ୍ଥିତ ରହି ରାଜଗୁରୁ ସେବା କରିଥିଲେ। ସୁନିଆ ପରମ୍ପରା ସମ୍ପର୍କରେ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷର ଅୟମାରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୨ଅଙ୍କ ପ୍ରଚଳିତ ହେଲା ୧୪୨୭ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

### ମଧ୍ୟାହ୍ନଭୋଜନ ଖାଇ ଛାତ୍ର ମୃତ୍ୟୁ ଘଟଣା
### ନବରଙ୍ଗପୁର ଜିଲାପାଳଙ୍କୁ ଏନ୍‌ଏଚଆରସିଙ୍କ ତାଗିଦ୍

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ନବରଙ୍ଗପୁର ଜିଲାରେ ୨୦୧୮ ମସିହାରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ସେହି ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣ ଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚଆରସି) ନବରଙ୍ଗପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ପ୍ରମାଣ ସହ ଦାଖଲ କରିବାକୁ କୁହାଯାଇଛି। ଆଡଭୋକେଟ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦାଏର କରାଯାଇଥିବା ମାମଲାର ଶୁଣାଣି କରି କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ନବରଙ୍ଗପୁର ଜିଲାର ଏକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ୧୪ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୦୧୮ ଫେବୃୟାରୀ ୧୯ ତାରିଖରେ ସେମାନଙ୍କ ମଧ୍ୟରୁ ଗୁରୁବନ୍ଧୁ ଭାତ୍ରାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାର ମୃତ ଛାତ୍ରଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ମୃତ ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ନବରଙ୍ଗପୁର ଜିଲାପାଳ କ୍ଷତିପୂରଣ ରାଶି ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇ ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଜଣାଇବା ସତ୍ତ୍ୱେ ମୃତ ଛାତ୍ରଙ୍କର ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣପତ୍ର ଆସନ୍ତା ୬ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

■ ହୋମ୍‌ୱାର୍କ କରି ନ ଥିବାରୁ ଦଣ୍ଡ

# ଛାତ୍ରଙ୍କୁ ଶ୍ରେଣୀକକ୍ଷରେ ବନ୍ଦକରି ପଳାଇଲେ ଶିକ୍ଷୟିତ୍ରୀ

**ଜୟପୁର, ୧୦।୯(ଡି.ଏନ୍.ଏ.)**

ହୋମ୍‌ୱାର୍କ କରି ନ ଥିବାରୁ ଷ୍ଟାଣ୍ଡାର୍ଡ଼ ୱାନ୍‌ର ଜଣେ କୋମଳମତି ଛାତ୍ରଙ୍କୁ ଶ୍ରେଣୀକକ୍ଷରେ ଲାଇଟ୍ ଓ ଫ୍ୟାନ୍ ଅଫ୍‌କରି କବାଟ ଦେଇ ପଳାଇଛନ୍ତି ଶିକ୍ଷୟିତ୍ରୀ। ଛାତ୍ର ଜଣକ ପ୍ରାୟ ୪୫ ମିନିଟ୍ ଧରି ବନ୍ଦ କୋଠରିରେ ରହିବା ପରେ ଷ୍ଟାଣ୍ଡାର୍ଡ଼-୭ରେ ପଢୁଥିବା ତାଙ୍କ ବଡ଼ ଭଉଣୀ ଖୋଜିଖୋଜି ସେଠାରେ ପହଞ୍ଚି ଜଣେ କର୍ମଚାରୀଙ୍କ ଦ୍ୱାରା ସାନଭାଇକୁ ଉଦ୍ଧାର କରିଛନ୍ତି। କୋରାପୁଟ ଜିଲା ଜୟପୁର ସୂର୍ଯ୍ୟମହଲରେ ରହିଥିବା ଏକ ଘରୋଇ ଇଂରାଜି ମାଧ୍ୟମ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏନେଇ ଛାତ୍ରଙ୍କ ଅଭିଭାବକ ଟାଉନଥାନାରେ ଏତଲା ଦେଇଛନ୍ତି।

ପ୍ରକାଶ ଯେ, ଗତ ସୋମବାର ଛାତ୍ର ଜଣକ ହୋମୱାର୍କ କରି ନ ଥିବାରୁ ଶିକ୍ଷୟିତ୍ରୀ ଅନ୍ତିମ ପିରିୟଡ଼ରେ ତାଙ୍କୁ ମାଡ଼ ମାରିବା ସହ କ୍ଲାସରୁମ୍‌ରେ ହିଁ ପାଠ ଲେଖିବା ପାଇଁ କହିଥିଲେ। କିନ୍ତୁ ଘଣ୍ଟି ବାଜିଯିବାରୁ ପିଲାମାନେ କ୍ଲାସ୍‌ରୁମ୍‌ରୁ ବାହାରି ଯାଇଥିଲେ। ପୀଡ଼ିତ ଛାତ୍ର ଜଣକ ସେହି ସମୟ ଭିତରେ ଲେଖିପାରି ନ ଥିବା ଯୋଗୁ ଶିକ୍ଷୟିତ୍ରୀ ତାଙ୍କୁ ସେଠାରେ ରହିବାକୁ କହି ଲାଇଟ୍ ଓ ଫ୍ୟାନ୍ ଅଫ୍ କରିବା ପରେ ଶ୍ରେଣୀକକ୍ଷ କବାଟ ବନ୍ଦକରି ଚାଲିଯାଇଥିଲେ। ପରେ ବିଦ୍ୟାଳୟର କର୍ମଚାରୀ ଉକ୍ତ ବନ୍ଦ କବାଟରେ ତାଲା ପକାଇ ଦେଇଥିଲେ। ବାହାରେ ଅପେକ୍ଷା କରିଥିବା ବଡ଼ଭଉଣୀ ଭାଇ ଆସି ନ ଥିବା ଦେଖି ଖୋଜାଖୋଜି କରିବା ପରେ ସେ କ୍ଲାସରୁମ୍‌ରେ ଥିବା ଜାଣିପାରିଥିଲେ। ବିଦ୍ୟାଳୟର କର୍ମଚାରୀଙ୍କ ଜରିଆରେ କବାଟ ଖୋଲାଯାଇ ଛାତ୍ର ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଛାତ୍ରଙ୍କ ପିତା ଡା. ଧବଳେଶ୍ୱର ମେହେର ପ୍ରଥମେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ପରେ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ବିଦ୍ୟାଳୟ ଛୁଟି ଥିବା ଯୋଗୁ ଫୋନ୍‌ରେ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ଫୋନ୍ ଉଠାଇ ନଥିଲେ। ଅନ୍ୟପକ୍ଷରେ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିବା ଟାଉନ ଥାନା ସୂଚନା ଦେଇଛି।

# ପୁଣି ସମ୍ବଲପୁର ପୋଲିସର ଏନ୍‌କାଉଣ୍ଟର

**ସମ୍ବଲପୁର, ୧୦।୯ (ବ୍ୟୁରୋ)**



ଚିକିତ୍ସାଧୀନ ଅଭିଯୁକ୍ତ ତ୍ରିଦେବ ବାଗ।

ସମ୍ବଲପୁରରେ ୭ ଦିନ ଭିତରେ ୨ୟ ଥର ପାଇଁ ପୋଲିସ ମଙ୍ଗଳବାର ଭୋରରୁ ପୁଣି ଜଣେ ଯୁବକଙ୍କୁ ଏନକାଉଣ୍ଟର କରିଛି। ସେ ହେଲେ ତ୍ରିଦେବ ବାଗ (୨୫)। କୁଲୁଥକାନୀ-ଧନକଉଡା ରାସ୍ତା ମଝିର ଏକ ନିଛାଟିଆ ସ୍ଥାନରେ ପୋଲିସ ଏହି ଏନକାଉଣ୍ଟର କରିଛି। ପୋଲିସକୁ ଦେଖି ତ୍ରିଦେବ ପ୍ରଥମେ ଗୁଳି ଚଳାଇଥିଲେ। ଏଣୁ ବାଧ୍ୟ ହୋଇ ପୋଲିସ ମଧ୍ୟ ପାଲଟା ଗୁଳି କରିଥିଲା। ଫଳରେ ତ୍ରିଦେବଙ୍କ ଡାହାଣ ଗୋଡରେ ଗୁଳି ବାଜିଛି। ଆହତ ଅବସ୍ଥାରେ ତାଙ୍କୁ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ଜଣେ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତ୍ରିଦେବଙ୍କ ନିକଟରୁ ୩୦ ହଜାର ଟଙ୍କା, ଗୋଟିଏ ଦେଶୀ ପିସ୍ତଲ, ୩ଟି ମୋବାଇଲ ଫୋନ, ୨ଟି ଗୁଳି, ଏକ ମୋଟର ସାଇକେଲ ଓ ଲୁଟ୍ ହୋଇଥିବା ୩ଟି ସୁନା ଚେନ ଜବତ ହୋଇଛି। ଘଟଣା ସ୍ଥଳରୁ ଅନ୍ୟ ୩ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ତ୍ରିଦେବଙ୍କ ନାମରେ ସମ୍ବଲପୁର ଜିଲାର ଅଇଁଠାପାଲି, ଧନୁପାଲି ଥାନାରେ ପ୍ରାୟ ୮ଟି ମାମଲା ରହିଥିବା ବେଳେ ଦେବଗଡ ଜିଲାରେ ମଧ୍ୟ ଏକାଧିକ ମାମଲା ରହିଛି। ଗତ ୨ ତାରିଖ ବିଳମ୍ବିତ ରାତିରେ ମୁସିମ ଅଖତର୍ ଓରଫ ବିଟୁ (୩୨)ଙ୍କୁ ପୋଲିସ ଏନକାଉଣ୍ଟର୍ କରିଥିଲା। ଏଥିରେ ଏସ୍‌ଆଇ ମହମ୍ମଦ ଜାହାଙ୍ଗିର ଆହତ ହୋଇଥିଲେ। ମୁସିମଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ଗୁଳି, ଗୋଟିଏ ମୋବାଇଲ ସହ ୪ହଜାର ଟଙ୍କା ଜବତ କରିଥିଲା। ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ଡକାୟତି, ଲୁଟ୍, ମାରପିଟ ଭଳି ୧୫ରୁ ଅଧିକ ସଙ୍ଗିନ ମାମଲା ରହିଛି।

# ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର

■ ପ୍ରଥମ ପର୍ଯ୍ୟାୟରେ ୧୪ ଜିଲା
■ ଆରମ୍ଭ ହେବ ଇ-ଗ୍ରାମ ପଞ୍ଚାୟତ ଯୋଜନା
■ ଗ୍ରାମାଞ୍ଚଳ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିବ ସବୁ ସହାୟତା

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର। ସେଠାରୁ ଗ୍ରାମାଞ୍ଚଳ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। କୃଷି ଉପକରଣଠାରୁ ଆରମ୍ଭ କରି ପାଣି, ବିଦ୍ୟୁତ୍, ଜମିବାଡ଼ି ଟିକସ ପଇଠ ସୁବିଧା ଯୋଗାଇ ଦିଆଯିବ। ଲୋକମାନଙ୍କୁ ନିଜ ପଞ୍ଚାୟତ ଛାଡ଼ି ବାହାରକୁ ଯିବାକୁ ପଡ଼ିବ ନାହିଁ। ଏସବୁ ସହାୟତା ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଯୋଗାଇ ଦିଆଯିବ। ପ୍ରତ୍ୟେକ ପଞ୍ଚାୟତକୁ ଇ-ଗ୍ରାମପଞ୍ଚାୟତରେ ପରିଣତ କରାଯିବ। ପଞ୍ଚାୟତ କାର୍ଯ୍ୟାଳୟରେ ନାଗରିକ ସେବା କେନ୍ଦ୍ର ରହିବ। ଏହାର ପରିଚାଳନା ଦାୟିତ୍ୱ ସ୍ଥାନୀୟ ଯୁବତୀଯୁବକଙ୍କୁ ଦିଆଯିବ। ସରକାରୀ ଯୋଜନାଠାରୁ ଆରମ୍ଭ କରି ବ୍ୟକ୍ତିଗତ ସୁବିଧା ସୁଯୋଗ ଏହି ସେବା କେନ୍ଦ୍ରରୁ ଉପଲବ୍ଧ ହୋଇ ପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହା କାର୍ଯ୍ୟକାରୀ ହେବ।

ପ୍ରଥମ ପର୍ଯ୍ୟାୟରେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଜାତୀୟ ରୁର୍ବାନ ମିଶନ(ଏନ୍‌ଆରୟୁଏମ)ରେ କାର୍ଯ୍ୟକାରୀ ହେଉଥିବା ୧୪ଟି ଜିଲାରେ ଇ-ଗ୍ରାମ ପଞ୍ଚାୟତ ଓ ନାଗରିକ ସେବାକେନ୍ଦ୍ର ଖୋଲିବ। ସେହି ଜିଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ ଓ ବାଲେଶ୍ୱର। ଏହି ଜିଲାଗୁଡ଼ିକର କ୍ଲଷ୍ଟରରେ ଥିବା ପଞ୍ଚାୟତଗୁଡ଼ିକରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ କେନ୍ଦ୍ର ସରକାର ୬୦ ଏବଂ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ଆସନ୍ତା ୧୫ ତାରିଖରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ। କମିଟି ଅନୁମୋଦନ ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ।

ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତିଙ୍କ ପ୍ରତିକ୍ରିୟା

# ନିର୍ଦ୍ଧାରିତ ତିଥିରେ କରନ୍ତୁ ରଥଯାତ୍ରା

**ପୁରୀ ଅଫିସ, ୧୦।୯**

ଅଦିନରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଘୋର ଅପମାନ। ଆସନ୍ତା ନଭେମ୍ବର ୧୭ ତାରିଖରେ ପଞ୍ଜାବ ଲୁଧିଆନାସ୍ଥିତ ଇସ୍କନ ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହେଉଥିବା ଜଣାପଡିବା ପରେ ଏହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିବାଦ ସୃଷ୍ଟି ହୋଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ଇସ୍କନ ଏଥିରୁ ଓହରିଯାଇଛି। ତେବେ ମଙ୍ଗଳବାର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ନିର୍ଦ୍ଧାରିତ ତିଥିରେ ରଥଯାତ୍ରା ପାଳନ କରିବାକୁ ବିଶ୍ୱବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଶ୍ରୀନଅର ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ଗଜପତି ମହାରାଜା କହିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ସନାତନ ଶାସ୍ତ୍ର ଆଧାରିତ ପରମ୍ପରାରେ ହୋଇଥାଏ। ଶ୍ରୀକ୍ଷେତ୍ରଧାମରେ ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ଗୁଣ୍ଡିଚା ଯାତ୍ରା ହୋଇଥାଏ। ରଥଯାତ୍ରା ସରିବା ପରେ ଶ୍ରୀବିଗ୍ରହମାନେ ପୁନଃ ଆଷାଢ ଶୁକ୍ଳ ପକ୍ଷ ତ୍ରୟୋଦଶୀ କିମ୍ବା ଚତୁର୍ଦ୍ଦଶୀରେ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବିଶ୍ୱର ସବୁ ଜଗନ୍ନାଥପ୍ରେମୀ ଭକ୍ତ ଏବଂ ଅନୁଷ୍ଠାନକୁ ନିବେଦନ ନିର୍ଦ୍ଧାରିତ ତିଥିରେ ସେମାନେ ମହାପ୍ରଭୁଙ୍କ ଏହି ଘୋଷଯାତ୍ରା କରନ୍ତୁ। ଶ୍ରୀମନ୍ଦିରର ମହାନ୍ ପରମ୍ପରା ଏବଂ ଶାସ୍ତ୍ରୀୟ ଘୋଷଣାକୁ ଉଲ୍ଲଂଘନ କରି ଏହି ପବିତ୍ର ଯାତ୍ରା କରନ୍ତୁ ନାହିଁ ବୋଲି ଗଜପତି ମହାରାଜା କହିଛନ୍ତି।

# ୧୩ରେ ବିଧାୟକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ଚଳିତ ମାସ ୧୩ ଏବଂ ୧୪ ତାରିଖରେ ଓଡ଼ିଶା ବିଧାନସଭାର ନବନିର୍ବାଚିତ ସଦସ୍ୟାସଦସ୍ୟମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲୋକସଭା ସଚିବାଳୟ (ଗଣତନ୍ତ୍ର ପାଇଁ ସଂସଦୀୟ ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ) ଓ ଓଡ଼ିଶା ବିଧାନସଭା ସଚିବାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଧାନସଭା ପରିସରରେ ଥିବା ନୂତନ ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦୁଇଦିନିଆ ଏହି କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ ତାରିଖ ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଉଦ୍‌ଘାଟନ କରିବେ ବୋଲି ଜଣାପଡିଛି। ନବନିର୍ବାଚିତ ସଭ୍ୟଙ୍କ ସଂସଦୀୟ ଜ୍ଞାନ ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ପାର୍ଲାମେଣ୍ଟ କାର୍ଯ୍ୟାଳୟର ପ୍ରାୟ ୮ ଜଣ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥିସହିତ ବିଧାନସଭାର ଅଭିଜ୍ଞ ଅନୁଭୂତିସମ୍ପନ୍ନ ମନ୍ତ୍ରୀ, ବିଧାୟକ ଓ ରାଜ୍ୟରୁ ଏମ୍‌ପି ଥିବା କେତେଜଣ ବରିଷ୍ଠ ସଦସ୍ୟମାନେ ଅଂଶଗ୍ରହଣ କରି ବିଧାନସଭାର କାର୍ଯ୍ୟବିଧି ଓ ପରିଚାଳନା ନିୟମାବଳୀ ଉପରେ ବିସ୍ତୃତ ଆଲୋଚନା କରିବେ। ଏହି ପ୍ରଶିକ୍ଷଣରେ ଓଡ଼ିଶା ବିଧାନସଭାର ସମସ୍ତ ସଦସ୍ୟାସଦସ୍ୟ ଯୋଗଦେବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ରଖିବେ ବୋଲି ଜଣାପଡିଛି।

■ ୮ମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକ

# ଭାରତ ଊର୍ଜା ନ୍ୟାୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**



ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

■ ଚଣ୍ଡିଖୋଲ ରଣନୈତିକ ତୈଳ ଭଣ୍ଡାର କାମରେ ଅଂଶଗ୍ରହଣ ପାଇଁ ୟୁଏଇକୁ ଅନୁରୋଧ
■ ତୈଳ ଉତ୍ପାଦନ ଓ ରପ୍ତାନି ସ୍ଥିର ପାଇଁ ଓପେକ୍ ଅଧିକାରୀଙ୍କ ସହ ଆଲୋଚନା
■ ଆଗାମୀ ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ

ଭାରତରେ ଊର୍ଜା ନ୍ୟାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି। ଆବୁଧାବୀଠାରେ ସୋମବାର ଆୟୋଜିତ ଅନ୍ତର୍ଜାତୀୟ ଶକ୍ତି ଫୋରମର ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ୟୁଏଇ ଓ ଭିଏତନାମର ମନ୍ତ୍ରୀ, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ପ୍ରମୁଖ ଅଧିକାରୀ, ଓପେକ୍‌ର ସାଧାରଣ ସଚିବ ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଭେଟି ଭାରତ ଓ ୟୁଏଇ ସହ ଆର୍ଥିକ ଏବଂ ଅନ୍ୟାନ୍ୟ ସହଯୋଗ ଉପରେ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ତା ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ। ଭାରତ ଓ ଚାଇନା ଏହାର ୮୦ ଭାଗ ଅଂଶୀଦାର ହେବେ। ବିଶ୍ୱର ଶକ୍ତି ଚାହିଦା ବଢ଼ିବା ସହ ଅକ୍ଷୟ ଶକ୍ତିର ବ୍ୟବହାରରେ ଦ୍ରୁତ ପ୍ରଗତି ଘଟିବ। ୨୦୪୦ ସୁଦ୍ଧା ଅକ୍ଷୟ ଶକ୍ତି ଯୋଗାଣରେ ଦୁଇ ତୃତୀୟାଂଶ ବୃଦ୍ଧି ପାଇବ ଭବିଷ୍ୟତରେ ଊର୍ଜା ମିଶ୍ରଣ ୩୦ ପ୍ରତିଶତରେ ପହଞ୍ଚିବ। ଦୁର୍ବଳ ଏବଂ ଅସନ୍ତୁଳିତ ଊର୍ଜା କାରଣରୁ ଏସିଆରେ ୪ଶହ ମିଲିୟନରୁ ଊର୍ଦ୍ଧ୍ୱ ଲୋକ ବିଜୁଳି ପାଇବାରୁ ବଞ୍ଚିତ ଅଛନ୍ତି। ଏଥିପାଇଁ ସୁରକ୍ଷିତ, ଶସ୍ତା ଏବଂ ସୁଲଭ ଊର୍ଜା ପ୍ରଦାନ କରିବା ସବୁ ଦେଶର ସରକାରଙ୍କ ପାଇଁ ପ୍ରାଥମିକତା ରହିଛି। ବିଗତ ୫ବର୍ଷରେ ଭାରତ ଊର୍ଜା ନ୍ୟାୟ ଏବଂ ଊର୍ଜାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉପରେ ଅଧିକ ଜୋର ଦେଇଛି। ଏହି ସମୟରେ ଭାରତ ଦେଶର ୧.୩ ବିଲିୟନର ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଊର୍ଜା ନ୍ୟାୟ ଅନୁଭବ କରିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବୈଠକ ଊର୍ଜା ସୁରକ୍ଷାକୁ ମଜବୁତ୍ କରିବାର ନୂଆ ରାସ୍ତା ଦେଖାଇବ। ଏହିଅବସରରେ ୟୁଏଇର ଶକ୍ତି ଓ ଶିଳ୍ପ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି। ଭାରତ-ୟୁଏଇ ମଧ୍ୟରେ ବ୍ୟାପକ ରଣନୈତିକ ସହଯୋଗକୁ ଦୃଢ କରିବା ପାଇଁ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିଶେଷଭାବେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ହାଇଡ୍ରୋକାର୍ବନ କ୍ଷେତ୍ରର କାର୍ଯ୍ୟକୁ ଆହୁରି ମଜବୁତ କରିବା ଦିଗରେ ରାସ୍ତା ବାହାର କରିବା ଓ ଇସ୍ପାତ୍ ରପ୍ତାନି ଚାହିଦାକୁ ବୃଦ୍ଧି ଉପରେ ଆଲୋଚନା ହୋଇଛି। ଓଡ଼ିଶାର ଚଣ୍ଡିଖୋଲ ଏବଂ କର୍ଣ୍ଣାଟକର ପାଦୁରଠାରେ ହେବାକୁ ଥିବା ଭାରତର ରଣନୈତିକ ପେଟ୍ରୋଲିୟମ ଭଣ୍ଡାର କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୟୁଏଇ ପୁନର୍ବାର ଅଂଶଗ୍ରହଣ କରିବା ପାଇଁ ସେମାନଙ୍କୁ କହିଛନ୍ତି। ଷ୍ଟ୍ରେଟ୍ ଅଫ୍ ହରମୁଜରେ ଦେଖାଯାଇଥିବା ବିଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିବା ସହ ଉତ୍ପାଦନ ହ୍ରାସକୁ ଓପେକ୍‌ର ସଦସ୍ୟମାନେ ସମର୍ଥନ କରିବା ଦ୍ୱାରା ପ୍ରତିକୂଳଭାବେ ଏହି ନିଷ୍ପତ୍ତି ଭାରତୀୟ ଉପଭୋକ୍ତାଙ୍କ ଉପରେ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି।

ସେହିପରି ଓପେକ୍‌ର ସାଧାରଣ ସଚିବ ଏଟ୍‌ଇ ମହମ୍ମଦ ସାନୁସି ବାର୍କିଣ୍ଡୋଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସାକ୍ଷାତ କରିଛନ୍ତି। ସମ୍ପ୍ରତି ଭୂ-ରାଜନୈତିକ ବିକାଶ ଦ୍ୱାରା ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟର ସ୍ଥିରତା ଏବଂ ଏହାର ରପ୍ତାନି ଉପରେ ପଡିଥିବା ପ୍ରଭାବ ସମ୍ବନ୍ଧରେ ସେ ଆଲୋଚନା କରିଛନ୍ତି। ବିଶ୍ୱସ୍ତରର ଅଶୋଧିତ ତୈଳର ସନ୍ତୁଳନ ଏବଂ ହାରାହାରି ମୂଲ୍ୟ ନିର୍ଦ୍ଧାରଣ ପାଇଁ ଦୁଇ ଦେଶ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଭାରତ ଏବଂ ଓପେକ୍ ମଧ୍ୟରେ ଆସନ୍ତା ଉଚ୍ଚସ୍ତରୀୟ ବୈଠକ ଚଳିତବର୍ଷ ଶେଷ ଆଡ଼କୁ ଆୟୋଜନ କରିବା ପାଇଁ ବାର୍କିଣ୍ଡୋ ଇଚ୍ଛା ପ୍ରକାଶ କରିଛନ୍ତି। ଏହାସହ ଧର୍ମେନ୍ଦ୍ର ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ଇଡି ଫତେହ ବିରୋଲଙ୍କୁ ଭେଟି ବିଶ୍ୱ ବଜାରରେ ତୈଳ ଏବଂ ଗ୍ୟାସର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରି ଏହାର ସମୀକ୍ଷା କରିଛନ୍ତି।

■ ୨ ପୁଅ, ମା'ଙ୍କ ମୃତଦେହ ମିଳିବା ଘଟଣା

# ସ୍ୱାମୀ ହିଁ ହତ୍ୟାକାରୀ

**ପ୍ରେମିକାଙ୍କ ସମେତ ୩ ଅଟକ**

**ଭବାନୀପାଟଣା, ୧୦।୯(ସ୍ୱ.ପ୍ର.)**



ଗିରଫ ଅଭିଯୁକ୍ତ ଲିଙ୍ଗ ମାଝି।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାଠାରୁ ୧୦ କି.ମି. ଦୂର ସିଂଝରଣ ଗ୍ରାମରେ ସୋମବାର ୨ ଶିଶୁଙ୍କ ସମେତ ସ୍ତ୍ରୀଙ୍କୁ ତଣ୍ଟି କାଟି ହତ୍ୟା କରିବା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଲିଙ୍ଗ ମାଝିଙ୍କୁ ଭବାନୀପାଟଣା ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବି. ଗଙ୍ଗାଧର ସୂଚନା ଦେଇଛନ୍ତି। ଏହାସହ ତାଙ୍କ ପ୍ରେମିକାଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।


ଏସ୍‌ପି ସୂଚନା ଦେଇ କହିଛନ୍ତି ଯେ, ଲିଙ୍ଗ ମାଝି ତାଙ୍କ ସ୍ତ୍ରୀ ବିମଳା ମାଝି ଓ ଦୁଇ ଶିଶୁ ଦୁଷ୍ମନ୍ତ (୭) ଓ ରବୀନ୍ଦ୍ର (୨) ଙ୍କୁ ଛାଡି ୪ ମାସ ହେଲା ଅନ୍ୟ ଏକ ମହିଳାଙ୍କ ସହ ସମ୍ପର୍କ ରଖି ଭବାନୀପାଟଣାରେ ରହୁଥିଲେ। ସମ୍ପୃକ୍ତ ମହିଳା ଲିଙ୍ଗଙ୍କ ସହ ଗୋଟିଏ ମାସ ରହିବା ପରେ ପ୍ରଥମ ସ୍ୱାମୀ ନିକଟକୁ ଫେରି ଯାଇଥିଲେ। ପରେ ଲିଙ୍ଗ ଯେତେବେଳେ ସ୍ତ୍ରୀ ବିମଳାଙ୍କ ନିକଟକୁ ଯାଇ ପୂର୍ବ ଭଳି ଘର ସଂସାର କରି ରହିବା ପାଇଁ କହିଥିଲେ। ଏଥିରେ ବିମଳା ରାଜି ହୋଇ ନ ଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ମନାନ୍ତର ରହିବା ସହ ଅଶାନ୍ତି ଲାଗି ରହିଥିଲା। ୩ ମାସ ଧରି ଲିଙ୍ଗ ଭବାନୀପାଟଣାରେ ଏକା ରହୁଥିଲେ। ଗତ ରବିବାର ଲିଙ୍ଗ ସିଂଝରଣ ଗ୍ରାମସ୍ଥିତ ନିଜ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସ୍ତ୍ରୀ ବିମଳା ଶୋଇଥିବା ଅବସ୍ଥାରେ ପ୍ରଥମେ ତାଙ୍କ ମୁହଁକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ। ବିମଳା ଅଚେତ ହୋଇଯିବା ପରେ ତାଙ୍କୁ ଟେକି ନେଇ ନିକଟସ୍ଥ ରେଳଧାରଣା ପର୍ଯ୍ୟନ୍ତ ନେଇ ଯାଇଥିଲେ। ରେଳଧାରଣା ନିକଟରେ ଏକ ଟାଙ୍ଗିଆରେ ସେ ବିମଳାଙ୍କ ମୁଣ୍ଡ ଗଣ୍ଡି ଅଲଗା କରିବା ପରେ ରେଳଧାରଣାରେ ମୃତଦେହକୁ ଆତ୍ମହତ୍ୟା ଭଳି ପକାଇ ଘରକୁ ଫେରିଆସିଥିଲେ। ଏପଟେ ଘରେ ଶୋଇଥିବା ଅବସ୍ଥାରେ ଦୁଇ ପୁଅ ଦୁଷ୍ମନ୍ତ ଓ ରବୀନ୍ଦ୍ରଙ୍କୁ ଟାଙ୍ଗିଆରେ ଗଳା କାଟି ହତ୍ୟା କରିଥିଲେ। ୩ ଜଣଙ୍କୁ ହତ୍ୟା କରିବା ପରେ ଲିଙ୍ଗ ରାତିରେ ହିଁ ଭବାନୀପାଟଣା ଫେରି ଆସିଥିଲେ। ଯୋଜନାବଦ୍ଧ ଭାବରେ ୩ ଜଣଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା ସେ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା ଘଟଣାକୁ ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଝିଅକୁ ଧରି ନଦୀକୁ ଡେଇଁପଡ଼ିଲେ ମା'

■ କାରଣ ଅସ୍ପଷ୍ଟ, ଉଭୟ ନିଖୋଜ

**ନାଉଗାଁ, ୧୦।୯(ସ୍ୱ.ପ୍ର.)**

ନାଉଗାଁ ଥାନା ବଛାଳୋ ପଞ୍ଚାୟତ ପୋକାମୂଳ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ନିଜ ୫ମାସର ଶିଶୁକନ୍ୟାକୁ ଧରି ଦେବୀ ନଦୀକୁ ଡେଇଁପଡିଥିବା ଜଣାପଡ଼ିଛି। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପ୍ରଖର ସ୍ରୋତରେ ଉଭୟ ମା'ଓ ଝିଅ ଭାସିଯାଇଥିଲେ। ଅନ୍ଧାର ଯୋଗୁ ସେମାନଙ୍କ ପତ୍ତା ମିଳିନାହିଁ। ସେ ହେଲେ ଗ୍ରାମର ଅରକ୍ଷିତ ରାଉତଙ୍କ ସ୍ତ୍ରୀ ଇତି ରାଉତ। କେଉଁ କାରଣରୁ ସେ ନଦୀକୁ ଡେଇଁଲେ ତାହା ଜଣାପଡିନାହିଁ। ସରପଞ୍ଚ ନରୋତ୍ତମ କାଣ୍ଡିଙ୍କ କହିବା ଅନୁଯାୟୀ, ରାଶନ କାର୍ଡରେ ଆଧାର ସଂଯୋଗ ପାଇଁ ଇତି ନିଜ ଛୋଟ ଝିଅକୁ ଧରି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ରାଶନ କାର୍ଡ ନମ୍ବର ନେଇ ନ ଥିବାରୁ ଆଧାର ସଂଯୋଗ ହୋଇପାରି ନ ଥିଲା। ତେଣୁ ଇତି ଘରକୁ ଫେରିଆସିଥିଲେ। ସନ୍ଧ୍ୟାରେ ତାଙ୍କ ଶ୍ୱଶୁର ଭାଗୁ ରାଉତ ଆଧାର ସଂଯୋଗ ପାଇଁ ବିଭିନ୍ନ କାଗଜପତ୍ର ଧରି ସରପଞ୍ଚଙ୍କ ଘରେ ପହଞ୍ଚିଥିଲେ। ଶ୍ୱଶୁର ଘରେ ଅନୁପସ୍ଥିତ ଥିବାବେଳେ ଇତି ନିଜ ୫ ମାସର ଝିଅକୁ ଧରି ଗ୍ରାମ ନିକଟରେ ପ୍ରବାହିତ ଦେବୀ ନଦୀକୁ ଡେଇଁ ପଡିଥିଲେ। ନଦୀକୂଳରେ ଗାଁର କେତେଜଣ ଯୁବକ ବସିଥିବାବେଳେ କ'ଣ ପଡ଼ିଲା ବୋଲି ଟର୍ଚ୍ଚ ଲାଇଟ ମାରି ଦେଖିବାବେଳକୁ ଇତି ଓ ତାଙ୍କ ଝିଅ ଭାସିଯାଉଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେମାନେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଭାଗୁ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଦମକଳ ବାହିନୀ ପକ୍ଷରୁ ପାଣିରେ ଖୋଜାଖୋଜି କରାଯାଇଛି। ତେବେ ରିପୋର୍ଟ ଲେଖାଯିବା ବେଳକୁ ମା'ଓ ଶିଶୁକନ୍ୟାଙ୍କ ପତ୍ତା ମିଳିନାହିଁ। ସୂଚନାଯୋଗ୍ୟ, ଇତିଙ୍କ ସ୍ୱାମୀ ବାହାରେ ରହି କାମ କରୁଛନ୍ତି। ତାଙ୍କର ଏକ ୫ ବର୍ଷ ବୟସର ପୁଅ ଅଛି।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।

- ଆଇନଷ୍ଟାଇନ

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ସୁରଭି ଚାରିଟେବୁଲ ଓ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଓ ସନ୍ଥ ବିନୋବାଜୀଙ୍କ ୧୨୫ତମ ଜୟନ୍ତୀ ସମାରୋହ, ଇଡକଲ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ବିନୋବା ସେବା ପ୍ରତିଷ୍ଠାନ ପକ୍ଷରୁ ବିନୋବା ଭାବେଙ୍କ ଜୟନ୍ତୀ ସମାରୋହ ଉପଲକ୍ଷେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ପ୍ରଜା ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ପରାମର୍ଶ କାର୍ଯ୍ୟକ୍ରମ, ହୋଟେଲ ଗ୍ରାଣ୍ଡ ସେଣ୍ଟ୍ରାଲ, ଓଲ୍ଡ ଷ୍ଟେଶନ ରୋଡ, ପୂର୍ବାହ୍ନ ୧୦ଟା।
- ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଏକାଦଶ ସ୍ୱନକ୍ଷତ୍ର ଉତ୍ସବ, ଗୀତଗୋବିନ୍ଦ ଭବନ, ପୂର୍ବାହ୍ନ ୧୦ଟା।
- ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପକ୍ଷରୁ ଏକ ବୈଠକ, ପ୍ରତିଷ୍ଠାନ ପରିସର, ପୋଖରୀପୁଟ, ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ୧୧ତମ ପ୍ରତିଷ୍ଠା ଦିବସ, ଗୀତ ଗୋବିନ୍ଦ ଭବନ, ଅପରାହ୍ନ ୩ଟା।
- ଗଙ୍ଗାଧର ମେହେର ଜୟନ୍ତୀ କମିଟି ପକ୍ଷରୁ ନୁଆଁଖାଇ ଭେଟଘାଟ, ବୁଦ୍ଧ ମନ୍ଦିର, ୟୁନିଟ-୩, ସନ୍ଧ୍ୟା ୬ଟା ୩୦।
- ସୃଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ଫିଲ୍ମ 'ଲଭ ଟ୍ୱିଷ୍ଟ'ର ଅଡିଓ ରିଲିଜ, ଜୟ ଭାରତ ଅଡିଟୋରିୟମ, ନିକୋ ପାର୍କ ଟ୍ରାଫିକ ଛକ, ସନ୍ଧ୍ୟା ୭ଟା ୩୦।

### କଟକ

- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ଦଶମ ସାତସାହି କଟକ ନୃତ୍ୟୋତ୍ସବ, ସନ୍‌ସାଇନ୍ ଖେଳପଡ଼ିଆ, ସନ୍ଧ୍ୟା ୭ଟା ୩୦।

## ମାଙ୍କଡ଼ ଆକ୍ରମଣରେ ବୃଦ୍ଧା ମୃତ



**ବାରଙ୍ଗ,୧୦।୯(ଡି.ଏନ୍.ଏ.):** ବାରଙ୍ଗସ୍ଥିତ ଖୈରାପଡ଼ା ଗ୍ରାମରେ ମଙ୍ଗଳବାର ଜଣେ ବୃଦ୍ଧାଙ୍କର ମାଙ୍କଡ଼ ଆକ୍ରମଣରେ ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲେ। ନନ୍ଦନକାନନ ଥାନା ପୋଲିସ ସହ ସିଟି ଫରେଷ୍ଟର କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଉତ୍ପାତକାରୀ ମାଙ୍କଡକୁ ତୁରନ୍ତ ଧରିବାର ବ୍ୟବସ୍ଥା କରିବା ସହ ଶବଦାହ ପାଇଁ ସହାୟତା ପ୍ରତିଶ୍ରୁତି ଦେବାରୁ ଉତ୍ତେଜନା ଥମିଥିଲା। ସୂଚନାଯୋଗ୍ୟ, ଗତ କିଛିମାସ ଧରି ଗଣ୍ଡରପୁର ଅଞ୍ଚଳରେ ମାଙ୍କଡ଼ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ଖୈରପଡ଼ା ଗ୍ରାମର ହର୍ଷ ଦାସ(୬୭) ଗାଧୋଇବା ପାଇଁ ନିକଟସ୍ଥ ନଦୀକୁ ଯାଉଥିଲେ। ରାସ୍ତାର ଏକ ଗଛରେ ବସିଥିବା ମାଙ୍କଡ଼ଟି ତାଙ୍କ ଉପରେ ଲମ୍ଫ ମାରିଥିଲା। ଫଳରେ ମହିଳାଜଣକ ତଳେ ପଡ଼ିଯିବାରୁ ମାଙ୍କଡଟି କାମୁଡ଼ି କ୍ଷତାକ୍ତ କରିଦେଇଥିଲା। ଖବରପାଇ ପରିବାରଲୋକ ବୃଦ୍ଧାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଗ୍ରାମ୍ୟଲୋକ ଉତ୍ତ୍ୟକ୍ତ ହେବାରୁ ପୋଲିସ ଓ ଫରେଷ୍ଟ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଇବା ସହ ଶବଦାହ ପାଇଁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଦେଇଥିଲେ। ପରେ ନନ୍ଦନକାନନରୁ ଏକ ଟିମ ଆସି ମାଙ୍କଡ଼ଧରା ଅଭିଯାନ ଆରମ୍ଭ କରିଥିଲେ। ପ୍ରାୟ ଦୁଇଘଣ୍ଟା ଲୁଚକାଳି ପରେ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ କରି ଧରିଥିଲେ।

## ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୬ଷ୍ଠ ସନ୍ଧ୍ୟା



ଗୁରୁ ବିଜୟ କୁମାର ଜେନା ଓ ସାଥୀଙ୍କ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ

# ଓଡ଼ିଶୀକୁ ସମର୍ପିତ ସନ୍ଧ୍ୟା

**ଭୁବନେଶ୍ୱର ୧୦।୯(ବ୍ୟୁରୋ)**

ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୧୯ର ସନ୍ଧ୍ୟା ଥିଲା ଓଡ଼ିଶୀର ସନ୍ଧ୍ୟା। ସମ୍ପୂର୍ଣ୍ଣ ସନ୍ଧ୍ୟା ଓଡ଼ିଶୀ ସଙ୍ଗୀତ ଏବଂ ନୃତ୍ୟ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା। ଓଡ଼ିଶୀ କଣ୍ଠ ସଙ୍ଗୀତରେ ଚମ୍ପୁ, ଜଣାଣ, ପ୍ରବନ୍ଧ ସହିତ ଓଡ଼ିଶୀ ଦଳଗତ ନୃତ୍ୟାଭିନୟ ପ୍ରମୁଖ ଆକର୍ଷଣ ସାଜିଥିଲା। ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଷଷ୍ଠ ସନ୍ଧ୍ୟାରେ ଜଣାଶୁଣା ଲେଖିକା ପ୍ରତିଭା ରାୟ, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଗୁରୁ ବିଜୟ କୁମାର ଜେନାଙ୍କ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣରୁ ଆରମ୍ଭ ହୋଇଥିଲା ଉତ୍ସବର ଏହି ବହୁପ୍ରତୀକ୍ଷିତ ସନ୍ଧ୍ୟା। ପ୍ରଥମେ ସେ ରାଗ ବିହାଗ ଓ ତାଳ ଯତିରେ ନିବଦ୍ଧ ବନମାଳୀଙ୍କ ରଚନାରୁ ପ୍ରବନ୍ଧ 'ପ୍ରାଣଧନ ପ୍ରାଣ ରଖ ଧରୁଛି ତୋ ପାଣିକି' ପରିବେଷଣ କରିଥିଲେ। ପରେ ପରେ ବେଣୁଧରଙ୍କ ରଚନାରୁ ଉଦ୍ଧୃତ ରାଗ ମାରୱା ଓ ତାଳ ଏକତାଳିରେ 'ବରଜ ବିଧୂରେ ଅନା ଫେରି ସହିରେ' ଗାଇ ଶୁଣାଇଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ରାଗ ବଜ୍ରକାନ୍ତି ଓ ତାଳ ରୂପକ ଉପରେ ଆଧାରିତ ଅଭିରାମ ପରମହଂସଙ୍କ ଜଣାଣ 'ହେ ନାରାୟଣ' ଏବଂ ଶେଷରେ ରାଗ ଭୈରବୀ ଓ ତାଳ ଏକତାଳୀ ଉପରେ ପର୍ଯ୍ୟବସିତ ଉପେନ୍ଦ୍ର ଭଞ୍ଜଙ୍କ ରଚିତ 'ନକରରେ ମାନ ଯାହା' ପରିବେଷଣ କରି ଓଡ଼ିଶୀ ସଙ୍ଗୀତର ପ୍ରାଚୁର୍ଯ୍ୟତା ଓ ମାଧୁର୍ଯ୍ୟକୁ ଦର୍ଶାଇଥିଲେ। ତାଙ୍କୁ ମର୍ଦ୍ଦଳରେ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଶ୍ରୀନିବାସ ଶତପଥୀ, ହାରମୋନିୟମରେ ବାଳକୃଷ୍ଣ ଜେନା, ମଞ୍ଜିରାରେ ସୀତାକାନ୍ତ ଜେନା ଓ ତାନପୁରାରେ ସନ୍ଧ୍ୟାରାଣୀ ରାଉତ ସହଯୋଗ କରିଥିଲେ। ବିଭିନ୍ନ ରାଗର ବିସ୍ତାର, ଅପୂର୍ବ ଲୟକାରୀ ଓ ଛନ୍ଦ ପ୍ରକରଣ ସହିତ ଭାବପୂର୍ଣ୍ଣ ଓ ରସସିକ୍ତ ପରିବେଷଣ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା ଶାସ୍ତ୍ରୀୟ ଓଡ଼ିଶୀର ପସରା। ପ୍ରଥମେ ଗୁରୁ ଅଶୋକ କୁମାର ଘୋଷାଲଙ୍କ ନୃତ୍ୟଶାଳା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟନାଟିକା 'ମୁଁ' ମଞ୍ଚସ୍ଥ ହୋଇଥିଲା। ସମସ୍ତଙ୍କ ହୃଦୟରେ ଥିବା ଦେବ ଓ ଦାନବ ରୂପକୁ ଏଥିରେ ବର୍ଣ୍ଣନା କରାଯାଇଥିଲା। ସୁଗୁଣ ଯେଉଁଠି ଦେବତ୍ୱ ପ୍ରାପ୍ତି କରାଏ କୁଗୁଣ ସେଠି ରାକ୍ଷାସର ପରିଚୟ ଦିଏ। ଅହଂକାରୀକୁ ସ୍ୱୟଂ ଭଗବାନ ମଧ କ୍ଷମା ଦିଅନ୍ତି ନାହିଁ। ସତ୍ୟ ଯୁଗରେ ହୀରନାକ୍ଷ୍ୟ, ତ୍ରେତୟାରେ ରାବଣ ଓ ଦ୍ୱାପରରେ କଂସ ଭଳି କଳି ଯୁଗର ରାକ୍ଷସ ହେଉଛି 'ମୁଁ' ବା 'ଅହଁକାର'। ଯାହାକୁ ନୃତ୍ୟନାଟିକା ମାଧ୍ୟମରେ ଚିତ୍ତାକର୍ଷକ ଶୈଳୀରେ ଉପସ୍ଥାପନା କରିଥିଲେ ନୃତ୍ୟଶାଳାର ଶିଳ୍ପୀ। ଏହାର ରଚନା ଗୁରୁ ନବ ମିଶ୍ର କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ହିମାଂଶୁ ଶେଖର ସ୍ୱାଇଁ। ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ଅଜୟ ଚୌଧୁରୀ କରିଥିଲେ।

### ଜଗନ୍ନାଥ ଯିଏ ଶ୍ରୀକୃଷ୍ଣ ସିଏ

ବୈଷ୍ଣବଙ୍କ ମତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ଶ୍ରୀକୃଷ୍ଣ। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ସମସ୍ତ ରୀତିନୀତି କଳିଯୁଗର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୀତିନୀତି ସହିତ ମେଳ ଖାଇଥାଏ। ଯାହାକୁ ଓଡ଼ିଶୀ ନୃତ୍ୟ ମାଧମରେ ତୁଳନାତ୍ମକ ଢଙ୍ଗରେ ପରିବେଷଣ କରିଥିଲେ ଗୁରୁ ଦୁର୍ଗାଚରଣ ରଣବୀରଙ୍କ 'ନୃତ୍ୟାୟନ' ଅନୁଷ୍ଠାନର କଳାକାର। ଷଷ୍ଠ ସନ୍ଧ୍ୟାର ଏହି ଶେଷ କାର୍ଯ୍ୟକ୍ରମ ଥିଲା 'ଜଗନ୍ନାଥ ଗୋପୀନାଥ'। ଏହାର ନୃତ୍ୟ ସଂରଚନା ଗୁରୁ ଦୁର୍ଗାଚରଣ ରଣବୀର କରିଥିବାବେଳେ ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ସଂଳାପ ରଚନା କରିଥିଲେ କେଦାର ମିଶ୍ର। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛି।

### ଆଜି ପୁରସ୍କାର ଉତ୍ସବ

ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୧୯ର ବୁଧବାର ଉଦ୍‌ଯାପନୀ ସନ୍ଧ୍ୟାରେ ୫ଜଣଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ଏବଂ ୫ଜଣ ଯୁବ କଳାକାରଙ୍କୁ 'ନାଲ୍‌କୋ ଗୁରୁକେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ପୁରସ୍କାର ବିତରଣ କରିବେ। ଏହି ଅବସରରେ ଗଙ୍ଗା ପ୍ରଦୂଷଣକୁ ଆଧାର କରି 'ସୃଜନ' ତରଫରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହେବାକୁ ଥିବା ନୃତ୍ୟନାଟିକା 'ନମାମିଗଙ୍ଗେ' ଶେଷ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିବ।



ନୃତ୍ୟାୟନର କଳାକାରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।



ନୃତ୍ୟଶାଳା କଳାକାରଙ୍କ ଓଡ଼ିଶୀ ନୃତ୍ୟ।

# ଦାରୁ ଚୟନରେ ବ୍ୟବସାୟ ଅନୁଚିତ: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ, ୧୦।୯**

### ଶ୍ରୀକ୍ଷେତ୍ରକୁ ଆଧ୍ୟାତ୍ମିକ ରାଜଧାନୀ କରାଯାଉ



ମହାପ୍ରଭୁ ହେଉଛନ୍ତି ସ୍ୱୟଂ କର୍ତ୍ତା ଏବଂ ଉପାଦନ। ନିଜେ ଇଚ୍ଛା କଲେ, ଆସିଲେ ଆଉ ନିଜେ ପ୍ରକଟିତ ହେଲେ। ପ୍ରଥମ ଦାରୁ ଥିଲେ ସ୍ୱୟମ୍ଭୁ। ସକଳ ଦୁଃଖକୁ ଯିଏ ଦୂରେଇ ଦିଏ ସେ ହେଉଛନ୍ତି ଦାରୁ। ତେଣୁ ଦାରୁ ଚୟନ ନିଷ୍ଠାର ସହିତ କରାଯିବା ଦରକାର। ଦାରୁ ଚୟନରେ ବ୍ୟବସାୟ ଅନୁଚିତ ବୋଲି କହିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ପୀଠ ପରିସରରେ ମଙ୍ଗଳବାର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ହିନ୍ଦୀ ଅନୁବାଦକୁ ଲୋକାର୍ପଣ କରି ଜଗତ୍‌ଗୁରୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁଜୀ କହିଥିଲେ, ବର୍ତ୍ତମାନ ଯେଉଁ ସ୍ୱଚ୍ଛ ଏବଂ ବିକାଶର ନାରା ଦିଆଯାଉଛି ତାହା ଭୋଗ୍ୟ ପାଇଁ ଠିକ୍। କିନ୍ତୁ ଏଥିରେ ଆଧ୍ୟାତ୍ମିକତା ରହୁନାହିଁ। ଶ୍ରୀକ୍ଷେତ୍ର ଏବେ ଏହି ଢାଞ୍ଚା ଦେଇ ଗତି କରୁଛି। ଏଭଳି ମାନସିକତା ରହିଲେ ଏହା ଲୋକମାନଙ୍କ ମନୋରଞ୍ଜନ କ୍ଷେତ୍ର ହୋଇପାରିବ କିନ୍ତୁ ତପୋସ୍ଥଳୀ ହୋଇପାରିବ ନାହିଁ। ପରୋକ୍ଷରେ ଉଚ୍ଛେଦକୁ ସମାଲୋଚନା କରି ଶଙ୍କରାଚାର୍ଯ୍ୟ କହିଥିଲେ, ମନ୍ଦିର ପାଖରେ ମାଛ, ମାଂସ, ଅଣ୍ଡା ଦୋକାନ ରହିଲେ ସେଠି ଦିଅଁ ରହିବେ ନାହିଁ। ଆଧ୍ୟାତ୍ମିକତା ଦିଗରେ ଏହାକୁ ବିକାଶ କରାଯାଉ। ମଠ, ମନ୍ଦିରର ଦିଅଁ ସୁରକ୍ଷିତ ରହିଲେ ଏହା ତପୋସ୍ଥଳୀ ହୋଇପାରିବ। ପୁରୀରେ ଥିବା ବହୁ ପ୍ରାଚୀନ ମଠକୁ ମହାନ ସିଦ୍ଧ ମହାତ୍ମାମାନେ ପ୍ରତିଷ୍ଠା କରିଛନ୍ତି। ଏହା ଗୋଟିଏ ଗୋଟିଏ ତପୋସ୍ଥଳୀ। ମନ୍ଦିର ପାଖରେ ସୁରାସାକିର ଆସର ଜମିଲେ ଦେବଦେବୀ କେବେହେଲେ ରହିବେ ନାହିଁ। ଫଳରେ ଏହାର ନକାରାତ୍ମକ ଦିଗକୁ ହିଁ ସାମ୍ନା କରିବାକୁ ପଡିବ। ଶ୍ରୀକ୍ଷେତ୍ରକୁ ଆଧ୍ୟାତ୍ମିକ ରାଜଧାନୀ କରାଯିବା ଦିଗରେ ସମସ୍ତେ ଉଦ୍ୟମ କରିବା ଉଚିତ। ଶ୍ରୀମନ୍ଦିରର ପରିଚାଳନା ଆଧ୍ୟାତ୍ମିକ ଓ ଧାର୍ମିକ ବିଚାର ଧାରାରେ ହେବା ଦରକାର। ଏହା ଏକ ଧାର୍ମିକ ପୀଠ। ଶାସନ ତନ୍ତ୍ରରୁ ଏହା ମୁକ୍ତ ରହିବା ଆବଶ୍ୟକ। ଦେବସ୍ଥାନ ନିକଟରେ ତୀର୍ଥ ପୁଷ୍କରିଣୀ ରହିଲେ ଏହାକୁ ତୀର୍ଥସ୍ଥଳୀ କୁହାଯାଏ। କିନ୍ତୁ ବିକାଶ ନାଁରେ ଏହି ତୀର୍ଥସ୍ଥଳୀକୁ ମନୋରଞ୍ଜନସ୍ଥଳୀ କରା ନ ଯାଉ ବୋଲି ପରାମର୍ଶ ଦେଇଛନ୍ତି ଶଙ୍କରାଚାର୍ଯ୍ୟ।

# ବାଣିଜ୍ୟ ଶିକ୍ଷାର ବ୍ୟାପକତା ପାଇଁ ପଦକ୍ଷେପ ନିଆଯିବ: ମନ୍ତ୍ରୀ

**ଭୁବନେଶ୍ୱର ୧୦।୯(ବ୍ୟୁରୋ)**



### ବିଜ୍‌ନେସ୍ କନ୍‌କ୍ଲେଭ୍-୨୦୧୯ ଉଦ୍‌ଘାଟିତ

ରାଜ୍ୟରେ ବାଣିଜ୍ୟ ଶିକ୍ଷାର ପ୍ରସାର ଏବଂ ଛାତ୍ରୀଛାତ୍ରଙ୍କୁ ଉଦ୍ୟୋଗପତି ହେବାଲାଗି ପ୍ରେରଣା ଦେବା ଉଦ୍ଦେଶ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ କଲେଜ୍ ଅଫ୍ କମର୍ସ ପକ୍ଷରୁ କଲେଜ ପରିସରରେ ଆରମ୍ଭ ହୋଇଛି 'ବିଜ୍‌ନେସ୍ କନ୍‌କ୍ଲେଭ-୨୦୧୯'। ଦୁଇଦିନିଆ ଏହି କନ୍‌କ୍ଲେଭ୍‌କୁ ମଙ୍ଗଳବାର ମୁଖ୍ୟଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଲଗାତର ୪ର୍ଥ ବର୍ଷ ପାଇଁ ଆୟୋଜିତ ହେଉଥିବା ଏହି କନ୍‌କ୍ଲେଭ୍‌ରେ ସମ୍ମାନିତ ଅତିଥି ଭାବେ ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ତଥା ସାଇ ଇଣ୍ଟରନ୍ୟାଶନାଲ୍ ଏଜୁକେଶନ୍ ଗ୍ରୁପ୍‌ର ଫାଉଣ୍ଡର ଡ. ବିଜୟ କୁମାର ସାହୁ, ସାଇ ଇଣ୍ଟରନ୍ୟାଶନାଲ୍ କଲେଜ ଅଫ୍ କମର୍ସର ଡାଇରେକ୍ଟର ଡ. ପି.ସି. ଜୈନ୍ ଏବଂ ଇଣ୍ଡିଆନ୍ ଅଏଲ୍, ଏସ୍‌ଇଆରପିଏଲ୍‌ର ଏକଜିକ୍ୟୁଟିଭ୍ ଡାଇରେକ୍ଟର ପି.ସି. ଚୁବେ ଯୋଗଦେଇଥିଲେ।

ଏହି ଅବସରରେ ମନ୍ତ୍ରୀ ସାହୁ ଦେଶର ଶ୍ରେଷ୍ଠ ୧୦ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନଙ୍କ ମଧ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ କଲେଜ୍ ଅଫ୍ କମର୍ସ ପଞ୍ଚମ ଶ୍ରେଷ୍ଠ କଲେଜ ହୋଇଥିବାରୁ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ ବାଣିଜ୍ୟ ଶିକ୍ଷାକୁ ଆଗକୁ ନେବା ପାଇଁ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ସଫଳ ଉଦ୍ୟୋଗପତି ହେବାକୁ ହେଲେ କଠିନ ପରିଶ୍ରମ ସହ ବହୁ ଘାତ ପ୍ରତିଘାତର ସାମ୍ନା କରିବାକୁ ପଡ଼ିବ। ଦୃଢ଼ ମନୋବଳ ସହ ସମସ୍ତ ପରିସ୍ଥିତିକୁ ସମ୍ମୁଖୀନ କରିବାକୁ ଉପସ୍ଥିତ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାଠପଢା ସହ ଏଭଳି କନ୍‌କ୍ଲେଭର ଆୟୋଜନ ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶିତ କରିପାରିବେ ବୋଲି ଡ. ବିଜୟ ସାହୁ ନିଜ ଅଭିଭାଷଣରେ କହିଥିଲେ। କଲେଜ ଅଧ୍ୟକ୍ଷ ସନ୍ଦୀପ ଘୋଷ ଧନ୍ୟବାଦ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ଡ. ଶିଳ୍ପୀ ସାହୁ ଉପସ୍ଥିତ ଥିଲେ। ବିଜ୍‌ନେସ୍ କନ୍‌କ୍ଲେଭ-୨୦୧୯ରେ ଓଡ଼ିଶାର ୬୪ଟି ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୫୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ଏକାଧିକ ବାଣିଜ୍ୟିକ ପ୍ରତିଷ୍ଠାନ, ଆଇଟି ସେଣ୍ଟର, ବ୍ୟାଙ୍କ, କର୍ପୋରେଟ୍ ହାଉସ୍‌ଗୁଡ଼ିକ ମଧ୍ୟ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ୱିଜିମୋଡ଼ୋ, ଆଇଡ଼ିଆଥନ୍, ଷ୍ଟାର୍ଟଅପ୍ ଡିସ୍କ, ଡ୍ରାମା-ଓ-କ୍ରାଟିକ୍, ମାର୍କେଟ୍ ଷ୍ଟ୍ରାଇକ୍, ପୋଷ୍ଟର ମେକିଙ୍ଗ୍, ଫେସ୍ ପେଣ୍ଟିଙ୍ଗ, ଓପନ୍ ଇଭେଣ୍ଟସ୍ ଆଦି ଆୟୋଜନ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ବିଜୟ



ଶୁଭଦର୍ଶିନୀ



ସୋମେଶ



ଅଶୋକ



ସଞ୍ଜୟ



ମହମ୍ମଦ ଓ୍ୱସିମ୍



ରଞ୍ଜିତ୍



ଅନ୍ତର୍ଯ୍ୟାମୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/



ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।

-ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### କ୍ରେନ୍ ଧକ୍କାରେ ଯୁବକ ମୃତ

ବାଲିଅନ୍ତା,୧୦।୯(ଡି.ଏନ୍.ଏ.)- ରୁଦ୍ରପୁରସ୍ଥିତ ଶପିଂ ମଲ ନିକଟ ସର୍ଭିସ ରାସ୍ତାରେ ମଙ୍ଗଳବାର ଏକ କ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧଉଳି ଥାନା ଅଧୀନ କୁକୁଡାଘାଇ ପାଟଣା ଗ୍ରାମର ବିଭୂତି ଭୂଷଣ ପ୍ରଧାନ(୩୮)। ବିଭୂତି ବାଇକରେ ଶକ୍ତିପ୍ରସାଦ ବେହେରାଙ୍କୁ ନେଇ ରୁଦ୍ରପୁର ଆସୁଥିବାବେଳେ ସମ୍ମୁଖପଟୁ ଆସୁଥିବା କ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଉଭୟ ବାଇକରୁ ଛିଟିକି ପଡିଥିବାବେଳେ ପଛଚକା ବିଭୂତିଙ୍କ ମୁଣ୍ଡ ଉପରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଶକ୍ତି ଆହତ ହୋଇଥିଲେ।

### ୪ଫୁଟର ନାଗ ଉଦ୍ଧାର

ବାରଙ୍ଗ,୧୦।୯(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଗଣ୍ଡରପୁର ଗ୍ରାମର ପ୍ରମୋଦ ପଡିହାରୀଙ୍କ ବାଡିରୁ ମଙ୍ଗଳବାର ପୂର୍ବାହ୍ନରେ ପ୍ରାୟ ୪ଫୁଟ ଲମ୍ବର ଏକ ନାଗ ସାପ ଉଦ୍ଧାର ହୋଇଛି। ସାପଟି ବାଡିରେ ବୁଲୁଥିବାର ଦେଖି ପରିବାରଲୋକେ ସ୍ନେକ ହେଲ୍ପଲାଇନର ସଦସ୍ୟ ରଣଜିତ ଓଝାଙ୍କୁ ଜଣାଇଥିଲେ। ସେ ଆସି ଏହି ଅଣ୍ଡିରା ନାଗସାପଟିକୁ ଉଦ୍ଧାର କରିବା ପରେ ଜଙ୍ଗଲରେ ଛଡାଯାଇଥିବା କହିଛନ୍ତି।

### ବ୍ରହ୍ମାକୁମାରୀ କୋକିଳ ମାତାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୦।୯(ବ୍ୟୁରୋ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୋକିଳ ମାତାଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରବିବାର ଗୁଡିଆପୋଖରୀସ୍ଥିତ ବିଲିପଡାଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସବ୍‌ଜୋନ୍ ମୁଖ୍ୟ ବ୍ରହ୍ମାକୁମାରୀ ଲୀନା, ଦୁର୍ଗେଶ ନନ୍ଦିନୀ, ତପସ୍ୱିନୀ, ଦମୟନ୍ତୀ ଓ ବିଧାୟକ ଅରବିନ୍ଦ ଢ଼ାଲି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଧାୟକ ଢାଲି କୋକିଳ ମାତାଙ୍କ ୨୫ବର୍ଷର ବ୍ରହ୍ମକୁମାରୀ ଜୀବନ ଅନୁଭୂତି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀର ଦୁଇଜଣ ବରିଷ୍ଠ ରାଜଯୋଗୀ ମଧ୍ୟ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତ ୬ ତାରିଖରେ ସନ୍ଧ୍ୟାରେ କୋକିଳ ମାତାଙ୍କ ଦେହାନ୍ତ ହୋଇଯାଇଛି।


### ଦିବ୍ୟାଙ୍ଗ ଶିଶୁଙ୍କ ଲାଗି ରୋଟାରୀ କ୍ଲବର ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୧୦।୯(ବ୍ୟୁରୋ): ଭୁବନେଶ୍ୱର ରୋଟାରୀ ମେଟ୍ରୋ କ୍ଲବ ପକ୍ଷରୁ ପୋଖରୀପୁଟର ଏନ୍‌ଏସ୍‌ସିଡିଏଠାରେ ରବିବାର ଦିବ୍ୟାଙ୍ଗ ଶିଶୁଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୦ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ମାଗଣାରେ ଦିଆଯାଇଥିଲା। ଚକ୍ଷୁ ସମସ୍ୟା ଥିବା ଶିଶୁମାନଙ୍କୁ ପୁନଃ ପରୀକ୍ଷା ଲାଗି ଚିହ୍ନଟ କରାଯାଇଛି। ପରବର୍ତ୍ତୀ ସମୟରେ ରୋଟାରୀ ଚକ୍ଷୁ ଡାକ୍ତରଖାନାରେ ସେମାନଙ୍କର ଚିକିତ୍ସା କରାଯିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ରୋଟାରୀ ସଭାପତି ଡ. ରମେଶ ରାୟ ଏବଂ ଇନର ହ୍ୱିଲ କ୍ଲବ୍ ସଭାପତି ସୁପ୍ରଭା ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କମିଶନ୍‌ରେଟ ପୋଲିସର ଅଭିନବ ଟ୍ରାଫିକ ସଚେତନତା

# ଜରିମାନା ନେଲେ, ହେଲ୍‌ମେଟ ଦେଲେ






କଳ୍ପନାଛକଠାରେ ଜରିମାନା ବଦଳରେ ବଣ୍ଟାଯାଉଥିବା ହେଲମେଟ। ଟ୍ରାଫିକ ଡିସିପି ସାଗରିକା ନାଥ ଜଣେ ଯୁବକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରୁଛନ୍ତି।

ଭୁବନେଶ୍ୱର ୧୦।୯(ବ୍ୟୁରୋ)

- ୩ ମାସ ସୁଯୋଗ, ତେଣିକି ନିୟମ କଡ଼ାକଡ଼ି ହେବ: କମିଶନର
- ଯାଞ୍ଚସ୍ଥଳରେ ଇନ୍‌ସ୍ୟୁରାନ୍ସ ବ୍ୟବସ୍ଥା ପାଇଁ ଆଲୋଚନା ଚାଲିଛି

ଜରିମାନାକୁ ନେଇ ଶନିବାର ଭୁବନେଶ୍ୱରରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ପରେ ରାଜ୍ୟ ସରକାର ଟ୍ରାଫିକ ନିୟମକୁ ୩ ମାସ ପାଇଁ କୋହଳ କରିଛନ୍ତି। ବିନା ପୂର୍ବ ପ୍ରସ୍ତୁତି ଓ ଆବଶ୍ୟକ ବ୍ୟବସ୍ଥା ନ ଥାଇ ନୂଆ ମୋଟର ଯାନ ଆଇନ-୨୦୧୯ ଲାଗୁକୁ ରାଜ୍ୟବ୍ୟାପୀ ବିରୋଧ କରାଯିବାରୁ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ ହୋଇଛି କମିଶନରେଟ ପୋଲିସ ଓ ଆର୍‌ଟିଓ। ରବିବାରଠାରୁ ପୋଲିସ ଅଭିନବ ଉପାୟରେ ସଚେତନତା ଆରମ୍ଭ କରିଛି। ନିୟମ ଉଲ୍ଲଂଘନକାରୀଙ୍କୁ ଚକୋଲେଟ ଓ ଗୋଲାପ ଦେଇ ସଚେତନ କରୁଥିବାବେଳେ ନିୟମ ପାଳନକାରୀଙ୍କୁ ଧନ୍ୟବାଦ କାର୍ଡ ଦେଇ ପ୍ରଶଂସା କରାଯାଉଛି। ତେବେ ମଙ୍ଗଳବାର ଟ୍ରାଫିକ ପୋଲିସ ପକ୍ଷରୁ ଆଉ ଏକ ଭିନ୍ନ ପନ୍ଥା ଆପଣାଇଛି। ହେଲ୍‌ମେଟ୍ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ୫ଶହ ଟଙ୍କା ଜରିମାନା କରିବା ସହ ହେଲ୍‌ମେଟ ଦେଇ ସଚେତନ କରିଛି ଟ୍ରାଫିକ ପୋଲିସ।

କଳ୍ପନା ଓ ନାଲ୍‌କୋ ଛକରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଟ୍ରାଫିକ ଡିସିପି ସାଗରିକା ନାଥ, ଅତିରିକ୍ତ ଟ୍ରାଫିକ ଡିସିପି ଅମରେଶ ପଣ୍ଡା ଓ ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ ଉପସ୍ଥିତି ରହି ହେଲ୍‌ମେଟ ପିନ୍ଧି ନ ଥିବା ଗାଡ଼ିଚାଳକଙ୍କଠାରୁ ଜରିମାନା ନେଇ ହଳଦିଆ ରଙ୍ଗର ନୂଆ ହେଲମେଟ ପିନ୍ଧାଇଥିଲେ। ତେବେ ଯେଉଁମାନେ ହେଲ୍‌ମେଟ ନେବାକୁ ଚାହିଁ ନ ଥିଲେ ସେମାନେ କେବଳ ଜରିମାନା ଦେଇ ଚାଲିଯାଇଥିଲେ। ନିୟମକୁ ମାନୁଥିବା ଗାଡିଚାଳକଙ୍କୁ ଟ୍ରାଫିକ ଡିସିପି ନାଥ ଓ ଅନ୍ୟ ଅଧିକାରୀମାନେ ଥ୍ୟାଙ୍କ୍ ୟୁ କାର୍ଡ ବାଣ୍ଟି ପ୍ରଶଂସା କରିଥିଲେ। ସ୍ଥାନ ଛାଡ଼ିବାବେଳେ ଲୋକଙ୍କୁ ଅଧିକାରୀମାନେ ହାତଯୋଡ଼ି ବିଦାୟ ଦେବା ଦୃଶ୍ୟ ନିଆରା ପରିବେଶ ସୃଷ୍ଟି କରିଥିଲା।

ଟ୍ରାଫିକ ଡିସିପି ନାଥ କହିଛନ୍ତି, ଅନେକ ଲୋକ ସଚେତନ ହେଲେଣି। ତେଣୁ ସେମାନଙ୍କୁ ଆମେ ଧନ୍ୟବାଦ ଦେଉଛୁ। ସେମାନେ ଟ୍ରାଫିକ ନିୟମ ମାନି ସୁନ୍ଦର ଭୁବନେଶ୍ୱରକୁ ଆହୁରି ଆଗକୁ ନିଅନ୍ତୁ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଲୋକଙ୍କୁ ସଚେତନ କରିବା, ଜରିମାନା କାଟିବା ନୁହେଁ। ଆମେ ଯେଉଁ ୫ଟି ନିୟମ ଉପରେ ଅଧିକ ଗୁରୁତ୍ୱ ଦେଉଛୁ ତାହାକୁ ଫଲୋ କରିବାକୁ ଲୋକଙ୍କୁ କହୁଛୁ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଲୋକେ ୧୦ ବର୍ଷରେ ଯାହା ହୋଇପାରି ନ ଥିଲେ ୧୦ ଦିନରେ ବଦଳି ଯାଇଛନ୍ତି। ପ୍ରାୟ ୯୬ ପ୍ରତିଶତ ଗାଡିଚାଳକ ହେଲ୍‌ମେଟ ପିନ୍ଧି ଗାଡି ଚଳାଉଥିବାରୁ ଖୁସି ଲାଗୁଛି। ଲାଇସେନ୍ସ ସହ ଗାଡିର ଅନ୍ୟାନ୍ୟ କାଗଜପତ୍ର ପ୍ରସ୍ତୁତ କରିବା ଓ ହେଲ୍‌ମେଟ ସହ ଅଭ୍ୟସ୍ତ ହେବାକୁ ୩ ମାସ ସମୟ ରହିଛି। ଏହା ମଧ୍ୟରେ ଯେଉଁମାନେ ସବୁକିଛି ଠିକ୍ ନ ରଖିବେ ସେମାନେ ହିଁ ଅସୁବିଧାରେ ପଡ଼ିବେ। ଜରିମାନା ଦେବାବେଳେ ଗାଡ଼ିର ଇନ୍‌ସ୍ୟୁରାନ୍ସ କରିବା ପାଇଁ ବ୍ୟବସ୍ଥା କରାଯିବାକୁ ମଧ୍ୟ ଏକ କମ୍ପାନୀ ସହ ଆଲୋଚନା ଚାଲିଛି। ଯଦି କମ୍ପାନୀ ରାଜିହେବ ତେବେ ଶୀଘ୍ର ଏହି ନୂଆ ବ୍ୟବସ୍ଥା ଆରମ୍ଭ କରାଯିବ। ତେବେ ସୋସିଆଲ ମିଡିଆ ଗୁଜବକୁ ଗୁରୁତ୍ୱ ନ ଦେଲେ ଲୋକେ ଟ୍ରାଫିକ ନିୟମ ମାନିଲେ କେହି ଅଟକାଇବାକୁ ସାହସ କରିବେ ନାହିଁ ବୋଲି କମିଶନର କହିଛନ୍ତି।

## ଦୁର୍ଗାପୂଜା କମିଟି ସଦସ୍ୟ-ପୋଲିସର ବୈଠକ

# ଏଥର ବାଜିବନି ଡିଜେ, ଅଶ୍ଳୀଳ ଗୀତ

ଭୁବନେଶ୍ୱର ୧୦।୯(ବ୍ୟୁରୋ)

- ୪ ମାଇକ୍, ୪ବକ୍ସ ଲଗାଇବାକୁ ନିର୍ଦ୍ଦେଶ
- ସୁରକ୍ଷା ପାଇଁ ପୂଜା କମିଟି ସଦସ୍ୟଙ୍କୁ ନେଇ ଗଠନ ହେବ ଏସ୍‌ପିଓ
- ଏଥର ହେବ ୧୭୨ ମେଢ

ଦୁର୍ଗାପୂଜାରେ ଏଥର ବାଜିବନି ଛାତି ଥରାଇଦେଉଥିବା ଡିଜେ ସାଉଣ୍ଡ। ଡିଜେରେ ପ୍ରତିଯୋଗିତା ବି ଚାଲିବନି। କେବଳ ୪ଟି ଲେଖାଏ ମାଇକ୍ ଓ ବକ୍ସ ଲଗାଇବାକୁ ପୂଜା କମିଟିଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। ମଙ୍ଗଳବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ପୂଜା କମିଟିଗୁଡିକୁ ନେଇ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜାକୁ ଶୃଙ୍ଖଳିତ ତଥା ସୁନ୍ଦର ଭାବେ ଶେଷ କରିବା ଉପରେ କମିଶନରର ଷଡ଼ଙ୍ଗୀ ଗୁରୁତ୍ୱ ଦେବା ସହ ଏନେଇ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କମିଶନର କହିଲେ, ସ୍ଥାନୀୟ ଥାନାଧିକାରୀ ପୂଜା କମିଟି ସହ ଆଲୋଚନା କରି ଛୋଟ ସମସ୍ୟାଗୁଡିକର ସମାଧାନ କରିବେ। ଏଥର ନୂଆ କରି ବିଭିନ୍ନ ପୂଜାମଣ୍ଡପର ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଏସ୍‌ପିଓ (ସ୍ପେଶାଲ ପୋଲିସ ଅଫିସର) ଗଠନ କରାଯିବ। କମିଶନରେଟ ପୋଲିସ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ପରେ ବିଭିନ୍ନ ପୂଜା ମଣ୍ଡପରେ ସୁରକ୍ଷା ଦାୟିତ୍ୱରେ ରହିବେ। ପୂଜା ମଣ୍ଡପର ସଦସ୍ୟଥିବା ଟାଣୁଆ ଯୁବକଙ୍କୁ ବାଛି ନାମ ଠିକଣା ଆଦି ଦେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୂଜା କମିଟି ସଦସ୍ୟଙ୍କ ନାମରେ ଚାନ୍ଦା ମାଗିବା ଭଳି ସଙ୍ଗିନ ଅଭିଯୋଗ ଆସିଲେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ସମୟରେ ଚୋରି ଓ ଲୁଟ୍‌ର ଶିକାର ହୋଇଥାନ୍ତି। ଏଥିପାଇଁ ବଡ଼ ବଡ଼ ପୂଜାମଣ୍ଡପରେ ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ରାବଣପୋଡି ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ଜନଗହଳି ସ୍ଥାନରୁ ଦୂରରେ କରିବା ପାଇଁ କମିଶନର ଷଡ଼ଙ୍ଗୀ କହିଛନ୍ତି। ସିଙ୍ଗଲ୍‌ୱିଣ୍ଡୋ ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ ଓ ଲାଇସେନ୍ସ ପ୍ରଦାନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ, ବିଏମ୍‌ସି ଓ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### 'ପୂଜା କରିବୁ କେମିତି'

ଚଳିତବର୍ଷ ରାଜଧାନରେ ୧୭୨ଟି ପୂଜା ମଣ୍ଡପ ହେବ। ଏଥିମଧ୍ୟରୁ 'ଏ' ଏବଂ 'ସି' କାଟାଗୋରୀରେ ୫୫ ଓ 'ବି'ରେ ୬୨ଟି ମେଢ଼ ହେବ। ବୈଠକରେ ଏକାଧିକ ପୂଜା କମିଟି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ମୀନା ବଜାର ଓ ମଣ୍ଡପରେ ଲଗାଯାଉଥିବା ବିଜ୍ଞାପନ ବ୍ୟାନର ଉପରେ ବିଏମ୍‌ସିର ଟିକସ ବ୍ୟବସ୍ଥାକୁ ସେମାନେ ବିରୋଧ କରିଥିଲେ। ପୂଜା କମିଟି ଚାନ୍ଦା ମାଗିବେ ନାହିଁ, ବ୍ୟାନର ଲଗାଇଲେ ଟ୍ୟାକ୍ସ ଦେବେ, ପୂଜା ହେବ କେମିତି ବୋଲି ପୂଜା କମିଟି କର୍ମକର୍ତ୍ତା ପ୍ରଶ୍ନ କରିଥିଲେ। ସେହିଭଳି ପୂଜା ମଣ୍ଡପ ନିକଟରେ ରହିଥିବା ଖାଲଖମାକୁ ବନ୍ଦ କରାଯାଉନି। ଷ୍ଟ୍ରିଟ୍‌ଲାଇଟ୍ ଓ ବିଦ୍ୟୁତ୍ ସମସ୍ୟା ଚିନ୍ତା ବଢ଼ାଇଛି। ଜନପଥର ଦୁଇପାର୍ଶ୍ୱରେ ବଡ଼ ବଡ଼ ଗାତ ଖୋଳାଯାଇ ଡ୍ରେନ୍ ଓ ଭୂତଳ କେବୁଲ କାମ କରାଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଖାଲକୁ ପୂରଣ କରିବାକୁ ଉପସ୍ଥିତ ବିଏମ୍‌ସି ଅଧିକାରୀଙ୍କୁ ସେମାନେ ଦାବି କରିଥିଲେ।

# ୪ ଦୁର୍ଗାପୂଜା ମଣ୍ଡପ ପକ୍ଷରୁ ମାଟି ଅନୁକୂଳ

ବାଲିଅନ୍ତା,୧୦।୯(ଡି.ଏନ୍.ଏ.)

### ବାଜା ଓ ବାଣରେ କମ୍ପିଲା କୁଆଖାଇ ନଦୀକୂଳ



ଭିଏସ୍‌ଏସ୍ ନଗରର ସାର୍ବଜନୀନ ଦୁର୍ଗା ପୂଜା ସମିତିର କୁଆଖାଇ ନଦୀକୂଳରେ ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ପବିତ୍ର ସୁନିଆଁ ଅବସରରେ ମଙ୍ଗଳବାର ରାଜଧାନୀର ପାଣ୍ଡରା, ପଳାଶୁଣି, ରସୁଲଗଡ଼ ଓ ଭିଏସ୍‌ଏସ୍ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ପୂର୍ବାହ୍ନ ସାଢ଼େ ୧୦ଟାରେ ପାଣ୍ଡରା ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତବର୍ଷ ୧୧ତମ ବାର୍ଷିକ ଦୁର୍ଗାପୂଜା ପାଇଁ ହାଇଟେକ କଲେଜ ନିକଟ କୁଆଖାଇ ନଦୀକୂଳରୁ ମାଟି ଅନୁକୂଳ କରାଯାଇଥିଲା। ପୂଜା ସମିତିର ସଭାପତି ପ୍ରଫୁଲ୍ଲ ପ୍ରଧାନ ସମେତ ସତ୍ୟାନନ୍ଦ ତରାଇ, ସତ୍ୟାନନ୍ଦ ବେହେରା, ରମାକାନ୍ତ ଜେନା, ସୁରେନ୍ଦ୍ର ଭୋଇ, ଶୁଭ୍ରାଂଶୁ ଜେନା, ବିଷ୍ଣୁ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଅପରାହ୍ନ ୫ଟାରେ ପଳାଶୁଣୀ ଦୁର୍ଗାପୂଜା ସମିତିର ୩୬ତମ ଦୁର୍ଗାପୂଜା ଓ ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି ପକ୍ଷରୁ ମଧ୍ୟ ଜାକଜମକରେ ମାଟି ଅନୁକୂଳ ହୋଇଥିଲା। ଉଭୟ ପୂଜା ସମିତି ପକ୍ଷରୁ ଶୋଭାଯାତ୍ରାରେ ନଦୀକୂଳରେ ପହଞ୍ଚିଥିଲେ। ପଞ୍ଜାବୀ ଓ ଦୁଲଦୁଲ ବାଜା ସହିତ ବିଭିନ୍ନ ପ୍ରକାର ବାଣରେ ନଦୀକୂଳ ପ୍ରକମ୍ପିତ ହୋଇଥିଲା। ଦୀର୍ଘ ୧ଘଣ୍ଟା ଧରି ହୋମ ଯଜ୍ଞ ଓ ପୂଜାର୍ଚ୍ଚନା କରାଯିବା ପରେ ମାଟି ଅଣାଯାଇଥିଲା। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ପୁଷ୍ପାଞ୍ଜଳି ଦେଇଥିଲେ। ପଳାଶୁଣୀ ପୂଜା ସମିତିର ସଭାପତି ପ୍ରଭାତ ପରିଡ଼ା, ସମ୍ପାଦକ ଅଶୋକ ସାହୁ, ସିଲୁ ଲେଙ୍କା, ସ୍ମରଣ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରସୁଲଗଡ଼ ପୂଜା ପରିଚାଳନା କମିଟିର ସଭାପତି ଅନିଲ କୁମାର ବଳିୟାର ସିଂହଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ଥିଲେ।

### ହାତୀ ହୀରାର ହେଲା ଚିକିତ୍ସା

ବାରଙ୍ଗ,୧୦।୯(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅସୁସ୍ଥ ଥିବା ହାତୀ ହୀରାର ମଙ୍ଗଳବାର ଚିକିତ୍ସା କରାଯାଇଛି। ଗତ କିଛିଦିନ ହେବ ହୀରାର ଆଖିରେ ଯନ୍ତ୍ରଣା ଅନୁଭବ ଯୋଗୁ ଚଳପ୍ରଚଳରେ ଅସୁବିଧା ହେଉଥିଲା। ଅଗଷ୍ଟ ୨୫ତାରିଖ ଦିନ ହାତୀ ସଫାରୀର ହାତୀଶାଳରେ ହୀରାକୁ ବନ୍ଧା ହୋଇଥିବାବେଳେ ତା' ଆଖିରେ ଏକ ଘାସ କାଠି ବାଜିଯାଇଥିଲା। ଏହାପରଠାରୁ ଆଖିରେ ନିୟମିତ ଲୁହଧାର ବାହାରୁଥିଲା। ନନ୍ଦନକାନନର ଡାକ୍ତରମାନଙ୍କ ଚିକିତ୍ସାସତ୍ତ୍ୱେ ସୁଧାର ଆସି ନ ଥିଲା। ପୁଣି ଅଗଷ୍ଟ ୨୯ରେ ଡାକ୍ତରମାନେ ନିଡ୍ରେଜକ ଦେଇ ଚିକିତ୍ସା କରିଥିଲେ ସୁଦ୍ଧା ଆରୋଗ୍ୟ ମିଳି ନ ଥିଲା। ଫଳରେ ହୀରା ଧୀରେ ଧୀରେ ଆଖି ଆଉ ଖୋଲିପାରି ନ ଥିଲା। ତେବେ ମଙ୍ଗଳବାର ଏଲ୍‌ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟର ୩ଜଣିଆ ଡାକ୍ତରୀଦଳ ଆସି ହାତୀ ହୀରାର ଚିକିତ୍ସା କରି ଫେରିଛନ୍ତି। ହୀରା ନନ୍ଦନକାନନର ଦୃଷ୍ଟିଆକର୍ଷଣର କେନ୍ଦ୍ରବିନ୍ଦୁ ଥିବାବେଳେ ପର୍ଯ୍ୟଟକ ଏବେ ହୀରାକୁ ଦେଖିବାରେ ବଞ୍ଚିତ ହୋଇପାରନ୍ତି।

## ସରିଲା ସ୍ୱତନ୍ତ୍ର ହସ୍ତତନ୍ତ ମେଳା

# ୫୦ଲକ୍ଷ ଟପିଲା ହସ୍ତତନ୍ତ ବ୍ୟବସାୟ

ଭୁବନେଶ୍ୱର ୧୦।୯(ବ୍ୟୁରୋ)

ଗତ ଅଗଷ୍ଟ ୨୭ ତାରିଖରୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ବୟନିକା ପକ୍ଷରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା 'ସ୍ୱତନ୍ତ୍ର ହସ୍ତତନ୍ତ ମେଳା' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି ମେଳାରେ ପ୍ରାୟ ୫୦ଲକ୍ଷ ଟଙ୍କାର ବିକ୍ରିବଟା ହୋଇଛି। ସେଥିମଧ୍ୟରୁ କେବଳ ବୟନିକା ୧୫ ଲକ୍ଷ ଟଙ୍କାର ହସ୍ତତନ୍ତ ବିକ୍ରି କରିଛି। ୪ଟି ସଂସ୍ଥା ମଧ୍ୟରୁ ବୟନିକାର ବିକ୍ରୟ ସର୍ବାଧିକ ହୋଇଥିବାବେଳେ ପ୍ରାଥମିକ ବୁଣାକାର ସମବାୟ ସମିତି ମଧ୍ୟରୁ କଟକର ଜୟ ଜଗନ୍ନାଥ ବୁଣାକାର ସମବାୟ ସମିତି ସବୁଠାରୁ ଅଧିକ ବିକ୍ରିବଟା କରିଛି। ଏହି ୧୫ ଦିନିଆ 'ସ୍ୱତନ୍ତ୍ର ହସ୍ତତନ୍ତ ମେଳା'କୁ ୧ ଲକ୍ଷ ଦର୍ଶକ ବୁଲି ଦେଖିବା ସହ କିଣାବିକା କରିଥିବା ବୟନିକା ପକ୍ଷରୁ କୁହାଯାଇଛି। ଏହି ମେଳାରେ ୩୯ଟି ଷ୍ଟଲ୍‌ରେ 'ବୟନିକା', 'ସେରିଫେଡ୍', 'ସମ୍ବଲପୁରୀ ବସ୍ତ୍ରାଳୟ', 'ଉତ୍କଳିକା' ସହ ୩୨ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗୋଟିଏ ଜାତୀୟ ପୁରସ୍କାର ବିଜେତା ଅଂଶଗ୍ରହଣ କରିଥିଲେ। ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳାରେ ବୋମ୍‌କାଇ ଓ ଇକତ ସିଲ୍କ ଶାଢ଼ି, ସୂତା ଶାଢ଼ି, ଡ୍ରେସ୍ କପଡ଼ା, ଟସର ଓ ଘିଚା ଶାଢ଼ି ଆଦି ହସ୍ତତନ୍ତ ସାମଗ୍ରୀ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏଥି ସହିତ ସର୍ବସାଧାରଣଙ୍କ ନିମନ୍ତେ ଫୁଡ୍‌କୋର୍ଟର ବ୍ୟବସ୍ଥା ମଧ୍ୟ ହୋଇଥିଲା।

## ଚାନ୍ଦା ପାଇଁ ଲଜ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ମୁଖ୍ୟ ଅଭିଯୁକ୍ତ ଦେଉଛନ୍ତି ଧମକ

ଭୁବନେଶ୍ୱର,୧୦।୯(ବ୍ୟୁରୋ):

ଗଣେଶ ପୂଜା ଚାନ୍ଦାକୁ କେନ୍ଦ୍ର କରି କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକନଗରର ବରିଷ୍ଠ ନାଗରିକ ତଥା ସିଟି ଲଜ୍ ମାଲିକ ଚିନ୍ତାମଣି ନାୟକଙ୍କୁ ତାଙ୍କ ଘର ସମ୍ମୁଖରେ ୧୫ରୁ ଊର୍ଦ୍ଧ୍ୱ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରୁନି। କେବଳ ୨ଜଣ ସହଯୋଗୀଙ୍କୁ ଗିରଫ କରି ଚୁପ୍ ବସିଛି। ଫଳରେ ମୁଖ୍ୟ ଅଭିଯୁକ୍ତ ଖୁଲମ୍ ଖୁଲା ବୁଲିବା ସହ ଚିନ୍ତାମଣି ଓ ପରିବାର ଲୋକଙ୍କୁ ଧମକ ଦେଉଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଶହୀଦନଗର ଓ କ୍ୟାପିଟାଲ ଥାନାରେ ମାମଲା ରହିଛି। ସେ ଧମକ ଦେଉଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଚିନ୍ତାମଣି ଗଣମାଧ୍ୟମକୁ କହିଛନ୍ତି। ଅଭିଯୋଗ ଅନୁସାରେ, ଗଣେଶ ପୂଜା ପାଇଁ ଗତ ୪ ତାରିଖରେ ଚିନ୍ତାମାଣିଙ୍କୁ ୧୦ ହଜାର ଚାନ୍ଦା ମଗାଯାଇଥିଲା। ମାତ୍ର ସେ ୧୨ଶହ ଟଙ୍କା ଦେଇଥିଲେ। ଏହି ରାଗରେ ସମ୍ପୃକ୍ତ ଯୁବକମାନେ ଗତ ୬ ତାରିଖ ରାତି ୧୦ଟାରେ ଚିନ୍ତାମଣିଙ୍କ ଘର କବାଟ ବାଡେଇଥିଲେ। ସେ ବାହାରକୁ ଆସିବା ପରେ ପରିବାର ଲୋକଙ୍କ ସମ୍ମୁଖରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଜଣକ ରାଜନୈତିକ ଚାପ ପକାଉଥିବାରୁ ପୋଲିସ ତାଙ୍କୁ ଗିରଫ କରୁ ନ ଥିବା ଚିନ୍ତାମଣି କହିଛନ୍ତି। ତାଙ୍କ ସହ ପରିବାର ସଦସ୍ୟଙ୍କ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଓ ନ୍ୟାୟ ପାଇଁ ନିବେଦନ କରିଛନ୍ତି ଚିନ୍ତାମଣି। ଏ ସମ୍ପର୍କରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ଅଭିଯୋଗକାରୀ ବୁଧବାର ସିଧାସଳଖ ମୋତେ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରନ୍ତୁ। ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇଦେବ ବୋଲି କମିଶନର କହିଛନ୍ତି।

## ଜବରଦଖଲମୁକ୍ତ ହେଲା ୟୁନିଟ-୧ ଗଣେଶ ମଣ୍ଡପ

# ୩୫ ବର୍ଷ ପରେ ବିଏମ୍‌ସି ହାତକୁ ଆସିଲା

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

- ମନ୍ଦିରରେ ଠାକୁର ପୂଜା ପାଇବେ, ଉପର ମହଲା ସିଲ୍
- ଆର୍‌ଟିଆଇରେ ମିଳିଥିବା ତଥ୍ୟ ପଦାରେ ପକାଇଲା
- ଆଗକୁ ୧ ନଂ. ହାଟରେ ବେଆଇନ ଜାଗା ଚିହ୍ନଟ ହେବ: ବିଏମ୍‌ସି



ପୂଜାମଣ୍ଡପ ଗେଟ୍‌ରେ ତାଲା ପକାଯାଇଛି।

ୟୁନିଟ ୧ ହାଟରେ ଥିବା ଗଣେଶ ମଣ୍ଡପରୁ ଜବରଦଖଲ ହଟିଛି। ୩୨ଶହ ସ୍କୋୟାର ଫୁଟ୍‌ର ଏହି ସରକାରୀ ଜମି ମଙ୍ଗଳବାର ଜବରଦଖଲ ମୁକ୍ତ ହୋଇଛି। ୨୦୦୯ ଫେବୃୟାରୀ ୮ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚିଠି ନଂ ୧୭୪୫୫ ଏବଂ ହାଇକୋର୍ଟଙ୍କ ଦ୍ୱାରା ଜାରି ଚିଠି ସହ ଗତ ଫେବୃୟାରୀ ମାସରେ ଉଠିଥିବା ସ୍ଥଗିତାଦେଶ ରିପୋର୍ଟ, ସଂଘର ଚୁକ୍ତିନାମା କପି ଏବଂ ଆବେଦନକାରୀ ବିନୋଦିନୀ ପଣ୍ଡାଙ୍କ ଏତଲା ବଳରେ ବିଏମ୍‌ସି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ କମିଶନରେଟ ପୋଲିସ ମିଳିତ ଭାବେ ଏହି ଜବରଦଖଲକୁ ଉଚ୍ଛେଦ କରିଛନ୍ତି। ଆଗକୁ ହାଟରେ ଅନେକ ଜବରଦଖଲକୁ ମୁକ୍ତ କରାଯିବ ବୋଲି ବିଏମ୍‌ସି ଅଧିକାରୀ କହିଛନ୍ତି। ମନ୍ଦିରଟି ସରକାରୀ ଜାଗାରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ୨୦୦୯ରେ ରଞ୍ଜିତ ପଟ୍ଟନାୟକ ଏକ ଆର୍‌ଟିଆଇ ରିପୋର୍ଟରେ ଦର୍ଶାଇଥିଲେ। ପ୍ରାୟ ୩୫ ବର୍ଷ ହେବ ମନ୍ଦିର ମଣ୍ଡପରୁ ହାଟ ବ୍ୟବସାୟୀ ସଂଘ ବିପୁଳ ଟଙ୍କାର ରାଜସ୍ୱ ହଡ଼ପ କରିଥିବା ସେ ବିଏମ୍‌ସିକୁ ଅଭିଯୋଗ ଜଣାଇଥିଲେ। ଏ ନେଇ ବିଏମ୍‌ସି କର୍ତ୍ତୃପକ୍ଷ ହାଟ ସଂଘକୁ କୈଫିୟତ ତଲବ କରିବା ସହ ମନ୍ଦିରର ପଟ୍ଟା ପାଉତି ହସ୍ତାନ୍ତର କରିବାକୁ କହିଥିଲେ। ହେଲେ ସଂଘ ବିଏମ୍‌ସିକୁ କୌଣସି କାଗଜପତ୍ର ନ ଦେଇ ୨୦୦୯ରେ ହାଇକୋର୍ଟରେ ମାମଲା କରିଥିଲେ। କୋର୍ଟ ୨୦୦୯ରୁ ଏହା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ପ୍ରାୟ ୧୦ବର୍ଷ ଧରି ହାଇକୋର୍ଟରେ ଏହି ମାମଲା ଚାଲିଥିଲା। ଗତ ଫେବୃୟାରୀରେ କୋର୍ଟ ସ୍ଥଗିତାଦେଶ ହଟାଇ ବିଏମ୍‌ସିକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗତ ୧ତାରିଖରେ ବିନୋଦିନୀ ପଣ୍ଡା ନାମ୍ନୀ ମହିଳା ତାଙ୍କ ଦୋକାନ ସାମଗ୍ରୀ ସଂଘ ସଭାପତି ଗୟାଧର ସ୍ୱାଇଁ ଓ ତାଙ୍କ ସମର୍ଥକ ଚୋରି କରି ମଣ୍ଡପରେ ରଖିଥିବା ଅଭିଯୋଗ ଆଣି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଜଣାଇଥିଲେ। କମିଶନର ତଦନ୍ତ ଲାଗି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର ଓ ପରେ ରୂପକ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଗତ ମାସ ୩୦ ତାରିଖରେ କମିଶନର ଗଣେଶ ମଣ୍ଡପକୁ ଜବରଦଖଲ ମୁକ୍ତ କରିବା ସହ ମହିଳାଙ୍କୁ ତାଙ୍କ ଦୋକାନ ସାମଗ୍ରୀ ଫେରାଇବାକୁ ହାଟ ସଂଘକୁ ନିର୍ଦ୍ଦେଶ ଦେଇଥିଲେ।

### ଦୋକାନ ସାମଗ୍ରୀ ଫେରିପାଇଲି: ବିନୋଦିନୀ

ଗତ ଏପ୍ରିଲ ମାସରେ ସ୍ୱାମୀ ଶରତ ପଣ୍ଡାଙ୍କ ମୃତ୍ୟୁ ପରେ ଦୋକାନ କିଛି ଦିନ ପାଇଁ ବନ୍ଦ ରହିଥିଲା। ଏହି ସମୟରେ ସଂଘ ସଭାପତି ଗୟାଧର ସ୍ୱାଇଁ ଓ ତାଙ୍କ ସମର୍ଥକମାନେ ମୋ ଦୋକାନ ତାଡ଼ି ଆସବାବପତ୍ର ନେଇଯାଇଥିଲେ। ମୁଁ କମିଶନରଙ୍କୁ ଜଣାଇବା ସହ ଥାନାରେ ଏତଲା ଦେଇଥିଲି। ମଣ୍ଡପ ଜବରଦଖଲ ମୁକ୍ତ ହେବା ପରେ ମୁଁ ମୋ ଦୋକାନ ସାମଗ୍ରୀ ପାଇଛି ବୋଲି ବିନୋଦିନୀ କହିଛନ୍ତି।

### ସାମଗ୍ରୀ ରଖିଥିଲୁ, ଚୋରି କରି ନ ଥିଲୁ: ଗୟାଧର

ସଂଘ ସହ ହୋଇଥିବା ଶରତଙ୍କ ଚୁକ୍ତି ସରିଯାଇଥିଲା। ତେଣୁ ତାଙ୍କ ଦୋକାନରୁ ଜିନିଷ ଆଣି ଆମେ ମଣ୍ଡପରେ ରଖିଥିଲୁ। ଶରତଙ୍କ ସମ୍ପର୍କୀୟ କେହି ଆସି ପରିଚୟ ଦେଇ ସାମଗ୍ରୀଗୁଡ଼ିକ ନେଇଯାଇପାରିବ ବୋଲି କହିଥିଲୁ। ବିନୋଦିନୀ କିଏ ମୁଁ ଚିହ୍ନିନାହିଁ। ସେ ସଂଘକୁ ନ ଆସି ପୋଲିସ୍ ଏବଂ ବିଏମ୍‌ସି ପାଖକୁ ଗଲେ। ସଂଘକୁ ଆସିଥିଲେ ବି ଏହାର ସମାଧାନ ହୋଇପାରିଥାନ୍ତା ବୋଲି ସଂଘ ସଭାପତି ଗୟାଧର ସ୍ୱାଇଁ କହିଛନ୍ତି।



"ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### ଅହିଂସାର ମହତ୍ତ୍ୱ ଜାଣିବା ପାଇଁ ସ୍କୁଲରେ ହେବ ପ୍ରତିଯୋଗିତା

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟଗୁଡ଼ିକରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, କ୍ଷୁଦ୍ର ନାଟକ ପ୍ରତିଯୋଗିତା କରାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟଠାରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଦାଶ କହିଲେ, ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ସାରା ବିଶ୍ୱ ଏବର୍ଷ ଗାନ୍ଧିଜୀଙ୍କ ଜୟନ୍ତୀ ପାଳନ କରୁଛି। ଅହିଂସା ଶବ୍ଦ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ ହେଲେ ତାହା ଆମର ଗାନ୍ଧିଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟର ସବୁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଅହିଂସା ଶବ୍ଦର ମହତ୍ତ୍ୱ ଓ ଅହିଂସାର ମାର୍ଗ ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଆବଶ୍ୟକ। ଏଥିପାଇଁ ଛାତ୍ରୀଛାତ୍ରଙ୍କ ମଧରେ ଗ୍ରାମପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକସ୍ତର ଏବଂ ଜିଲାସ୍ତର ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଚିତ୍ରା ଅରୁମୁଗମ୍, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଶ୍ୱନାଥ ପ୍ରଧାନ, ଓପେପା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ପୋଲିସର ଡବଲ ଏନ୍କାଉଣ୍ଟର

## ମୋଷ୍ଟ ୱାଣ୍ଟେଡ ଟିଁକି ଖାଁ, ବିଶ୍ୱରଞ୍ଜନ ସାହୁ ଆହତ

**ପୁରୀ ଅଫିସ, ୧୦।୯**

ପୁରୀର ବିକାଶ ପାଇଁ ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରୁ ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ ପୁରୀକୁ ଅପରାଧ ମୁକ୍ତ କରିବା ଲାଗି ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରାଧୀ କ୍ଲିନ୍ ଡ୍ରାଇଭ୍। ହାର୍ଡକୋର ଅପରାଧୀଙ୍କୁ ଦମନ କରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି ପୁରୀ ପୋଲିସ। ପୂର୍ବରୁ ୧୦ଜଣଙ୍କୁ ଏନ୍କାଉଣ୍ଟର କରାଯାଇଥିବାବେଳେ ସୋମବାର ବିଳମ୍ବିତ ରାତିରେ ପୋଲିସ ପକ୍ଷରୁ ପୃଥକ ସ୍ଥାନରେ ଡବଲ ଏନ୍କାଉଣ୍ଟର କରାଯାଇଛି। ପୋଲିସ ଗୁଳିରେ ଦୁଇ ମୋଷ୍ଟୱାଣ୍ଟେଡ୍ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୁମ୍ଭାରପଡା ଥାନା ଅଧୀନ ରାମଚଣ୍ଡୀ ବାଲିକୁଦ ବସ୍ତିର ବାଲି ମାଫିଆ ଟିଁକି ଓରଫ ସୟାମତ ଖାନ ଏବଂ ଟାଉନ ଥାନା ଅଧୀନ ହାଡଗୋଡିଆ ସାହିର ବ୍ରାଉନ ସୁଗାର ଓ କୋରେକ୍ସ ମାଫିଆ ବିଷ୍ଣୁ ଓରଫ ବିଶ୍ୱରଞ୍ଜନ ସାହୁ। ସେମାନଙ୍କଠାରୁ ଗୋଟିଏ ଲେଖାଏ ପିସ୍ତଲ, ଗୁଳି ଓ ବାଇକ ଜବତ କରାଯାଇଛି। ଆହତ ଦ୍ୱୟଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ମଙ୍ଗଳବାର ଏସ୍ପି ଉମାକାନ୍ତ ଦାଶ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ କୁମ୍ଭାରପଡା ଥାନା ଅଧିକାରୀ କେ.ଏମ୍. ସେଠୀଙ୍କ ଅଭିଯୋଗ କ୍ରମେ ତାଳବଣିଆ ଥାନାରେ ୬୩/୧୯ ନମ୍ବରରେ ମାମଲା ରୁଜୁ ହୋଇଥିବାବେଳେ ବାସେଳୀସାହି ଥାନାଧିକାରୀ ଜେ.ଏନ୍. ଜେନାଙ୍କ ଅଭିଯୋଗକ୍ରମେ ସେହି ଥାନାରେ ନଂ. ୮୨/୧୯ରେ ମାମଲା ରୁଜୁ ହୋଇଛି।



ଆହତ ଦୁଇ ଅଭିଯୁକ୍ତ ଓ ଜବତ ପିସ୍ତଲ।

ଏକାଧିକ ମାମଲାରେ ସମ୍ପୃକ୍ତ ମୋଷ୍ଟ ୱାଣ୍ଟେଡ ଟିଁକି ଖାଁ ବିଳମ୍ବିତ ରାତିରେ ତାଳବଣିଆ ଥାନା ଅଧୀନ ଭୂଦାନ ଛକ ଦେଇ ବାଇକରେ ଯାଉଥିବା ଖବରପାଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଟିଁକି ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସର ପାଲାଟା ଗୁଳି ଟିଁକିଙ୍କ ଡାହାଣ ଗୋଡ ତଳକୁ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରୁ ୭.୬୫ ଏମ୍ଏମ୍ ପିସ୍ତଲ, ଗୋଟିଏ ଗୁଳି, ୨ ମୋବାଇଲ ଫୋନ ଏବଂ ନଗଦ ୧୦୫୦ ଟଙ୍କା ପୋଲିସ ଜବତ କରିଥିଲା। ସେହିପରି ବିଳମ୍ବିତ ରାତିରେ ଅଭିଯୁକ୍ତ ବିଶ୍ୱରଞ୍ଜନ ଅନ୍ୟଜଣେ ସାଥୀ ସହ ବାଇକରେ ମଙ୍ଗଳାଘାଟ ବାଇପାସ ଦେଇ ଭୁବନେଶ୍ୱର ଆଡକୁ ଯାଉଥିବା ଖବରପାଇ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ପୋଲିସକୁ ଦେଖି ବିଶ୍ୱରଞ୍ଜନ ଗୁଳି ଚଳାଇଥିବାବେଳେ ପୋଲିସର ପାଲାଟା ତାଙ୍କ ଡାହାଣ ଗୋଡ ତଳକୁ ବାଜିଥିଲା। ପୋଲିସ ଘଟଣା ସ୍ଥଳରୁ ଏକ ପିସ୍ତଲ, ଗୋଟିଏ ଗୁଳି, ଏକ କଳାରଙ୍ଗର ପଲସର ଜବତ କରିଥିଲା। ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

ମିଳିଥିବା ସୂଚନା ପ୍ରକାରେ ଟିଁକି ଖାଁଙ୍କ ନାମରେ ବିଭିନ୍ନ ଥାନାରେ ୨୩ ମାମଲା ରହିଛି। ସେଥି ମଧ୍ୟରୁ ସଦର ଥାନାରେ ୫, କୁମ୍ଭାରପଡାରେ ୮, ଚନ୍ଦନପୁର, ବାସେଳି ସାହି, ପିପିଲି, ଭୁବନେଶ୍ୱର ସହିଦ ନଗର, ଖାରବେଳ ନଗର, ନୟାପଲ୍ଲୀ ଥାନା, ଗଞ୍ଜାମ ପୁରୁଷୋତ୍ତମପୁର ଥାନାରେ ଗୋଟିଏ ଲେଖାଏ ଏବଂ କଟକ ମଙ୍ଗଳାବାଗରେ ୨ କେଶ ରହିଛି। ସେହିପରି ବିଶ୍ୱରଞ୍ଜନଙ୍କ ନାମରେ ୫ କେସ୍ ରହିଛି। ସେଥିରୁ ସଦର, ଟାଉନ, ତାଳବଣିଆ ଥାନାରେ ଗୋଟିଏ ଲେଖାଏ ଏବଂ ବାସେଳିସାହି ଥାନାରେ ୨ଟି ମାମଲା ରହିଛି।

### ଦୁଇ ରୋଡ୍ ରୋମିଓଙ୍କୁ ସାବାଡ୍ କରିବା ଘଟଣା
### ସାହସୀ ବେବିନାଙ୍କୁ ପୁରସ୍କୃତ କଲେ ପୋଲିସ କମିଶନର

**ଭୁବନେଶ୍ୱର ୧୦।୯(ବ୍ୟୁରୋ):** ରବିବାର ଅପରାହ୍ନରେ ମଞ୍ଚେଶ୍ୱର ଥାନା ଜଗନ୍ନାଥନଗରରେ ଦୁଇଜଣ ରୋଡ୍ ରୋମିଓଙ୍କୁ ଇଞ୍ଜିନିୟରିଂ ଛାତ୍ରୀ ବେବିନା ମହାଲିକ ମାଡ଼ ମାରିବା ସହ ବସ୍ଉଠ୍ କରି ସାବଡ୍ କରିଥିଲେ। ଏହାର ଭିଡିଓ ଭାଇରାଲ ହେବା ସହ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ବେବିନାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି। ତେବେ ବେବିନାଙ୍କର ଏହି ସାହସିକତା ପାଇଁ ମଙ୍ଗଳବାର କମିଶନରେଟ ପୋଲିସ ମୁଖ୍ୟାଳୟଠାରେ କମିଶନର ସୁଧାଂଶୁ ଷଡ଼ଙ୍ଗୀ ତାଙ୍କୁ ପୁରସ୍କୃତ କରିଛନ୍ତି। କମିଶନର ଷଡ଼ଙ୍ଗୀ କହିଛନ୍ତି, ସବୁ ସ୍ଥାନରେ ପୋଲିସ ରହିବା ସମ୍ଭବ ନୁହେଁ। ବେବିନା ଯେପରି ଅପରାଧୀଙ୍କୁ ସାମ୍ନା କଲେ ନିଶ୍ଚିତ ଅନ୍ୟମାନଙ୍କ ପାଇଁ ଉଦାହରଣ। ଯେଉଁମାନେ ଅପରାଧର ଶିକାର ହେଉଛନ୍ତି ତାଙ୍କୁ ସହରବାସୀ ସହଯୋଗ କରନ୍ତୁ। ଦେଖଣାହାରି ସାଜନ୍ତୁ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିପଦରେ ପଡିଲେ ଡରି ନ ଯାଇ ସାହସର ସହ ମୁକାବିଲା କରିବାକୁ ବେବିନା ଆହ୍ୱାନ ଦେଇଛନ୍ତି।

# ପୋଲିସ ଜାଲରେ ବ୍ରାଉନ୍ସୁଗାର ଡିଲର

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

- ୩୦୦ ଗ୍ରାମ ବ୍ରାଉନସୁଗାର ଓ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ
- ୨୦୧୪ରେ ଜେଲରୁ ପାରୋଲରେ ଆସି ଫେରାର ଥିଲେ ସନ୍ତୋଷ

କମିଶନରେଟ ପୋଲିସ ଜାଲରେ ବ୍ରାଉନ୍ସୁଗାର ଡିଲର ସନ୍ତୋଷ କୁମାର ପଣ୍ଡା। ୫ବର୍ଷ ଧରି ପୋଲିସ ଆଖିରେ ଧୂଳି ଦେଇ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବ୍ରାଉନ୍ସୁଗାର ଯୋଗାଉଥିବା ସନ୍ତୋଷଙ୍କୁ ଖଣ୍ଡଗିରି ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ୩୦୦ ଗ୍ରାମ୍ ବ୍ରାଉନ୍ସୁଗାର, ନଗଦ ୨ଲକ୍ଷ ୧୪ ହଜାର ଟଙ୍କା, ୫ ମୋବାଇଲ ଫୋନ୍ ଓ ବାଇକ୍ ଜବତ କରିଛି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଖଣ୍ଡଗିରି ଥାନାରେ ତାଙ୍କ ନାମରେ ମାମଲା (ନଂ.୪୯୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ର୍ୟାକେଟ ସମ୍ପର୍କରେ ପଚରାଉଚରା କରାଯାଉଛି ବୋଲି ଡିସିପି ଅନୁପ କୁମାର ସାହୁ କହିଛନ୍ତି।

ପଚରାଉଚରାବେଳେ ମିଳିଥିବା ତଥ୍ୟ ଆଧାରରେ ଡିସିପି ସାହୁ କହିଛନ୍ତି, ସନ୍ତୋଷଙ୍କ ଘର ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ। ସେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇଥାନ୍ତି। ବିଶେଷକରି ପୁରୀ ଓ ଖୋର୍ଦ୍ଧା ଜିଲାରେ ତାଙ୍କ ର୍ୟାକେଟ ବେଶ୍ ସକ୍ରିୟ ରହିଛି। ତାଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଛି। ଖୋର୍ଦ୍ଧା ଥାନାରେ ରହିଥିବା ଏକ ହତ୍ୟା ମାମଲା (ନଂ. ୩୦୦/୧୧)ରେ ତାଙ୍କୁ ଦଣ୍ଡାଦେଶ ହୋଇଥିବାବେଳେ ୨୦୧୪ରେ ଜେଲରୁ ପାରୋଲରେ ଆସି ଫେରାର ହୋଇଯାଇଥିଲେ। ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଖୋର୍ଦ୍ଧା, ଟାଙ୍ଗୀ ଓ ବଳଙ୍ଗା ଥାନାରେ ତାଙ୍କ ନାମରେ ୬ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବାବେଳେ ସେ ପୋଲିସ ଟାର୍ଗେଟରେ ଥିଲେ। ରାଜଧାନୀ ଓ ଉପକଣ୍ଠ ଅଞ୍ଚଳରେ ବ୍ୟାପୁଥିବା ଡ୍ରଗ୍ସ କାରବାର ଉପରେ ରୋକ୍ ଲଗାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ



ଜବତ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

୨ ମାସ ଧରି ସ୍ୱତନ୍ତ୍ର ଚଢାଉ ଆରମ୍ଭ ହୋଇଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଖୁଚୁରା ବେପାରୀଙ୍କୁ ପୋଲିସ ଗିରଫ କରିବା ସହ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ସେମାନଙ୍କଠାରୁ ସନ୍ତୋଷଙ୍କ ବ୍ରାଉନସୁଗାର ସାମ୍ରାଜ୍ୟ ସମ୍ପର୍କରେ ସୁରାକ ପାଇଥିଲା ପୋଲିସ। ଟିକିନିଖି ତଥ୍ୟ ହାସଲ କରିବା ପରେ ସନ୍ତୋଷଙ୍କ ଉପରେ ପୂରା ନଜର ରଖାଯିବା ସହ ତାଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ସେ ଖଣ୍ଡଗିରି ଥାନା ଅଧୀନ କଳିଙ୍ଗନଗରସ୍ଥିତ ବଗ ପାର୍କ ନିକଟରେ ଖୁଚୁରା ବେପାରୀଙ୍କୁ ବ୍ରାଉନ୍ସୁଗାର ବିକ୍ରି କରିବାର ଆଗୁଆ ସୂଚନା ପାଇ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସେଠାରେ ଜଗି ରହିଥିଲା। ସନ୍ତୋଷ ବ୍ରାଉନସୁଗାର ଧରି ବାଇକ୍ରେ ପହଞ୍ଚିବା ମାତ୍ରେ ତାଙ୍କୁ କାବୁ କରି ନିଆଯାଇଥିଲା। ବୁଧବାର ଅଭିଯୁକ୍ତ ସନ୍ତୋଷଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଡିସିପି ସାହୁ କହିଛନ୍ତି।

# ଆଠମାସ ପରେ ପରିବାରକୁ ଫେରିଲେ ବୃଦ୍ଧ

## ସହଯୋଗର ହାତ ବଢ଼ାଇଲା ଆରପିଏଫ୍

**ପୁରୀ ଅଫିସ, ୧୦।୯**

କେନ୍ଦୁଝରର ଆନନ୍ଦପୁର ଅଞ୍ଚଳରୁ ଗତ ଜାନୁୟାରୀରେ ନିଖୋଜ ହୋଇଥିବା ବୃଦ୍ଧ ଜୟାନନ୍ଦ ନାଥ (୭୫ବର୍ଷ)ଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁରୀ ଆରପିଏଫ୍ ପୋଲିସ। ଦୀର୍ଘ ୮ମାସ ପରେ ନିଖୋଜ ବାପାଙ୍କୁ ପାଇ ପୁଅ ଦିଲୀପ ଏବଂ ପରିବାର ସଦସ୍ୟ ଭାବବିହ୍ୱଳ ହୋଇଯାଇଥିଲେ। ଆରପିଏଫ୍ର ଏପରି କାର୍ଯ୍ୟକୁ ବାହାର ପର୍ଯ୍ୟଟକ ଓ ଯାତ୍ରୀ ଭୂୟସୀ ପ୍ରଶଂସା କରିଥିଲେ।



ବୃଦ୍ଧଙ୍କ ସହ ପରିବାର ସଦସ୍ୟ ଓ ଅନ୍ୟମାନେ।

ମିଳିଥିବା ସୂଚନା ପ୍ରକାରେ ଆରପିଏଫ୍ ଏସ୍ଆଇ ପି.କେ. ରାଉଳ ଗତ ଶନିବାର ଷ୍ଟେଶନ ପରିସରରେ ଡ୍ୟୁଟି କରୁଥିଲେ। ଯାତ୍ରୀନିବାସରେ ଜଣେ ବୃଦ୍ଧ ଅସହାୟ ଅବସ୍ଥାରେ ବସିଥିବା ଦେଖି ତାଙ୍କ ନିକଟକୁ ଯାଇଥିଲେ। ସେତେବେଳେ ଭୀଷଣ ଜ୍ୱରରେ ତାଙ୍କ ଦେହ କମ୍ପୁଥିଲା। ଗତ କିଛିଦିନ ହେଲା ନ ଖାଇ ନ ପିଇ ସେ ଅସୁସ୍ଥ ହୋଇପଡ଼ିଥିଲେ। ଏସ୍ଆଇ ରାଉଳ ତାଙ୍କୁ ସେଠାରୁ ଉଦ୍ଧାର କରି ଷ୍ଟେଶନ ପରିସରରେ ଥିବା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରେ ତାଙ୍କ ସହ କଥାବାର୍ତ୍ତା କରି ତାଙ୍କ ନାମ ଏବଂ ଠିକଣା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ଠାରୁ ସଂଗ୍ରହ ତଥ୍ୟକୁ ଆଧାର କରି ଆନନ୍ଦପୁର ଥାନାକୁ ଯୋଗାଯୋଗ କରିଥିଲେ। ସଂପୃକ୍ତ ବୃଦ୍ଧ ଜଣକ ନିଖୋଜ ହୋଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିବା ଆନନ୍ଦପୁର ପୋଲିସ ସୂଚନା ଦେଇଥିଲା। ଆନନ୍ଦପୁର ପୋଲିସ ଠାରୁ ପରିବାର ସମ୍ପର୍କରେ ଖବର ସଂଗ୍ରହ କରି ଏସ୍ଆଇ ରାଉଳ ବୃଦ୍ଧଙ୍କ ପୁଅ ଦିଲୀପ ନାଥଙ୍କୁ ଯୋଗାଯୋଗ କରିଥିଲେ। ପରେ ଦିଲୀପ ସମ୍ପର୍କୀୟଙ୍କ ସହ ପୁରୀ ଆରପିଏଫ୍ ଥାନାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଦିଲୀପ ଗଣମାଧମକୁ ସୂଚନା ଦେଇ କହିଲେ ଯେ, ବାପାଙ୍କୁ ନିଖୋଜ ହେବାର ୮ମାସ ବିତିଯାଇଥିଲା। ପୁଣି ଥରେ ପାଇବି ବୋଲି ଆଶା ଛାଡି ଦେଇଥିଲି। ମହାପ୍ରଭୁଙ୍କ କୃପା ଏବଂ ଆରପିଏଫ୍ ବଦାନ୍ୟତାରୁ ମୁଁ ମୋ ବାପାଙ୍କୁ ଫେରି ପାଇଲି ବୋଲି କହିଥିଲେ।

# ଫାର୍ମା କମ୍ପାନୀରେ ଚଢ଼ାଉ, ୯ ସାମ୍ପୁଲ ଜବତ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ଅନଧିକୃତ ସଂସ୍ଥାକୁ ଔଷଧ ବିକ୍ରି ଅଭିଯୋଗରେ ଭୁବନେଶ୍ୱର ବମିଖାଲସ୍ଥିତ ଟରକ୍ୟୁ ଫାର୍ମାସ୍ୟୁଟିକାଲ କମ୍ପାନୀ ଉପରେ ମଙ୍ଗଳବାର ଚଢ଼ାଉ କରାଯାଇଛି। ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶରେ ଡ୍ରଗ୍ସ ଇନ୍ସପେକ୍ଟର ଡ. ସୁଦର୍ଶନ ବିଶ୍ୱାଳ ଓ ଚନ୍ଦନକୁମାର ଗିରି ଚଢାଉ କରି ୯ ସାମ୍ପୁଲ ପରୀକ୍ଷା ପାଇଁ ପଠାଇଛନ୍ତି।



ଫାର୍ମା କମ୍ପାନୀରେ ଯାଞ୍ଚ କରାଯାଉଛି।

ମିଳିଥିବା ସୂଚନାନୁସାରେ, ଉକ୍ତ କମ୍ପାନୀର ଲାଇସେନ୍ସ ଠିକ୍ ନ ଥିବାବେଳେ ବିକ୍ରି କରାଯାଉଥିବା ମେଡ଼ିସିନଗୁଡ଼ିକର ବ୍ୟବହାର ପରେ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଉଥିଲା। ଏନେଇ ଅଭିଯୋଗ ଆସିବା ପରେ ଗତ ୭ ତାରିଖରେ ଆଇପିସି ଧାରା ୧୮ (ସି)ରେ ଏକ ମାମଲା ରୁଜୁ ହୋଇଥିଲା। ପରେ ଉକ୍ତ କମ୍ପାନୀ କିଛି ଅନଧିକୃତ ସଂସ୍ଥାକୁ ମେଡିସିନ୍ ବିକ୍ରି କରୁଥିବା ନେଇ ମଧ ଅଭିଯୋଗ ଆସିଥିଲା। ଅନ୍ୟପକ୍ଷରେ ରାଜ୍ୟରେ ପ୍ରସାଧାନ ସାମଗ୍ରୀ ନାଁରେ ବ୍ୟାପକ ଭାବେ ଏପରି ଔଷଧ ବିକ୍ରି ହେଉଥିବାରୁ ସମସ୍ତ ଫାର୍ମାସ୍ୟୁଟିକାଲ କମ୍ପାନୀ ଓ ସଂସ୍ଥା ଉପରେ ନଜର ରଖିବାକୁ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

OFFICE STAFF ଆବଶ୍ୟକ
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

REFCEM® SITUATION VACANT
Since 1983...
RRPL, Bhubaneswar invites application for the following Posts;

| | Post | Qualification | Experience |
|---|---|---|---|
| 1. | Accountant | B.com with Tally & above | Min 5 yrs |
| 2. | Welder, Cutter & Electrician | ITI & Diploma | Min 5 yrs |

Salary is based on industry and experience. Mail your CV / Contact on:
rrpl2019@rediffmail.com
Contact: 7381095402 & 7381095422

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

WANTED
ଭୁବନେଶ୍ୱରରେ ପ୍ରତିଷ୍ଠିତ କମ୍ପାନୀର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୟ କରିବା ପାଇଁ ମାର୍କେଟିଂ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା (+2) ରହିବା ସୁବିଧା ଅଛି। ଦରମା ମାସିକ 15,000/- Contact :
7978049094, 9178362001

Need an experienced (10yrs. or more)
DRIVER in BBSR
to drive personal cars.
• One should not have any bad habit.
• He should be highly disciplined and sober.
• Should be ready to help in household works.
• Should have a good character.
• Valid Driving License and Adhaar Card are needed.
Salary is negotiable.
Contact: 9437180218

VACANCY
An accounting firm requires an experienced Data Entry Operator having experience in operation of Tally package and drafting of letters.
Apply with confidence to
Box No. 386, DHARITRI, B-15, Industrial Estate, Rasulgarh, Bhubaneswar-10.

URGENTLY REQUIRED FOR REAL ESTATE COMPANY
Related Jobs
1. ACCOUNTS MANAGER (Male), 2. JUNIOR ACCOUNTANT (Male), 3. FRONT OFFICE EXECUTIVE (Ladies), 4. SUPERVISOR (Male), 5. COOK (Male).
Experience needed 2 to 3 years
SHREEHARI CONSTRUCTIONS
Shreehari Bihar, Batamangala, Puri- 752002
Mail ID: shreeharipuri@gmail.com, Contact No. 9439537644 / 9861796270
Send CV with colour photograph to this above address or Email id.

ପୁରୀ ସହରରେ ବୟସ୍କ ଦମ୍ପତିଙ୍କ ସହିତ ରହି ଗୃହ କର୍ମରେ ସହଯୋଗ କରିବା ପାଇଁ ଜଞ୍ଜାଳ ନଥିବା କର୍ମନିପୁଣା
ମହିଳା ଆବଶ୍ୟକ।
ଯୋଗାଯୋଗ କରନ୍ତୁ
8763329788

PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER
For Pre-Cast Manufacturing Unit
Two-Wheeler must; All Odisha
CONTACT :
9040019196 / 9778821577

WALK IN INTERVIEW
HOTEL PURI BEACH RESORT PVT. LTD.
New Marine Drive Road, Near Light House, Puri
▶ Housekeeping Supervisor, ▶ Room Boy, ▶ Store Keeper & Restaurant Supervisor, ▶ Laundry man, ▶ Accountant, ▶ Security Guard.
A walk in interview will be held at Hotel campus on dt.16.09.2019, 10.30AM for the above posts. Candidates should have experience of 2 years for all posts.
Contact: MD- 9437444444
S.K. Mishra- 9937231888

APPOINTMENT
Need the following personnel for SALES.
SALES OFFICER :
Graduate having minimum 1-2 years experience in consumer durable/FFCG/Furniture industry/Lights division will be preferred. He must have the ability to develop & manage the dealer network with good knowledge of sales & marketing.
In case of experience candidate qualification no bar.
Please send your Biodata within 7 days to
PATRIOT
Rajpath Group SCR-14, Surya Nagar, 1st Floor Bhubaneswar-751003,
Email: hrd@rajpathgroup.in
Mob.: 9337724585

ନିଶ୍ଚୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

ସଫେଇ କର୍ମଚାରୀ ଆବଶ୍ୟକ
ରାୟଗଡ ନଗର ନିଗମ (ଛତିଶଗଡ) ରେ ସହରର ସଫେଇ କାର୍ଯ୍ୟ ପାଇଁ ଏକ ସଂସ୍ଥାରେ ୨୦ ରୁ ୫୦ ସଫେଇ କର୍ମଚାରୀ ଆବଶ୍ୟକ। ରହିବା, ଖାଇବା ସହ ଦରମା ୧୦,୦୦୦/- ଦିଆଯିବ
ବର୍ଫାନୀ ସିକ୍ୟୁରିଟି ସର୍ଭିସ୍। ଯୋଗାଯୋଗ - ପ୍ରିୟରଞ୍ଜନ ଦାସ (Supervisor)
7735833199 (11AM - 2PM)

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍ଫ୍ରାଷ୍ଟ୍ରକଚର କନଷ୍ଟ୍ରକସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜମେଣ୍ଟ)
କମଲ ପ୍ଲେସ୍ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

RECRUITMENT NOTICE
Kaapro invites online applications for Water Testing Laboratory at State, District and Sub-Divisional Laboratories under Rural Water Supply and Sanitation (RWSS), Panchayati Raj & Drinking Water Department, Government of Odisha, from candidates for deployment on outsource basis covering the following posts located at different places of Odisha :-

STATE LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Project Manager | 1 | Bachelor in Arts/Science/Commerce/ Engineering and MBA | 5 | 40000 |
| Lab. Chemist/ Microbiologist | 1 | Graduation in Science with Biology & PGDCA | 3 | 20000 |
| Lab. Chemist | 3 | Graduation in Science with Chemistry & PGDCA | 3 | 20000 |
| Data Entry Operator | 2 | Graduation with PGDCA or equivalent certification with 1 years' experience | 3 | 8800 |
| Lab. Assistant | 2 | +2 Science with Chemistry & DCA | 3 | 10000 |

DISTRICT AND SUB DIVISIONAL LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Lab. Chemist/ Microbiologist | 76 | Graduation in Science with Chemistry/Biology & PGDCA | 3 | 20000 |
| Lab. Assistant | 46 | +2 Science with Chemistry & DCA | 3 | 10000 |
| Lab.Attendant cum Sample Collector | 76 | 10th Pass | 2 | Salary 7300 + 1500 other Expenses |

For Details of Role Responsibilities, Qualification and other Eligibility criteria for each position and online application can be accessed at recruitment.kaapro.co.in The last date of receipt of application is 28.09.2019 (17.00 Hrs. IST).

PART TIME JOB
DETECTIVES / VERIFIERS / INVESTIGATORS
GRADUATES
Per Assignment Basis
Email : ceebak@gmail.com

ଚେନ୍ନାଇ ପାଇଁ ଆବଶ୍ୟକ
ଲୋଡ୍ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117

CLOTHES CARE LAUNDRY
ଦୋକାନ ପାଇଁ ପିଲା ଆବଶ୍ୟକ, ବୟସ-18+, ସ୍ଥାନ-ସତ୍ୟବିହାର, ରସୁଲଗଡ଼, ଭୁବନେଶ୍ୱର
8249233993
8895200115

WANTED
COMPUTER OPERATOR FOR HOTEL AT TALCHER
CONTACT :
9776331667

WALK-IN-INTERVIEW
Field verification Executives required for location BBSR, Jajpur Road, Anandpur, Keonjhar, Talcher, Dhenkanal, Joda, Barbil. 307 Nirmala Plaza, Forest Park, BBSR.
Contact: 0674-2595911
Mob : 7504008200

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327065424 / 8895725158

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଡିଏମ୍ଏଫ୍ ବିନିଯୋଗରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଜିଲା ଖଣିଜ ପାଣ୍ଠି(ଡିଏମ୍ଏଫ) ବିନିଯୋଗ କରାଯାଇ ଗତ ଜୁଲାଇ ଶେଷ ସୁଦ୍ଧା ବିଭିନ୍ନ ଜିଲାରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପଗୁଡିକ ପାଇଁ ୮୦୭୪ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଜଣାପଡିଛି। ଏହି ପାଣ୍ଠିର ବିନିଯୋଗ ସମୟରେ ଜିଲା ଟ୍ରଷ୍ଟମାନଙ୍କ ସହାୟତାରେ ୫ ବର୍ଷିଆ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବିଭିନ୍ନ ଉନ୍ନୟନମୂଳକ ଯୋଜନାରୁ ବାଦ୍ ପଡିଥିବା ପ୍ରକଳ୍ପକୁ ଏହି ୫ ବର୍ଷିଆ ଯୋଜନା ମଧ୍ୟରେ ସାମିଲ କରିବାକୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।




ଡିଏମ୍ଏଫ୍ ସମ୍ପର୍କିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ପ୍ରକଳ୍ପଗୁଡିକର ମଞ୍ଜୁରୀ ପାଇଁ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଆର୍ଥିକ ମଞ୍ଜୁରୀ କ୍ଷମତା ୪ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡିକ ଅଗ୍ରଗତି ସମ୍ପର୍କରେ ପ୍ରତି ମାସରେ ଭିଡିଓ କନ୍ଫରେନ୍ସ ଜରିଆରେ ସମୀକ୍ଷା କରାଯିବ। ଜିଲାୱାରି ସମୀକ୍ଷାରୁ ଜଣାପଡିଛି ଯେ ଅନୁଗୋଳ, ଝାରସୁଗୁଡା, କେନ୍ଦୁଝର ଓ ସୁନ୍ଦରଗଡ ଆଦି ଜିଲାରେ ଖଣିଜ ପାଣ୍ଠି ସର୍ବାଧିକ ସଂଗ୍ରହ ହେବା ସହ ବିନିଯୋଗ ହୋଇପାରିଛି। ଗତ ଜୁଲାଇ ଶେଷ ସୁଦ୍ଧା ୧୨,୬୪୯ ପ୍ରକଳ୍ପ ମଧ୍ୟରୁ ୧୧,୧୨୬ ପ୍ରକଳ୍ପ ଉପରୋକ୍ତ ୫ଟି ଜିଲାରେ କାର୍ଯ୍ୟକାରୀ ହେଉଥିବା ଜଣାପଡିଛି। ବିଭିନ୍ନ ଜିଲାରୁ ୭୬୦୦ କୋଟି ସଂଗୃହୀତ ହୋଇଥିବାବେଳେ ୮୦୭୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିବା ଜଣାପଡିଛି।

# ତସିଫ୍, ସୋଆଇବ, ଅବୁଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ମଙ୍ଗଳବାର ସାହସିକତା ପ୍ରଦର୍ଶନ ପାଇଁ ଯାଜପୁର ଜିଲାର ୩ ଜଣ ବାଳକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ସେକ୍ ତସିଫ୍ ରାଜା, ମହମ୍ମଦ ସୋଆଇବ ଏବଂ ଅବୁଲ ରୁମନ୍ ଖାଁ। ବିଶେଷ କରି ତସିଫ ଏବଂ ସୋଆଇବଙ୍କ ସାହସିକତାର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଡିକ୍ସନାରି, ବ୍ୟାକରଣ ପୁସ୍ତକ, ପାଠ୍ୟ ଉପକରଣ ଓ ଚକୋଲେଟ ଆଦି ପ୍ରଦାନ କରିଥିଲେ। ଅନୁରୂପ ଭାବେ ଅବୁଲକୁ ମଧ୍ୟ ପାଠ୍ୟ ଉପକରଣ ଏବଂ ଚକୋଲେଟ ପ୍ରଦାନ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ବାଳକ।

## ସାହସିକତା ପାଇଁ ସାଧୁବାଦ

ଉଲ୍ଲେଖଯୋଗ୍ୟ, ଚଳିତ ମାସ ୨ ତାରିଖ ଗଣେଶ ପୂଜା ଦିନ ଯାଜପୁର ସଡକ ପ୍ରାଇମେରୀ ସ୍କୁଲରେ ପଢୁଥିବା ୬ ବର୍ଷୀୟ ଅବୁଲ ସ୍କୁଲରୁ ଫେରୁଥିଲେ। ଏହି ସମୟରେ ଏକ ପୋଖରୀରେ ତାଙ୍କ ଗୋଡ ଖସି ଯିବା ସହ ସେ ବୁଡିଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଫଜଲପୁର ଗାଁ କୋରେଇ ହାଇସ୍କୁଲ ୮ମ ଶ୍ରେଣୀର ଦୁଇ ଛାତ୍ର(ତସିଫ୍ ଓ ସୋଆଇବ) ପୋଖରୀକୁ ଲମ୍ଫ ପ୍ରଦାନ କରିବା ସହ ଅବୁଲଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କ ଏହି ସାହସିକତା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ବର୍ଦ୍ଧନା ସମୟରେ ଯାଜପୁର ଏମ୍ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପରାମର୍ଶଦାତା ଆର.ବାଲକ୍ରିଷ୍ଣନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବାଚସ୍ପତିଙ୍କୁ ଭେଟିଲେ ଚାଇନା ପ୍ରତିନିଧି ଦଳ



ଚାଇନା ପ୍ରତିନିଧିଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର।

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ହଂକଂସ୍ଥିତ ଚାଇନା-ଭାରତ ବାଣିଜ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ଚାଇନା ପ୍ରତିନିଧି ଦଳ ଅଧ୍ୟକ୍ଷ କ୍ୱାଇ ଶୁନ ଚୋ ପଲ୍ଙ୍କ ନେତୃତ୍ୱରେ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିଧାନସଭାସ୍ଥିତ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଚାଇନା-ଭାରତ ଦ୍ୱିପାକ୍ଷିକ ସମ୍ପର୍କ, ବିଶେଷତଃ ସଂସ୍କୃତି, ଭାରତରେ ପୁଞ୍ଜିନିବେଶ ଏବଂ ବ୍ୟବସାୟ ସୁଯୋଗ ଓ ସମ୍ଭାବନା ଅନ୍ୱେଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳ ବାଚସ୍ପତିଙ୍କୁ ପରିଷଦର କାର୍ଯ୍ୟାବଳୀ ସହିତ ପୂର୍ବରୁ ତିଆରି ହୋଇଥିବା ନିର୍ମାଣ ସାମଗ୍ରୀ ଓ ସ୍ୱଳ୍ପ ମୂଲ୍ୟ ଗୃହ ନିର୍ମାଣ ଉପରେ ଅବଗତ କରାଇଥିଲେ।

ପରିଷଦ ଏହା ପୂର୍ବରୁ ବହୁଥର ଭାରତୀୟ ଓ ଚାଇନା କମ୍ପାନୀ ମଧ୍ୟରେ ବ୍ୟବସାୟ ସମ୍ପର୍କିତ ଆଲୋଚନା ଆୟୋଜନ କରି ସାରିଛି। ଭାରତରେ ପୁଞ୍ଜିନିବେଶ ସମ୍ପର୍କରେ ପରାମର୍ଶ ଦେବା ସହ ନେଟୱର୍କିଂ, ଆର୍ଥିକ ସହାୟତା, ସେବା ଯୋଗାଣ ଲକ୍ଷ୍ୟ ନେଇ ଏଥିନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହାଦ୍ୱାରା ଚାଇନା ଓ ଭାରତୀୟ କମ୍ପାନୀମାନେ ଉଭୟ ଦେଶରେ ବ୍ୟବସାୟ ବିସ୍ତାର କରି ପାରିବେ। ପରିଷଦ ପୁଞ୍ଜିନିବେଶକଙ୍କ ବୈଠକ, ସମ୍ମିଳନୀ , ପ୍ରଦର୍ଶନୀ, ବିପଣନ ସମ୍ପର୍କିତ ଆଲୋଚନା ସହିତ ସୁଯୋଗ ଓ ଭାଗୀଦାରିକୁ ଗୁରୁତ୍ୱ ଦେଇ ଗବେଷଣା ଜାରି ରଖିଛି।

ଏହିପ୍ରତିନିଧିଦଳରେପରିଷଦରସଚିବଅଜୟ ଠାକୁରଙ୍କ ସମେତ ଇଲଡ ଗ୍ରୁପର ଲଙ୍ଗମିନ ଲାଉ ରନସନ, ଟିଙ୍ଗ ହନଜନ କ୍ୱାନ, ଝେଜିୟାନ ଗ୍ରୀନ ବିଲ୍ଡିଂର ୱାଇ ହୁଙ୍ଗ ହୋ ବ୍ରିୟାନ, ୱେ ପାସିଫିକର ଜିଆନହୁଆଙ୍ଗ ହୁ ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷକ ସଂଘ ସହିତ ସରକାରଙ୍କ ଆଲୋଚନା

# ଦାବି ପୂରଣ ପାଇଁ ସମୟ ମାଗିଲେ ମନ୍ତ୍ରୀ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଶିକ୍ଷକ ସଙ୍ଗଠନ ସହିତ ସଚିବାଳୟରେ ଆଲୋଚନା ହୋଇଛି। ନିଜ ନିଜର ସମସ୍ୟା ନେଇ ସଂଗଠନଗୁଡ଼ିକ ବିଭାଗ ପାଖରେ ଦାବି ଉପସ୍ଥାପନା କରିଛନ୍ତି। ପ୍ରଥମେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଏକ ପ୍ରତିନିଧି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହ ସପ୍ତମ ପେ' ଓ ଅବସରକାଳୀନ ସୁବିଧା ଭଳି ସଂଘର ବିଭିନ୍ନ ଦାବି ଉପରେ ଦୁଇଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହି ଆଲୋଚନା ସକାରାତ୍ମକ ଥିଲା ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଚିତ୍ରା ଅରୁମୁଗମ୍, ଅତିରିକ୍ତ ସଚିବ ବିଶ୍ୱନାଥ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଷ୍ଟା ପକ୍ଷରୁ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଭୟ ମନ୍ତ୍ରୀ ଏବଂ କମିଶନର ବିଭାଗ ପାଇଁ ନୂଆ ସେଥିପାଇଁ ସମସ୍ୟାର ସମାଧାନ ପାଇଁ କିଛି ସମୟ ଲାଗିପାରେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଶିକ୍ଷକମାନଙ୍କର ପଡ଼ି ରହିଥିବା ସମସ୍ୟାର ସମାଧାନ, ଶିକ୍ଷକ ନିଯୁକ୍ତି ଓ ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ବହି, ପୋଷାକ ଆଦି ଯୋଗାଇ ଦେଲେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ଓଷ୍ଟା ପକ୍ଷରୁ ସରକାରଙ୍କୁ କୁହାଯାଇଛି। ସେହିପରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ମଧ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଫେଡେରେଶନ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଓ ମହାସଚିବ ଅମୀୟ କୁମାର ଦାଶଙ୍କ ନେତୃତ୍ୱରେ ଏକ ୧୧ଜଣିଆ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକଙ୍କୁ ଚାପମୁକ୍ତ ସହ ଅଧିକ ସ୍ୱାଧୀନତା ଦେବା ପାଇଁ ଦାବି ହୋଇଛି।

# ବ୍ରାଉନ ସୁଗାର ଜବତ, ଜଣେ ଗିରଫ

କଟକ ରୋଡ,୧୦।୯(ଡି.ଏନ୍.ଏ.): କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ମଙ୍ଗଳବାର ରାଜଧାନୀରେ ଚଢ଼ାଉ କରି ଜଣେ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ରଞ୍ଜିତ୍ ସାହୁ। ତାଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ରଞ୍ଜିତଙ୍କ କିଟ ଛକରେ ଏକ ଜଳଖିଆ ଦୋକାନରେ ସେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ତଥ୍ୟ ମିଳିଥିଲା।


**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

ନଂ ୧୦୩୦୦ ତା୧୦।୦୯।୨୦୧୯

**ବିଜ୍ଞାପନ**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଥିବା ଶାଖାଗୁଡ଼ିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥାକ୍ରମେ ଟ.୧୨,୯୦୦/- ଓ ଟ.୧୧,୧୦୦/-ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା.୧୬।୦୯।୨୦୧୯ଠାରୁ ୩୦।୦୯।୨୦୧୯ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ।

ଏହାର ସବିଶେଷ ବିବରଣୀ **OSRTC website www.osrtc.in**ରେ ଉପଲବ୍ଧ।

**ଅଧ୍ୟକ୍ଷ ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

**DIRECTORATE OF MEDICAL EDUCATION & TRAINING, ODISHA**

**WALK-IN-INTERVIEW**

**FOR PROFESSOR IN RADIOTHERAPY AT MKCG MEDICAL COLLEGE, BRAHMAPUR**

**No.: 12305** **Dt. 10.09.2019**

No.: 312-E: Eligible and qualified candidates are invited to appear for a Walk-in-Interview for the Posts of Professor in Radiotherapy at MKCG MC, Brahmapur. The details of Posts, Mode of recruitment, Essential Qualifications etc. is available in the website of DMET, Odisha i.e. **www.dmetodisha.gov.in**. Candidates may appear for the interview with required original documents in the Office of the DMET, Odisha, Heads of Department Building, Bhubaneswar - 751001.

10016/11/0024/1920 **Sd./- Jt. DMET, Odisha**

ODISHA NEW OPPORTUNITIES

Tender Call Notice No. IFCAL/ Elect/1124 Date: 09.09.2019

**FOR ELECTRICAL MAINTENANCE AT IFCAL COLONY INCLUDING 33/11KV, 1x5MVA SUB-STATION, IFCAL PLANT INCLUDING 33/11KV, 2X20 MVA SUB-STATIONS, ELECTRICAL INSTALLATIONS AT IFCAL PLANT & COLONY, OPERATION & MAINTENANCE OF APC PLANT, BOREWELL PUMP ETC. ON ANNUAL CONTRACT BASIS.**

Date of downloading of Tender : 11.09.2019 to 20.09.2019.
Last date of receipt of Tender : 23.09.2019 (5.00P.M.).
For details, please log on to : www.idcorissa.com/ www.ifcal.nic.in

**MANAGING DIRECTOR**

**IDCOL FERRO CHROME & ALLOYS LIMITED**
(A Wholly Owned Subsidiary of IDCOL) A Govt. of Odisha Undertaking)
CIN-U271090R1999SGC005736
Regd. Office : Ferro Chrome Project - 755020, Jajpur Road, Dist : Jajpur (Odisha), India
Tel. No. 06726 - 220212 / 220508, Fax No. 06726 - 220524, E-mail ID : ifcal@nic.in

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
**DIST: KALAHANDI-766026, Ph.No.7328840415,**
**E-mail: sgmel_uihep@ohpcltd.com**
OHPC ISO 9001-14001 18001 Certified
ODISHA HYDRO POWER CORPORATION LTD.
**(A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,**
**Tel: 91-0674-2542983, 2542802, 2545526, 2542826, Fax:2542102,**
**E-Mail: ohpc.co@gmail.com / md@ohpcltd.com**
**WEB: www.ohpcltd.com, CIN: U40101OR1995SGC003963**
**No. UIHEP/SGM (EL.)/TW/ 2330 (Part – II) (Vol.-I)/ 3866 / Date.07.09.2019**

**NOTICE INVITING TENDER No.12/2019-20 DATE.07.09.2019**

No.CAD-370 :- Tenders are invited in .sealed envelopes from the registered travel agencies / vehicle owners for providing services as mentioned below.

| Description of Materials / Services | Cost of tender paper (Nonrefundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Deployment of one no. of diesel run 13 seater vehicle on hire basis for a period of 03 (Three) years. | 7,080/- (inclusive GST) | 19,700/- |

For details of the tender documents, terms and conditions please visit our website **www.ohpcltd.com**

**32136/11/0019/1920** **Sd./- Unit Head UIHEP, Mukhiguda**

**ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ଶ୍ରମ ଓ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର, ମଠସାହି, ଦେବଗଡ଼**

୧୪ ବର୍ଷରୁ କମ ବୟସର ଶିଶୁମାନଙ୍କୁ ଯେକୌଣସି କାମରେ ଓ ୧୮ ବର୍ଷରୁ କମ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଅଟେ, ଏଥିରେ ଖିଲାପ କଲେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା/ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ''ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର'' ଖୋଲାଯାଇ ଜିଲ୍ଲାରେ ଚିହ୍ନଟ ହୋଇଥିବା ୯ରୁ ୧୪ ବର୍ଷର ଶିଶୁ ଶ୍ରମିକମାନଙ୍କୁ ଉଭୟ ଶିକ୍ଷା ଓ ବୃତ୍ତିଗତ ଟ୍ରେନିଂ, ମାସିକ ଚାରିଶତ ଟଙ୍କା ଷ୍ଟାଇପେଣ୍ଡ, ମଧ୍ୟାହ୍ନ ଭୋଜନ, ସ୍ୱାସ୍ଥ୍ୟସେବା ଓ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି।

ଆପଣଙ୍କ ନଜରରେ କେହି ଶିଶୁ ଶ୍ରମିକ ଥିଲେ ତୁରନ୍ତ ନିକଟସ୍ଥ ''ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର''ରେ ନାମଲେଖାଇ ଜିଲ୍ଲାକୁ ଶିଶୁ ଶ୍ରମିକ ପ୍ରଥା କବଳରୁ ମୁକ୍ତ କରିବାରେ ପ୍ରଶାସନକୁ ସହଯୋଗ କରନ୍ତୁ ।

**ଶିଶୁ ଶ୍ରମିକ ମୁହଁରେ ହସ-ଆମର ଲକ୍ଷ୍ୟ**

**ଶ୍ରୀ ପ୍ରସନ୍ନ କୁମାର ସିଂହ, ପ୍ରକଳ୍ପ ନିର୍ଦ୍ଦେଶକ** | **ଡକ୍ଟର ସମୀର କୁମାର ନନ୍ଦ ପ୍ରୋଗ୍ରାମ ମ୍ୟାନେଜର ଓ ନିରୀକ୍ଷକ** | **ଶ୍ରୀଯୁକ୍ତ ସୁଧାଂଶୁ ମୋହନ ସାମଲ, ଆଇଏଏସ୍ ଜିଲ୍ଲାପାଳ ଓ ଅଧ୍ୟକ୍ଷ**

**ICDS PROJECT, CHHENDIPADA**

**No.404** **TENDER CALL NOTICE** **Date: 07.09.19**

The tender papers containing detailed Terms and conditions for hiring of vehicle can be available in the office of the CDPO Chhendipada and while submitting such tender paper a DD of Rs.1000/- Rupees (One Thousand ) only in favour of CDPO Chhendipada payable at ICICI Bank, Chhendipada is to be submitted failing which the tender paper will be rejected . The Tender cost of Rs. 1000/- Rupees (One Thousand ) only fixed is refundable . Tender paper complete in all respect (Technical & Financial ) in separate cover along with all required documents and both cover to be kept in a separate big cover is super scribed "for Hiring of Vehicle for Mission Shakti " to be submitted to the CDPO, Chhendipada on or before 16.09.2019, 5.00 P.M. The tender shall be opened on the date i.e on 17.09.2019 at 3.30 P.M in Office of the CDPO, Chhendipada in presence of the members of Tender Committee and renderers or their authorized representatives. The tender received beyond the scheduled date and time shall not be taken into consideration. **Sd./- CDPO, Chhendipada**

**OFFICE OF THE NOTIFIED AREA COUNCIL, KHARIAR ROAD**

**e-mail: nackhrd@rediffmail.com**

**No. 3228** **Dated: 07.9.2019**

**DETAILED TENDER CALL NOTICE**

| | | |
|---|---|---|
| Name of work | : | Supply, transportation, installation, testing and commissioning of SWM-MCC equipment |
| E.M.D. | : | Rs. 10,000.00 |
| Tender Notice No & Date | : | No. 3228 Dt. 07.9.2019 |
| Agency | : | As per eligibility |
| Period of Tender | : | Three Months |
| Cost of Bid documents | : | Rs. 2,000.00 |
| Sale of Documents | : | 10.09.2019 to 21.09.2019 during office hour |
| Last date of Receipt of filled up bid documents | : | Up to 4.00 PM of 26.09.2019 |
| Date of Opening of Tender | : | 11.30 AM of 06.09.2019 |
| Name & address of the Officer inviting the notice | : | Executive Officer, NAC, Khariar Road |
| Details can be seen from | : | http://www.nuapada.nic.in |

**Sd./- Executive Officer, NAC, Khariar Road**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MAIN DAM DIVISION, BURLA**
**GOVERNMENT OF ORISSA 'e' PROCUREMENT NOTICE**
**BID IDENTIFICATION NO. MDD-e-02/2019-20 (ONLINE)**
**Email : ee_mddburla@rediffmail.com**

No.227-A

No. 8539 Date : 09.09.2019

| | | | |
|---|---|---|---|
| 1. | No. of Work | : | 05 Nos |
| 2. | Estimated Cost | : | Rs. 2.11 to 7.32 lakhs |
| 3. | Period of completion | : | 6 months |
| 4. | Date & Time of available of bid document in the Portal | : | 13.09.2019 at 10 A.M. |
| 5. | Last date / Time for receipt of bids in the portal | : | 22.09.2019 upto 05.00 P.M. |
| 6. | Date of opening of bid | : | 23.09.2019 at 11.00 A.M. |
| 7. | Name & Address of the Officer inviting bid | : | Executive Engineer, Main Dam Division, Burla, At/ Po- Burla, Dist- Sambalpur, Odisha Email : ee_mddburla@rediffmail.com |

Further details, any corrigendum or addendum can be seen from the e-procurement portal http://tendersorissa.gov.in

32017/11/0002/1920 **Sd./- Executive Engineer, Main Dam Division, Burla**

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି**

**Dist.- Malkangiri-764048, Phone No.06861-230409**
**Fax No.06861-230279, E-Mail : ori-dmalkangiri@nic.in**

ପତ୍ର ସଂଖ୍ୟା.୨୫୦୧/୨୦୧୯ ତା.୧୦।୦୯।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ସମସ୍ତ ଅଧିବାସୀ ତଥା ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍କାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆନୁକୂଲ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ.୧୦.୦୦ଟିକାଠାରୁ | ସ୍ଥାନ |
|---|---|---|
| କୋରୁକୋଣ୍ଡା | ୨୫।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋରୁକୋଣ୍ଡା |
| ପଡ଼ିଆ | ୨୬।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଖଇରପୁଟ |
| ଖଇରପୁଟ | ୨୭।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ପଡ଼ିଆ |
| କାଲିମେଳା | ୨୫।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଲିମେଳା |
| ମାଲକାନଗିରି | ୨୬।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଲକାନଗିରି |
| ମାଥିଲି | ୨୭।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି |
| ଚିତ୍ରକୋଣ୍ଡା | ୨୮।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା |

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମନ୍‌ରେଗା, ମାଲକାନଗିରି**

**OFFICE OF THE MUNICIPAL COUNCIL, CHOUDWAR**

**"e" Procurement Notice**

**Bid Reference No. ChM- 01/2019-20**

| | | | |
|---|---|---|---|
| 1. | Name of the Work | : | Construction of 2TPD Capacity Micro Composting Centers and repair of Kalyan Mandap under Choudwar Municipality |
| 2. | No. of Work | : | 06 Nos. |
| 3. | Bid Value | : | Rs. 1.86 to 47.09 Lakh |
| 4. | Period of Completion | : | Three Calendar Months |
| 5. | Date and Time of availability of the bid documents in the Portal | : | From 10.00 AM of 12.09.2019 to 05.00 PM of 24.09.2019. |
| 6. | Last Date/ Time for receipt of bid in the portal | : | 24.09.2019 upto 05.00 PM. |
| 7. | Bids received online shall be opened on dt. 30.09.2019 at 11.00 AM. | | |
| 8. | Name and address of the officer inviting Bid | : | Executive Officer, Choudwar Municipality, Choudwar. Further details can be seen from the procurement Portal **www.tendersorissa.gov.in**. |
| 9. | The tender paper should be accompanied with valid xerox copy of Contractory Licence, PAN Card, GST, Labour Contract Licence, Cost of tender paper in shape of Bankers Cheque/ Demand Draft in favour of the undersigned, 1% EMD separately in shape of NSC/TDR of Schedule Bank/ NSC/Post Office time deposit should be pledged in favour of the undersigned. | | |

**N.B.:-** Without labour contractor licence, Valid contractory licence, PAN CARD, GST, Cost of tender paper (Non-refundable) & EMD separately, the tender will be automatically rejected.

**Sd./- Executive Officer, Choudwar Municipality**

No. 178-C

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, JHARSUGUDA**
**e-mail ID- eephjsg@gmail.com**

**REQUEST FOR PROPOSAL (RFP) CONSULTANCY SERVICES FOR PREPARATION OF DETAILED PROJECT REPORT (DPR)**

The Executive Engineer, PH Division, Jharsuguda on behalf of Governor of Odisha invites proposals from empanelled consultants of Odisha for preparation of DPR of piped water supply projects.

| | | | |
|---|---|---|---|
| 1. | Name of the work. | :- | 1. Consultancy services for preparation of DPR for the project "Laying of Distribution Pipe line in Uncovered area of Jharsuguda Municipality under GAP closing for Universal coverage of Water Supply" under DMF funding. 2. Consultancy services for preparation of DPR for the project "Laying of distribution pipe line in the uncovered areas of Brajrajnagar & Belpahar Municipality under GAP closing for Universal Coverage of water supply" under DMF funding. |
| 2 | Indicative area | | Within Jharsuguda, Brajrajnagar & Belpahar Municipality |
| 3 | Period of completion | :- | 100 (hundred) Days. |
| 4 | Date & time of availability of bid document in the portal | :- | From 11.00 AM of 14.09.19 to 5.00 PM of 27.09.19. |
| 5 | Last date / time of receipt of bids in the portal | :- | 5.00 PM of 27.09.19 |
| 6 | Date & time of opening of Technical proposal | :- | 11.30 AM of 30.09.19 |
| 7 | Name and address of the Officer Inviting Bid | :- | The Executive Engineer, P.H. Division, Jharsuguda 768204, Odisha. email:eephjsg@gmail.com |

Further details can be seen from e-procurement portal https:// www.tendersodisha.gov.in

13057/11/0002/1920 **Sd/- Executive Engineer, PH. Division, Jharsuguda**

**OFFICE OF THE EXECUTIVE ENGINEER**
**ADDITIONAL SPILLWAY DIVISION, HIRAKUD, Camp Office-Burla**
**Phone No.: 0663-2430080, 'e' mail ID: eeasdhirakud@gmail.com**

**QUOTATION CALL NOTICE**

**No.............** **Dt..............**

No.228-A :- Sealed quotations in plain paper/ letter pad are invited from reputed Travel agencies/ Tour operators or Private individuals having valid GST/ TIN/ SRIN registration number under the OGST Act-2017, Income Tax clearance certificate, Pan card etc. for providing Non AC/ AC diesel driven vehicle (Bolero/ Marshal/ Tata Sumo/ Mahindra Max) for office use, having seating capacity as mentioned below so that it should reach office of the undersigned or Liaison office of the Chief Engineer & Basin Manager, Upper Mahanadi Basin, Secha Sadan, Bhubaneswar on or before dt.21.09.2019 up to 04.00 P.M. through Registered post/ Sped post or in person.

The details are available in office of the undersigned as well as in the Liaison Office of the Chief Engineer and Basin Manager, Upper Mahanadi Basin, o/o the Engineer-in-Chief, Water Resources, Odisha, Secha Sadan, Bhubaneswar during office hours or they may visit the websites **http://dowrodisha.gov.in or http://tendersodisha.gov.in or https://sambalpur.nic.in.**

| Sl. No. | Name of work | No. | Seating Capacity including Driver not more than |
|---|---|---|---|
| 1 | Hire and running charges of Private Inspection vehicle for official use of the Executive Engineer, Additional Spillway Division, Hirakud for the period from 01.10.2019 to 31.03.2020. | 01 (One) | 07 |
| 2 | Hire and running charges of Private Inspection vehicle for official use of the Sub Divisional Officer, Additional Spillway Sub Division No.-I, of Additional Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |
| 3 | Hire of Private Inspection vehicle for official use of the Sub Divisional Officer, Additional Spillway Sub Division No.-II of Addl. Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |

**32394/11/0003/1920** **Sd./- Executive Engineer Additional Spillway Division, Hirakud**

# ଗେଣ୍ଡୁଫୁଲ



ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାନ୍ତୁ। ଆଫ୍ରିକୀୟ ଗେଣ୍ଡୁର କିସମ ଗୁଡିକ ଯଥା-ଜାଏଣ୍ଟବଲ,ଆଫ୍ରିକାନ୍ ଅରେଞ୍ଜ, ଏରଲି ଏଲୋ,ଏରଲି ଅରେଞ୍ଜ, ସେରାକୋଲା, ଆଫ୍ରିକଟ୍, ସନ୍‌ଜାଏଣ୍ଟ,କ୍ରାଉନ୍‌ଅଫ୍ ଗୋଲ୍‌ଡ,ସ୍ୱନ୍ ଗୋଲ୍‌ଡ,କ୍ୟୁପ୍ରିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ଦିନର ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡିକୁ ଧାଡି ୩୦ ସେ.ମି ଓ ଗଛକୁ ଗଛ ୨୦ସେ.ମି ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲ୍‌କା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ୪୦କି.ଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସଫରସ ଓ ୮୦ କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

# ଚିନାବାଦାମ ଅମଳ ଅବସ୍ଥା ଆସିବା ବେଳେ



ସଅଳ ଲଗାଯାଇଥିବା ଚିନା ବାଦାମ ଫସଲ ଅମଳ ଅବସ୍ଥାରେ ଅଛି। ଚିନାବାଦାମ ଫଳର ଭିତର ଶୀରା କଳାପଡିଥିଲେ ପାକଳ ହୋଇଥିବା ଜଣାପଡେ। ଏହି ସମୟରେ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ରହିଥିଲେ ପତ୍ରପୋଡା ଲାଗିବାର ଆଶଙ୍କା ରହିଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ମାତ୍ର ଫସଲ ଅମଳ ଅବସ୍ଥାକୁ ଆସିଥିଲେ ଏହା ପ୍ରୟୋଗ କରନ୍ତୁ ନାହିଁ। ବାଦାମ ଫସଲରେ ଟୀକା ଓ ମୂଳସଢ଼ା ରୋଗ ହେବାର ଆଶଙ୍କା ଥାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ୨ଗ୍ରାମ୍ ହିସାବରେ ୧୦ଦିନ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ।



# ଗୋରୁଙ୍କ ଫାଟୁଆ ରୋଗ ନିୟନ୍ତ୍ରଣ



ଡା. ବୀର କିଶୋର ପରିଡ଼ା



ଫାଟୁଆ ଏକ ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ବିଭିନ୍ନ କ୍ଷୁରାଯୁକ୍ତ ଗୃହପାଳିତ ପ୍ରାଣୀ ଯଥା ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରି ଏହି ରୋଗରେ ସଂକ୍ରମିତ ହେବା ସହିତ ବିଭିନ୍ନ ବନ୍ୟପ୍ରାଣୀ ଯଥା – ଚମରୀ ଗାଈ, ହାତୀ ଆଦି ମଧ୍ୟ ପୀଡ଼ିତ ହୋଇଥାନ୍ତି । ଘୁଷୁରିମାନେ ମଧ୍ୟ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ, ଉଭୟ ବଡ଼ ଓ ଛୋଟ ଘୁଷୁରି ଛୁଆ ବିଶେଷ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

**ଲକ୍ଷଣ:** ଶାରୀରିକ ଉତ୍ତାପ ୧୦୨ରୁ ୧୦୫ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ଘଟେ । ପାଟିରୁ ଅତ୍ୟଧିକ ଲାଳ ନିର୍ଗତ ହେବା ସହିତ ନାକରୁ ପତଳା ସିଂଘାଣୀ ବାହାରେ । ପାଟି, ଜିଭ, ନାକ, ଗୋଡ଼ କ୍ଷୁରା ମଝିସନ୍ଧି ଓ ପହ୍ନା ବା ଚିରରେ ନାଲି ଫୋଟକା ହୋଇ ଏହା ଫାଟିଯିବା ଦ୍ୱାରା ଘା' ସୃଷ୍ଟି ହୁଏ । ଗୋଡ଼ର ଦୁଇ କ୍ଷୁରା ମଝିସନ୍ଧି ଓ ଏହାର ଉପର ଅଂଶରେ ଘା' ବା କ୍ଷତ ସୃଷ୍ଟି ହୁଏ। ସଂକ୍ରମିତ ଗୋରୁ ଦୁର୍ବଳ ଦିଶନ୍ତି। ଚାଲିବାରେ କଷ୍ଟ ଅନୁଭବ କରନ୍ତି। ପାଟି ଓ ଜିଭରେ ଘା' ସୃଷ୍ଟି ହେବା ଯୋଗୁ ଖାଦ୍ୟ ଖାଇପାରନ୍ତି ନାହିଁ। ଗାଈ ଓ ମଇଁଷି ହଠାତ୍ ଦୁଗ୍ଧ ଦେବା କମେଇ ଦିଅନ୍ତି । ବଳଦଙ୍କ କାର୍ଯ୍ୟଦକ୍ଷତା କମିଯାଏ । ପ୍ରାପ୍ତ ବୟସ୍କ ଗୋରୁ ଏହି ରୋଗରେ ପୀଡ଼ିତ ହୋଇ ଆରୋଗ୍ୟଲାଭ କରୁଥିବାବେଳେ ସଙ୍କର ଜାତୀୟ ଛୋଟ ବାଛୁରି ଏହି ରୋଗରେ ସଂକ୍ରମିତ ହେଲେ ହୃତ୍‌ପିଣ୍ଡରେ ମାଂସପେଶୀ ସଂକ୍ରମିତ ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କ ଯତ୍ନ ନେଲେ ଖୁବ୍‌ଶୀଘ୍ର ଆରୋଗ୍ୟଲାଭ କରନ୍ତି। ନଚେତ୍ ଏହି ରୋଗରୁ ଭଲହେବା ପାଇଁ ଅଧିକଦିନ ଲାଗିଥାଏ। କ୍ଷେତ୍ରୀୟ ସ୍ତରରେ ଦେଖାଯାଇଛି ଯେ – ଫାଟୁଆ ରୋଗରେ ସଂକ୍ରମିତ ପ୍ରାପ୍ତ ବୟସ୍କ ଗୋରୁ ବେଳେବେଳେ ଜୀବାଣୁଜନିତ ପାଶ୍ଚୁରେଲୋସସ୍ ସଂକ୍ରମଣ ଯୋଗୁ କାଁ ଭାଁ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ ।

**ଚିକିତ୍ସା:** ପାଟିରେ ଘା' ହୋଇଥିଲେ ଖାଇବା ସୋଡ଼ା ମିଶ୍ରିତ ଉଷୁମ ପାଣି (୧୦୦ଗ୍ରାମ୍ ଖାଇବା ସୋଡ଼ା ସହିତ ୧ ଲିଟର ପାଣି)ରେ ପାଟି ଭିତର ଓ ଗୋଡ଼ର କ୍ଷୁରା ଘା', ପହ୍ନାର ଚିର ଘା' କୁ ଦିନକୁ ଥରେ ଭଲଭାବେ ଧୋଇଦେବା ଆବଶ୍ୟକ । ପାଟିରେ ଘା' ହୋଇଥିଲେ ଘା' କୁ ଉପରୋକ୍ତ ଦ୍ରବଣରେ ଧୋଇ ସାରିବା ପରେ ବୋରୋଗ୍ଲିସେରିନ୍ ତରଳ (ଗ୍ଲିସେରିନ୍ ୮୫୦ମି.ଲି ଓ ବୋରିକ୍ ପାଉଡର ୧୨୦ ଗ୍ରାମ ମିଶ୍ରଣରେ ପ୍ରସ୍ତୁତ) ଜିଭ ଘା' ଉପର, ଦାନ୍ତମୂଳ ଘା' ଓ ପାଟିରେ ଲଗାଇବା ଦରକାର । ଏହିପରି ଭାବେ ୩-୫ ଦିନ ପର୍ଯ୍ୟନ୍ତ ଅନ୍ୟୂନ ପାଟିରେ ଲଗାଇବା ପ୍ରୟୋଜନ । ମହୁ ସହିତ ମାଣ୍ଡିଆ (ରାଗି) ଗୁଣ୍ଡ ମିଶାଇ ଜିଭରେ ଲଗାଇଲେ ମଧ୍ୟ ଉପଶମ ମିଳେ। ଗୋରୁ ଏହି ଫାଟୁଆ ରୋଗରେ ଅତ୍ୟଧିକ ପୀଡ଼ିତ ହେଲେ ୩-୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଆଣ୍ଟିବାଓଟିକ୍ସ ଯଥା- ଟେଟ୍ରାସାଇକ୍ଲିନ୍, ଡାଇକ୍ରିଷ୍ଟିସିନ୍ ଇତ୍ୟାଦି ଇଞ୍ଜେକସନ୍ ସହିତ ଦରଜ ଓ ଜ୍ୱର କମାଇବା ପାଇଁ ଆନାଲଜେସିକ୍ ଓ ଆଣ୍ଟିପାଇରେଟିକ୍ ଆଦି ଔଷଧ ଇଞ୍ଜେକସନ୍ ଆକାରରେ ଦେଲେ ଗୋରୁଙ୍କୁ ଆରାମ ମିଳେ ।

ଏତଦ୍‌ବ୍ୟତୀତ, ଗୋଡ଼ରେ ଘା' ହୋଇଥିଲେ, ଘା'କୁ ଖାଇବା ସୋଡ଼ା କିମ୍ବା ପୋଟାସିୟମ୍ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଭଲ ଭାବେ ଧୋଇବା ପରେ ମାଛି ନ ବସିବା ପାଇଁ ବିଭିନ୍ନ ମଲମ ଯଥା ହିମାକ୍ସ, ସ୍କାଭନ୍, ଡ୍ରେସଲ୍ ସ୍ପ୍ରେ, ନିମ୍ବ ତେଲ, ଡ୍ରାଏ ଡ୍ରେସିଂ ପାଉଡ଼ର ଆଦି ଔଷଧ ଲଗାଇଲେ ଗୋଡ଼ ଘା' ଶୀଘ୍ର ଭଲହୁଏ । ଗୋଡ଼ରେ ପୋକ ହୋଇଥିଲେ, ଟର୍‌ପେଣ୍ଟାଇନ୍ ଅଏଲ (ତେଲ) ସଂକ୍ରମିତ ପୋକରା ଘା'ରେ ପକାଇଲେ ପୋକ ଆପେ ଆପେ ବାହାରିଯାଏ ବା ମରିଯାଏ ।

ସେହିପରି ଅସୁସ୍ଥ ପ୍ରାଣୀଙ୍କୁ ଚାଉଳ, ଗହମ ଓ ମାଣ୍ଡିଆ ଗୁଣ୍ଡ ସମ ପରିମାଣରେ ପାଣିରେ ସିଝାଇ ପେୟ ଆକାରରେ ଦୈନିକ ଖାଇବାକୁ ଦେଲେ ୭-୧୦ ଦିନ ମଧ୍ୟରେ ଦୁଧିଆଳୀ ଗାଈଙ୍କ ଦୁଗ୍ଧ ଦେବା କ୍ଷମତା ପୂର୍ବାବସ୍ଥାକୁ ଫେରିଆସେ । ଏଥିସହିତ ଗୁଡ଼ (୧୦-୧୫%), ପୁଷ୍ଟିସାର (କୋଳଥ, ପିଡ଼ିଆ, ମୁଗଚୂନି, ବିରିଚୂନି) ଓ ଧାତବଲବଣ ଆଦି ଖାଇବାକୁ ଦେଲେ ସଂକ୍ରମିତ ଗୋରୁ ଓ ମଇଁଷି ଶୀଘ୍ର ଆରୋଗ୍ୟଲାଭ ହୋଇଥାନ୍ତି।

**ରୋଗ ନିୟନ୍ତ୍ରଣ:** ରାଜ୍ୟରେ ଫାଟୁଆ ରୋଗର ନିୟନ୍ତ୍ରଣ ଓ ଏହାକୁ ସୀମିତ ରଖିବା ପାଇଁ ନିମ୍ନମତେ ପଦକ୍ଷେପ ଗ୍ରହଣ କରିପାରିବେ।

- ୪ ମାସରୁ ଉର୍ଦ୍ଧ୍ୱ ବୟସ୍କର ସମସ୍ତ ସୁସ୍ଥ ଗୋରୁ ଓ ମଇଁଷିଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ପ୍ରଦାନ କରିବା ଉଚିତ ଏବଂ ପ୍ରତି ୬ ମାସରେ ଥରେ ଏହି ରୋଗ ଟିକା ସମସ୍ତ ପ୍ରାଣୀଙ୍କୁ ଦେବା ଦରକାର।
- ପ୍ରତି ୪ ମାସରେ ଥରେ ପ୍ରାଣୀଙ୍କ ମଳ ପରୀକ୍ଷା କରି କୃମିନାଶକ ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ଦେବା ଜରୁରୀ।
- ପ୍ରାଣୀଙ୍କୁ ଫାଟୁଆ ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ଗୋରୁ ରହୁଥିବା ଗୁହାଳ ବା ଫାର୍ମର ଜୈବ-ନିରାପତ୍ତା ଓ ଜୈବ-ନିରାପଦ ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ।
- ବାହାରୁ ଆସୁଥିବା ନୂତନ ପ୍ରାଣୀଙ୍କୁ ଅନ୍ୟୂନ ୨୧ ଦିନ ବାହାରେ ଅଲଗା ରଖିବା ପରେ (କ୍ୱାରେଣ୍ଟାଇନ୍) ରୋଗ ନ ଥିଲେ ସୁସ୍ଥ ପ୍ରାଣୀଙ୍କ ସହିତ ମିଶାଇବା ପ୍ରୟୋଜନ।
- ସଂକ୍ରମିତ ଫାର୍ମ ମଧ୍ୟକୁ ଯେତେ ସମ୍ଭବ କମ୍ ସଂଖ୍ୟକ ଲୋକ ଚଳାଚଳ କରିବା ଦରକାର।
- ସଂକ୍ରମିତ ଅଞ୍ଚଳରୁ ଖାଦ୍ୟ, ନଡ଼ା, କୁଟା, କୁଣ୍ଡା, ପାଣି ଆଦି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦେବା ଅନୁଚିତ।
- ଡାକ୍ତରଖାନାକୁ ନ ଆଣି ସଂକ୍ରମିତ
- ଫାଟୁଆ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ସଂକ୍ରମିତ ଗୋଚରରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ।
- ଫାଟୁଆ ରୋଗ ସଂକ୍ରମିତ ଅଞ୍ଚଳରେ ମଶା, ଡାଆଁଶ ଓ ଟିକ୍ସ ମାଧ୍ୟମରେ ବିଶେଷ କରି ସମୁଦ୍ର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଅନ୍ୟାନ୍ୟ ଏକକୋଷୀ ପ୍ରାଣୀଜନିତ ରକ୍ତକୃମି ରୋଗ ଯଥା – ଥେଇଲେରିଆ, ସରା ଆଦି ରୋଗ ହେବାର ଆଶଙ୍କା ଥାଏ। ତେଣୁ ଏହି ରକ୍ତକୃମି ରୋଗର ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଇନେବା ଆବଶ୍ୟକ । ରକ୍ତ ପରୀକ୍ଷାରେ ରକ୍ତକୃମି ବାହାରିଲେ ଫାଟୁଆ ରୋଗର ଚିକିତ୍ସା କରିବା ସହିତ ରକ୍ତକୃମିର ଚିକିତ୍ସା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କ୍ରମେ କରିବା ଜରୁରୀ।
- ଫାଟୁଆ ରୋଗ ନ ହେବା ପାଇଁ ଶହେ ପ୍ରତିଶତ ପ୍ରାଣୀଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ।

*ମୋ: ୯୪୩୭୬୦୭୩୧୨*

## କ'ଣ କରିବେ

- ରୋଗ ଦେଖାଦେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ତୁରନ୍ତ ଜଣାନ୍ତୁ।
- ଅସୁସ୍ଥ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖନ୍ତୁ।
- ରୋଗ ନ ବ୍ୟାପିବା ପାଇଁ ୪% ଖାଇବା ସୋଡ଼ା ଦ୍ରବଣ ସିଞ୍ଚନ (୪୦୦ଗ୍ରାମ ସୋଡ଼ିୟମ୍ ବାଇ କାର୍ବୋନେଟ ସହିତ ୧୦ ଲିଟର ପାଣିରେ) କିମ୍ବା ଲାଇମ୍ ବା ବ୍ଲିଚିଂ ପାଉଡ଼ର ଅନ୍ୟୂନ ୧୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକଦିନ ଗୁହାଳ ଭିତରେ, ବାହାରେ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ପକାନ୍ତୁ।
- ସଂକ୍ରମିତ ପ୍ରାଣୀଙ୍କ ସହିତ ମିଶୁଥିବା ଲୋକଙ୍କ ହାତ, ଜୋତା, ପୋଷାକ ଆଦିକୁ ୪% ଖାଇବାସୋଡ଼ା ମିଶ୍ରିତ ପାଣିରେ ଧୁଅନ୍ତୁ।
- ପ୍ରଥମେ ସୁସ୍ଥ ଗାଈ ବା ମଇଁଷିଙ୍କଠାରୁ ଦୁଗ୍ଧ ଦୁହିଁବା ପରେ ସଂକ୍ରମିତ
ଗାଈର ଦୁଗ୍ଧ ଦୁହିଁବା ଆବଶ୍ୟକ ଏବଂ ଦୁହିଁବା ପରେ ହାତକୁ ଭଲଭାବେ ବିଶୋଧକ ଦ୍ରବଣରେ ଧୁଅନ୍ତୁ।
- ଦୁଗ୍ଧ ଦୁହିଁବା ପାତ୍ରକୁ ୪% ସୋଡ଼ିୟମ୍ କାର୍ବୋନେଟ ବା ସୋଡ଼ା ପାଣିରେ ଧୋଇଦେବା ଆବଶ୍ୟକ।
- ସଂକ୍ରମିତ ଗ୍ରାମର ଚତୁଃପାର୍ଶ୍ୱ ଅଞ୍ଚଳ ବା ଗ୍ରାମରେ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେଇଦେବା ଜରୁରୀ। ଟିକା ଦେବା ସମୟରେ ଅଲଗା ଅଲଗା ଛୁଞ୍ଚି ବ୍ୟବହାର କରିବା ଆବଶ୍ୟକ।
- ଯାନବାହନଗୁଡ଼ିକୁ ଫାର୍ମଠାରୁ ଦୂରେଇ ରଖନ୍ତୁ।


## କ'ଣ କରିବେ ନାହିଁ

- ଗୋଟିଏ ସାଧାରଣ ସ୍ଥାନରେ ପ୍ରାଣୀ ବା ଗୋରୁଙ୍କୁ ବାରମ୍ବାର ଚରିବାକୁ ଛାଡ଼ନ୍ତୁ ନାହିଁ।
- ଗୋଟିଏ ଜଳାଶୟକୁ ପାଣି ପିଇବା ପାଇଁ ଛାଡ଼ନ୍ତୁ ନାହିଁ । ଗୋରୁଙ୍କ ପିଇବା ପାଣିରେ ୨% ଖାଇବାସୋଡ଼ା ମିଶାନ୍ତୁ।
- ଆପାତତଃ ସୁସ୍ଥ ପ୍ରାଣୀଙ୍କଠାରୁ ଅସୁସ୍ଥ ପ୍ରାଣୀଙ୍କୁ ଅଲଗା ରଖନ୍ତୁ।
- ସଂକ୍ରମିତ ଗୋରୁଙ୍କ ଯତ୍ନ ନେଉଥିବା ମନୁଷ୍ୟ ମାଧ୍ୟମରେ ସୁସ୍ଥ ପ୍ରାଣୀଙ୍କୁ ଏହା ବ୍ୟାପିବାର ଆଶଙ୍କା ଥାଏ। ତେଣୁ ସେମାନଙ୍କ ଚଳାଚଳ ସୀମିତ ରଖନ୍ତୁ।
- ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ ବା ଚାଷ କାମରେ ଲଗାନ୍ତୁ ନାହିଁ।
- ସଂକ୍ରମିତ ଅଞ୍ଚଳରୁ ନୂତନ ପ୍ରାଣୀ କ୍ରୟ କରି ଆଣି ସୁସ୍ଥ ପ୍ରାଣୀଙ୍କ ସଙ୍ଗେ ମିଶାଇବା ଉଚିତ ନୁହେଁ।
- ସଂକ୍ରମିତ ଅଞ୍ଚଳରୁ ଗୋରୁଙ୍କ ଖାଦ୍ୟ ଯଥା – ନଡ଼ା, କୁଟା, କୁଣ୍ଡା, ଚୋକଡ଼, ଘାସ ଆଦି ଆଣି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ।
- ସୁସ୍ଥ ଅଞ୍ଚଳର ଗୋରୁଙ୍କୁ ଅସୁସ୍ଥ ଅଞ୍ଚଳର ଗୋରୁଙ୍କ ସହିତ ମିଶିବାକୁ ଦିଅନ୍ତୁ ନାହିଁ।

# କୃଷି ଯୋଜନା

ଆମ ରାଜ୍ୟରେ କୃଷକ ତଥା କୃଷି ପରିବାରର ଉନ୍ନତି ଓ ଆର୍ଥିକ ବିକାଶ ନିମନ୍ତେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୨୦୧୯-୨୦ ବର୍ଷ ନିମନ୍ତେ ପ୍ରବର୍ତ୍ତିତ ହୋଇଛି। ରାଜ୍ୟ ଯୋଜନାଗୁଡ଼ିକ ୭ଟି ବର୍ଗରେ ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୬ଟି ବର୍ଗରେ ରଖାଯାଇଛି। ରାଜ୍ୟ ଯୋଜନାର ବର୍ଗଗୁଡ଼ିକ ହେଲା- ଫସଲ ଉତ୍ପାଦନ ପରିଚାଳନା (ତନ୍ମଧ୍ୟରେ ଇନ୍‌ପୁଟ୍ ବା ଉପାଦାନ ଉପରେ ରିହାତି, ସାର, ସମନ୍ୱିତ କୃଷି, ଆଖୁ ବୈଷୟିକ ମିଶନ, କପା ବୈଷୟିକ ମିଶନ, ଫସଲ ବୀମା, ଜୈବିକ କୃଷି, ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା, ଫସଲ ସଂରକ୍ଷଣ ପ୍ରୋତ୍ସାହନ, ଅଣଧାନ ଉପରେ ଗୁରୁତ୍ୱ ଆଦି), କୃଷି ଯାନ୍ତ୍ରିକୀକରଣ ଓ ଅର୍ଥ ବିନିଯୋଗ, କୃଷି ତାଲିମ୍, ଭୂପୃଷ୍ଠ ଓ ଭୂତଳ ଜଳର ସୁବ୍ୟବହାର, ବିଜୁ କୃଷକ କଲ୍ୟାଣ ଯୋଜନା, କୃଷି ଶିକ୍ଷା ଓ ଯୋଗାଯୋଗ ଏବଂ କୃଷକ କଲ୍ୟାଣ ଯୋଜନା ସବୁ ରହିଛି। ସେହିପରି କେନ୍ଦ୍ରୀୟ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ତୈଳବୀଜ ଓ ତାଳତେଲ ମିଶନ, ଚିରପୋଷ୍ୟମାନ କୃଷିର ଜାତୀୟ ମିଶନ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଧାନ, ଡାଲିଜାତୀୟ, ମୋଟା ଶସ୍ୟ -ମକା ଓ ମାଣ୍ଡିଆ, ନ୍ୟୁଟ୍ରିଶସ୍ୟ, ବାଣିଜ୍ୟିକ ଫସଲ- କପା, ଝୋଟ ଓ ଆଖୁ ଏବଂ ତୈଳବୀଜ), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ବିଶେଷକରି ପୂର୍ବ ଭାରତର ଦ୍ୱିତୀୟ ସବୁଜ ବିପ୍ଳବ) ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟରେ ପ୍ରଚଳିତ ହୋଇଛି।

***ରାଜ୍ୟ ଯୋଜନା:*** ଫସଲ ଉତ୍ପାଦନ ପରିଚାଳନାରେ ଧାଡ଼ି ବୁଣା/ରୁଆ ଧାନ ଚାଷରେ ହେକ୍ଟର ପ୍ରତି ୧୫୪୦ ଟଙ୍କାର ପ୍ରୋତ୍ସାହନ ଦିଆଯାଇଥାଏ। ବିହନ ବିଶୋଧନ ଲାଗି ବିଶୋଧକ



କିଣାରେ ହେକ୍ଟର ପ୍ରତି ୬୨.୫୦ ଟଙ୍କା ରିହାତି ରହିଛି। ସମନ୍ୱିତ କୃଷି ପ୍ରୋତ୍ସାହନରେ ପ୍ରକଳ୍ପ ପ୍ରତି ୧ଲକ୍ଷ ଟଙ୍କାର ସହାୟତା/ ରିହାତି ରଖାଯାଇଛି। ରାଜ୍ୟର ୭ଟି ଆଦିବାସୀ ଅଧ୍ୟୁଷିତ ଜିଲାର ଚିହ୍ନଟ ହୋଇଥିବା ୩୦ଟି ବ୍ଲକରେ ଲଘୁ ଶସ୍ୟ ଉତ୍ପାଦନ ନିମନ୍ତେ (କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ରାୟଗଡ଼ା, ଗଜପତି ଏବଂ ନୂଆପଡ଼ା ଜିଲା) ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଛି। ତାହା ପାର୍ଶ୍ୱବର୍ତ୍ତୀ ୧୪ଟି ଜିଲାର ୭୨ଟି ବ୍ଲକକୁ ସଂପ୍ରସାରଣ ନିମନ୍ତେ ଯୋଜନା ହୋଇଛି। ଏହି ଯୋଜନା ମାଧ୍ୟମରେ ଆଦିବାସୀ/ଅନୁସୂଚିତ ଜନଜାତି ପରିବାରର ପୋଷଣ ସୁରକ୍ଷିତ ହୋଇପାରିବ ତଥା ପରିବାରର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ। ଗ୍ରାମୀଣ ତଥା ସହରୀ ବଜାରକୁ ଲଘୁଶସ୍ୟର ବିକ୍ରିବଟା ମଧ୍ୟ ଏହାର ଅଂଶଭାବେ ପାଳିତ ହେବ। (କ୍ରମଶଃ....)

***-ଡ. ପରେଶ କୁମାର ପଣ୍ଡା,*** *ସହକାରୀ କୃଷି ଅଧିକାରୀ,ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*

# ପ୍ରାକ୍ ରବିଋତୁରେ ମୁଗ ଓ ବିରି ଚାଷ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ପ୍ରାକ୍ ରବିଋତୁ ଅର୍ଥାତ୍ ବର୍ଷାଋତୁ ସରିଯାଉଥିବ ଏବଂ ରବିଋତୁ ଆରମ୍ଭ ହେବା ପୂର୍ବ ସମୟକୁ ବୁଝାଇଥାଏ। ଏହି ସମୟରେ ବର୍ଷାର ବଳ ହଟିଯାଇ ଥିବାରୁ ଢିପ ଜମିର ଧାନ ଓ ବିଆଳି ଧାନ ଅମଳ ହୋଇଯାଇଥାଏ। ପ୍ରାକ୍ ରବିଋତୁରେ ମୁଗ ଓ ବିରି ଫସଲ ଚାଷ କରାଯାଇପାରେ। ଢିପ ଓ ମଧ୍ୟମ କିସମ ଜମିର ଦୋରସା, ଲାଲ ଓ ମଟାଳ ମାଟିରେ ମୁଗ ବିରି ଫସଲ ଭଲ ହୁଏ। ନିଗିଡା ଦୋରସା, ପଟୁ ମାଟିରେ ମୁଗ ବିରି ଫସଲ ଭଲ ଅମଳ ଦେଇଥାଏ। ବିରି ଚାଷ ପାଇଁ ମାଟି ଲୁଣି କିମ୍ବା କ୍ଷାରୀ ହେବା ଉଚିତ ନୁହେଁ। ବିରି ପାଇଁ ମାଟିର ପିଏଚ୍ ୪.୭ ରୁ ୭.୫ ହେବା ବାଞ୍ଛନୀୟ। ମୁଗ ଓ ବିରି ଚାଷ ପାଇଁ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଭଲ। ପ୍ରାକ୍ ରବିଋତୁରେ ଅର୍ଥାତ୍ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ମୁଗ ବୁଣିବା ଆବଶ୍ୟକ। ଅକ୍ଟୋବର ମାସର ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ବୁଣା ହୋଇଥିବା ମୁଗ ଭଲ ଅମଳ ଦିଏ। ପ୍ରାକ୍ ରବିଋତୁରେ ଅଗଷ୍ଟଠାରୁ ଅକ୍ଟୋବର ମାସ ମଧ୍ୟରେ ବିରି ବୁଣାଯାଇ ପାରିବ। ପ୍ରାକ୍ ରବି ଋତୁରେ ଧଉଳି, ସୁଜାତା, ଜ୍ୟୋତି ପିଡିଏମ୍ ୫୪ ଇତ୍ୟାଦି ଉନ୍ନତ କିସମର ମୁଗ ବିହନ ବୁଣିବା ଆବଶ୍ୟକ, ଯାହା କି ୬୦ରୁ ୭୦ ଦିନ ମଧ୍ୟରେ ଅମଳ ହୋଇଥାଏ। ସେହିଭଳି ପ୍ରାକ୍ ରବିଋତୁରେ ଟି-୯, ଶାରଳା, ପିୟୁ-୩୦, ପିୟୁ-୩୫ ଇତ୍ୟାଦି ଉନ୍ନତ କିସମର ବିରି ବିହନ ବାଛନ୍ତୁ, ଯାହା କି ୬୫ରୁ ୭୫ ଦିନ ମଧ୍ୟରେ ଅମଳ ହୋଇଥାଏ। ଏକର ପ୍ରତି ୧୦ କିଗ୍ରା ମୁଗ ବିହନ ଆବଶ୍ୟକ ହେଉଥିବା ସ୍ଥଳେ ୧୦ରୁ ୧୨ କିଗ୍ରା ବିରି ବିହନ ଦରକାର ହୋଇଥାଏ। ଧାନ କାଟିବା ପୂର୍ବରୁ ଛଟା ଫସଲ ରୂପେ ବିରି ବୁଣୁଥିଲେ ଏକର ପ୍ରତି ୧୨ରୁ ୧୬ କିଗ୍ରା ବିହନ ବ୍ୟବହାର କରିବା ପ୍ରୟୋଜନ। ମୁଗ ଓ ବିରି ବୁଣିବାର ୭ ଦିନ ପୂର୍ବରୁ ୧ କିଲୋଗ୍ରାମ ବିହନ ପିଛା ୩ ଗ୍ରାମ କ୍ୟାପଟାନ କିମ୍ବା ଥିରାମ ଗୁଣ୍ଡ ମିଶାଇ ବିଶୋଧନ କରନ୍ତୁ। ମୁଗ ଓ ବିରି ଫସଲ ଛୁଇଁ ଜାତୀୟ ଫସଲ ହୋଇଥିବାରୁ ପ୍ରାକୃତିକ ଉପାୟରେ ଗଛ ଭୂମିରୁ ଯବକ୍ଷାରଯାନ ଆହରଣ କରିବା ଲାଗି ରାଇଜୋବିୟମ୍ ଜୀବାଣୁ କଲଚରରେ ମୁଗ ଓ ବିରି ବିହନକୁ ଉପଚାର କରନ୍ତୁ। ୨୦୦ ଗ୍ରାମ ବୀଜାଣୁ କଲଚରରେ ୫୦ ଗ୍ରାମ ଗୁଡରୁ ପ୍ରସ୍ତୁତ ହୋଇଥିବା ୫୦୦ ମିଲି ଲିଟର ଗୁଡ ପାଣି ଗୋଳାଇ ଏବଂ ସେଥିରେ ୧୦ ଗ୍ରାମ ଆମୋନିୟମ ମଲିବଡେଟ୍ କିମ୍ବା ସୋଡିୟମ ମଲିବଡେଟ୍ ମିଶାଇ ଦ୍ରବଣରେ ଭଲ ଭାବରେ ୧୦ କେଜି ମୁଗ ବା ବିରି ବିହନକୁ ଗୋଳାନ୍ତୁ ଓ ଛାଇରେ ଶୁଖାଇ ଦିଅନ୍ତୁ। ଉପର ବେଳା ଉପଚାରିତ ବିହନକୁ ଜମିରେ ବୁଣନ୍ତୁ।

ଜମିକୁ ଭଲ ଭାବରେ ଚାଷ କରି ଘାସ ବାଛି ମାଟିକୁ ଗୁଣ୍ଡ କରନ୍ତୁ। ଏକର ପ୍ରତି ୪-୫ ଗାଡି ଶଢ଼ା ଗୋବର ଖତ ଜମିରେ ପ୍ରୟୋଗ କରନ୍ତୁ। ଶେଷ ସମୟରେ ଏକର ପିଛା ୩୫ କିଲୋ ଡିଏପି ଓ ୧୩ କେଜି ପଟାସ୍ ସାର ମାଟିରେ ମିଶାଇ ଦିଅନ୍ତୁ।

ମୁଗ ଓ ବିରି ଫସଲକୁ ଛଟା ବୁଣା କିମ୍ବା ଧାଡିରେ ମଧ୍ୟ ଲଗାଯାଇପାରେ। ଧାଡିରେ ଲଗାଉଥିଲେ ଧାଡିକୁ ଧାଡି ୧ ଫୁଟ ଏବଂ ଗଛକୁ ଗଛ ୪ ଇଞ୍ଚ ବ୍ୟବଧାନରେ ବିହନ ବୁଣନ୍ତୁ। ଘାସ ନିୟନ୍ତ୍ରଣ ପାଇଁ ଫସଲକୁ କୋଡା ଖୁସା କରନ୍ତୁ । ଧାଡିରେ ବୁଣିଥିଲେ ଘାସ ମରା ଔଷଧ ମଧ୍ୟ ପ୍ରୟୋଗ କରାଯାଇପାରେ। ଠିକ୍ ସମୟରେ ରୋଗ ପୋକ ନିୟନ୍ତ୍ରଣ ଲାଗି ରାସାୟନିକ ଔଷଧ ବ୍ୟବହାର କରନ୍ତୁ। ଛୁଇଁଗୁଡିକ କଳା ହୋଇଗଲେ ଅମଳ କରନ୍ତୁ ।

ଅମଳ ହୋଇଥିବା ମୁଗ ଓ ବିରିକୁ ଭଲ ଭାବରେ ଖରାରେ ଶୁଖାଇ କୁଇଣ୍ଟାଲ ପିଛା ୨୦୦ ଗ୍ରାମ ସୋରିଷ କିମ୍ବା ରାଶି



ତେଲ ଗୋଳାଇ ସାଇତି ରଖିଲେ ପୋକ କମ ଲାଗିଥାନ୍ତି। ଏକ ଏକର ଜମିରୁ ୪-୬ କୁଇଣ୍ଟାଲ ଅମଳ ମିଳିଥାଏ।

*ମୋ: ୭୮୯୪୩୩୫୩୭୧*

## ସଂକ୍ଷେପରେ

### ଅଧସ୍ତନଙ୍କୁ ଆଳ କରି ୩୮ କୋଟି ହଡ଼ପ ଅଭିଯୋଗ

## ଗୋଲ୍ଡମ୍ୟାନ ସାକ୍ସର ଭିପି ଗିରଫ



**ବେଙ୍ଗାଲୁରୁ,୧୦-୯:** ଅନ୍‌ଲାଇନ ପୋକର୍ ଗେମ୍ ଖେଳି ବିଶ୍ୱ ନିବେଶକାରୀ କମ୍ପାନୀ ଗୋଲ୍ଡମ୍ୟାନ ସ୍ୟାକ୍ସର ବେଙ୍ଗାଲୁରୁ ଅଫିସ ଭାଇସ୍ ପ୍ରେସିଡେଣ୍ଟ(ଭିପି) ଅଶ୍ୱିନୀ ଝୁନ୍‌ଝୁନ୍‌ୱାଲା ବହୁ କୋଟି ଟଙ୍କା ହରାଇଛନ୍ତି। ଏହି ଅର୍ଥ ପରିଶୋଧ କରିବାକୁ ଯାଇ ସେ ଅଧସ୍ତନ କର୍ମଚାରୀଙ୍କ ଆକାଉଣ୍ଟକୁ ବ୍ୟବହାର କରି କମ୍ପାନୀର ପ୍ରାୟ ୩୮ କୋଟି ଟଙ୍କା(୫.୪ ମିଲିୟନ ଡଲାର) ହଡପ କରିନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ମଙ୍ଗଳବାର ମରାଠାହାଲି ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି। କମ୍ପାନୀର ଆଇନ ବିଭାଗ ମୁଖ୍ୟ ଅଭିଷେକ ପର୍‌ସିରାଙ୍କ ପକ୍ଷରୁ ଅଭିଯୋଗ ଅଣାଯାଇଛି। ତାଙ୍କର ସହଯୋଗୀ ବେଦାନ୍ତ ଫେରାର ହୋଇଯାଇଛନ୍ତି। ପ୍ରାରମ୍ଭିକ ଅଭିଯୋଗ ଅନୁଯାୟୀ, ଝୁନ୍‌ଝୁନ୍‌ୱାଲା ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ନିଜ ଅଧୀନରେ ଥିବା ୩ ଜଣ କର୍ମଚାରୀ ଗୌରବ ମିଶ୍ରା, ଅଭିଷେକ ଯାଦବ ଏବଂ ସୁଜିତ୍ ଅପ୍ପୈୟାଙ୍କୁ ବ୍ୟବହାର କରିଥିଲେ। ସେମାନଙ୍କୁ ପ୍ରଶିକ୍ଷଣ ଦେବା ବାହାନାରେ ସେ ନିଜ ଆଡକୁ ଆକର୍ଷିତ କରିଥିଲେ। ଝୁନ୍‌ଝୁନ୍‌ୱାଲା ସେମାନଙ୍କ କମ୍ପ୍ୟୁଟରରୁ ଲଗ୍ ଇନ୍ କରିବା ବେଳେ ଅନ୍ୟ କାମରେ ନିୟୋଜିତ କରିଥିଲେ। ପେମେଣ୍ଟ ଫେରସ୍ତ ପାଇବା ଲାଗି ସେଟେଲ୍‌ମେଣ୍ଟ ରିକନ୍‌ସିଲିଏଶନ ସର୍ଭିସର ଆବଶ୍ୟକତା ରହିଥିବାରୁ ଗୌରବଙ୍କୁ ଏଥିପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନୂଆ ନିଯୁକ୍ତି ପାଇଥିବାରୁ ସେ ଏହା ଜାଣି ନ ଥିବା କହିବା ପରେ ଝୁନ୍‌ଝୁନ୍‌ୱାଲା ତାଙ୍କର କମ୍ପ୍ୟୁଟର ବ୍ୟବହାର କରି କମ୍ପାନୀ ଆକାଉଣ୍ଟରୁ ୩୮.୮ କୋଟି ଟଙ୍କା ହଡପ୍ କରିନେଇଥିଲେ। ଆଭ୍ୟନ୍ତରୀଣ ତଦନ୍ତ ପରେ ସେ ସବୁ କଥା ମାନି ଯାଇଥିଲେ। ଗୌରବଙ୍କ କମ୍ପ୍ୟୁଟର ମାଧ୍ୟମରେ ସେ ସେପ୍ଟେମ୍ବର ୪ରେ ହଂକଂସ୍ଥିତ ଇଣ୍ଡଷ୍ଟ୍ରିଆଲ ଆଣ୍ଡ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନାରେ ଥିବା ସିନର୍ଜି ୱିଜ୍‌ଡମ୍ ଲିମିଟେଡ ଆକାଉଣ୍ଟକୁ ଉକ୍ତ ଅର୍ଥ ପଠାଇଥିବା ଝୁନ୍‌ଝୁନ୍‌ୱାଲା ସ୍ୱୀକାର କରିଥିଲେ। ସେ ଅନ୍‌ଲାଇନ ପକର ଖେଳି ୭୦ ହଜାର ଡଲାର ହାରି ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ତେଜସ୍ ଟ୍ରେନ ଭଡ଼ା ବଢ଼ାଇ ପାରିବେନି ଘରୋଇ ଅପରେଟର

**ନୂଆଦିଲ୍ଲୀ,୧୦-୯:** ଦେଶର ପ୍ରଥମ ଘରୋଇ ଟ୍ରେନ ତେଜସ୍ ଏକ୍ସପ୍ରେସ୍ ଆସନ୍ତା ମାସରେ ଚଳାଚଳ କରିବା ସମ୍ଭାବନା ରହିଛି। ଭାରତୀୟ ରେଳର ସହାୟକ କମ୍ପାନୀ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେଶନ(ଆଇଆର୍‌ସିଟିସି)କୁ ତେଜସ୍ ଏକ୍ସପ୍ରେସର ପରିଚାଳନା ଭାର ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ-ଲକ୍ଷ୍ନୌ ଓ ଅହମ୍ମଦାବାଦ୍- ମୁମ୍ବାଇ ମଧ୍ୟରେ ଦୁଇଟି ତେଜସ୍ ଏକ୍ସପ୍ରେସ ଚାଲିବ। ଏହି ଟ୍ରେନରେ ବିମାନ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଦିଆଯିବ। ତେବେ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଘରୋଇ ଅପରେଟର ଯେପରି ଭଡ଼ା ବୃଦ୍ଧି ନ କରିବେ ସେଥିଲାଗି ରେଳ ବିକାଶ ପ୍ରାଧିକରଣର କ୍ଷମତାକୁ ବୃଦ୍ଧି କରାଯାଇ ଏହାକୁ ଏକ ରେଗୁଲେଟର ବା ନିୟାମକ ଭାବେ ଗଠନ କରାଯିବ। ଘରୋଇ ଟ୍ରେନର ଟିକେଟ ମୂଲ୍ୟ ନିର୍ଦ୍ଧାରଣ କରିବା ଏହାର ଦାୟିତ୍ୱ ହେବ।

## ସେଲ୍ ନେଟ୍ ପକ୍ଷରୁ ରିହାତି ଘୋଷଣା

**ଭୁବନେଶ୍ୱର, ୧୦-୯ (ବ୍ୟୁରୋ):** ମୋବାଇଲ ସଲ୍ୟୁଶନ ଏବଂ ଆସେସୋରିଜ ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଷ୍ଟୋର ସେଲ୍ ନେଟ୍ ନେକ୍ସଟ ପକ୍ଷରୁ ଏହାର ତୃତୀୟ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଅବସରରେ ଷ୍ଟୋର ପକ୍ଷରୁ ବିଗ୍ ଏକ୍ସଚେଞ୍ଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ଏକ୍ସଚେଞ୍ଜ ଉପରେ ୫% ପର୍ଯ୍ୟନ୍ତ ଅତିରିକ୍ତ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ସେହିଭଳି ପ୍ରତି ଭିଜିଟରଙ୍କ ଲାଗି ଭାଲ୍ୟୁ ଗିଫ୍ଟ ବ୍ୟବସ୍ଥା କରାଯାଇଛି। ପ୍ରତି କ୍ରୟ ଉପରେ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବା ନେଇ ସୁବିଧା ରହିଛି। ଏହାବାଦ ସହଜ ଫାଇନାନ୍ସ, ଜିରୋ ପ୍ରତିଶତ ସୁଧ, ଜିରୋ ଡାଉନପେମେଣ୍ଟ, ଜିରୋ ପ୍ରୋସେସିଂ ଫି ମଧ୍ୟ ରହିଛି। ଏଠାରେ ବିଭିନ୍ନ ବ୍ରାଣ୍ଡର ଫୋନ ଏବଂ ଆସେସୋରିଜ ଉପଲବ୍ଧ। ଗ୍ରାହକ ଅଫରର ଲାଭ ନେବାକୁ ଷ୍ଟୋର ପକ୍ଷରୁ କୁହାଯାଇଛି।

> ଗ୍ରାହକଙ୍କୁ ଭିଡିଓ ମାଧ୍ୟମରେ ଆକର୍ଷିତ କରି ସାମଗ୍ରୀ ବିକ୍ରି ଯୋଜନାକୁ ମିନ୍ତ୍ରା ଆଗେଇ ନେଉଛି। ଏଥିଲାଗି କମ୍ପାନୀ ଭାରି ମାତ୍ରାରେ ନିବେଶ କରୁଛି।
> – ଅମର ନାଗରାମ୍, ମିନ୍ତ୍ରା ଜବଙ୍ଗ୍ ମୁଖ୍ୟ



> କଲମ୍ବିଆ ପାସିଫିକ ଗ୍ରୁପ୍ ପକ୍ଷରୁ ବେଙ୍ଗାଲୁରୁଠାରେ ୮୦ କୋଟି ଟଙ୍କା ବ୍ୟୟରେ ସିନିୟର ଲିଭିଂ ରେସିଡେନ୍ସିଆଲ ପ୍ରକଳ୍ପ ନିର୍ମାଣ କରିବ।
> – ମୋହିତ ନିରୁଲା, କଲମ୍ବିଆ ପାସିଫିକ କମ୍ୟୁନିଟିଜ ସିଇଓ



### ମାନ୍ଦାବସ୍ଥା ଆଣିଛି ଘୋର ସଙ୍କଟ

# ନୂଆ ନିଯୁକ୍ତି ସପକ୍ଷରେ ମାତ୍ର ୧୯% କମ୍ପାନୀ

**ନୂଆଦିଲ୍ଲୀ,୧୦-୯**

ଭାରତ ସମେତ ସାରା ବିଶ୍ୱରେ ମାନ୍ଦାବସ୍ଥାର ପ୍ରଭାବ ଏଭଳି ସ୍ଥିତିରେ ପହଞ୍ଚିଛି ଯେ, ସମସ୍ତ କ୍ଷେତ୍ର ଏବେ ଘୋର ସଙ୍କଟ ଦେଇ ଗତିକରୁଛି। ଫଳସ୍ୱରୂପ ଆଗାମୀ ତୃତୀୟ ତ୍ରୈମାସ(ଅକ୍ଟୋବର-ଡିସେମ୍ବର) ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟି ସମ୍ଭାବନା ନାହିଁ କହିଲେ ଚଳେ। ଏହି ସମୟରେ ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ଦେବାକୁ ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ୫୨ ପ୍ରତିଶତ ନିଜର କାର୍ଯ୍ୟବଳ ବା କର୍ମଚାରୀ ସଂଖ୍ୟାକୁ ଅପରିବର୍ତ୍ତିତ ରଖିବାକୁ ଚେଷ୍ଟା କରିବେ ବୋଲି ମତପୋଷଣ କରିଛନ୍ତି। ବିଶ୍ୱ ସ୍ତରରେ ହୋଇଥିବା ସର୍ଭେରୁ ଏହା ଜଣାପଡିଛି।

ବିଶ୍ୱର ଏକ ସଂସ୍ଥା 'ମ୍ୟାନପାୱାର ଗ୍ରୁପ୍ ଏମ୍ପ୍ଲଏମେଣ୍ଟ ଆଉଟଲୁକ୍' ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟକୁ ମଙ୍ଗଳବାର ଜାରି କରାଯାଇଛି। ସର୍ଭେବେଳେ କମ୍ପାନୀମାନେ ଅକ୍ଟୋବର-ଡିସେମ୍ବର ମଧ୍ୟରେ ତୃତୀୟ ତ୍ରୈମାସରେ ଆର୍ଥିକ ଦୃଶ୍ୟପଟ ଓ ନୂଆ ନିଯୁକ୍ତି ସମ୍ଭାବନା ନେଇ ଆଲୋଚନା କରିଛନ୍ତି। ଏଥିରୁ ଜଣାପଡିଛି ଯେ, ବର୍ତ୍ତମାନ ନିଯୁକ୍ତିକୁ ନେଇ କିଛି କହି ହେବ ନାହିଁ ବୋଲି ୨୮% କମ୍ପାନୀ ମତ ଦେଇଛନ୍ତି। ପ୍ରତିଭାଶାଳୀ କର୍ମଚାରୀଙ୍କୁ ବାନ୍ଧି ରଖିବା ସହ ସେମାନଙ୍କୁ ଯୁଗ ସହ ତାଳ ଦେଇ ନୂତନ ପ୍ରଯୁକ୍ତି ପ୍ରଶିକ୍ଷଣ ଦେବା ଲାଗି କମ୍ପାନୀମାନେ ଆଗ୍ରହ ଦେଖାଉଥିବା ସର୍ଭେରୁ ଜଣାପଡିଛି।

### ୪୪ ଦେଶର ୫୯ ହଜାର ନିଯୁକ୍ତିଦାତାଙ୍କୁ ନେଇ ସର୍ଭେ

ମ୍ୟାନ୍‌ପାୱାର ପକ୍ଷରୁ ସାରା ବିଶ୍ୱର ୪୪ ଦେଶର ୫୯ ହଜାରରୁ ଅଧିକ କମ୍ପାନୀଙ୍କ ସହ ନୂଆ ନିଯୁକ୍ତି ନେଇ ଆଲୋଚନା କରାଯାଇଛି। ସର୍ଭେରୁ ଏହା ଜଣାପଡିଛି ଯେ, ଆଗାମୀ ୩ ମାସ ମଧ୍ୟରେ ୪୩ରୁ ୪୪ ଦେଶର ନିଯୁକ୍ତିଦାତାଙ୍କର ନିଜର କର୍ମଚାରୀ ସଂଖ୍ୟା ବଢ଼ାଇବା ଆଶାକରୁନାହାନ୍ତି। ଗତ ତ୍ରୈମାସ ସମ୍ପର୍କରେ ଆଲୋଚନାରୁ ଜଣାପଡୁଛି ଯେ, ୪୪ ଦେଶ ମଧ୍ୟରୁ ମାତ୍ର ୧୫ ଦେଶର କମ୍ପାନୀ ନୂଆ ନିଯୁକ୍ତିକୁ ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଅନ୍ୟପକ୍ଷରେ ୨୩ ଦେଶର ନିଯୁକ୍ତିଦାତା ଦୁର୍ବଳ ରୋଜଗାର ସୃଷ୍ଟି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଚାଇନାର ମାତ୍ର ୪% କମ୍ପାନୀ ନୂଆ ନିଯୁକ୍ତି ସମ୍ପର୍କରେ ମତପୋଷଣ କରିଛନ୍ତି।



- ୫୨% କର୍ମଚାରୀ ସଂଖ୍ୟା ଅପରିବର୍ତ୍ତିତ ରଖିବେ
- ୨୮%ଙ୍କର ସ୍ଥିତି ଅସ୍ପଷ୍ଟ

### ନୂଆ ନିଯୁକ୍ତିକୁ ନେଇ ଭାରତ ଚତୁର୍ଥ ସ୍ଥାନରେ

ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଅପେକ୍ଷାକୃତ ହାଲୁକା ପରିସଂଖ୍ୟାନ ସତ୍ତ୍ୱେ ଆସନ୍ତା ୩ ମାସ ଭିତରେ ନୂଆ ନିଯୁକ୍ତି ସୃଷ୍ଟିରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିବ ବୋଲି ସର୍ଭେରେ ଅନୁମାନ କରାଯାଇଛି। ଏହି ସମୟ ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟିରେ ଜାପାନ ପ୍ରଥମ, ତାଇୱାନ ଦ୍ୱିତୀୟ ଓ ଆମେରିକା ତୃତୀୟ ସ୍ଥାନରେ ରହିବ ବୋଲି ଆଶାକରାଯାଉଛି। ଜାପାନରେ ସର୍ବାଧିକ ୨୬% ନିଯୁକ୍ତିଦାତା ତୃତୀୟ ତ୍ରୈମାସରେ ନୂଆ ଚାକିରି ଦେବାକୁ ଇଚ୍ଛାପ୍ରକାଶ କରିଛନ୍ତି। ଏହାପଛକୁ ତାଇୱାନ ୨୧% ଓ ଆମେରିକାର ୨୦% କମ୍ପାନୀ ନୂଆ ନିଯୁକ୍ତି ଦେବାକୁ ଚାହୁଁଛନ୍ତି। ମ୍ୟାନ୍‌ପାୱାର ଗ୍ରୁପ୍ ଅଧ୍ୟକ୍ଷ ତଥା ସିଇଓ ଜୋନାସ୍ ପ୍ରାଇସିଙ୍ଗ୍ କହିଛନ୍ତି ଯେ, ସାରା ବିଶ୍ୱରେ ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳିଛି। କେତେକ ବଡ଼ ଅର୍ଥନୀତିର ଦେଶରେ ସ୍ଥିତି ଭଲ ରହିଥିବା ବେଳେ ବ୍ରେକ୍‌ଜିଟ୍ ଏବଂ ଶୁଳ୍କକୁ ନେଇ ଚାଲିଥିବା ଟଣାଓଟରା ଯୋଗୁ ଅନ୍ୟ କେତେକ ଦେଶରେ ନୂଆ ନିଯୁକ୍ତିକୁ ନେଇ ମନୋଭାବ ସେପରି ଭଲ ନୁହେଁ ବୋଲି ସେ କହିଛନ୍ତି।

## ହିରୋ ଆଣିଲା ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ

**ନୂଆଦିଲ୍ଲୀ, ୧୦-୯**



ହିରୋ ମୋଟୋକର୍ପ ପକ୍ଷରୁ ନୂଆ ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ୧୧୦ ମଡେଲକୁ ପ୍ରସ୍ତୁତ ହୋଇଛି। ଯାନଟିକୁ ଡିଲରମାନଙ୍କ ପାଖରେ ସଚେତନତା ଏବଂ ଟ୍ରେନିଂ ଲାଗି ଉପଲବ୍ଧ କରାଯାଇଛି। ଏହାର ବ୍ୟବସାୟିକ ଶୁଭାରମ୍ଭ ଶୀଘ୍ର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଡିଲର ଏବଂ କର୍ମଚାରୀଙ୍କୁ ମୋଟର ସାଇକେଲ ସମ୍ପର୍କରେ ତାଲିମ ଦେଇ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ବିଏସ୍-୬ ମାନକ ଯୁକ୍ତ ମୋଟର ସାଇକେଲ ଏବଂ ସ୍କୁଟର ଧାର୍ଯ୍ୟ ସମୟ ପୂର୍ବରୁ ବଜାରକୁ ଛାଡିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ମଡେଲର ବଜାର ଦର ବର୍ତ୍ତମାନର ସ୍ପ୍ଲେଣ୍ଡର ଆଇ ସ୍ମାର୍ଟ ମୋଟର ସାଇକେଲଠାରୁ ୧୨ରୁ ୧୫% ଅଧିକ ହେବ ବୋଲି ଆଶା କରାଯାଉଛି। ଇଣ୍ଟରନ୍ୟାଶନାଲ ସେଣ୍ଟର ଫର ଅଟୋମୋଟିଭ ଟେକ୍ନୋଲୋଜିଠାରୁ ଏହା ବିଏସ୍-୬ ପ୍ରମାଣପତ୍ର ଲାଭ କରିଛି। ଜୟପୁରରେ ଥିବା କମ୍ପାନୀର ସେଣ୍ଟର ଫର ଇନୋଭେସନ ଆଣ୍ଡ ଟେକ୍ନୋଲୋଜିଠାରେ ଏହାକୁ ପ୍ରସ୍ତୁତ କରାଯାଇଛି।

## କୃଷି ଫାଇନାନ୍ସ ଶାଖା ଖୋଲିଲା ଆଲ୍ଲାହାବାଦ ବ୍ୟାଙ୍କ




**କଲିକତା, ୧୦-୯**

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ କୃଷି ଫାଇନାନ୍ସ ଶାଖା ଏବଂ କିଶାନ ପ୍ରଗତି କେନ୍ଦ୍ର ଶୁଭାରମ୍ଭ ହୋଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କିଶାନ ପ୍ରଗତି କେନ୍ଦ୍ର ଲକ୍ଷ୍ନୌ ସମେତ ୪୨ ଅନ୍ୟ ସ୍ଥାନରେ ଉନ୍ମୋଚନ କରିଛନ୍ତି। ଏହାବାଦ ସେ ୩୧ କୃଷି ଫାଇନାନ୍ସ ଶାଖାର ଆରମ୍ଭ କରିଛନ୍ତି। ଲକ୍ଷ୍ନୌର ଫିଲ୍ଡ ଜେନେରାଲ ମ୍ୟାନେଜର ରବୀନ୍ଦ୍ର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କର ନବୋଦୟ ପ୍ରକଳ୍ପ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କୃଷକଙ୍କ ଆୟବୃଦ୍ଧି ଦିଗରେ ନିବେଶ କ୍ରେଡିଟ ମଞ୍ଜୁରୀ ଲାଗି ଏଭଳି ଯୋଜନା କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଡିଜିଟାଲ ମୋଡରେ ଋଣ ମଞ୍ଜୁରୀ କରାଯିବ। ଯୋଜନାର ସଫଳ ରୂପାୟନ ଲାଗି ଅଲ ବ୍ୟାଙ୍କ ଫାର୍ମ ଟେକ୍, ଅଲ୍ ବ୍ୟାଙ୍କ ଗ୍ରୀନ ହାଉସ, ଅଲବ୍ୟାଙ୍କ ହର୍ଟିକଲଚର, ଅଲ୍‌ବ୍ୟାଙ୍କ ଫୁଡ ପ୍ରୋସେସିଂ ଏବଂ ଅଲ୍‌ବ୍ୟାଙ୍କ ଇରିଗେଶନ ଭଳି ଯୋଜନା ଆରମ୍ଭ କରାଯାଇଛି। କିଶାନ ପ୍ରଗତି କେନ୍ଦ୍ରର୨୬୦ କୋଟି ଟଙ୍କାର ୨୩୫ ପ୍ରସ୍ତାବ ମିଳିଛି। ଏହା ମଧ୍ୟରେ ୩୭ ପ୍ରସ୍ତାବରେ ୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ଷ୍ଟାର୍ଟଅପ୍ ପ୍ରତିଷ୍ଠାରେ ଦିଲ୍ଲୀ-ଏନ୍‌ସିଆର୍ ସର୍ବାଗ୍ରେ

**ନୂଆଦିଲ୍ଲୀ,୧୦-୯**

ଷ୍ଟାର୍ଟଅପ୍ ଏବଂ ୟୁନିକର୍ନ ପ୍ରତିଷ୍ଠା କ୍ଷେତ୍ରରେ ମୁମ୍ବାଇ, ବେଙ୍ଗାଲୁରୁକୁ ପଛରେ ପକାଇ ଦେଇଛି ଦିଲ୍ଲୀ-ଏନ୍‌ସିଆର୍। ଏଠାରେ ଷ୍ଟାର୍ଟଅପ୍‌ଙ୍କ ସଂଖ୍ୟା ୭୦୩୯ରେ ପହଞ୍ଚିଛି ବୋଲି ଜିନୋଭ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। 'ଟର୍ବୋଚାର୍ଜିଂ ଦିଲ୍ଲୀ-ଏନ୍‌ସିଆର୍ ଷ୍ଟାର୍ଟଅପ୍ସ ଇକୋସିଷ୍ଟମ' ଶୀର୍ଷକ ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରତିଷ୍ଠିତ ମୋଟ ଷ୍ଟାର୍ଟଅପ୍ ମଧ୍ୟରୁ ୨୩% କେବଳ ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରତିଷ୍ଠା କରାଯାଇଛି। ରିପୋର୍ଟ ଅନୁଯାୟୀ କେବଳ ଦିଲ୍ଲୀରେ ୪୪୯୧, ଗୁରୁଗ୍ରାମରେ ୧୫୪୪ ଏବଂ ନୋଏଡାରେ ୧୦୦୪ ଷ୍ଟାର୍ଟଅପ୍ ରହିଛି। ସେହିପରି ବେଙ୍ଗାଲୁରୁରେ ଏହି ସଂଖ୍ୟା ୫୨୩୪, ମୁମ୍ବାଇରେ




୩୮୨୯ ଓ ହାଇଦ୍ରାବାଦ୍‌ରେ ୧୯୪୦ ରହିଛି। ୨୦୦୯ରୁ ୨୦୧୯ ମଧ୍ୟରେ ନୂଆ କମ୍ପାନୀ ପ୍ରତିଷ୍ଠା ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦, ବେଙ୍ଗାଲୁରୁରେ ୯, ମୁମ୍ବାଇ ଓ ପୁନେରେ ୨ଟି ଲେଖାଏ ଏବଂ ଚେନ୍ନାଇରେ ଗୋଟିଏ ୟୁନିକର୍ନ(ଏକକ ନିୟନ୍ତ୍ରଣରେ ଥିବା ନାମୀଦାମୀ ଷ୍ଟାର୍ଟଅପ୍) କମ୍ପାନୀ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଦିଲ୍ଲୀ-ଏନ୍‌ସିଆର୍ ବିଶ୍ୱ ସ୍ତରରେ ୫ ଶୀର୍ଷ ଷ୍ଟାର୍ଟଅପ୍ ହବ୍‌ରେ ପରିଣତ ହୋଇପାରିବ।

## ହୋଣ୍ଡାର ଜାତୀୟ ସଡ଼କ ସୁରକ୍ଷା ସଚେତନତା




**ବାଲେଶ୍ୱର, ୧୦-୯**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ବାଲେଶ୍ୱରରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଡର୍ନ ପବ୍ଲିକ ସ୍କୁଲଠାରେ ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଏସମ୍ପର୍କରେ ସଚେତନ କରାଯାଇଛି। ୩ ଦିନ ଧରି ଚାଲିଥିବା କମ୍ପାନୀର ଏହି ସଚେତନତା କାର୍ଯ୍ୟକ୍ରମରେ ଟ୍ରାଫିକ ନିୟମ ଏବଂ ସଡ଼କ ଶୃଙ୍ଖଳା ଉପରେ ବିଭିନ୍ନ ପ୍ରସଙ୍ଗ ସ୍ଥାନିତ ହୋଇଥିଲା। ପିଲାମାନଙ୍କୁ ଆଗକୁ ଆଇନ ଅନୁପାଳନକାରୀ ନାଗରିକମାନେ ଗଢି ତୋଳିବାରେ ସହାୟକ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ୯୦ ସହରରେ କମ୍ପାନୀ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ୨.୧୦ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଛି। ସୁରକ୍ଷା ପ୍ରସଙ୍ଗକୁ ହୋଣ୍ଡା ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଆଇଡିବିଆଇର ରେପୋ ଲିଙ୍କଡ୍ ଗୃହ, ଅଟୋ ଲୋନ

**ନୂଆଦିଲ୍ଲୀ, ୧୦-୯**

ଚଳିତ ମାସ ୧୦ରୁ ଗୃହ ଏବଂ ଅଟୋ ଋଣ କ୍ଷେତ୍ରରେ ରେପୋ ଲିଙ୍କଡ ଋଣ ଯୋଗାଣ ନେଇ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଚଳିତ ମାସ ୪ରେ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ନୂଆ ଫ୍ଲୋଟିଂ ଖୁଚୁରା ଋଣକୁ ଏକ୍ସଟରନାଲ ବେଞ୍ଚମାର୍କ ସହ ଅକ୍ଟୋବର ୧ରୁ ସଂଯୋଗ କରାଯିବ। ଏଣୁ ସେପ୍ଟେମ୍ବର ୧୦ରୁ ପ୍ରଚଳନ ହେବାକୁ ଥିବା ରେପୋ ସଂଯୋଗୀ ଗୃହ ଋଣ ଅଟୋ ଋଣ ବ୍ୟବସ୍ଥାକୁ ବର୍ତ୍ତମାନ ବ୍ୟାଙ୍କ ପକ୍ଷରୁ ସ୍ଥଗିତ ରଖାଯାଇଛି।

## ୟେସ୍ ବ୍ୟାଙ୍କ ଅଂଶଧନ କିଣିବ ପେଟିଏମ୍

**ନୂଆଦିଲ୍ଲୀ,୧୦-୯**

ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଦେଶର ଅଗ୍ରଣୀ କମ୍ପାନୀ ପେଟିଏମ୍ ଘରୋଇ ୟେସ୍ ବ୍ୟାଙ୍କର ଅଂଶଧନ କିଣିବାକୁ ଯାଉଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ଅଂଶଧନ କିଣିବିକା ନେଇ ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ସହ ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କର ଆଲୋଚନା ଚାଲିଛି। ରିଜର୍ଭ ବ୍ୟାଙ୍କର ଅନୁମତି ମିଳିବା ପରେ ନେଣଦେଣ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସୂଚନାଥାଉ କି, ରାଣା କପୁର ଓ ତାଙ୍କ ପରିବାର ନିକଟରେ ୟେସ୍ ବ୍ୟାଙ୍କର ୯.୬% ଅଂଶଧନ ରହିଛି। ତେବେ ଅଂଶଧନ ବିକ୍ରି ନେଇ ବ୍ୟାଙ୍କ ପକ୍ଷରୁ କୌଣସି ଟିପ୍ପଣୀ କରାଯାଇ ନାହିଁ। ଅନ୍ୟପକ୍ଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବନୀତ ଗିଲ୍ କହିଛନ୍ତି ଯେ, ପ୍ରଶାସନ ଓ ନିୟମ ପାଳନ ଉପରେ ବ୍ୟାଙ୍କ ଅଧିକ ଗୁରୁତ୍ୱ ଦେଉଛି। ଉଲ୍ଲେଖଥାଉ କି, ଆର୍‌ବିଆଇ ପକ୍ଷରୁ ପ୍ରସ୍ତୁତ ନିୟମକୁ ୟେସ୍ ବ୍ୟାଙ୍କ ଅଣଦେଖା କରିବା ଯୋଗୁ ରାଣା କପୁରଙ୍କୁ ବ୍ୟାଙ୍କ ଛାଡ଼ିବାକୁ ପଡିଛି।

## ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ

**ନୂଆଦିଲ୍ଲୀ, ୧୦-୯**

ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଇଲେକଟ୍ରୋନିକ୍ସ ତଥା ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ ଏହି ସେବାର ଆରମ୍ଭ କରିଛନ୍ତି। ବ୍ୟାଙ୍କ ନ ଥିବା ବା କମ୍ ସଂଖ୍ୟକ ବ୍ୟାଙ୍କ ଥିବା ଅଞ୍ଚଳରେ ଏହି ସେବା ଦ୍ୱାରା ଗ୍ରାହକ ଲାଭବାନ ହୋଇ ପାରିବେ। ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ ବିଭାଗ ସଚିବ ଅନନ୍ତ ନାରାୟଣ ନନ୍ଦ, ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସୁରେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସୁବିଧା ଦ୍ୱାରା ଗ୍ରାମାଞ୍ଚଳରେ ଲୋକମାନେ ସୁବିଧାରେ ଆର୍ଥିକ ସେବା ଲାଭ କରିବାକୁ ସକ୍ଷମ ହେବେ ବୋଲି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ କହିଛନ୍ତି। ଜନସାଧାରଣଙ୍କ ଦ୍ୱାରଦେଶରେ ସେବା ପହଞ୍ଚାଇବା ଏହା ଦ୍ୱାରା ସହଜ ହେବ ବୋଲି ବ୍ୟାଙ୍କର ସିଇଓ ସୁରେଶ ସେଠୀ କହିଛନ୍ତି। ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଡାକବାଲା ଏବଂ ଗ୍ରାମୀଣ ଡାକ ସେବକଙ୍କ ଦ୍ୱାରା ନୂଆ ସେବା ଲୋକମାନଙ୍କୁ ଯୋଗାଇ ଦିଆଯିବ। ବ୍ୟାଙ୍କିଂ ସେବା ଯେଭଳି ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବ ତାହା ଧ୍ୟାନରେ ରହିଛି ବୋଲି ଡାକ ବିଭାଗ ସଚିବ ଏ.ଏନ୍.ନନ୍ଦ କହିଛନ୍ତି।

## ଠିକ୍ ନିବେଶ ଏବେ ଚ୍ୟାଲେଞ୍ଜିଂ ହୋଇଛି

**ଭୁବନେଶ୍ୱର, ୧୦-୯ (ବ୍ୟୁରୋ)**




### ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମ

ବର୍ତ୍ତମାନର ଡିଜିଟାଲ ସମୟରେ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ସବୁ କାମ ଅନଲାଇନରେ କରାଯିବା ଆବଶ୍ୟକ। ଅପରପକ୍ଷରେ ଦେଶର ଅଭିବୃଦ୍ଧି ନିମନ୍ତେ ବିନିଯୋଗ କରିବା ମଧ୍ୟ ଜରୁରୀ। ବିନିଯୋଗ ନିମନ୍ତେ କ୍ରୟ ଏବଂ କ୍ରୟ ଲାଗି ବିକ୍ରୟ କୁ ମଧ୍ୟ ବିଚାର କରିବାକୁ ହେବ। ଏଭଳି ସ୍ଥିତିରେ ଠିକ୍ ନିବେଶ କରିବା ଏବେ ଚ୍ୟାଲେଞ୍ଜିଂ ହୋଇଛି ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷ (ଆଇଇପିଏଫଏ)ଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ଶ୍ରୀନିବାସ କହିଛନ୍ତି ଯେ, ନିବେଶ ପଦ୍ଧତିରେ ବହୁ ନିୟାମକ, ମଧ୍ୟସ୍ଥି ଏବଂ ବ୍ୟବସ୍ଥାପକ ସଂସ୍ଥାଗୁଡିକ ସଂଶ୍ଳିଷ୍ଟ। ଏହାକୁ ଧ୍ୟାନରେ ରଖି ନିବେଶକ ଶିକ୍ଷା ଏବଂ ସଚେତନତା ବୃଦ୍ଧି କରିବାକୁ ହେବ। ଏଥିଲାଗି ଏକ ନେଟ୍‌ୱର୍କ ସହ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାରକୁ ବିଚାରକୁ ନିଆଯିବା ସହ ଉକ୍ତ କ୍ଷେତ୍ରରେ ହେଉଥିବା ଠକେଇକୁ ରୋକାଯାଇ ପାରିବ ବୋଲି ଶ୍ରୀନିବାସ ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭଲ ସମ୍ପର୍କ ରହିଲେ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଗ୍ରାମୀଣ ଅର୍ଥନୀତି ବିକାଶ ଦିଗରେ ନିବେଶକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିବେଶକ ନୀତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଆଇଇପିଏଫଏର ଏଭଳି ପଦକ୍ଷେପ ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ମନୋଜ ପାଣ୍ଡେ, ଆଇଇପିଏଫଏ ସଦସ୍ୟ ରାଜୀବ ଶେଖର ସାହୁ, ଆଇସିଏଆଇ ସଭାପତି ପ୍ରଫୁଲ୍ଲ ପି.ଛୋଜେଦ ପ୍ରମୁଖ ଯୋଗଦେଇଥିଲେ।



ବିରାଟ କୋହଲିଙ୍କୁ ଆଉଟ କରିବା ଲାଗି ଆମ ଅନଭିଜ୍ଞ ବୋଲର ଆନ୍‌ରିଚ୍ ନୋର୍ଜେ, ଜୁନିୟର ଡାଲା, ବେରନ ହେଣ୍ଡ୍ରିକ୍ସ ଓ ଆଣ୍ଡିଲ୍ ଫେଲୁକ୍ୱେଓଙ୍କ ପାଇଁ ଚ୍ୟାଲେଞ୍ଜ ହେବ ।

–କାଗିସୋ ରାବାଡା, ଦକ୍ଷିଣ ଆଫ୍ରିକା ପେସ୍ ବୋଲର

ଜଣେ ଖେଳାଳି ଏବଂ ଅଧିନାୟକ ହିସାବରେ ଫାଫ୍ ଡୁ'ପ୍ଲେସିଙ୍କ ଯଥେଷ୍ଟ ଅବଦାନ ରହିଛି, କିନ୍ତୁ ଭବିଷ୍ୟତରେ କ୍ୱିଣ୍ଟନ ଡି'କକ୍‌ଙ୍କ ନେତୃତ୍ୱ ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବ ।

–ଏନୋଚ୍ ଏନ୍‌କ୍ୱେ, ଦକ୍ଷିଣ ଆଫ୍ରିକା କ୍ରିକେଟ କାମଚଳା ନିର୍ଦ୍ଦେଶକ



## ସଂକ୍ଷେପରେ

### ସେଲ୍ ଥେରାପି ପାଇଁ ପ୍ୟାରିସ୍‌ରେ ସୁମାକର



**ପ୍ୟାରିସ୍, ୧୦।୯ (ଏଏଫ୍‌ପି):** ଆଘାତପ୍ରାପ୍ତ ୭ଥର ଚାମ୍ପିୟନ ଫର୍ମୁଲା ୱାନ ବିଶ୍ୱ ଚାମ୍ପିୟନ ମାଇକେଲ ସୁମାକରଙ୍କୁ ପ୍ୟାରିସର ଜର୍ଜେସ ପମ୍ପିଡୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ସେଲ୍ ଥେରାପି ସର୍ଜରି ହେବ ବୋଲି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଡାକ୍ତରଖାନାରେ ଫେରାରିର ପୂର୍ବତନ ଷ୍ଟାର ଡ୍ରାଇଭର ପୂର୍ବରୁ ଦୁଇଥର ଏହି ଚିକିତ୍ସା ହୋଇ ସାରିଛନ୍ତି। ୨୦୧୩ ଡିସେମ୍ବରରେ ଏକ ସ୍କି ଦୁର୍ଘଟଣାରେ ସେ ଗୁରୁତର ଭାବେ ଆହତ ହେବା ପରେ ୬ ମାସ ଧରି ହସ୍ପିଟାଲରେ କୋମା ଅବସ୍ଥାରେ ଥିଲେ। ୨୦୧୪ ସେପ୍ଟେମ୍ବରରେ ସେ ନିଜ ବାସଭବନକୁ ଫେରି ଘରୋଇ ଭାବେ ଚିକିତ୍ସିତ ହୋଇ ଆସୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବାହାରକୁ ଖୁବ୍ କମ୍ ସୂଚନା ଆସିଥାଏ।

### ଇଷ୍ଟ ଜୋନ୍ ସ୍ନୁକର: କ୍ୱାର୍ଟରରେ ସୁବ୍ରତ



**ଭୁବନେଶ୍ୱର,୧୦।୯(ସ୍ପୋର୍ଟସ ବ୍ୟୁରୋ):** ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍ ମଙ୍ଗଳବାର ଷଷ୍ଠ ଦିବସରେ ପହଞ୍ଚିଛି। ଓଡ଼ିଆର ସୁବ୍ରତ୍ ଦାସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୁବ୍ରତ ୪-୨ରେ ନିଜ ରାଜ୍ୟର ଜାକିର ଅଲିଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ ପଶ୍ଚିମବଙ୍ଗର କିଙ୍ଗସୁକ ସାହା ୩-୨ରେ ଓଡ଼ିଶାର ସତ୍ୟକାମ ମହାନ୍ତିଙ୍କୁ ହରାଇଛନ୍ତି। ସେହିପରି ଛତିଶଗଡ଼ର ଆଦର୍ଶ ବର୍ମା ୩-୦ରେ ଓଡ଼ିଶାର ଅମୀୟ ନାୟକଙ୍କୁ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ରାକେଶ ରୋଶନ ପ୍ରଦାନ ୩-୨ରେ ନିଜ ରାଜ୍ୟର ଉଧ୍ୱାସ ମହାପାତ୍ରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଟୁର୍ନାମେଣ୍ଟରେ ଏକାଧିକ ଖେଳାଳି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ବାକିଥିବା ଗେଷ୍ଟ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବେ ଓ ପ୍ରି- କ୍ୱାର୍ଟର ଫାଇନାଲରୁ ଅଭିଯାନ ଆରମ୍ଭ କରିବେ।

# ଭାରତ 'ଏ' ଦଳରେ ଓଡ଼ିଶାର ଦିବ୍ୟଦର୍ଶିନୀ

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

ପ୍ରତିଭାସମ୍ପନ୍ନ ମହିଳା କ୍ରିକେଟ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଓଡ଼ିଶା କ୍ରିକେଟ ପାଇଁ ଆଣିଛନ୍ତି ଏକ ଖୁସି ଖବର। ପୂର୍ବରୁ ଭାରତୀୟ ବୋର୍ଡ ଏକାଦଶ ଦଳରେ ସାମିଲ ହୋଇ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇ ସାରିଥିବା ଦିବ୍ୟଦର୍ଶିନୀ ମଙ୍ଗଳବାର ଘୋଷିତ ଭାରତୀୟ ମହିଳା 'ଏ' ଏବଂ ଇମର୍ଜିଂ ମହିଳା ଦଳରେ ସ୍ଥାନ ପାଇ ରାଜ୍ୟ କ୍ରିକେଟକୁ ଗର୍ବିତ କରିଛନ୍ତି।

**ଭାରତୀୟ ମହିଳା 'ଏ' ଦଳ**

**ଦେବିକା ବୈଦ୍ୟ(ଅଧିନାୟିକା), ଏସ୍.ମେଘନା (ଉପ-ଅଧିନାୟିକା), ଯଷ୍ଟିକା ଭାଟିଆ, ତେଜାଲ ହାସବନିସ, ତନୁଶ୍ରୀ ସରକାର, ସିମରନ ଦିଲ ବାହାଦୁର, ନୁଜତ ପରବିନ, ଆର.କଳ୍ପନା, ମାନାଲି ଦକ୍ଷିଣୀ, କସ୍‌ମା ସିଂ, ଅଞ୍ଜଳି ସରୱାନୀ, ମିନୁ ମାନି, ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ଟି.ପି. କନୱାର, ରଶି କାନୋଜିଆ।**

ଏଥିସହ ଏହି ଓଡ଼ିଆ ଝିଅ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ଦିଗରେ ଆଉ ଏକପାଦ ଅଗ୍ରସର ହୋଇଛନ୍ତି। ଦିବ୍ୟଦର୍ଶିନୀ ଜାଗୃତି କ୍ରିକେଟ ଏକାଡେମୀ(ଏସ୍‌ଜିଓ)ରେ କୋଚ୍ କ୍ଷୀରୋଦ ବେହେରାଙ୍କ ନିକଟରୁ ପ୍ରଶିକ୍ଷଣପ୍ରାପ୍ତ। ଭାରତ'ଏ' ଦଳ କକ୍ସବଜାରସ୍ଥିତ ଶେଖ୍ କମଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ୩ଟି ଅନଅଫିସିଆଲ ଏକଦିବସୀୟ ମ୍ୟାଚ ଖେଳିବ। ଏହାପରେ ଚଟ୍ଟଗ୍ରାମର ଜହୁର ଅହମ୍ମଦ କ୍ରିକେଟ ଷ୍ଟାଡିୟମରେ ୩ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ବାଂଲାଦେଶ ଗସ୍ତପରେ ଭାରତ'ଏ' ଶ୍ରୀଲଙ୍କାରେ ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ଏସିସି ଇମର୍ଜିଂ ମହିଳା ଏସିଆ କପ୍‌ରେ ଭାଗନେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମୁଖ୍ୟ କାର୍ଯ୍ୟାଳୟରେ ହେମଲତା କାଲାଙ୍କ ଅଧକ୍ଷତାରେ ମଙ୍ଗଳବାର ସର୍ବଭାରତୀୟ ମହିଳା ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇ ଦଳ ଚୟନ କରାଯାଇଛି। ଦେବିକା ବୈଦ୍ୟଙ୍କୁ ଅଧିନାୟିକା ଏବଂ ଏସ୍.ମେଘନାଙ୍କୁ ଉପ ଅଧିନାୟିକା ମନୋନୀତ କରାଯାଇଛି।

## ଲକ୍ଷ୍ୟ ପଥରେ ସୁଶ୍ରୀ: କ୍ଷୀରୋଦ

ଭାରତ 'ଏ' ଦଳରେ ସ୍ଥାନ ପାଇ ସୁଶ୍ରୀ ଠିକ୍ ପଥରେ ରହିଥିବା ପ୍ରମାଣିତ କରିଛି। ବାଂଲାଦେଶ ବିପକ୍ଷ ସିରିଜ ଏବଂ ଇମର୍ଜିଂ ଏସିଆ କପ୍‌ରେ ତାଙ୍କୁ ଅନେକ ଅଭିଜ୍ଞତା ମିଳିବ। ଏଥିରେ ଉଭୟ ବ୍ୟାଟିଂ ଓ ବୋଲିଂ ପ୍ରତି ଯତ୍ନବାନ ହେବାକୁ ଅଧିକ ସୁଯୋଗ ମିଳିବ। ଇମର୍ଜି ଏସିଆ କପ୍‌ରେ ବିଭିନ୍ନ ଦେଶ ବିପକ୍ଷରେ ଖେଳିବାଦ୍ୱାରା ସୁଶ୍ରୀଙ୍କ ପ୍ରଦର୍ଶନ ଅଧିକ ମାର୍ଜିତ ହୋଇପାରିବ। ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ପାଇଁ ଏହା ଏକ ପାହାଚ୍ ବା ଶିଡ଼ି କୁହାଯାଇପାରିବ। ଭାରତୀୟ ସିନିୟର ଦଳରୁ ପ୍ରତିନିଧିତ୍ୱ କରିବାକୁ ତାଙ୍କ ନିକଟରେ ସମସ୍ତ କ୍ୱାଲିଟି ରହିଛି। ସେ ନିଜ ଲକ୍ଷ୍ୟର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ଏବେ ତାଙ୍କୁ ବାଂଲାଦେଶରେ ଏବଂ ଶ୍ରୀଲଙ୍କାରେ ଶ୍ରେଷ୍ଠ ପ୍ରଦର୍ଶନ କରିବାର ଅଛି ବୋଲି ପୂର୍ବତନ ରାଜ୍ୟ ୧୯ ବର୍ଷରୁ କମ୍ କୋଚ୍ ଏବଂ ଜୁନିୟର ଚୟନକର୍ତ୍ତା ତଥା ଦିବ୍ୟଦର୍ଶିନୀଙ୍କ କୋଚ୍ କ୍ଷୀରୋଦ ବେହେରା ପ୍ରକାଶ କରିଛନ୍ତି।

## ବିଦେଶ ମାଟିରେ ଖେଳିବାକୁ ବ୍ୟଗ୍ର: ସୁଶ୍ରୀ

ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନା ଓଡ଼ିଶା ମହିଳା କ୍ରିକେଟରେ ଏହା ଏବେ ସବୁଠାରୁ ଚର୍ଚ୍ଚିତ ନାମ। ରାଜ୍ୟ ଏବଂ ଜୋନାଲ ସ୍ତରରେ ଆକର୍ଷଣୀୟ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଦିବ୍ୟଦର୍ଶିନୀ ଗତ କିଛିଦିନ ତଳେ ବୋର୍ଡ ସଭାପତି ଏକାଦଶ ଦଳରେ ସ୍ଥାନ ପାଇଥିଲେ। ମଙ୍ଗଳବାର ଘୋଷିତ ଭାରତ 'ଏ' ଏବଂ ଇମର୍ଜି ଏସିଆ କପ୍ ପାଇଁ ଦଳରେ ସ୍ଥାନ ପାଇ ସେ ବେଶ୍ ଉତ୍ସାହିତ। ବିଦେଶ ମାଟିରେ ଖେଳିବାକୁ ବ୍ୟଗ୍ରଥିବା ଦିବ୍ୟଦର୍ଶିନୀ ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବାକୁ ଆଶା ରଖିଛନ୍ତି।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

**ପ୍ରଥମେ ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଏବେ ଭାରତ 'ଏ' ଏବଂ ଇମର୍ଜିଂ ଦଳରେ ସ୍ଥାନ ପାଇଛ, କେମିତି ଅନୁଭବ ହେଉଛି ?**

▶▶ ବହୁତ ଖୁସି ଲାଗୁଛି। ବିଶେଷ କରି ବିଦେଶ ମାଟିରେ ଖେଳିବାକୁ ଯାଉଥିବାରୁ ଏହା ମୋ ପାଇଁ ବହୁତ ବଡ଼ ଅଭିଜ୍ଞତା ଆଣିବ। ମୁଁ ଆଗାମୀ ସିରିଜ ଏବଂ ଟୁର୍ନାମେଣ୍ଟରେ ଖେଳିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛି।

**ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବାକୁ ଏହା ଏକ ସୁଯୋଗ ବୋଲି ଭାବୁଛନ୍ତି କି ?**

▶▶ ବାଂଲାଦେଶରେ ଭାରତ 'ଏ' ପକ୍ଷରୁ ଭଲ ପ୍ରଦର୍ଶନ କରିପାରିଲେ ମୁଁ ନିଶ୍ଚିତ ସିନିୟର ଦଳରେ ସ୍ଥାନ ପାଇବାକୁ ଆଶା ରଖିପାରିବି। ବାଂଲାଦେଶରେ ୬ଟି ମ୍ୟାଚ ଏହାପରେ ଇମର୍ଜି ଏସିଆ କପ୍। ପ୍ରଭାବୀ ପ୍ରଦର୍ଶନ କରି ମୁଁ ଜାତୀୟ ସିନିୟର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆଶା ରଖିଛି।

**ନିକଟରେ କେଉଁ ପ୍ରଦର୍ଶନ ପାଇଁ ଭାରତ 'ଏ' କିମ୍ବା ଇମର୍ଜିଂ ଦଳରେ ସ୍ଥାନ ମିଳିଲା ବୋଲି ଭାବୁଛନ୍ତି।**

▶▶ ମୁଁ ସିନିୟର ଏକଦିବସୀୟରେ ଲୋୟର ଅର୍ଡରରେ ଆସିଥିଲେ ହେଁ ୪ଟି ଅର୍ଦ୍ଧଶତକ ହାସଲ କରିଥିଲି। ସ୍ପିନ ବୋଲିଂରେ ୧୭-୧୮ଟି ଉଇକେଟ ମଧ୍ୟ ନେଇଥିଲି। ଟି୨୦ରେ ମଧ୍ୟ ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ଥିଲି। ୨୩ ବର୍ଷରୁ କମ୍ ବିଭାଗରେ ମଧ୍ୟ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରିଥିଲି। ସିଜନସାରା ମୁଁ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲି। ଟି୨୦ ଚ୍ୟାଲେଞ୍ଜର୍ସରେ ମୋତେ ଗୋଟିଏ ମ୍ୟାଚରେ ସୁଯୋଗ ମିଳିଥିଲା। ସେଥିରେ ମୁଁ ୪ ଓଭରରେ ୪ଟି ଉଇକେଟ ନେଇଥିଲି। ମହିଳା ଆଇପିଏଲ୍‌ରେ ମଧ୍ୟ ଭଲ ଖେଳିଥିଲି। ତେଣୁ ଓଭରଅଲ୍ ପ୍ରଦର୍ଶନକୁ ଦେଖାଯାଇ ମୋତେ ଏହି ସୁଯୋଗ ଦିଆଯାଇଛି ବୋଲି ଅନୁଭବ କରୁଛି।

**ବ୍ୟାଟିଂ ନା ବୋଲିଂ, କେଉଁଥିରେ ତୁମେ ଶକ୍ତିଶାଳୀ?**

▶▶ ମୁଁ ମୁଖ୍ୟତଃ ବୋଲିଂ ଅଲରାଉଣ୍ଡର। ବ୍ୟାଟିଂ କରିବାକୁ ବେଶି ସୁଯୋଗ ମିଳେନି। ଯେତେବେଳେ ବି ସୁଯୋଗ ମିଳିଛି ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛି। ତେବେ ଟିମ୍‌ରେ ମୋ ବୋଲିଂକୁ ବେଶି ଫୋକସ କରାଯାଉଛି। ବୋଲିଂ ମୋର ଭଲ ଅଛି, ବ୍ୟାଟିଂରେ ଆଉଟିକେ ଉନ୍ନତି ଆଣିବାକୁ ପଡ଼ିବ।

**ସଫଳତାର ଶ୍ରେୟ ତୁମେ କାହାକୁ ଦେବାକୁ ଚାହିଁବ ?**

▶▶ ପ୍ରଥମେ ମୁଁ କୋଚ୍ କ୍ଷୀରୋଦ ବେହେରାଙ୍କୁ ନିଶ୍ଚିତ ଶ୍ରେୟ ଦେବି। ମୋ ଛୋଟ ବେଳରୁ ସେ ମୋତେ ସାହାଯ୍ୟ କରି ଆସିଛନ୍ତି ଏବଂ ତ୍ରୁଟି ସୁଧାରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନକୁ ମଧ୍ୟ ଶ୍ରେୟ ଦେବାକୁ ପଡ଼ିବ। କାରଣ ଆମ ଆସୋସିଏଶନ ମହିଳା କ୍ରିକେଟକୁ ପ୍ରାଧାନ୍ୟ ଦେଉଛନ୍ତି। ଆସୋସିଏଶନର ସହାୟତା ପାଇଁ ଆମେ ଆଗକୁ ବଢ଼ିବାକୁ ସକ୍ଷମ ହୋଇ ପାରିଛୁ।

*ସାକ୍ଷାତ: ତପନ ସ୍ୱାଇଁ*

# ମଜଭୁତ ସ୍ଥିତିରେ ଭାରତ–ଏ

**ଥିରୁଭାନନ୍ଥପୁରମ, ୧୦।୯**

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା–ଏ ବିପକ୍ଷରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ–ଏ ଦୃଢ଼ସ୍ଥିତିରେ ରହିଛି। ୧୩୯ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା–ଏ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଙ୍ଗଳବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩୫ ଓଭରରେ ୫ ଉଇକେଟ୍ ହରାଇ ୧୨୫ ରନ ସଂଗ୍ରହ କରିଛି। ଉଇକେଟ୍‌କିପର ହେନରୀ କ୍ଲାସେନ ୩୫ ଓ ୱିଆନ ମଲ୍‌ଡର ୧୨ ରନ୍ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଏଡେନ ମାର୍କରାମ ୪, ପିଟର ମଲାନ ୪, ଜୁବାୟର ହମଜା ୪୪, ଖାୟା ଜୋଣ୍ଡୋ ୧୦ ଓ ସେନୁରାନ ମୁଥୁସାମୀ ୪ ରନ୍ କରି ଆଉଟ୍ ହୋଇଛନ୍ତି। ଘରୋଇ ଭାରତ–ଏ ପକ୍ଷରୁ ଶାହବାଜ ନଦିମ ୨ ଏବଂ ମହମ୍ମଦ ସିରାମ, ଶାର୍ଦ୍ଦୁଳ ଠାକୁର ଓ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ହାତରେ ୫ ଉଇକେଟ୍ ରହିଥିବାବେଳେ ଭାରତ–ଏ ଇନିଂସ ପରାଜୟ ଏଡ଼ାଇବା ପାଇଁ ଆହୁରି ୧୪ ରନ୍ ଆବଶ୍ୟକ କରୁଛି। ମ୍ୟାଚ୍ ଆହୁରି ୨ ଦିନ ବଳକା ରହିଥିବାବେଳେ ଫଳାଫଳ ବାହାରିବା ସ୍ପଷ୍ଟ ହୋଇଛି।

ପୂର୍ବରୁ ଦକ୍ଷିଣ ଆଫ୍ରିକା–ଏ'ର ପ୍ରଥମ ଇନିଂସ ସ୍କୋର ୧୬୪ ରନ ଜବାବରେ ଭାରତ–ଏ ସୋମବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ୍ ହରାଇ ୧୨୯ ରନ କରିଥିଲା। ମଙ୍ଗଳବାର ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ କରି ଭାରତ–ଏ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ଯୋଗୁ ୮୭.୫ ଓଭରରେ ୩୦୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୯୦ ରନ ସଂଗ୍ରହ କରିଥିଲେ। ସେ ନିଜ ପୂର୍ବଦିନର ସ୍କୋରରେ ଆଉ ୨୩ ରନ ଯୋଡ଼ି ଡେନ୍ ପିଡେଟ୍‌ଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ସେହିପରି ଉଇକେଟ୍‌କିପର ଶ୍ରୀକର ଭରତ ୩୩ ଓ ନିମ୍ନକ୍ରମରେ ଶାର୍ଦ୍ଦୁଳ ଠାକୁର ୩୪ ରନ କରିଥିବାବେଳେ ଜଲାଜ ସକ୍ସେନା ୬୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଲୁନଗି ଏନ୍‌ଗିଡି ଓ ପିଡେଟ୍ ୩ଟି ଲେଖାଏ ଏବଂ ମାର୍କୋ ଜାନସେନ ଓ ଲୁଥୋ ସିପମଲ ୨ଟି ଲେଖାଏ ଉଇକେଟ୍ ବାଣ୍ଟି ନେଇଥିଲେ।

# ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି

**କୋଲକାତା, ୧୦।୯**

ଭାରତୀୟ କ୍ରିକେଟ ଦଳର ପ୍ରମୁଖ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି ମିଳିଛି। ସାମିଙ୍କ ବିରୋଧରେ ହୋଇଥିବା ଗିରଫ ୱାରେଣ୍ଟ ଆଦେଶ ଉପରେ ଜିଲା କୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ପୂର୍ବରୁ ସାମିଙ୍କ ସ୍ତ୍ରୀ ହସିନା ଜହାନ ତାଙ୍କ ନାମରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ। ଏହି ମାମଲାରେ ଗତ ସପ୍ତାହରେ କୋର୍ଟ ସାମି ଏବଂ ତାଙ୍କ ଭାଇ ହସିଦ୍ ଅହମ୍ମଦଙ୍କ ନାମରେ ଆଡିଶନାଲ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ (ଏସିଜେଏମ୍) ଗିରଫ ୱାରେଣ୍ଟି ଜାରି କରିଥିଲେ। ସାମି ସେହି ସମୟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଥିବାରୁ ସେଠାରୁ ଫେରିବାର ୧୫ ଦିନ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ଏସିଜେଏମ୍‌ଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ସାମି ଏହାକୁ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେଠାରେ ସାମିଙ୍କ ଗିରଫ ୱାରେଣ୍ଟି ଉପରେ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ କୋର୍ଟ ଜର୍ଜ ରାଇ ଚଟ୍ଟୋପାଧ୍ୟାୟ ଅନ୍ତରୀଣ ରୋକ୍ ଲଗାଇଥିବା ତାଙ୍କ ଓକିଲ ଶେଖ ସଲିମ ରହମାନ କହିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨ରେ ହେବ ବୋଲି ଜଣାପଡ଼ିଛି।

## ଭାରତ ଯୋଗୁ ଶ୍ରୀଲଙ୍କା ଖେଳାଳି ରାଜି ହେଉନାହାନ୍ତି

**ଲାହୋର,୧୦।୯:** ଭାରତୀୟ କର୍ତ୍ତୃପକ୍ଷଙ୍କ ଚାପରେ ବଶବର୍ତ୍ତୀ ହୋଇ ଶ୍ରୀଲଙ୍କା କ୍ରିକେଟ ଖେଳାଳିମାନେ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉ ନ ଥିବା ଏହି ଦେଶ ଜଣେ ମନ୍ତ୍ରୀ ଫାୱାଦ ହୁସେନ ଅଭିଯୋଗ କରିଛନ୍ତି। ସୁରକ୍ଷାଜନିତ କାରଣରୁ ଶ୍ରୀଲଙ୍କାର ୧୦ଜଣ ଖେଳାଳି ପାକିସ୍ତାନ ଗସ୍ତରେ ଯିବା ଲାଗି ମନା କରିଦେବାର ଦିନକ ପରେ ମନ୍ତ୍ରୀ ଜଣକ ଏହି ଅଭିଯୋଗ କରିଛନ୍ତି। ଯେଉଁ ଖେଳାଳିମାନେ ପାକିସ୍ତାନରେ ଖେଳିବେ ସେମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳାଯିବ ନାହିଁ ବୋଲି ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷଙ୍କ ତରଫରୁ ଚେତାଇ ଦିଆଯାଇଛି। ଏହା ଏକ ହୀନ କୌଶଳ ଏବଂ କ୍ରୀଡ଼ା କ୍ଷେତ୍ରରେ ଏହା ଶୋଭନୀୟ ନୁହେଁ ବୋଲି ହୁସେନ କହିଛନ୍ତି। ସୁରକ୍ଷାଜନିତ କାରଣରୁ ଟି୨୦ ଅଧିନାୟକ ଲସିଥ ମାଲିଙ୍ଗା ଏବଂ ପୂର୍ବତନ ଅଧିନାୟକ ଦ୍ୱୟ ଆଞ୍ଜେଲୋ ମାଥ୍ୟୁସ ଓ ଥିସାରା ପେରେରା ଆସନ୍ତା ପାକିସ୍ତାନ ଟୁର୍‌ରୁ ଓହରି ଯାଇଛନ୍ତି। ୨୦୦୯ ମାର୍ଚ୍ଚରେ ଏକ ଟେଷ୍ଟ ମ୍ୟାଚ ବେଳେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଏକ ଆତଙ୍କବାଦୀ ଆକ୍ରମଣ ପରେ ଅଧିକାଂଶ ଅନ୍ତର୍ଜାତୀୟ ଟିମ୍ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉନାହାନ୍ତି। ପାକିସ୍ତାନ ବିପକ୍ଷରେ ୬ ମ୍ୟାଚ ବିଶିଷ୍ଟ ସୀମିତ ଓଭର ସିରିଜ ଲାଗି ଶ୍ରୀଲଙ୍କା ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ କରିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଟୁର୍‌ରେ ଯିବା ଇଚ୍ଛାଧୀନ ବୋଲି ଖେଳାଳିମାନଙ୍କୁ କୁହାଯାଇଥିଲା। କରାଚୀରେ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବାକୁଥିବା ଏହି ସିରିଜରେ ୩ ଟି ଲେଖାଏଁ ଦିନିକିଆ ଓ ଟି୨୦ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଟୁର୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ଅନ୍ୟ ୭ ଖେଳାଳି ହେଲେ ନିରୋଶାନ ଡିକ୍‌ୱେଲା, କୁସାଲ ପେରେରା, ଧନଞ୍ଜୟ ଡି' ସିଲ୍‌ଭା, ଆକିଲା ଦନଞ୍ଜୟ, ସୁରଙ୍ଗ ଲକମଲ, ଦୀନେଶ ଚାଣ୍ଡିମଲ ଓ ଦିମୁଥ କରୁଣାରତ୍ନେ।




ଫାୱାଦ ହୁସେନ

# ସ୍ୱସ୍ତିକ, ସତ୍ୟେନ୍ଦ୍ର, ଅନନ୍ତଙ୍କୁ ସରୋଜ ମହାସୁଆର ପୁରସ୍କାର

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

ଯୁବ କ୍ରିକେଟର ସ୍ୱସ୍ତିକ ସାମଲ ଏବଂ ରାଜ୍ୟର ଦୁଇ ଜଣାଶୁଣା ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମିଶ୍ର ଚଳିତ ବର୍ଷର ସରୋଜ ମହାସୁଆର ସ୍ମୃତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ପ୍ରଦାନର ଧାରା ଗତ ୧୬ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଛି। ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ଯୁବ କ୍ରିକେଟର ଅଫ୍ ଦି ଇୟର ଏବଂ ସତ୍ୟେନ୍ଦ୍ର ଓ ଅନନ୍ତ ଯୁଗ୍ମଭାବେ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ପାଇବେ। ସରୋଜ ମହାସୁଆର ସ୍ମୃତି କମିଟି ଏବଂ ବରିଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ନେଇ ଗଠିତ ଚୟନ କମିଟି ଏହି ୩ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରିଛି। ଚଳିତମାସ ୧୫ ତାରିଖରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ୨୦୧୬–୧୭ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଥିବା ସ୍ୱସ୍ତିକ ଭାରତୀୟ ଯୁବ ଦଳରେ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି କରିଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ପାଇଁ ସେ ଜେଡ୍‌ସିଏ ଏବଂ ଏନ୍‌ସିଏ ଶିବିରରୁ ଡାକରା ପାଇଛନ୍ତି। ଗତ ସିଜନରେ ସେ ୪୫୨ ରନ କରି ରାଜ୍ୟର ଅଗ୍ରଣୀ ସ୍କୋରର ହୋଇଥିଲେ। ଏଥିପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନସିଏ) ଡାକରା ପାଇବା ସହ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ସ୍ଥାନ ପାଇଥିଲେ। ସିନିୟର ବର୍ଗରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଦଳରେ ମଧ୍ୟ ସ୍ଥାନ ପାଇଥିଲେ। ରାଜ୍ୟ ଭିନୁ ମଙ୍କଡ ଓ କୁଚ୍‌ବିହାର ଟ୍ରଫିରେ ଦଳର ନେତୃତ୍ୱ ନେଇଥିଲେ। ୨୩ ବର୍ଷରୁ କମ୍ ସି.କେ.ନାଇଡୁ ଦଳରୁ ମଧ୍ୟ ଖେଳିଥିଲେ। ରାଉରକେଲା ଛେଣ୍ଡ କଲୋନୀର ମଧୁସ୍ମିତା ଓ ପୀୟୂଷ ପ୍ରକାଶ ସାମଲଙ୍କ ପୁଅ ସ୍ୱସ୍ତିକ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଭାବେ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛନ୍ତି।

ସତ୍ୟେନ୍ଦ୍ର ଓ ଅନନ୍ତ ଗତ ୩ ଦଶନ୍ଧିଧରି ରାଜ୍ୟରେ କ୍ରିକେଟ ଅମ୍ପାୟରିଂ କରି ଆସୁଛନ୍ତି। ନିମାପଡ଼ାର ୫୪ ବର୍ଷୀୟ ସତ୍ୟେନ୍ଦ୍ର ୧୯୯୨ରୁ ଏବଂ ଭୁବନେଶ୍ୱରର ୪୯ ବର୍ଷୀୟ ଅନନ୍ତ ୧୯୯୦ରୁ ଅମ୍ପାୟରିଂ କରି ଆସୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନର ପ୍ୟାନେଲ ଅମ୍ପାୟରଭାବେ ଉଭୟ ଆନ୍ତଃଜିଲା, ଆନ୍ତଃମହାବିଦ୍ୟାଳୟ, ରାଜ୍ୟସ୍ତରୀୟ, ସର୍ବଭାରତୀୟ ପ୍ରତିଯୋଗିତାଗୁଡ଼ିକରେ ମ୍ୟାଚ ପରିଚାଳନା କରିବାର ଦକ୍ଷତା ରଖିଛନ୍ତି। ଯୁବ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପୂର୍ବରୁ ୨୦୦୪ରେ ଦୀପକ ମଙ୍ଗରାଜ, ୨୦୦୫ରେ ପରେଶ ପଟେଲ, ୨୦୦୬ରେ ଆଡିଶ ଜେନା, ୨୦୦୭ରେ ଆଲୋକ ସାହୁ–ଆଲୋକ ମଙ୍ଗରାଜ, ୨୦୦୮ରେ ହଳଧର ଦାସ, ୨୦୦୯ରେ ବସନ୍ତ ମହାନ୍ତି, ୨୦୧୦ରେ ନଟରାଜ ବେହେରା, ୨୦୧୧ରେ ସୌମେନ୍ଦ୍ର ଦାସ, ୨୦୧୨ରେ ମାଧୁରୀ ମେହେଟା, ୨୦୧୩ରେ ରୋଶନାରା ପରବିନ, ୨୦୧୪ରେ ସ୍ୱାଗତିକା ରଥ, ୨୦୧୫ରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ୨୦୧୬ରେ ରଣଜୀତ ସିଂ, ୨୦୧୭ରେ ପ୍ରୀତ ସିଂ କନୱର ଏବଂ ୨୦୧୮ରେ ରଘୁନାଥ ମଲ୍ଲ ପାଇଥିଲେ। ସେହିପରି ଅରୁଣ କୁମାର ବାସା, ସୁବ୍ରତ ଦାସ, ମାରିଓ ଫ୍ରାନ୍ସିସ, ବିଭୁ ଶତପଥୀ, ପରାସର ବିଶ୍ୱାଳ, ଚଣ୍ଡିପ୍ରସନ୍ନ ମହାପାତ୍ର, ଅସିତ ପଟ୍ଟନାୟକ, ପବିତ୍ର ପ୍ରଧାନ, ଶରତ କୁମାର ସାହୁ, ନିର୍ମଳ ମିଶ୍ର ପୂର୍ବରୁ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା ପ୍ରତିଯୋଗିତାରେ ଏକ ମ୍ୟାଚ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ବାଟରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।



ସତ୍ୟେନ୍ଦ୍ର ମୋହନ ମହାନ୍ତି



ଅନନ୍ତ ବାସୁଦେବ ମିଶ୍ର




ସ୍ୱସ୍ତିକ ସାମଲ



"କେ.ଏଲ୍. ରାହୁଲଙ୍କ ଫର୍ମକୁ ନେଇ ଦଳ ଚିନ୍ତିତ, ତାଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ ଭାରତୀୟ ଟେଷ୍ଟ ଦଳରେ ଓପନର ଭାବେ ନିଆଯାଇପାରେ ।

– ଏମ୍.ଏସ୍.କେ. ପ୍ରସାଦ, ମୁଖ୍ୟ ଚୟନକର୍ତ୍ତା



"ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ମଧ୍ୟରେ ହୁଏତ ମତଭେଦ ଥାଇପାରେ, ଏହାର ଅର୍ଥ ନୁହେଁ ଯେ, ଦୁଇ ଖେଳାଳିଙ୍କ ମଧ୍ୟରେ ବିବାଦ ରହିଛି ।

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍

## ସଂକ୍ଷେପରେ

### ପାରା ଅଲିମ୍ପିକ କମିଟିଠାରୁ ସ୍ୱୀକୃତି ପ୍ରତ୍ୟାହାର କଲା କ୍ରୀଡ଼ା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୧୦।୯(ପି.ଟି.):** ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ଠାରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। ପିସିଆଇ ଜାତୀୟ କ୍ରୀଡ଼ା ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ମନ୍ତ୍ରଣାଳୟ ଏହି କଡ଼ା ନିଷ୍ପତ୍ତି ନେଇଛି। ପିସିଆଇ ଅଧକ୍ଷ ରାଓ ଇନ୍ଦ୍ରଜିତ୍ ସିଂଙ୍କୁ ବହିଷ୍କାର କରିବାକୁ କମିଟି ନିଷ୍ପତ୍ତି ନେଇଥିଲା। ତାଙ୍କୁ ପିସିଆଇ ବହୁମତରେ ପଦରୁ ବିଦା କରାଯାଇଥିଲା। ଏ ନେଇ ପିସିଆଇ ମଧ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲା। ପିସିଆଇରେ ବ୍ୟାପକ କୁଶାସନ ଚାଲିଥିବାରୁ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେଲା ବୋଲି ମନ୍ତ୍ରଣାଳୟ ତରଫରୁ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି। ପଦରୁ ବହିଷ୍କୃତ ହେବା ପରେ ଇନ୍ଦ୍ରଜିତ୍‌ଠାରୁ ମନ୍ତ୍ରଣାଳୟ ଅଭିଯୋଗ ପତ୍ର ପାଇଥିଲା। ନିଜ ଅଧକ୍ଷଙ୍କୁ ନିୟମର ବାହାରକୁ ଯାଇ ଓ ଅଗଣତାନ୍ତ୍ରିକ ଭାବେ ବହିଷ୍କାର କରାଯାଇଥିବା କଥା ମନ୍ତ୍ରଣାଳୟ ହୃଦୟଙ୍ଗମ କରିଥିଲା। ଉଲ୍ଲେଖଥାଉ କି, ୨୦୧୫ରେ ମଧ ତ୍ରୁଟିପୂର୍ଣ୍ଣ ଶାସନ ଯୋଗୁ ପିସିଆଇକୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ୨୦୧୬ରେ ଏହାକୁ ପୁଣିଥରେ ସ୍ୱୀକୃତି ପ୍ରଦାନ କାରଯାଇଥିଲା।

### ବିସିସିଆଇ-ଅଲ୍ ଇଣ୍ଡିଆ ରେଡିଓ ଦୁଇବର୍ଷିଆ ଚୁକ୍ତି

**ନୂଆଦିଲ୍ଲୀ, ୧୦।୯ (ପି.ଟି.):**ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଅଲ୍ ଇଣ୍ଡିଆ ରେଡିଓ (ଏଆଇଆର୍) ମଧ୍ୟରେ ଏକ ଦୁଇ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତଦନୁସାରେ ଅଲ୍ ଇଣ୍ଡିଆ ରେଡିଓ ଜାତୀୟ କ୍ରିକେଟ ଦଳ ନିଜ ଦେଶରେ ଖେଳିବାକୁ ଥିବା ଅନ୍ତର୍ଜାତୀୟ ମ୍ୟାଚ ବ୍ୟତୀତ ଘରୋଇ ଟୁର୍ନାମେଣ୍ଟଗୁଡ଼ିକର ସିଧାସଳଖ ଧାରାବିବରଣୀ ପ୍ରଦାନ କରିବ। ସମଗ୍ର ଭାରତରେ ଲକ୍ଷ ଲକ୍ଷ ଶ୍ରୋତା ଖେଳର ରେଡିଓ କମେଣ୍ଟ୍ରି ଶୁଣିପାରିବେ। ସେପ୍ଟେମ୍ବର ୧୫ରୁ ଧର୍ମଶାଳାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଖେଳିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରୁ ଅଡିଓ କମେଣ୍ଟ୍ରି ଆରମ୍ଭ ହେବ। ଏଆଇଆର୍ ଏତଦ୍‌ବ୍ୟତୀତ ପୁରୁଷ ଓ ମହିଳା ଘରୋଇ ଟୁର୍ନାମେଣ୍ଟ ଏବଂ ମ୍ୟାଚଗୁଡ଼ିକର କଭରେଜ କରିବ। ଦୁଇ ବର୍ଷିଆ ଚୁକ୍ତି ୨୦୧୯ ସେପ୍ଟେମ୍ବର ୧୦ରୁ ଆରମ୍ଭ ହେବ ଏବଂ ୨୦୨୧ ଅଗଷ୍ଟ ୩୧ରେ ଶେଷ ହେବ। ରଣ୍‌ଜୀ ଟ୍ରଫି, ଇରାନୀ କପ୍, ଦେଓଧର ଟ୍ରଫି, ସୟେଦ ମୁସ୍ତାକ ଅଲି ଟ୍ରଫି ଏବଂ ମହିଳା ଚ୍ୟାଲେଞ୍ଜର ସିରିଜକୁ ଅଲ୍ ଇଣ୍ଡିଆ ରେଡିଓ କଭରେଜ କରିବ।

### ବେଲଜିୟମ ଟୁର୍‌ରେ ଯିବ ପୁରୁଷ ହକି ଦଳ

**ବେଙ୍ଗାଲୁରୁ, ୧୦।୯ (ପି.ଟି.):** ରୁଷିଆ ବିପକ୍ଷ ଅଲିମ୍ପିକ କ୍ୱାଲିଫାୟର୍ସ ମ୍ୟାଚ ଲାଗି ପ୍ରସ୍ତୁତି ପାଇଁ ଭାରତୀୟ ପୁରୁଷ ହକି ଦଳ ବେଲଜିୟମ ଟୁର୍‌ରେ ଯିବ। ଅଧିନାୟକ ମନପ୍ରୀତ ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି। ସୋମବାର ଅଲିମ୍ପିକ କ୍ୱାଲିଫାୟର୍ସ ପାଇଁ ଉଠାଣ ଅନୁଷ୍ଠିତ ହୋଇଥିଲା। ତଦନୁସାରେ ଭାରତୀୟ ପୁରୁଷ ହକି ଦଳ ଭୁବନେଶ୍ୱରରେ ନଭେମ୍ବର ୧ ଓ ୨ରେ ପଛକୁ ପଛ ଦୁଇଟି ମ୍ୟାଚ ରୁଷିଆ ବିପକ୍ଷରେ ଖେଳିବ। ମନପ୍ରୀତ କହିଛନ୍ତି, ରୁଷିଆକୁ ହେୟ ମନେ କରିବା ଉଚିତ୍ ନୁହେଁ। କାରଣ ଏହି ଦଳର ଡିଫେନ୍ସ ସୁଦୃଢ଼। ୮ଥର ଅଲିମ୍ପିକ ଚାମ୍ପିୟନ ଭାରତ ବିଶ୍ୱ ର୍‍ୟାଙ୍କିଙ୍ଗରେ ୫ମ ସ୍ଥାନରେ ରହିଥିବା ବେଳେ ରୁଷିଆ ୨୨ତମ ସ୍ଥାନରେ ଅଛି।

### ଅହମ୍ମଦାବାଦ୍‌ରେ ପିକେଏଲ୍ ଫାଇନାଲ

**ଅହମ୍ମଦାବାଦ,୧୦।୯(ପି.ଟି.):** ଆସନ୍ତାମାସ ୧୯ ତାରିଖରେ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଫାଇନାଲ ମ୍ୟାଚ୍ ଖେଳାଯିବ। ଲିଗ୍‌ର ଏହି ସପ୍ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏଠାରେ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡିକ ମଧ ଖେଳାଯିବ। ଦୁଇଟି ଏଲିମିନେଟର ସମେତ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡିକ ଏଠାରେ ଆୟୋଜନ ହେବ। ଅକ୍ଟୋବର ୧୪ ତାରିଖରେ ଏଲିମିନେଟରଗୁଡ଼ିକ ଖେଳାଯିବ।

## ■ ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍

# ସାଇନା, ପଲକଙ୍କୁ ସ୍ୱର୍ଣ୍ଣ ପଦକ




ପଦକ ସହ ପଲକ ମହାପାତ୍ର, ସାଇନା ସାଲୋନିକା ଓ ୟାଶିତା ରାଉତ।

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଚେସ୍‌ର ଭବିଷ୍ୟତଭାବେ ବିବେଚିତ ହେଉଥିବା ପ୍ରତିଭାସମ୍ପନ୍ନ ସାଇନା ସାଲୋନିକା ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ଆଉ ୨ଟି ପଦକ ଅର୍ଜନ କରିଛନ୍ତି। ନୂଆଦିଲ୍ଲୀରେ ମଙ୍ଗଳବାର ଶେଷ ହୋଇଥିବା ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ର ୧୬ ବର୍ଷରୁ କମ୍ ବାଳିକା ବ୍ଲିଜ୍‌ରେ ଏହି ମହିଳା ଫିଡେ ମାଷ୍ଟର(ଡବ୍ଲ୍ୟୁଏଫ୍ଏମ୍) ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାର ମୁଖ୍ୟ କ୍ଲାସିକାଲ ବିଭାଗରେ ରାଜ୍ୟର ଅନ୍ୟତମ ଚେସ୍ ପ୍ରତିଭା ପଲକ ମହାପାତ୍ର ୧୦ ବର୍ଷରୁ କମ୍ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ସାଇନା ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ରୌପ୍ୟ ପଦକଲାଭ କରିଛନ୍ତି। ପ୍ରତିଯୋଗିତାରେ ସାଇନା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ୟାଶିତା ରାଉତ ୧୨ ବର୍ଷରୁ କମ୍ ବାଳିକା ବ୍ଲିଜ୍ ଫର୍ମାଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେ ୯ ରାଉଣ୍ଡରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

୯ ରାଉଣ୍ଡ ବିଶିଷ୍ଟ ବ୍ଲିଜ୍ ଇଭେଣ୍ଟରେ ସାଇନା ପୂରା ୯ ପଏଣ୍ଟ ପାଇ ଅପରାଜେୟ ରହିବା ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚାମ୍ପିୟନ ହେବା ପଥରେ ସେ ଜଣେ ଲେଖାଏ ଶ୍ରୀଲଙ୍କା ଓ ବାଂଲାଦେଶ ଏବଂ ୭ ଜଣ ନିଜ ରାଜ୍ୟ/ଭାରତୀୟ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ମହିଳା କ୍ୟାଣ୍ଡିଡେଟ ମାଷ୍ଟର ବୃଷ୍ଟି ମୁଖାର୍ଜୀ ୭ ଓ ଆରୁଷୀ କୋଟୱାଲ ୬ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୯ ରାଉଣ୍ଡ ବିଶିଷ୍ଟ କ୍ଲାସିକାଲ ବିଭାଗରେ ସାଇନା ୬.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୀଷ୍ମା ଆନନ୍ଦ ଧୁମାଲ ୭ ପଏଣ୍ଟ ପାଇ ସ୍ୱର୍ଣ୍ଣପଦକ ହାତେଇଛନ୍ତି। ଏଥିରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲେ ହେଁ ସାଇନା ମୋଟ ୫ ମ୍ୟାଚ ଜିତିଥିବାବେଳେ ୩ ମ୍ୟାଚ ଡ୍ର ରଖିଥିଲେ ଏବଂ ଗୋଟିଏ ମ୍ୟାଚରେ ହାରି ଯାଇଥିଲେ। ୪ର୍ଥ ରାଉଣ୍ଡରେ ଧୁମାଲଙ୍କଠାରୁ ପରାଜୟ ଯୋଗୁ ସେ ସ୍ୱର୍ଣ୍ଣ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ଏହି ୨ ପଦକକୁ ମିଶାଇ ସାଇନାଙ୍କ ଅନ୍ତର୍ଜାତୀୟ ପଦକ ସଂଖ୍ୟା ୧୭ରେ ପହଞ୍ଚିଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ସୁଲାନ ଗ୍ରାମର ବବିତା ଓ ଗଣେଶ୍ୱର ଜେନାଙ୍କ ଝିଅ ସାଇନା ସମ୍ପ୍ରତି କିଟ୍‌ରେ ଏକାଦଶ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ।

ପ୍ରତିଯୋଗିତାର ୧୦ ବର୍ଷରୁ କମ୍ କ୍ଲାସିକାଲ ବିଭାଗ ଉଭୟ ବାଳିକା ଓ ବାଳକ ବର୍ଗରେ ହେଉଥିବାରୁ ପଲକ ଓଭରଅଲ୍ ୧୧ତମ ସ୍ଥାନରେ ଥିଲେ ହେଁ ବାଳିକାଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରୁ ୫.୫ ପଏଣ୍ଟ ପାଇଥିଲେ। ସେ ୫ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ୩ ମ୍ୟାଚରେ ହାରିଥିଲେ ଏବଂ ଗୋଟିଏ ମ୍ୟାଚ ଡ୍ର ରଖିଥିଲେ। ଏଥିରେ ଅନ୍ୟତମ ଭାରତୀୟ ଖେଳାଳି ଏସ୍.ପୌର୍ଣ୍ଣମି ଓ ସଚିନ ଜୈନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଇନା, ପଲକ ଓ ୟାଶିତାଙ୍କୁ ଏସ୍.ଆର୍. ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବୟକଟ୍, ଷ୍ଟ୍ରସ୍‌ଙ୍କୁ ନାଇଟ୍ ଉପାଧି

**ଲଣ୍ଡନ, ୧୦।୯ (ଏଏଫ୍‌ପି):** କିମ୍ବଦନ୍ତୀ କ୍ରିକେଟ୍ ଖେଳାଳି ଜେଫ୍ରି ବୟକଟ୍ ଓ ଆଣ୍ଡ୍ରୁ ଷ୍ଟ୍ରସଙ୍କୁ ଇଂଲଣ୍ଡର ସର୍ବୋଚ୍ଚ ନାଗରିକ ସମ୍ମାନ ନାଉଟ୍ ଉପାଧିରେ ସମ୍ମାନିତ କରାଯାଇଛି। କ୍ରିକେଟ୍‌କୁ ଉଲ୍ଲେଖନୀୟ ଅବଦାନ ଲାଗି ୟୁନାଇଟେଡ୍ କିଙ୍ଗ୍‌ଡମର ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ ଉଭୟ ବୟକଟ୍ ଓ ଷ୍ଟ୍ରସ୍‌ଙ୍କୁ ଏହି ସମ୍ମାନଜନକ ଉପାଧି ପ୍ରଦାନ କରିଛନ୍ତି। ୭୮ ବର୍ଷୀୟ ବୟକଟ୍ ୧୯୬୪ରୁ ୧୯୮୨ ମଧ୍ୟରେ ୧୦୮ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ୪୭.୭୨ ଆଭରେଜରେ ୮,୧୧୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ବୟକଟ୍‌ଙ୍କ ନାମରେ ୧୫୧ ଶତକ ସହ ୪୮ ହଜାରରୁ ଊର୍ଦ୍ଧ୍ୱ ରନ୍ ରହିଛି। ୧୯୭୮ରେ ମଧ ବୟକଟ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଅବସର ପରେ ସେ ବୟକଟ୍ କ୍ରିକେଟ୍ ଭାଷ୍ୟକାର ଭାବେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ସେହିଭଳି ୪୨ ବର୍ଷୀୟ ଷ୍ଟ୍ରସ୍ ୨୦୦୪ରୁ ୨୦୧୨ ମଧ୍ୟରେ ୫୦ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଦଳର ନେତୃତ୍ୱ ନେଇ ଦୁଇଥର (୨୦୦୯ ଓ ୨୦୧୦-୧୧)ଆଶେସ ସିରିଜ ବିଜୟୀ କରାଇଛନ୍ତି। ଷ୍ଟ୍ରସଙ୍କ ନେତୃତ୍ୱରେ ଇଂଲଣ୍ଡ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନ ହାସଲ କରିଥିଲା। ଏହି ବାମହାତୀ ଓପନର୍ ୧୦୦ ଟେଷ୍ଟ ମ୍ୟାଚ୍‌ରୁ ୨୧ ଶତକ ସହାୟତାରେ ୭,୦୩୭ ରନ୍ ସଂଗ୍ରହ କରିଛନ୍ତି।




ଆଣ୍ଡ୍ରୁ ଷ୍ଟ୍ରସ୍ ଓ ଜେଫ୍ରି ବୟକଟ।

## ଶୀର୍ଷ ସ୍ଥାନ ବଜାୟ ରଖିଲେ ସ୍ମିଥ୍, କୁମିନ୍ସ




**ଦୁବାଇ, ୧୦।୯ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଅଷ୍ଟ୍ରେଲୀୟ କ୍ରିକେଟର୍ ଷ୍ଟିଭ୍ ସ୍ମିଥ୍ ଓ ପ୍ୟାଟ୍ କୁମିନ୍ସ ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ଆଶେସ ସିରିଜର ମାଞ୍ଚେଷ୍ଟରରେ ଶେଷ ହୋଇଥିବା ୪ର୍ଥ ଟେଷ୍ଟରେ ଘରୋଇ ଇଂଲଣ୍ଡକୁ ୧୮୫ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଅଷ୍ଟ୍ରେଲିଆକୁ ସିରିଜ ବଜାୟ ରଖିବାରେ ଉଭୟ ସ୍ମିଥ୍ ଓ କୁମିନ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ସ୍ମିଥ୍ ପ୍ରଥମ ଓ ୨ୟ ଇନିଂସରେ ଯଥାକ୍ରମେ ୨୧୧ ଓ ୮୨ ରନ ସଂଗ୍ରହ କରିଥିଲେ। ବ୍ୟାଟିଂ ତାଲିକାରେ ୯୩୭ ରେଟିଂ ସହ ସ୍ମିଥ୍ ବର୍ତ୍ତମାନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଉପରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସ୍ମିଥ୍ ତାଙ୍କ ସର୍ବକାଳୀନ ରେଟିଂ ପଏଣ୍ଟଠାରୁ ଆଉ ୧୦ ପଛରେ ରହିଛନ୍ତି। ଭାରତ ଅଧିନାୟକ କୋହଲିଙ୍କଠାରୁ ସ୍ମିଥ୍ ୩୪ ପଏଣ୍ଟ ଅଧିକ ପାଇଛନ୍ତି। ଅପରପକ୍ଷରେ ୪ର୍ଥ ଟେଷ୍ଟରେ ୧୦୩ ରନ ବିନିମୟରେ ମୋଟ୍ ୭ ଉଇକେଟ୍ ନେଇଥିବା କୁମିନ୍ସ ୯୧୪ ରେଟିଂ ପଏଣ୍ଟ ସହ ବୋଲିଂ ତାଲିକାରେ ଶୀର୍ଷରେ

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

ସ୍ଥାନ ଦୃଢ଼ କରିଛନ୍ତି। ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ୬୩ ରେଟିଂ ପଏଣ୍ଟ ପଛରେ ରହି ତାଲିକାର ୨ୟ ଓ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ଜୋଶ୍ ହାଜେଲଉଡ୍ ଚଳିତ ବର୍ଷ ପ୍ରଥମଥର ଲାଗି ଟପ୍-୧୦କୁ ପ୍ରବେଶ କରିଛନ୍ତି। ହାଜେଲଉଡ୍ ୪ଟି ପାହାଚ ଉପରକୁ ଉଠି ୮ମ ସ୍ଥାନରେ ପହଞ୍ଚିଛନ୍ତି।

## ଭାରତର ଉତ୍ସାହଜନକ ଆରମ୍ଭ

**୧୦।୯ (ପି.ଟି.)**

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଆରମ୍ଭ ଉତ୍ସାହଜନକ ରହିଛି। ଭାରତର ବ୍ରିଜେଶ ଯାଦବ (୮୧କେଜି) ମଙ୍ଗଳବାର ଅନୁଷ୍ଠିତ ଏକ ଓପନିଂ ରାଉଣ୍ଡ ବାଉଟ୍‌ରେ ପୋଲାଣ୍ଡର ମାଲେଜ୍ ଗୋଏନ୍‌ସ୍କିଙ୍କୁ ହରାଇ ଦେଇଛନ୍ତି। ଚଳିତ ବର୍ଷ ପ୍ରଥମଭାଗରେ ଇଣ୍ଡିଆ ଓପନ୍ ଏବଂ ଥାଇଲାଣ୍ଡ ଓପନ୍‌ରେ ରୌପ୍ୟ ଜିତିଥିବା ଯାଦବ ଗୋଏନ୍‌ସ୍କିଙ୍କୁ ୫-୦ରେ ପରାସ୍ତ କରିଥିଲେ। କିନ୍ତୁ ଲଢେଇବେଳେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ମଙ୍ଗଳବାର ଭାରତର ଥିଲା ଏହା ଏକମାତ୍ର ବାଉଟ। ଯାଦବ ପରବର୍ତ୍ତୀ ରାଉଣ୍ଡରେ ତୁର୍କୀର ବେରାମ୍ ମାଲ୍‌କାନଙ୍କୁ ଭେଟିବେ। ଏହି ବକ୍ସର ରବିବାର ତାଙ୍କ ପ୍ରଥମ ରାଉଣ୍ଡ ମୁକାବିଲାରେ ବାଇ ପାଇଛନ୍ତି। ଭାରତର ୩ ଜଣ ବକ୍ସର ମଧ ସେମାନଙ୍କ କାଟେଗୋରିରେ ବାଇ ପାଇଛନ୍ତି। ସେମାନେ ହେଲେ ଅମିତ ଫଙ୍ଗାଲ (୫୨କେଜି), କବିନ୍ଦରସିଂ ବିଷ୍ଟ(୫୭କେଜି) ଏବଂ ଆଶିଷ କୁମାର (୭୫କେଜି)। ବିଶ୍ୱ ଚାମ୍ପିୟନଶିପ୍‌ରେ ୮୭ଟି ଦେଶର ୪୫୦ ବକ୍ସର ଅଂଶଗ୍ରହଣ କରିଛନ୍ତି। ଏହାକୁ ଏକ ଅଲିମ୍ପିକ କ୍ୱାଲିଫାୟର ବିବେଚନା କରାଯାଇଥାଏ। ମାତ୍ର ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଏଆଇବିଏ)ରେ ପ୍ରଶାସନିକ ବିବାଦ ଯୋଗୁ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି ) ଏହି ମାନ୍ୟତା ପ୍ରତ୍ୟାହାର କରିନେଇଛି। ଟୁର୍ନାମେଣ୍ଟରେ ପାରମ୍ପରିକ ୧୦ ଡିଭିଜନ ପରିବର୍ତ୍ତେ ଟୋକିଓ ଅଲିମ୍ପିକ ୨୦୨୦ ପାଇଁ ସଂଶୋଧିତ ୮ଟି କାଟେଗୋରି (୫୨କେଜି, ୫୭କେଜି, ୬୩କେଜି, ୬୯କେଜି, ୭୫କେଜି, ୮୧କେଜି, ୯୧କେଜି ଓ +୯୧କେଜି)ରେ ମଧ ପ୍ରତିଯୋଗିତା ହେଉଛି।

## ୧୯ ବର୍ଷରୁ କମ୍ ଏସିଆ କପ୍

## ଭାରତ-ଶ୍ରୀଲଙ୍କା ସେମି

**କଲମ୍ବୋ, ୧୦।୯:** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଥିବା ଭାରତ ଗ୍ରୁପ୍-ବି'ର ୨ୟ ସ୍ଥାନରେ ଥିବା ଶ୍ରୀଲଙ୍କାକୁ ଭେଟିବ। ମଙ୍ଗଳବାର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ନିକଟରୁ ୪୨ ରନରେ ପରାସ୍ତ ହୋଇଥିଲେ ମଧ ଆୟୋଜକ ଶ୍ରୀଲଙ୍କା ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛି। ସେହିଭଳି ଗୁରୁବାର ହେବାକୁ ଥିବା ୨ୟ ସେମିଫାଇନାଲରେ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ଥିବା ବାଂଲାଦେଶ ଗ୍ରୁପ୍-ଏ'ର ୨ୟ ସ୍ଥାନରେ ଥିବା ଆଫଗାନିସ୍ତାନକୁ ଭେଟିବ। ଗ୍ରୁପ୍-ଏ'ରେ ଭାରତ ଓ ଗ୍ରୁପ୍-ବି'ରେ ବାଂଲାଦେଶ ୩ଟି ମ୍ୟାଚ୍ ଖେଳି ଅପରାଜେୟ ରହିଛନ୍ତି।

# କଳିଙ୍ଗରେ ଭାରତ-କାତାର ମ୍ୟାଚ ସମ୍ଭାବନା

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**



**୨୦୨୨ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ**

ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀଭାବେ ବିବେଚିତ ହେଉଥିବା ଭୁବନେଶ୍ୱରକୁ ଆସିବାରେ ଲାଗିଛି ଗୋଟିଏ ପରେ ଗୋଟିଏ ବଡ଼ ମ୍ୟାଚ। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପାଇଁ ଏଠାରେ ହକି ବିଶ୍ୱକପଠାରୁ ଆରମ୍ଭ କରି ଅନେକ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜିତ ହୋଇସାରିଛି। ଆଗାମୀ ନଭେମ୍ବରରେ ଏଠାରେ ଉଭୟ ମହିଳା ଓ ପୁରୁଷ ବିଭାଗର ଅଲିମ୍ପିକ୍ସ କ୍ୱାଲିଫାୟର୍ସ ହକି ମ୍ୟାଚ ଅନୁଷ୍ଠିତ ହେବ। ଏବେ ମିଳିଛି ଆଉ ଏକ ବଡ଼ ଖବର। ୨୦୨୨ ଫିଫା ବିଶ୍ୱକପ ପାଇଁ ଆସନ୍ତା ବର୍ଷ ମାର୍ଚ୍ଚରେ ଏଠାରେ ଭାରତ ଓ କାତାର ମଧ୍ୟରେ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ୍ ମ୍ୟାଚ ଅନୁଷ୍ଠିତ ହେବା ସମ୍ଭାବନା ଅଛି। ମଙ୍ଗଳବାର ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣାଙ୍କ ଟୁଇଟ୍ ପରେ ଏହି ସମ୍ଭାବନା ଦୃଢ଼ୀଭୂତ ହୋଇଯାଇଛି। ଆସନ୍ତାବର୍ଷ ମାର୍ଚ୍ଚରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ କାତାର ମ୍ୟାଚର ଆକ୍ସନ ନିକଟରୁ ଦେଖିବା ଆଶା ରହିଛି ବୋଲି ଭିନିଲ ଟୁଇଟ କରିଛନ୍ତି। ଫିଫା ବିଶ୍ୱକପର ୨୨ତମ ସଂସ୍କରଣ କାତାରରେ ନଭେମ୍ବର ୨୧ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆୟୋଜକ ଦେଶଭାବେ କାତାର ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛି। ତେଣୁ ସବୁକିଛି ଠିକ୍ ରହିଲେ ବିଶ୍ୱକପ ଖେଳିବାକୁ ଯାଉଥିବା ଏକ ଦଳର ଖେଳକୁ ଓଡ଼ିଶାର ଫୁଟବଲପ୍ରେମୀମାନେ ଅତି ନିକଟରୁ ଦେଖିବାର ସୁଯୋଗ ପାଇବେ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ମହିଳା ଗୋଲ୍ଡକପ୍, ଆଇ-ଲିଗ୍, ଇଣ୍ଡିଆନ ସୁପର କପ୍, ଇଣ୍ଡିଆନ ସୁପରଲିଗ୍ ପରି ସମ୍ମାନଜନକ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇ ସାରିଥିବାବେଳେ ୨୦୨୦ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଅନୁଷ୍ଠିତ ହେବାକୁ ଯାଉଛି। ଏବେ ପ୍ରଥମଥରପାଇଁ ଭାରତୀୟ ସିନିୟର ପୁରୁଷ ଦଳ ଏଠାରେ ଏକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ଏକପ୍ରକାର ନିଶ୍ଚିତ ମନେହେଉଛି। ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ଭାରତ ଓ କାତାର ମ୍ୟାଚ ୨୦୨୦ ମାର୍ଚ୍ଚ ୨୬ରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଯଦି କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ହୁଏ ତେବେ କଳିଙ୍ଗ ଷ୍ଟାଡିୟମ ଇତିହାସରେ ଆଉଏକ ନୂତନ ଫର୍ଦ୍ଦ ଯୋଡ଼ିହେବ। ଭାରତୀୟ ସିନିୟର ଫୁଟବଲ ପୁରୁଷ ଦଳ ପ୍ରଥମଥର ପାଇଁ ଏଠାରେ ଏକ ମ୍ୟାଚ ଖେଳିବ। ଏହା ଓଡ଼ିଶାରେ ଫୁଟବଲକୁ କ୍ୟାରିୟର କରୁଥିବା ଖେଳାଳି ଓ ଫୁଟବଲପ୍ରେମୀଙ୍କ ପାଇଁ ନିଶ୍ଚିତଭାବେ ଏକ ଖୁସି ଖବର ଆଣିବ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARUTI SUZUKI ARENA
ପ୍ରସ୍ତୁତ ହେଉଛି
5 ବର୍ଷ ୱାରେଣ୍ଟି^
ଡିଜେଲ ରେ ଚାଲୁଥିବା ମାରୁତି ସୁଜୁକୀ କାର ଗୁଡ଼ିକ ଉପରେ ।#
Dzire, Swift ଏବଂ Vitara Brezza ଉପରେ 5 ବର୍ଷ ଫ୍ରି ୱାରେଣ୍ଟି ପ୍ରାପ୍ତ କରନ୍ତୁ, ଏବଂ ନିଜର ଡ୍ରାଇଭ୍‌କୁ ସମ୍ପୂର୍ଣ୍ଣ ଚିନ୍ତା ମୁକ୍ତ କରନ୍ତୁ ।
DZIRE
SWIFT
VITARA BREZZA
DDiS
ଡିଜେଲ ଇଞ୍ଜିନ୍
ହାଇ ଟୋର୍କ
ହାଇ ଫିଉଲ ଇଫିସିଏନ୍‌ସି
ସୁପରିୟର ଡ୍ରାଇଭିଙ୍ଗ ଏକ୍ସପିରିଏନ୍‌ସ
BIGGER SAVINGS
DZIRE ₹65,000*
SWIFT ₹60,000*
VITARA BREZZA ₹80,000*
+ FREE 5 YEAR WARRANTY^
DZIRE SWIFT VITARA BREZZA
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in
ODYSSEY MOTORS
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.
JYOTE MOTORS
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108
SKY AUTOMOBILES
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.
NARAYANI MOTORS
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.
*Offer includes consumer offer, corporate offer and exchange bonus (Wherever Applicable) on Dzire Diesel (all variants), Swift Diesel (all variants) and Vitara Brezza (all variants). ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. #Only applicable for Dzire, Swift and Vitara Brezza. Terms and Conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. All offers are valid till 30th September 2019.


Hero
₹3000** Exchange Bonus
₹2000** Loyalty Bonus
GURUDAKSHINA OFFER
₹2500## Benefit
for TEACHERS on Hero Two-Wheelers
No. 1* GLAMOUR
CUSTOMER'S NO. 1 CHOICE IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
8.5 crore+ HEROES
ଅଗଣିତ ସମ୍ପର୍କ
World leading brands from the House of Hero
HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited
TheHeroMotoCorp heromotocorp.com
INDIA'S FIRST 5 YEAR WARRANTY *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com.
*Terms & conditions apply. *In 125cc. **also available in FI. ## Guru-Dakshina scheme is applicable for Teachers only. As per cumulative dispatch numbers as on June, 2019. ** This offer is applicable for scooters only.
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. କଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280, 9337774624. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଜା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକରୀ ମୋଟର୍ସ - 7008906387. ସୋରୋ: ଦୁଲକିଲ ମୋଟର୍ସ - 221711, 9337375571.



ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।

-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ୧୨ରେ ଧାରଣା

**ଟିଗିରିଆ,୧୦।୯(ଡି.ଏନ.ଏ.):** ଟିଗିରିଆ ବ୍ଲକ ସଦର ମହକୁମା ନିଜିଗଡ଼ସ୍ଥିତ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସମୟରେ ଡାକ୍ତର ପଦବୀ ପୂରଣ କରିବାକୁ ଦାବି କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ବ୍ଲକ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆସନ୍ତା ୧୨ ତାରିଖରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ ଡାକ୍ତର, କର୍ମଚାରୀ ଅଭାବ, ନିରାମୟ ଯୋଜନାରେ ରୋଗୀ ଆବଶ୍ୟକ ସେବା ପାଇବାରୁ ବଞ୍ଚିତ ଆଦି ୭ଦଫା ଦାବି ନେଇ ଏହି ଧାରଣା ଦିଆଯିବ ବୋଲି ସଙ୍ଗଠନର ଯୁବ ସଂଯୋଜକ ଅଜିତ ଦାଶ, ଭାଗିରଥି ସାହୁ, ସୁଶାନ୍ତ ମିଶ୍ର ଓ ଜିତେନ୍ଦ୍ର ବେହେରା ପ୍ରମୁଖ ସୂଚନା ଦେଇଛନ୍ତି। ଏନେଇ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣମନ୍ତ୍ରୀ, କଟକ ଏମ୍‌ପି, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ବିଭାଗୀୟ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବାରୁ ସଙ୍ଘ ଧାରଣା ଦେବାକୁ ନିଷ୍ପତ୍ତି ନେଇଛି।

### ଗୋପବନ୍ଧୁ ମହିଳା କଲେଜ ନବାଗତ ଛାତ୍ରୀଙ୍କୁ ସ୍ୱାଗତ

**ଆଠଗଡ଼,୧୦।୯(ସ୍ୱ.ପ୍ର.):** ଆଠଗଡ଼ ଗୋପବନ୍ଧୁ ମହିଳା ଡିଗ୍ରୀ କଲେଜ ନବାଗତ ସଂସ୍କୃତ ସମ୍ମାନ ଛାତ୍ରୀଙ୍କୁ ମଙ୍ଗଳବାର ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ସଂଗୀତା ମହାପାତ୍ର ପୌରୋହିତ୍ୟ କରି ମନୁଷ୍ୟ ଜୀବନରେ ସଦାଚାର ଶିକ୍ଷା ପାଇଁ ସଂସ୍କୃତ ଭାଷାର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଗୋପବନ୍ଧୁ କନିଷ୍ଠ ମହିଳା କଲେଜ ଅଧକ୍ଷା ମମତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନବାଗତ ଛାତ୍ରୀ ସଫଳ ଭବିଷ୍ୟତ ଗଢ଼ିବା ପାଇଁ ଏକାଗ୍ରତା, କଠିନ ଅଧବସାୟ, ଦାୟିତ୍ୱବୋଧ, ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି କନିଷ୍ଠ ମହିଳା କଲେଜ ସଂସ୍କୃତ ବିଭାଗ ମୁଖ୍ୟ ଡ. ସ୍ନେହଲତା ତ୍ରିପାଠୀ ସଂସ୍କୃତ ଭାଷାରେ ଥିବା ବିଭିନ୍ନ ଶାସ୍ତ୍ର ସବୁ କିଭଳି ବିଦେଶରେ ଆଦୃତ ହୋଇଛି ସେ ସମ୍ପର୍କରେ ବୁଝାଇଥିଲେ। ଅଧାପିକା ଶୁଭସ୍ମିତା ଦାସ ସୁଶିକ୍ଷା ଓ ଆଦର୍ଶ ସଂସ୍କୃତ ଭାଷାର ମହତ୍ତ୍ୱ ବୋଲି ନିଜର ଅଭିମତ ରଖିଥିଲେ। ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀ କଲେଜ ସଂସ୍କୃତ ବିଭାଗର ସଫଳତା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ସଂସ୍କୃତ ସମ୍ମାନର ଶେଷବର୍ଷ ଛାତ୍ରୀ ସୁପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ।

### ଦୋକାନ ଭାଙ୍ଗି ଲୁଟ୍‌

**ନରସିଂହପୁର,୧୦।୯(ଡି.ଏନ.ଏ.):** ନରସିଂହପୁର ଥାନା ଅଧୀନ ଫୁଲପଡ଼ାରେ ଥିବା ଏକ ତେଜରାତି ଦୋକାନକୁ ଭାଙ୍ଗି ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ଏନେଇ ଦୋକାନ ମାଲିକ ଫୁଲପଡାର ଗୋପାଳ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗୋପାଳ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଦୋକାନ ପଛା ଭାଙ୍ଗି ସାମଗ୍ରୀ ସହିତ ଦରକାରୀ କାଗଜପତ୍ର ଓ କିଛି ଟଙ୍କା ଲୁଟ୍ କରିଥିଲେ। ମଙ୍ଗଳବାର ସକାଳୁ ବେହେରା ଦୋକାନ ଖୋଲିବାକୁ ଯିବାବେଳକୁ ଲୁଟ୍ ହୋଇଥିବା ଦେଖିବାକୁ ପାଇଥିଲେ। ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା କହିଛନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ।

### ଦିଲୀପ ଶତପଥୀଙ୍କ ବିୟୋଗରେ ଶୋକସଭା

**ବାଙ୍କୀ,୧୦।୯(ସ୍ୱ.ପ୍ର.):** ବରିଷ୍ଠ ଖବରଦାତା ଦିଲୀପ ଶତପଥୀଙ୍କ ବିୟୋଗରେ ବାଙ୍କୀ ଉପଖଣ୍ଡ ଖବରଦାତାଙ୍କ ମଧରେ ଶୋକର ଛାୟା ଖେଳିଯାଇଛି। ଏନେଇ ମଙ୍ଗଳବାର ବାଙ୍କୀ ପ୍ରେସ କ୍ଲବ ବିଦ୍ୟାରନ୍ୟ ଭବନଠାରେ ଏକ ଶୋକସଭା କରାଯାଇ ଶତପଥୀଙ୍କ ସ୍ମୃତିଚାରଣ କରାଯାଇଥିଲା। ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, ଉପସଭାପତି ସମରେନ୍ଦ୍ର ମହାପାତ୍ର, ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଶରତ ଚନ୍ଦ୍ର ବାରିକ, ବିଭୂପ୍ରସାଦ ସାମଲ, ଗୌରାଙ୍ଗ ବେହେରା, ଅରବିନ୍ଦ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଶତପଥୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତଃ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

# ଗୋଲାପ, ଚକୋଲେଟ୍ ବାଣ୍ଟି ସଚେତନତା

- ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇଲେ ଡିସିପି
- ୫ ନିୟମ ଉପରେ ଏବେ ଦିଆଯାଉଛି ଗୁରୁତ୍ୱ

**କଟକ ଅଫିସ, ୧୦।୯**



ଟ୍ରାଫିକ ଡିସିପି ସାଗରିକା ନାଥ ଜଣେ ବାଇକ ଚାଳକଙ୍କୁ ସଚେତନ କରାଉଛନ୍ତି।

ନୂତନ ଟ୍ରାଫିକ ନିୟମ ଲାଗୁ ହେବା ପରେ ସାରା ରାଜ୍ୟରେ ଏକ ପ୍ରକାର ଚହଳ ପଡ଼ିଛି। ଏହାକୁ ନେଇ କେଉଁଠି ବିରୋଧ ତ କେଉଁଠି ସ୍ୱାଗତର ସ୍ୱର। ତେବେ ସାଧାରଣ ଲୋକଙ୍କ ମଧରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଭୁଲ ପାଇଁ ବହୁ ପରିମାଣର ଦଣ୍ଡ ଗଣିବାକୁ ପଡୁଛି। ଯାହା ଜଣେ ଗରିବ ଲୋକର ମାସକର ଆୟ ସହ ପ୍ରାୟ ସମାନ। ତରବରିଆ ଭାବେ ସରକାର ନୂଆ ନିୟମ ଲାଗୁ କରିଥିବା ଲୋକେ ମତ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମଙ୍ଗଳବାର ଟ୍ରାଫିକ ଡିସିପି ସାଗରିକା ନାଥ କଟକରେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ସକାଳ ପ୍ରାୟ ସାଢେ ୧୦ଟାରେ ଡିସିପି ନାଥ ମଧୁପାଟଣା ଛକ ଓ ସନ୍ଧ୍ୟାରେ ବକ୍ସିବଜାର ଛକରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଟ୍ରାଫିକ ନିୟମ ମାନି ହେଲମେଟ, ସିଟ୍‌ବେଲ୍ଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଗୋଲାପ ଫୁଲ ସହ ଚକୋଲେଟ୍ ବାଣ୍ଟିଥିଲେ। ବିନା ହେଲମେଟ୍‌ରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ସେହିପରି ଟ୍ରାଫିକ ନିୟମ ସଂକ୍ରାନ୍ତ ଲିଫ୍‌ଲେଟ ମଧ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସ, ଟ୍ରାଫିକ ପୋଲିସ ଏସିପି ଯତିନ୍ କୁମାର ପଣ୍ଡା, ଆଇଆଇସି ମନୋଜ ରୋଶନ ବିଲୁଙ୍ଗ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

ସୂଚନା ଅନୁଯାୟୀ, ନୂଆ ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ପୂର୍ବାପେକ୍ଷା ୧୦ ଗୁଣା ଅଧିକ ଜରିମାନା ଭରିବାକୁ ପଡୁଛି। କିଛି ଘଟଣା ଏମିତି ଘଟିଥିଲା ଯେଉଁଠି ଜରିମାନା ରାଶି ଗାଡ଼ି ମୂଲ୍ୟଠାରୁ ଅଧିକ ହୋଇଯାଇଥିଲା। ଏ ନେଇ ଟ୍ରାଫିକ ପୋଲିସ ଓ ଜନତାଙ୍କ ମଧରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକଙ୍କୁ ଲାଗୁଥିଲା ଯେମିତି ପ୍ରଶାସନ ଜୋର ଜବରଦସ୍ତି ଆଇନ ଲଦି ଦେଉଛନ୍ତି। ବିନା ସଚେତନତାରେ ବିପୁଳ ପରିମାଣର ଜରିମାନା ଆଦାୟ ଘଟଣାକୁ ଜନସାଧାରଣ ସହଜରେ ଗ୍ରହଣ କରିନାହାନ୍ତି। ଡିସିପି ନାଥ କହିଛନ୍ତି, ଲୋକେ କିପରି ସଚେତନ ହେବେ ଓ ଟ୍ରାଫିକ ନିୟମ ପାଳନ କରିବେ ସେ ନେଇ ସଚେତନତା କରାଯାଉଛି। ଟ୍ରାଫିକ ପୋଲିସ ପକ୍ଷରୁ ବର୍ତ୍ତମାନ ମଦ ପିଇ ଗାଡ଼ି ଚଳାଇବା, ଗାଡ଼ି ଚାଳନା ବେଳେ ଫୋନରେ କଥା ହେବା, ହେଲମେଟ୍ ନ ପିନ୍ଧିବା, ବିନା ଲାଇସେନ୍‌ସରେ ଗାଡ଼ି ଚଳାଇବା, ୩ଜଣ ବାଇକରେ ଯିବା ଆଦି ମୁଖ୍ୟତଃ ୫ଟି ନିୟମକୁ ଗୁରୁତ୍ୱ ଦିଆଯାଉଛି। ଆଗ ଅପେକ୍ଷା ଅଧିକ ଲୋକେ ଏବେ ଟ୍ରାଫିକ ନିୟମ ମାନୁଛନ୍ତି ଯାହା ଏକ ଖୁସିର ଖବର ବୋଲି ଟ୍ରାଫିକ ଡିସିପି ନାଥ ପ୍ରକାଶ କରିଛନ୍ତି।

■ ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର

# ହାଇସ୍କୁଲ ପରିସରରୁ ସଫା ହେଉନି ଉପୁଡ଼ି ଥିବା ଗଛ

**ଆଠଗଡ଼,୧୦।୯(ସ୍ୱ.ପ୍ର.)**

ଆଠଗଡ଼ର ସର୍ବପୁରାତନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାତ୍ୟା ଫନୀବେଳେ ଅନେକ ଏକ ବିଶାଳକାୟ ଗଛ ଉପୁଡ଼ି ପଡ଼ିଥିଲା। ଏଗୁଡ଼ିକୁ କାଟି ସଫା କରିବା ପାଇଁ ବାରମ୍ବାର ବିଭିନ୍ନ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ପରେ ମଧ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ସବୁବିଭାଗକୁକହି ନିରାଶ ହେବାପରେ ଶେଷରେ ପ୍ରଧାନଶିକ୍ଷୟିତ୍ରୀ କୁମୁଦିନୀ ପଣ୍ଡା ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆସି ଉପଜିଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଉପଜିଲାପାଳ ଅମୀୟ କୁମାର ସାହୁ ପୂର୍ତ୍ତବିଭାଗ, ଅଗ୍ନିଶମ ଏବଂ ଏନଏସି କର୍ତ୍ତୃପକ୍ଷଙ୍କୁ ଗଛ କାଟି ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ୨ମାସ ବିତି ଯାଇଥିଲେ ମଧ ଅଦ୍ୟାବଧି ସମ୍ପୃକ୍ତ ବିଭାଗଗୁଡ଼ିକ ଗଛି କାଟି ସଫାକଲେ ନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ ସମସ୍ୟା ସମାଧାନ ହୋଇ ନ ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଏବଂ ପରିଚାଳନା



ସ୍କୁଲ ପରିସରରେ ଉପୁଡ଼ି ପଡ଼ିଥିବା ଗଛ।

କମିଟି ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ବିଭିନ୍ନ ବିଭାଗ ବେଖାତିର କରୁଥିବା ସାଧାରଣରେ କୁହାଯାଇଛି।

ସୂଚନାଯୋଗ୍ୟ, ସ୍କୁଲ ପରିସର ଖେଳପଡିଆ ମଝିରେ ୭୦-୮୦ବର୍ଷର ବିଶାଳ ଆମ୍ବ ଗଛ ପଡିରହିଥିବା ବେଳେ ୨-୩ଟି ବଡ଼ କଦମ୍ବ ଗଛ ସ୍କୁଲ ପଛପାଖ ପାଚେରିରେ ଭାଙ୍ଗିପଡିଛି। ବାତ୍ୟା ପରେ ପରେ ଏନଏସି, ପୂର୍ତ୍ତ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ରାସ୍ତାଘାଟ ଓ ଅନ୍ୟ କାର୍ଯ୍ୟାଳୟ ମଧରେ ଉପୁଡି ପଡିଥିବା ଗଛ କଟାଯାଇ ସଫା କରାଯାଇଥିଲା। ହେଲେ ଏହି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲା ନାହିଁ।

■ ଜଗନ୍ନାଥପୁରରେ ସୁନିଆ ଉତ୍ସବ

# ମୁସଲମାନ ଭୋଗରେ ପକାନ୍ତି ତୁଳସୀ



ଜଗନ୍ନାଥପୁରସ୍ଥିତ ସଇଦ ମନସୁର ବାବା ପୀଠ ପରିସରରେ ସୁନିଆ ପାଳନ କରାଯାଉଛି।

**ମାହାଙ୍ଗା,୧୦।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଞ୍ଚଳରେ ଅନେକ ଭାଇଚାରା ପର୍ବ ରହିଛି। ଯାହାକୁ ହିନ୍ଦୁ ଓ ମୁସଲମାନ ଏକାଠି ପାଳନ କରିଥାନ୍ତି। ସେଥିମଧ୍ୟରୁ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁରଠାରେ ପାଳିତ ହେଉଥିବା ସୁନିଆ ପର୍ବ ନିଆରା। ଏହି ପର୍ବରେ ମୁସଲମାନ ପୂଜକ ହୋଇଥିବାବେଳେ ହିନ୍ଦୁ ଭୋଗ ଅର୍ପଣ କରନ୍ତି। ଏହି ଭୋଗରେ ମୁସଲମାନ ତୁଳସୀ ଓ ବେଲପତ୍ର ପକାଇ ପୂଜା କରିବା ପରମ୍ପରା ଅଞ୍ଚଳର ଭାଇଚାରାକୁ ଅଧିକ ସୁଦୃଢ଼ କରିଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ସୁନିଆ କୁଣ୍ଡି ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ସଇଦ ମନସୁର ବାବା ପୀଠ ପରିସରରେ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ପ୍ରଥମେ ନନ୍ଦକିଶୋରପୁର ଗ୍ରାମରୁ ମୁସଲମାନଭାଇଭଉଣୀ ଜୁଲୁସ ବାହାର କରି ନନ୍ଦକିଶୋରପୁର, କୁଣ୍ଡି, ମଲ୍ଲିକପୁର ଆଦି ଗ୍ରାମ ପରିକ୍ରମା କରି ମନସୁର ବାବା ପୀଠରେ ପହଞ୍ଚିଥିଲେ। ସେଠାରେ ପୀଠ ଉପରେ ଚାଦର ଚଢା ଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକଭାବେ ନସିରୁଦ୍ଦିନ ସାହା, ବଦ୍ରିଉଦ୍ଦିନ ସାହା, କବିରୁଦ୍ଦିନ ସାହା, ସୋଭନ ସାହା ପ୍ରମୁଖ ଯୋଗଦେଇଥିଲେ। ମାନସିକ କରିଥିବା ଏବଂ ହିନ୍ଦୁ ଶ୍ରଦ୍ଧାଳୁ ଆଣିଥିବା ଭୋଗ ଉକ୍ତ ପୀଠରେ ଲାଗି କରାଯାଇଥିଲା। ଏହି ଭୋଗକୁ ତୁଳସୀ ଓ ବେଲପତ୍ର ଦ୍ୱାରା ଅର୍ପଣ କରାଯାଇଥିଲା। ଏଠାରେ ବହୁ ହିନ୍ଦୁ ଭୋଗ ପ୍ରସ୍ତୁତ କରି ବିକ୍ରୟ କରୁଥିବା ଦେଖିବାକୁ ମିଳିଥିଲା।

# ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ସମ୍ବର୍ଦ୍ଧନା ଉତ୍ସବ

**ବାଙ୍କୀ,୧୦।୯(ସ୍ୱ.ପ୍ର.)**

ବାଙ୍କୀ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏକ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଭାଗୀୟ ମୁଖ୍ୟ ଡ.ଚିତ୍ରସେନ ରାଉତ ସଭାପତିତ୍ୱ କରିଥିଲେ। ବିଦାୟୀ ଅଧକ୍ଷ ଡ. ବାବାଜୀ ଚରଣ ଶତପଥୀଙ୍କୁ ଏହି ଅବସରରେ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଅଧକ୍ଷା ଡ.ନିବାସିନୀ ପଣ୍ଡାଙ୍କୁ ସ୍ୱାଗତ କରାଯାଇଥିଲା। ବିଶେଷ ଅତିଥିଭାବେ ବରିଷ୍ଠ ପ୍ରାଧାପକ ମନୋଜ ମହାପାତ୍ର, ଅଧାପିକା ସରସ୍ୱତୀ ଦେଉରୀ ଓ ଅଧାପକ ଚିନ୍ମୟ ତ୍ରିପାଠୀ ଯୋଗଦେଇ ବିଦାୟୀ ଅଧକ୍ଷଙ୍କ ଗୁଣଗାନ କରିଥିଲେ। ଜୁବୁଲୀ ସାହୁ ସ୍ୱାଗତ ଭାଷଣ ଓ ମୌସୁମୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବକୁ ଅଧାପକ ସତ୍ୟଜିତ୍ ଦାସ ପରିଚାଳନା କରିବା ସହ ମାନପତ୍ର ପାଠ କରିଥିଲେ। ଶେଷରେ ଅନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଘର ଭଙ୍ଗା ତଦନ୍ତ ନ ହେବାରୁ ଧାରଣା



ଘର ଭଙ୍ଗା ତଦନ୍ତରୁ ବଞ୍ଚିତ ହୋଇଥିବା ଲୋକେ ସାଲେପୁର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

**ସାଲେପୁର,୧୦।୯(ଡି.ଏନ.ଏ.)**

ବାତ୍ୟା ଫନୀ ପ୍ରଭାବରେ ଭାଙ୍ଗି ଯାଇଥିବା ଘରର ତଦନ୍ତ କରାଯାଇନାହିଁ। ଫଳରେ ଏହାର ପ୍ରତିବାଦରେ ସାଲେପୁର ବ୍ଲକ ଅଧୀନ ତ୍ରିଲୋଚନପୁର ପଞ୍ଚାୟତର କେତେଜଣ ମହିଳାପୁରୁଷ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡ଼ିକର ମରାମତି ନିମନ୍ତେ ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ବ୍ଲକ ପକ୍ଷରୁ ଘରଭଙ୍ଗା ତଦନ୍ତ କରାଯାଇଥିଲେ ମଧ ତଦନ୍ତକାରୀ ଅଧିକାରୀ ଆମ୍ଭମାନଙ୍କ ଘରକୁ ଯାଇନାହାନ୍ତି। ଏପରି କି ଆମ୍ଭମାନଙ୍କଠାରୁ ଆବେଦନ ଫର୍ମ ମଧ ଗ୍ରହଣ କରିନାହାନ୍ତି। ଫଳରେ ଆମ୍ଭେମାନେ ବାଧହୋଇ ବ୍ଲକ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଛୁ। ଖବର ପାଇ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଧାରଣାକାରୀ ଆନ୍ଦୋଳନରୁ ଓହରି ଯାଇଥିଲେ ବୋଲି ଉପାଧକ୍ଷ ଜେନା ସୂଚନା ଦେଇଛନ୍ତି। ଏସମ୍ପର୍କରେ ବିଡିଓ କିଶୋର କୁମାର ପଣ୍ଡାଙ୍କୁ ପଚାରିବାରୁ ମାସେ ପୂର୍ବରୁ ବ୍ଲକ ଅଧୀନ ୩୫ଟି ପଞ୍ଚାୟତରେ ତଦନ୍ତ କରାଯାଇଥିଲା। ହେଲେ ଏବେ ସରକାରଙ୍କ ଏହି ୱେବ୍‌ସାଇଟ୍ ବନ୍ଦ ହୋଇଯାଇଛି। ତେଣୁ ଆଉ ତଦନ୍ତ କରିବା ଅସମ୍ଭବ। ତେବେ ଏମାନେ କିପରି ବଞ୍ଚିତ ହେଲେ ତ'ାର ତଦନ୍ତ କରାଯିବ ବୋଲି କହିଥିଲେ।

# ଜଳବନ୍ଦୀରେ ଚଷାଆଁରା

**ଟିଗିରିଆ,୧୦।୯(ଡି.ଏନ.ଏ.)**

ମହାନଦୀରେ ଆସିଥିବା ଦ୍ୱିତୀୟ ବନ୍ୟାରେ ଟିଗିରିଆ ବ୍ଲକର ପୁରୁଣାଟିଗିରିଆ ପଞ୍ଚାୟତ ଅଧୀନ ଚଷାଆଁରା ଗ୍ରାମ ଜଳବନ୍ଦୀ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ମହାନଦୀ ଜଳସ୍ତର ଧୀରେଧୀରେ ଖସୁଥିବାରୁ ବାଙ୍କୀ ଉତ୍ତର କୁଳାଟ ଅନ୍ତର୍ଗତ ହୁଲୁହୁଲା ପୋଲ ଦେଇ ବନ୍ୟାଜଳ ପୁନର୍ବାର ମହାନଦୀକୁ ପ୍ରତ୍ୟାବର୍ତ୍ତନ କରିଛି। ବନ୍ୟାଜଳ ଅପସାରଣ ମନ୍ଥର ହୋଇଥିବାରୁ ଏବେବି ଶହଶହ ହେକ୍ଟର ପରିମିତ ଧାନଚାଷ ଓ ପରିବା କ୍ଷେତରେ ବନ୍ୟା ସ୍ରୋତ ଚାଲିଛି। ଚଷାଆଁରା ଗ୍ରାମକୁ ସଂଯୁକ୍ତ ଉଭୟ ପାର୍ଶ୍ୱ ରାସ୍ତାରେ ଏବେବି ଜଳ ପ୍ରବାହିତ ହେଉଛି। ଜରୁରୀ ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ଗ୍ରାମକୁ ଏକ ବୋଟ ପ୍ରଦାନ କରାଯାଇଛି।


# ଅମରନାଥ ଶିବ ମନ୍ଦିରରେ ପୂଜା କରୁଛନ୍ତି ହିନ୍ଦୁ-ମୁସଲମାନ

**ନରସିଂହପୁର,୧୦।୯(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ଚତରାପଦା ଗ୍ରାମ ଏହି ଅଞ୍ଚଳରେ ବେଶ୍ ପରିଚିତ। କାରଣ ଏଠାରେ ୨୦୦ ହିନ୍ଦୁ ଓ ୪୦ ମୁସଲମାନ ପରିବାର ଭାଇଚାର ପ୍ରତିଷ୍ଠା କରିଛନ୍ତି। ଦୀର୍ଘ ୧୦ ବର୍ଷ ତଳେ ଏଠାରେ ପ୍ରତିଷ୍ଠିତ ଅମରନାଥ ଶିବ ମନ୍ଦିରରେ ଉଭୟ ହିନ୍ଦୁ ଓ ମୁସଲମାନେ ପୂଜା କରୁଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ଭାବେ ଉଜ୍ଜାଜୁଲ ମହମ୍ମଦ ଅଛନ୍ତି। ମନ୍ଦିରର ପ୍ରତ୍ୟେକ କାମକୁ ହିନ୍ଦୁ-ମୁସଲିମ୍ ସମ୍ପାଦନ କରିଥାନ୍ତି। ଏ ସମ୍ପର୍କରେ ଉଜ୍ଜାଜୁଲ କହିଛନ୍ତି, ମୁଁ ୨ ବର୍ଷ ହେବ ଏହି ମନ୍ଦିରର ସଭାପତି ଅଛି। ମନ୍ଦିରର ସମସ୍ତ କାର୍ଯ୍ୟକୁ ଆମେ ମିଳିମିଶି ସମ୍ପାଦନା କରୁ। ନୂତନ ମନ୍ଦିର ନିର୍ମାଣ ଲାଗି ପ୍ରଥମେ ମୁଁ ସହାୟତାର ହାତ ବଢ଼ାଇଥିଲି। ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବେଶଷ ସହାୟତାର ହାତ ବଢ଼ାଇଛନ୍ତି। ମନ୍ଦିର କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ତାହା ଶେଷ କରିବାକୁ ଆମେ ଉଦ୍ୟମ ଜାରି ରଖିଛୁ। ଏଠି ହିନ୍ଦୁ-ମୁସୁଲିମ୍ ସବୁ ସମାନ। ଏ ସମ୍ପର୍କରେ ମନ୍ଦିର ସମ୍ପାଦକ ଅର୍ଜୁନ ସାହୁ କହିଛନ୍ତି, ୧୦ ବର୍ଷ ତଳେ ଗ୍ରାମର ଚରଣ ବେହେରା ପ୍ରଥମେ ଶିବ ମନ୍ଦିର ପ୍ରତିଷ୍ଠା ଲାଗି ଜମି ଦାନ କରିଥିଲେ। ଗ୍ରାମର ପ୍ରତ୍ୟେକ ପରିବାର ସହ ପାଖ ଗ୍ରାମର ରାମଚନ୍ଦ୍ରପୁର, ବୀରସିଂହପୁର, ଘଟିତଳ ଗ୍ରାମର ଜନସାଧାରଣ ଏହି ମନ୍ଦିର ନିର୍ମାଣ ଲାଗି ସାହାଯ୍ୟ କରିଛନ୍ତି। ବର୍ତ୍ତମାନ ଠାକୁରଙ୍କ ମୁଖ୍ୟ ମନ୍ଦିର ନିର୍ମାଣ ହେଉଛି। ଫଳରେ ସେଠାରେ ଥିବା ଚାଳଘରେ ଠାକୁର ପୂଜାପାଉଛନ୍ତି। ଏଠାରେ ମହାଶିବରାତ୍ରି, କାର୍ତ୍ତିକ ପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା ଭଳି ବିଭିନ୍ନ ଉତ୍ସବ ପାଳନ ହୁଏ। ମନ୍ଦିରରେ ହିନ୍ଦୁ-ମୁସଲମାନ ମିଶି ପ୍ରସାଦ ସେବନ କରନ୍ତି। ପ୍ରତ୍ୟେକ ମୁସଲମାନ ଭକ୍ତ ମନ୍ଦିରରେ ଆଗରେ ବସି ଦୀପ ଜାଳନ୍ତି। ଏଭଳି ଦୃଶ୍ୟ ଓଡ଼ିଶାରେ ବିରଳ। ବର୍ତ୍ତମାନ ଏହି ଅମରନାଥ ଶୈବପୀଠର ନୂତନ ମନ୍ଦିର କାର୍ଯ୍ୟ ଚାଲିଛି। ପ୍ରତ୍ୟେକ ମୁସଲମାନ ମନ୍ଦିର ନିର୍ମାଣ ଲାଗି ସହଯୋଗ କରୁଛନ୍ତି।



ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ଯୁବ ଜ୍ୟୋତି କ୍ଲବ ପକ୍ଷରୁ ଗଣେଶ ପୂଜା ଭସାଣି ମଙ୍ଗଳବାର ଅନୁଷ୍ଠିତ ହୋଇଛି।



ନେମାଳ ଥାନା ବନ୍ଧୁପୁର ପଞ୍ଚାୟତ ଅରେଇ ଗ୍ରାମରେ ମା'ମଙ୍ଗଳାଙ୍କ ପୂଜା ଅନୁଷ୍ଠିତ ହୋଇଛି। ଗ୍ରାମବାସୀ ଓ ମା' ମଙ୍ଗଳା ଯୁବକ ସଂଘ ସହଯୋଗରେ ପୂଜା ପାଳନ କରାଯାଇଛି।



ନେମାଳ ପଞ୍ଚାୟତ ମାଳିଗାଁଠାରେ ସୁନିଆଁ ବାମନ ଜନ୍ମ ଓ ପତିତପାବନଙ୍କ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି।



"ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଜିଲାପାଳଙ୍କୁ ମୋଟର କର୍ମଚାରୀ ସଂଘର ଦାବିପତ୍ର

**କଟକ ଅଫିସ, ୧୦।୯:** ଉନ୍ନତମାନର ରେଷ୍ଟଶେଡ୍ ନିର୍ମାଣ, ପାନୀୟଜଳ ଯୋଗାଣ, ପରିବହନ କର୍ମଚାରୀ ଓ ଯାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଏବଂ ଟ୍ରାଫିକ ସମସ୍ୟା ଦୂର ପାଇଁ କଟକ ମୋଟର କର୍ମଚାରୀ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦାବିପତ୍ର ଦିଆଯାଇଛି। ବାଦାମବାଡ଼ି ବସ୍‌ଷ୍ଟାଣ୍ଡର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଡ୍ରାଇଭର, ହେଲପର ଓ କଣ୍ଡକ୍ଟରଙ୍କ ପାଇଁ ବିଶ୍ରାମାଗାର ନାହିଁ। ଆବଶ୍ୟକ ଶୌଚାଳୟ ଓ ପାନୀୟଜଳ ବ୍ୟବସ୍ଥା ନାହିଁ। ପାର୍କିଂ ପାଇଁ ସ୍ଥାନ ଅଭାବ ଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏହି ସମସ୍ୟାଗୁଡ଼ିକ ତୁରନ୍ତ ଦୂର କରାଯିବାକୁ ଦାବି ହୋଇଛି। ସଂଘର ଉପସଭାପତି ବଦ୍ରିନାରାୟଣ ଦାଶ, ସମ୍ପାଦକ ଶିଶିର ଲେଙ୍କା, ସହସମ୍ପାଦକ ହିରାଲାଲ ପଣ୍ଡା ଓ ଚକ୍ରବର୍ତ୍ତୀ ଓତା ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### ଟ୍ରିମ୍‌ସ ପକ୍ଷରୁ ସ୍ମୃତିସଭା

**କଟକ ଅଫିସ, ୧୦।୯:** ବରିଷ୍ଠ ଖବରଦାତା ତଥା ବିଜିନେସ୍ ଷ୍ଟାଣ୍ଡାର୍ଡର ଆବାସିକ ସମ୍ପାଦକ ଦିଲ୍ଲୀପ ଶତପଥୀଙ୍କ ବିୟୋଗରେ ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ସଭାପତିତ୍ୱ କରିଥିଲେ। ଟ୍ରିମ୍‌ସ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ସ୍ୱର୍ଗତ ଶତପଥୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ ଶତପଥୀ ଟ୍ରିମ୍‌ସର ପରାମର୍ଶଦାତା କମିଟିର ବରିଷ୍ଠ ସଦସ୍ୟ ଥିଲେ।

### ବାଇକ ଧକ୍କାରେ ଷଣ୍ଢ ମୃତ, ଚାଳକ ଗୁରୁତର

**କଣ୍ଟାପଡ଼ା,୧୦।୯(ଡି.ଏନ୍.ଏ.):** ଫୁଲନଖରା-ନିଆଳି ରାସ୍ତାର ପିଙ୍ଗାପଡା ନିକଟରେ ମଙ୍ଗଳବାର ବାଇକ ଧକ୍କାରେ ଏକ ଷଣ୍ଢର ମୃତ୍ୟୁ ଘଟିଛି। ଗୁରୁତର ବାଇକ ଚାଳକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଅଡଶପୁର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, ଗୁରୁତର ଯୁବକଜଣକ ମଙ୍ଗଳବାର ସକାଳୁ ଏକ ବାଇକ (ଓଡି ୩୩ ୟୁ ୨୬୫୦)ରେ ଫୁଲନଖରା ଅଭିମୁଖେ ଯାଉଥିବାବେଳେ ପିଙ୍ଗାପଡା ନିକଟରେ ଷଣ୍ଢଟି ତାଙ୍କ ଆଗକୁ ପଳାଇ ଆସିଥିଲା। ଫଳରେ ବାଇକଟି ଷଣ୍ଢଦେହରେ ଜୋରରେ ପିଟିହେବା ଫଳରେ ଘଟଣାସ୍ଥଳରେ ଷଣ୍ଢର ମୃତ୍ୟୁ ଘଟିଥିଲା। ଖବରପାଇ ଓଲଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଥିଲା।

# ଗୋଲାପ, ଚକୋଲେଟ୍ ବାଣ୍ଟି ସଚେତନତା



■ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇଲେ ଡିସିପି
■୫ ନିୟମ ଉପରେ ଏବେ ଦିଆଯାଉଛି ଗୁରୁତ୍ୱ

**କଟକ ଅଫିସ, ୧୦।୯**

ନୂତନ ଟ୍ରାଫିକ ନିୟମ ଲାଗୁ ହେବା ପରେ ସାରା ରାଜ୍ୟରେ ଏକ ପ୍ରକାର ଚହଳ ପଡ଼ିଛି। ଏହାକୁ ନେଇ କେଉଁଠି ବିରୋଧ ତ କେଉଁଠି ସ୍ୱାଗତର ସ୍ୱର। ତେବେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଭୁଲ ପାଇଁ ବହୁ ପରିମାଣର ତଣ୍ଡ ଗଣିବାକୁ ପଡୁଛି। ଯାହା ଜଣେ ଗରିବ ଲୋକର ମାସକର ଆୟ ସହ ପ୍ରାୟ ସମାନ। ତରବରିଆ ଭାବେ ସରକାର ନୂଆ ନିୟମ ଲାଗୁ କରିଥିବା ଲୋକେ ମତ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମଙ୍ଗଳବାର ଟ୍ରାଫିକ ଡିସିପି ସାଗରିକା ନାଥ କଟକରେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ସକାଳ ପ୍ରାୟ ସାଢେ ୧୦ଟାରେ ଡିସିପି ନାଥ ମଧୁପାଟଣା ଛକ ଓ ସନ୍ଧ୍ୟାରେ ବକ୍ସିବଜାର ଛକରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଟ୍ରାଫିକ ନିୟମ ମାନି ହେଲମେଟ, ସିଟ୍‌ବେଲ୍ଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଗୋଲାପ ଫୁଲ ସହ ଚକୋଲେଟ୍ ବାଣ୍ଟିଥିଲେ। ବିନା ହେଲମେଟ୍‌ରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ସେହିପରି ଟ୍ରାଫିକ ନିୟମ ସଂକ୍ରାନ୍ତ ଲିଫ୍‌ଲେଟ ମଧ୍ୟ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସ, ଟ୍ରାଫିକ ପୋଲିସ ଏସିପି ଯତିନ୍ କୁମାର ପଣ୍ଡା, ଆଇଆଇସି ମନୋଜ ରୋଶନ ବିଲୁଙ୍ଗ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

ସୂଚନା ଅନୁଯାୟୀ, ନୂଆ ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ପୂର୍ବାପେକ୍ଷା ୧୦ ଗୁଣା ଅଧିକ ଜରିମାନା ଭରିବାକୁ ପଡୁଛି। କିଛି ଘଟଣା ଏମିତି ଘଟିଥିଲା ଯେଉଁଠି ଜରିମାନା ରାଶି ଗାଡ଼ି ମୂଲ୍ୟଠାରୁ ଅଧିକ ହୋଇଯାଇଥିଲା। ଏ ନେଇ ଟ୍ରାଫିକ ପୋଲିସ ଓ ଜନତାଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକଙ୍କୁ ଲାଗୁଥିଲା ଯେମିତି ପ୍ରଶାସନ ଜୋର ଜବରଦସ୍ତି ଆଇନ ଲଦି ଦେଉଛନ୍ତି। ବିନା ସଚେତନତାରେ ବିପୁଳ ପରିମାଣର ଜରିମାନା ଆଦାୟ ଘଟଣାକୁ ଜନସାଧାରଣ ସହଜରେ ଗ୍ରହଣ କରିନାହାନ୍ତି। ଡିସିପି ନାଥ କହିଛନ୍ତି, ଲୋକେ କିପରି ସଚେତନ ହେବେ ଓ ଟ୍ରାଫିକ ନିୟମ ପାଳନ କରିବେ ସେ ନେଇ ସଚେତନତା କରାଯାଉଛି। ଟ୍ରାଫିକ ପୋଲିସ ପକ୍ଷରୁ ବର୍ତ୍ତମାନ ମଦ ପିଇ ଗାଡ଼ି ଚଳାଇବା, ଗାଡ଼ି ଚାଳନା ବେଳେ ଫୋନରେ କଥା ହେବା, ହେଲମେଟ୍ ନ ପିନ୍ଧିବା, ବିନା ଲାଇସେନ୍‌ସରେ ଗାଡ଼ି ଚଳାଇବା, ୩ଜଣ ବାଇକରେ ଯିବା ଆଦି ମୁଖ୍ୟତଃ ୫ଟି ନିୟମକୁ ଗୁରୁତ୍ୱ ଦିଆଯାଉଛି। ଆଗ ଅପେକ୍ଷା ଅଧିକ ଲୋକେ ଏବେ ଟ୍ରାଫିକ ନିୟମ ମାନୁଛନ୍ତି ଯାହା ଏକ ଖୁସିର ଖବର ବୋଲି ଟ୍ରାଫିକ ଡିସିପି ନାଥ ପ୍ରକାଶ କରିଛନ୍ତି।





କଟକ ସାରଳା ଭବନରେ ଇଣ୍ଡିଆ ଥିଏଟର ଅଲମ୍ପିଆଡର ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

# ୩୫ ଅଭିଯୋଗର ଶୁଣାଣି

## ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଚିକିତ୍ସା ସହାୟତା

**କଟକ ଅଫିସ, ୧୦।୯**

କଟକ ସଦର ମହକୁମାଠାରେ ମଙ୍ଗଳବାର ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ପୋଲିସ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୩୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରେ ଗୋଟିଏ ସାମୂହିକ ଓ ୩୪ଟି ବ୍ୟକ୍ତିଗତ ସମସ୍ୟା ସଂକ୍ରାନ୍ତ ଥିଲା। ୮ଟିର ଦ୍ରୁତ ସମାଧାନ କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଚିକିତ୍ସା ଖର୍ଚ୍ଚ ବାବଦରେ ଖବରଦାତା ଚିତ୍ତରଞ୍ଜନ ସାମନ୍ତରାୟଙ୍କୁ ୧୦ ହଜାର, ଟାଙ୍ଗୀ-ଚୌଦ୍ୱାର ଜୟପୁର ଗ୍ରାମର ପ୍ରଦୀପ କୁମାର ସାହୁଙ୍କୁ ୧୦ ହଜାର ଓ କଣ୍ଟାପଡ଼ା ବାଗଲପୁର ଗ୍ରାମର ସଞ୍ଜୟ କୁମାର ସାହୁଙ୍କୁ ୫ହଜାର ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ, ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀ ତ୍ରିନାଥ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବସ୍ତି ବାସିନ୍ଦା ମିଳିତ ମଞ୍ଚର ବିକ୍ଷୋଭ

## ସିଏମ୍‌ସି କମିଶନରଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ





ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କଟକ ଅଫିସ, ୧୦।୯**

ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ୫ଦଫା ଦାବି ନେଇ ମଙ୍ଗଳବାର କଟକ ମହାନଗର ନିଗମ (ସିଏମ୍‌ସି) ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବିନା ଥଇଥାନରେ ବସ୍ତି ଉଚ୍ଛେଦ ବନ୍ଦ କରିବା, ଗରିବ ବାସହରା ପରିବାର ଓ ବସ୍ତିବାସିନ୍ଦାଙ୍କୁ ବାସଗୃହ ଯୋଗାଇବା, ବିସ୍ଥାପିତଙ୍କୁ ତୁରନ୍ତ ଥଇଥାନ କରିବା, ସାଧାରଣ କର୍ମଜୀବୀଙ୍କ ଦ୍ୱାରା ସରକାରୀ ଜାଗାରେ ଗଢି ଉଠିଥିବା ପୁରୁଣା ଜନବସତିକୁ ଆଇନ ସମ୍ମତ କରି ପଟ୍ଟା ଦେବା ଆଦି ଦାବି କରାଯାଇଛି। ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମ୍ ଆବାହକ ପ୍ରଶାନ୍ତ ଦାସ, ଏସ୍‌ୟୁସିଆଇ(ସି) ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ସମ୍ପୂର୍ଣ୍ଣକ୍ରାନ୍ତି ଅଭିଯାନର ସମ୍ପାଦକ ଯୁଗଳ କିଶୋର ନାୟକ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

### ଅର୍ଥଶାସ୍ତ୍ର ବିଭାଗର ଆଲୋଚନାଚକ୍ର

**କଟକ ଅଫିସ, ୧୦।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ମଙ୍ଗଳବାର ବିଦେଶୀ ମୁଦ୍ରା ଭଣ୍ଡାରର କାରକଗୁଡିକର ପୁନରବଲୋକନ ଶୀର୍ଷକ ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗର ସେମିନାର ଉପଦେଷ୍ଟା ଡ. ଆଶିଷ କୁମାର ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କେରଳର ରାଜଗିରି ବିଜନେସ ସ୍କୁଲର ଆସିଷ୍ଟାଣ୍ଟ ପ୍ରଫେସର ଡ. ଆଶିଷ କୁମାର ପ୍ରଧାନ ଯୋଗଦେଇ ବୈଦେଶିକ ମୁଦ୍ରାର ଆକଳନରେ କେନ୍ଦ୍ରୀୟ ବ୍ୟାଙ୍କର ସ୍ଥିତି କିଭଳି ଭାବେ ବ୍ୟବସାୟିକ କ୍ଷେତ୍ର ନିମିତ୍ତ ପ୍ରତିଶ୍ରୁତି ଭଳି କାର୍ଯ୍ୟ କରେ ସେ ସମ୍ପର୍କରେ ବୁଝାଇବା ସହ ବୈଦେଶିକ ମୁଦ୍ରା ସଂରକ୍ଷଣର ବିଭିନ୍ନ କାରକଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଚିତ୍ତରଞ୍ଜନ ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ର ସୌଭିକ ଦେ ଧନ୍ୟବାଦ ଦେଇଥିଲେ।

# ରାସ୍ତା, ଡ୍ରେନ୍ ମରାମତି ପାଇଁ ସ୍ମାରକପତ୍ର

**କଟକ ଅଫିସ,୧୦।୯**

କଟକ ସହରର କେଶରପୁର ଶାନ୍ତି ମଣ୍ଡପ ଲେନ ସାଇଭିଜନ ହସ୍ପିଟାଲ ସାମ୍ନା ରାସ୍ତା, କେଶରପୁର ମସଜିଦ, ରହେମାତୁଲ୍ଲା ଗଳି, ସେମିନାରୀ ସ୍କୁଲ ରାସ୍ତା, ମେରିଆବଜାର, ଗଣ୍ଡାଡିଆ କେନାଲ ରାସ୍ତା ଏବଂ ଡ୍ରେନ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ଡ୍ରେନର ମଇଳା ପାଣି ରାସ୍ତାକୁ ଉଦ୍‌ବୃତ୍ତ ହୋଇଆସିବା ସହ ସ୍ଥାନୀୟ ବାସିନ୍ଦାଙ୍କ ଘରେ ପଶୁଛି। ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ବର୍ଷାପାଣି ଜମି ରହି ଡେଙ୍ଗୁ, ମହାମାରୀ ବ୍ୟାପିବା ଆଶଙ୍କା ସୃଷ୍ଟି ହେଉଛି। ଜାଇକା କାମ ଲାଗି ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଦଶହରା ଆସୁଥିବାରୁ ତୁରନ୍ତ ରାସ୍ତା, ଡ୍ରେନ୍ ମରାମତି କରାଯିବାକୁ ସଂଘ ଦାବି କରିଛି। ଏ ନେଇ ମଙ୍ଗଳବାର ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମ କମିଶନର ମନୋରଞ୍ଜନ ମହାପାତ୍ରଙ୍କୁ ସ୍ମାରକପତ୍ର ଦିଆଯାଇଛି। ସଂଘ ସଭାପତି ଅଜିଜ ଖାନ୍ ଲାଲୁଙ୍କ ନେତୃତ୍ୱରେ ମହମ୍ମଦ ମୋକିମ, ଏମ୍‌ଡି ହାପିଜ୍, ସେକ୍ ଅନିଲ, ସନ୍ତୋଷ କୁମାର ମେହେଟା, ଏମ୍. ସାବିତ୍ରୀ, ଏମ୍‌ଡି ସାହେବଜାନ ପ୍ରମୁଖ ସ୍ମାରକପତ୍ର ଦେଇଥିଲେ।

# ଚୋରି ଟ୍ରକ୍ ଚନ୍ଦକା ଜଙ୍ଗଲରୁ ଉଦ୍ଧାର

**ଖୁଣ୍ଟୁଣୀ,୧୦।୯(ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ପାଇକେରାପୁର ଗ୍ରାମରୁ ଚୋରି ହୋଇଥିବା ଟ୍ରକ୍‌କୁ ମଙ୍ଗଳବାର ପୋଲିସ ବାରଙ୍ଗ ଥାନା ଅନ୍ତର୍ଗତ ଚନ୍ଦକା ଜଙ୍ଗଲର ଏକ ଖାଲରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ପାଇକେରାପୁର ଗ୍ରାମର ପ୍ରଶାନ୍ତ ରାଉତଙ୍କ ଟ୍ରକ (ଓଡି ୦୫ଟି ୪୧୧୮) ଯାତ୍ରା ପଡ଼ିଆ ଆଗରେ ରହେ। ସୋମବାର ରାତିରେ ଏହାକୁ କେହି ଚୋରି କରିଥିବା ନେଇ ପ୍ରଶାନ୍ତ ଗୁରୁଡିଝାଟିଆ ଥାନାରେ ଅଭିଯୋଗ କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ଥାନା ଅଧିକାରୀ ବିଜୟ କୁମାର ବିସି, ଏସ୍‌ଆଇ ଗୟାଧର ବେହେରା ଓ ଅନ୍ୟ ଥାନା କର୍ମଚାରୀଙ୍କୁ ପଠାଇ ଟ୍ରକ୍‌କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ପୋଲିସ ଟ୍ରକ୍ ମାଲିକ ପ୍ରଶାନ୍ତ ଓ ଡ୍ରାଇଭରଙ୍କୁ ପଚରାଉଚରା ଚଳାଇଥିବା ଜଣାପଡିଛି।





କଟକ ଖାନନଗର ଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ଓଡ଼ିଆ ଚଳଚ୍ଚିତ୍ର 'କୁଇନ'ର ଶୁଭ ମହୁରତ ଅବସରରେ ଯୋଗଦେଇଥିବା ଅତିଥି ଓ କଳାକାରମାନେ।

# ୧ ହଜାର ଚାରା ରୋପଣ ଅଭିଯାନ ଆରମ୍ଭ

**କଟକ ଅଫିସ, ୧୦।୯**

ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ବିଶ୍ୱନାଥ ପଶାୟତଙ୍କ ୧୦୮ତମ ଜୟନ୍ତୀ ଅବସରରେ ମଙ୍ଗଳବାରଠାରୁ ୧ହଜାର ଚାରାରୋପଣ ଅଭିଯାନ ଆରମ୍ଭ ହୋଇଛି। ବିଶ୍ୱନାଥ ପଶାୟତ ଜୟନ୍ତୀ କମିଟି ପକ୍ଷରୁ ସିଡିଏ ସେକ୍ଟର-୬ସ୍ଥିତ ଜୟପ୍ରକାଶ ନାରାୟଣ ପାର୍କଠାରେ ଚାରା ରୋପଣ କରାଯାଇଛି। କଟକ ଓ ଏହାର ଆଖପାଖ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାଠଯୋଡ଼ି ବିହାର, ସେକ୍ଟର-୧୨ ଓ ୧୩, କାଠଯୋଡ଼ି ନଦୀବନ୍ଧ ନିକଟ ଗୋଚର ଭୂମି, ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣ ତଥା ଜୟପ୍ରକାଶ ନାରାୟଣ ପାର୍କରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ବିକ୍ରମ ଦେବ ପଟ୍ଟନାୟକ, ବଳରାମ ପ୍ରସାଦ ନନ୍ଦ, ନିରଞ୍ଜନ ବେହେରା, ସଞ୍ଜୟ ଦାସ, ଦୀପାଂଶୁ ଦାସ, ଚିତ୍ତରଞ୍ଜନ ମହାନ୍ତି, ଡ. ସତ୍ୟ ରାୟ, ଗୌରୀ ପ୍ରସାଦ ନାୟକ, କେଦାରନାଥ ଜାଲି, ସିଦ୍ଧେଶ୍ୱର ମଲ୍ଲିକ, ଈଶ୍ୱର ଚନ୍ଦ୍ର ହରିଚନ୍ଦନ, ରଞ୍ଜନ ସାମଲ, ଦୀପକ ରାଉତରାୟ, ସନ୍ତୋଷ ଦାସ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଳି ପଞ୍ଚାୟତ ସମିତି ବୈଠକ

**ନିଆଳି,୧୦।୯(ଡି.ଏନ୍.ଏ.)**

ନିଆଳି ପଞ୍ଚାୟତ ସମିତିର ୯ମ ବୈଠକ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତିର ଅଧ୍ୟକ୍ଷା କଳ୍ପନା ପାଣି ସଭାପତିତ୍ୱ କରିଥିବା ବେଳେ ଆତ୍ମାର ଅଧ୍ୟକ୍ଷ ଆଦିତ୍ୟ ପାଣି ଉକ୍ତ ବୈଠକକୁ ପରିଚାଳନା କରିଥିଲେ। ବୈଠକରେ ସ୍ଥାନୀୟ ବିଧାୟକ ଡା.ପ୍ରମୋଦ କୁମାର ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ବିଡିଓ ଅଶୋକ କୁମାର ଲେଙ୍କାଙ୍କୁ ପଞ୍ଚାୟତ ସମିତି ପକ୍ଷରୁ ଫୁଲତୋଡା ଦିଆଯାଇ ସ୍ୱାଗତ କରାଯାଇଥିଲା। ଭାରପ୍ରାପ୍ତ ବ୍ଲକ ପଞ୍ଚାୟତ ଅଧିକାରୀ ବିଶ୍ୱନାଥ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ବିଶେଷ କରି ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯିବା ସହ ବହୁ ସଭ୍ୟ ଏହା ସୁଚାରୁରୂପେ କାର୍ଯ୍ୟ କରାଯାଉନାହିଁ ବୋଲି କହିଥିଲେ। ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ୩ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଆବଶ୍ୟକ ମାଗଣା ଔଷଧ ମିଳୁ ନ ଥିବା ନେଇ ବହୁ ସଭ୍ୟ ଅଭିଯୋଗ କରିଥିଲେ। ସେହିପରି ବିଦ୍ୟାଳୟରେ ଶିକ୍ଷକ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ସରୋଜ ପ୍ରଧାନ ଦେବାଶିଷ ଷଡଙ୍ଗୀ, ପୁଲକ ମହାନ୍ତି, ପ୍ରଶାନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

■ କଟକରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

# ଜୋର୍ ଧରୁଛି ଆନ୍ଦୋଳନ

**କଟକ ଅଫିସ, ୧୦।୯**






କଟକ ସୁରକ୍ଷା କମିଟି ଓ ହିନ୍ଦୁ ସେନା ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସର୍ବପୁରାତନ କଟକ ସହରରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତର ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଏବେ ଆନ୍ଦୋଳନର ଦାନା ବାନ୍ଧୁଛି। କାର୍ଯ୍ୟାଳୟ ସ୍ଥାନାନ୍ତର କରା ନ ଯିବାକୁ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। କିଛିଦିନ ତଳେ ରେଲୱେ ପୋଷ୍ଟ ଅଫିସ ସ୍ଥାନାନ୍ତରକୁ ନେଇ ବିବାଦ ଦେଖାଦେଇଥିଲା। ଏବେ ଖପୁରିଆରେଥିବା ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକଙ୍କ ଆଞ୍ଚଳିକ କାର୍ଯ୍ୟାଳୟକୁ କୋଲକାତା ସ୍ଥାନାନ୍ତର ପାଇଁ ମସୁଧା ଚାଲିଛି। ଆସନ୍ତା ମାସ ଶେଷ ସୁଦ୍ଧା କାର୍ଯ୍ୟାଳୟର ସମସ୍ତ ଫାଇଲ, ରେକର୍ଡପତ୍ରକୁ କୋଲକାତା ସ୍ଥାନାନ୍ତର କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଓଡ଼ିଶାର ବ୍ୟବସାୟୀଙ୍କୁ କୋଲକାତା ଜୋନାଲ ଅଫିସ୍ ଉପରେ ନିର୍ଭର କରିବାକୁ ପଡ଼ିବ। ବିଦେଶକୁ କୌଣସି ଜିନିଷ ପଠାଇବା ନିମନ୍ତେ ସେମାନେ କୋଲକାତା ଅଫିସକୁ ଆବେଦନ କରିବାକୁ ବାଧ୍ୟ ହେବେ। ଏଭଳି ଭାବେ କଟକରୁ ୧୧ଟି ସରକାରୀ କାର୍ଯ୍ୟାଳୟ ଭୁବନେଶ୍ୱରକୁ ସ୍ଥାନାନ୍ତର ହେବା ନେଇ ଚର୍ଚ୍ଚା ଚାଲିଛି। ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକ ସ୍ଥାନାନ୍ତର ହେଲେ କଟକ ସହର ଗୁରୁତ୍ୱ ହରାଇବ। ତେଣୁ ଏହାର ପ୍ରତିବାଦରେ ଆରମ୍ଭ ହୋଇଛି ଦସ୍ତଖତ ଅଭିଯାନ। ମଙ୍ଗଳବାର କଟକ ସୁରକ୍ଷା ସମିତି ଏବଂ ହିନ୍ଦୁ ସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଆନ୍ଦୋଳନରେ କମିଟି ସଭାପତି ଅଭିଷେକ ଜେନା, ରାଜ୍ୟ ସଭାପତି ଦେବାଶିଷ ରାଉତ, ଉପସଭାପତି ଧ୍ରୁବ ଚରଣ ସାହୁ, ମୁଖ୍ୟ ଉପଦେଷ୍ଟା ରଞ୍ଜିତ ସାମଲ ପ୍ରମୁଖ ସାମିଲ ଥିଲେ। ୮ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କଟକ ବନ୍ଦ ଡାକରା ଦିଆଯିବ ବୋଲି କୁହାଯାଇଛି।

ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ (ଡିଟିଇଟି), ଶିଳ୍ପ ନିର୍ଦ୍ଦେଶାଳୟ, ରାଜସ୍ୱ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ସରକାରୀ ପ୍ରେସ୍ ଆଦି ବିଭିନ୍ନ କାର୍ଯ୍ୟାଳୟ ଭୁବନେଶ୍ୱରକୁ ଉଠିଯିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବା ପାଇଁ ନାଗରିକ ମଞ୍ଚ, କଟକ ବଞ୍ଚାଅ ଆନ୍ଦୋଳନ ସମିତି, ଏକତା କମିଟି, ପୂଜା କମିଟି ଭଳି ବହୁ ସଙ୍ଗଠନ ଦାବି କରିଛନ୍ତି। ଏ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗତ କିଛିଦିନ ହେବ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ସରକାର କାର୍ଯ୍ୟାଳୟ ସ୍ଥାନାନ୍ତର ଅଭିଯାନକୁ ସ୍ଥଗିତ ନ ରଖିଲେ ଏହି ସଙ୍ଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କଟକ ବଞ୍ଚାଅ ଅଭିଯାନର କର୍ମକର୍ତ୍ତା ଅଭିଜିତ ପୃଷ୍ଟି କହିଛନ୍ତି, ଆଗାମୀ ଦିନରେ କଟକ ସହରରୁ ବହୁ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର କରିବା ପାଇଁ ସରକାର ଯେଉଁ ଚିନ୍ତା କରିଛନ୍ତି ତାହା ପୂରଣ ହେବାକୁ ଦେବୁ ନାହିଁ। ସକରାରୀ କାର୍ଯ୍ୟାଳୟଗୁଡ଼ିକ ସ୍ଥାନାନ୍ତର ହେଲେ ସହର ଶ୍ରୀହୀନ ହୋଇପଡ଼ିବ। କଟକ ସହରର ଗରିମା ବଜାୟ ରଖିବାକୁ ହେଲେ ଏହି ସବୁ କାର୍ଯ୍ୟାଳୟ କଟକରେ ରହିବା ନିହାତି ଆବଶ୍ୟକ। ସେହିପରି ଏସ୍‌ୟୁସିଆଇ ନେତା ଖଗେଶ୍ୱର

### ପ୍ରତିବାଦରେ ଦସ୍ତଖତ ଅଭିଯାନ, ବିକ୍ଷୋଭ

ସେଠୀ କହିଛନ୍ତି, ବର୍ତ୍ତମାନ ଓଡ଼ିଶାର ବ୍ୟବସାୟୀମାନେ ବିଦେଶକୁ ନିଜ ସାମଗ୍ରୀ ପଠାଇବା ପାଇଁ ଖପୁରିଆସ୍ଥିତ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ଏହି କାର୍ଯ୍ୟାଳୟ ଯଦି କୋଲକାତାକୁ ଉଠିଯାଏ ତାହାହେଲେ ବ୍ୟବସାୟୀଙ୍କୁ କୋଲାକାତା ଯିବାକୁ ପଡ଼ିବ। ବାଲିଯାତ୍ରା ସେକ୍ରେଟାରୀ ସୁକାନ୍ତ ମହାନ୍ତି କହିଛନ୍ତି, ଲୋକଙ୍କ ପାଇଁ ସରକାର ସିଙ୍ଗିଲ ୱିଣ୍ଡୋ କରିବାରେ ବିଫଳ ହୋଇଛନ୍ତି। ଫଳରେ ଲୋକେ ହଇରାଣ ହରକତ ହେଉଛନ୍ତି। ଏବେ ସରକାରୀ ବାବୁମାନଙ୍କୁ ସୁହାଇବା ଭଳି ଏହି ବ୍ୟବସ୍ଥା କରାଯାଉଛି। ଏଥିଯୋଗୁ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହେବେ। ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତାହାହେଲେ ଆଗାମୀ ଦିନରେ ସଂଗୃହୀତ ଦସ୍ତଖତକୁ ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ସହ କଟକରୁ ଭୁବନେଶ୍ୱରର ନବୀନ ନିବାସ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣାରେ ବସିବୁ।



"ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



# ବଢୁଛି ବନ୍ୟାଜଳ: ଗାଁ ଦାଣ୍ଡରେ ୪ ଫୁଟର ପାଣି

ଖୋର୍ଦ୍ଧା ଅଫିସ,୧୦।୯

## ୧୩ ଗାଁ ଲୋକ ରାତି ଉଜାଗର

ସୋମବାରଠାରୁ ଖୋର୍ଦ୍ଧା ବ୍ଲକର ଓରବରସିଂ ପଞ୍ଚାୟତର ୧୦ ଗାଁ ଓ ନରଣଗଡ ପଞ୍ଚାୟତର ୩ ଗାଁ ଏପରି ୧୩ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି। ଓରବରସିଂ ପଞ୍ଚାୟତର ହିରିମୂଳ ଗାଁ ଦାଣ୍ଡରେ ୪ ଫୁଟର ବନ୍ୟାଜଳ ଓ ନରଣଗଡ ପଞ୍ଚାୟତର ଓରମି ଗାଁ ଦାଣ୍ଡରେ ୩ ଫୁଟ, ମାନପୁରରେ ସାଢେ ୨ ଫୁଟ ବନ୍ୟାଜଳ ଲହଡି ମାରୁଛି। ସେହିଭଳି ଓରବରସିଂ ପଞ୍ଚାୟତର ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, ତେନ୍ତୁଳିମୂଳ, ରାୟପୁର, ବାଲିକୁଦା, ଲେଖନପୁର ଗାଁ ଭିତରେ ୧ରୁ ୨ ଫୁଟ ପାଣି ଗାଁ ଦାଣ୍ଡରେ ଜମିଲାଣି। କୃଷ୍ଣପୁର ଗାଁରେ ପାଣି ପଶି ନ ଥିଲେ ହେଁ ଚତୁଃପାର୍ଶ୍ୱ ପାଣି ଘେରି ରହିଛି। ଦୁଇ ପଞ୍ଚାୟତକୁ ପଡିଥିବା ବିଭିନ୍ନ ରାସ୍ତାରେ ୧ରୁ ୨ ଫୁଟର ପାଣି ପ୍ରବାହିତ ହେଉଛି। ବନ୍ୟାଜଳ ବଢୁଥିବାରୁ ଦୁଇ ପଞ୍ଚାୟତବାସୀ ଭୟଭୀତ ହୋଇପଡିଛନ୍ତି। ରାତି ଉଜାଗର ରହି ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ନିଷ୍ପତ୍ତି ନେଇଛନ୍ତି। ଚାଷଜମି ବୁଡି ରହି ପୋଖରୀ ଭ୍ରମ ସୃଷ୍ଟି କରୁଛି।



ଧବଳପୁର ଗାଁ ଦାଣ୍ଡରେ ବନ୍ୟାଜଳ।



ଡିହଖଳା ସ୍କୁଲ ପରିସର ପାଣିରେ ବୁଡି ରହିଛି।

## ବର୍ଷା ଦାଉ ସାଧୁଛି

ଏପଟେ ବନ୍ୟାଜଳ ବଢୁଛି, ସେପଟେ ବର୍ଷା ତୁହାକୁ ତୁହା ହେଉଛି। ବନ୍ୟା ବିପନ୍ନଙ୍କ ଦୁଃଖ ବଢିବାରେ ଲାଗିଛି। ଅନ୍ୟପକ୍ଷେ ବାତ୍ୟା ଫନୀର ୪ ମାସରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ବିପନ୍ନ ଘରଭଙ୍ଗା ସହାୟତା ରାଶି ପାଇ ନାହାନ୍ତି। ଫନୀର କ୍ଷୟକ୍ଷତିର ଭରଣ ହୋଇ ନ ଥିବାବେଳେ ଲଘୁଚାପ ବର୍ଷା ବନ୍ୟା ବିପନ୍ନଙ୍କ ଦୁଃଖକୁ ଦୁଇଗୁଣିତ କରିଛି। ଫନୀ ଭାଙ୍ଗିଥିବା ଘରକୁ ମାଟିରେ ମିଶାଇ ଚାଲିଛି ଲଘୁଚାପ ବର୍ଷା। ସୁରକ୍ଷା ଦେଇ ପାରିଲାନି ଚାଳ ଓ ଅଜବେଷ୍ଟସ ଛପର ଉପରେ ପଡିଥିବା ପଲିଥିନ। ଘରେ ପାଣି ପଶି ଆସବାବପତ୍ର ନଷ୍ଟ କରିବା ସହ କେତେକ ସ୍ଥାନରେ ଘରର କାନ୍ଥ ଭୁଶୁଡିଲାଣି। ଆଉ କେତେକ ଘରର କାନ୍ଥ ଭୁଶୁଡିବା ପାଇଁ ଝୁଲି ରହିଛି। ପାଖରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ପରିବାରର ସଦସ୍ୟମାନେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। କ'ଣ କରିବେ, କିପରି ଚଳିବେ, ଚିନ୍ତାରେ ବିପନ୍ନ ପରିବାର ରହିଛନ୍ତି।

## ପ୍ରଶାସନର ଅଣଦେଖା

୨୦୧୯ ଅଗଷ୍ଟରେ ବର୍ଷା ନ ଥାଇ ବନ୍ୟା ହୋଇ ଥିବାବେଳେ ସେପ୍ଟେମ୍ବରରେ ମଧ୍ୟ ଅନୁରୂପ ବନ୍ୟା ପରିସ୍ଥିତି ଉପୁଜିଛି। ୨ ଦିନ ବିତିଯିବାକୁ ବସିଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ପାଦ ବନ୍ୟା ଅଞ୍ଚଳରେ ପଡିନି। ବିଡିଓଙ୍କୁ ଫୋନ କଲେ ଉଠାଉନାହାନ୍ତି। ବିପନ୍ନ ଅଭିଯୋଗ ଶୁଣିବାକୁ କେହିନାହାନ୍ତି। ଅନ୍ୟପକ୍ଷେ ୨୦୧୯ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିଲା। ଏଣୁ ୨୦୧୮ ଜୁଲାଇରେ ହୋଇଥିବା ବନ୍ୟାରେ ଓରବରସିଂହ ଓ ନରଣଗଡ ପଞ୍ଚାୟତର ବିଭିନ୍ନ ଗାଁକୁ ଆଶାୟୀ ବିଧାୟକ ପ୍ରାର୍ଥୀମାନେ ଦୌଡିଥିଲେ। ସେହିପରି ଆଞ୍ଚଳିକ ନେତା ଓ ଜିଲାସ୍ତରୀୟ ନେତା, ଆଗଧାଡି କର୍ମୀମାନେ ମଧ୍ୟ ହାତଛଡା କରି ନ ଥିଲେ। ଉପଜିଲାପାଳ ଶୁଭେନ୍ଦ୍ର ସାମଲ କୁହନ୍ତି, ବନ୍ୟା ଅଞ୍ଚଳରେ ମାଗଣା ଖାଦ୍ୟ ଦେବାକୁ କୁହାଯାଇଛି। ଗୋରୁଙ୍କ ପାଇଁ ଖାଦ୍ୟ ଦିଆଯିବ। ହିରିମୂଳ ପାଇଁ ଗୋଟିଏ ଡଙ୍ଗା ବ୍ୟବସ୍ଥା ହୋଇଛି।

## ଚାଷଜମି ଜଳମଗ୍ନ

ବାଙ୍କୀ ରଣଶଙ୍ଖ ଦେଇ ବର୍ଷାଜଳ ମହାନଦୀକୁ ଯାଉ ନ ଥିବାରୁ ବେଗୁନିଆ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇପଡିଛି। ମହାନଦୀରେ ଜଳ ବଢିଥିବାରୁ ବାଘମାରୀ, ସାରୁଅ, ଅଟ୍ରୀ, କୋଟପଲ୍ଲୀ, ପତନୀବର, ପୋଡାଡିହ, ନୀଳକଣ୍ଠପୁର, ଦିନିଆରୀ, ତୁଳସୀପୁର, ବାସୁଦେବପୁର, ବରସାହି, ସିମର, ଗଁପୁର ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇପଡିଛି। ଯଦି ବନ୍ୟାଜଳ ହ୍ରାସ ନ ପାଏ, ତେବେ ଭୋଗଡା, ତୁଳସୀପୁର, ପୋଡାଡିହ, ଦିନିଆରି ଅଞ୍ଚଳ ରାସ୍ତା କଟ୍ ଅଫ ହୋଇଯିବାର ଆଶଙ୍କା ପ୍ରକାଶ ପାଇଲାଣି। ସେହିଭଳି ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ବାଘମାରୀର ବଡଶଙ୍ଖ ନିକଟରେ ମଧ୍ୟ ପାଣି ଅତିକ୍ରମ କରିପାରେ।

ପାର୍କିଂ ନିୟମ ଭାଙ୍ଗିଲେ ମେଡିକାଲ କର୍ମଚାରୀ

# ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼ମାରି ଲିଫ୍ଟ ଅପରେଟର ଗିରଫ

ଖୋର୍ଦ୍ଧା ଅଫିସ, ୧୦।୯

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ସିକ୍ୟୁରିଟି ଗାର୍ଡ ମୁକୁନ୍ଦପ୍ରସାଦର ମାନସ ରଞ୍ଜନ ବେହେରାଙ୍କୁ ମାଡ ମାରିବା ଅଭିଯୋଗରେ ଲିଫ୍ଟ ଅପରେଟର ଗିରଫ ହୋଇଛନ୍ତି। ଗିରଫ ଲିଫ୍ଟ ଅପରେଟର ହେଲେ ସୂର୍ଯ୍ୟନଗରର ଜୀବନଜ୍ୟୋତି ଗୁରୁ। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗିରଫ କରିଛି। ସୋମବାର ବିଳମ୍ବିତ ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ଗାର୍ଡ ମାନସ ଡ୍ୟୁଟି କରୁଥିଲେ। ଚିକିତ୍ସାଳୟର ଲିଫ୍ଟ ଅପରେଟର ଜୀବନଜ୍ୟୋତି ଏହି ସମୟରେ ନିଜ ବାଇକ୍‌କୁ ଚିକିତ୍ସାଳୟର ମୁଖ୍ୟ ଫାଟକ ସମ୍ମୁଖରେ ରଖିଥିଲେ। ସିକ୍ୟୁରିଟି ଗାର୍ଡ ପ୍ରତିବାଦ କରିବା ସହ ଆମ୍ବୁଲାନ୍ସ ଯିବାରେ ଅସୁବିଧା ହେବ ଦର୍ଶାଇ ବାଇକ୍ କାଢି ନେବାକୁ କହିଥିଲେ। ହେଲେ ଜୀବନଜ୍ୟୋତି କିଛି ନ ଶୁଣି ୫ ମିନିଟ୍‌ରେ ଆସୁଛି କହି ୨୦ ମିନିଟ୍ ପରେ ଆସିଥିଲେ। ମାନସ ପ୍ରତିବାଦ କରିବାରୁ ଜୀବନଜ୍ୟୋତି ତାଙ୍କୁ ଗାଳିଗୁଲଜ କରିବା ସହ ବାଇକ୍‌ରେ ପକାଇଥିବା ଚାବି ଚେନରେ ଆକ୍ରମଣ କରିଥିଲେ। ଏଥିରେ ମାନସ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ମାନସଙ୍କ ଅଭିଯୋଗକ୍ରମେ ନଂ. ୨୯୩/୧୯ରେ ମାମଲା ରୁଜୁ କରି ଜୀବନଜ୍ୟୋତିଙ୍କୁ ଗିରଫ କରିଥିଲା। ତେବେ ମେଡିକାଲ କର୍ତ୍ତୃପକ୍ଷ ଉଭୟଙ୍କ ମଧ୍ୟରେ ସମାଧାନ କରିବାରୁ ଜୀବନଜ୍ୟୋତି ଜେଲ ଯିବା ବଦଳରେ ଘରକୁ ଫେରିଥିଲେ।

## ସଂକ୍ଷେପରେ

### ପୋଡିଗଲା ଗଣେଶ ମେଢ଼

**ଖୋର୍ଦ୍ଧା ଅଫିସ,୧୦।୯:** ବେଗୁନିଆ ବ୍ଲକ ଜଙ୍କିଆ ଥାନା ନିଧିପୁର ଗାଁର ଓଁମ ଶ୍ରୀପୂଜା କମିଟିର ଗଣେଶ ମେଢ଼ ପୋଡିଯାଇଛି। ସୋମବାର ରାତିରେ ଅଗ୍ନିକାଣ୍ଡରେ ମେଢଟି ଜଳିଯାଇଛି। ଗଣେଶ ମୂର୍ତ୍ତିଙ୍କ ପାଖରେ ସଜ୍ଜା ହୋଇଥିବା ଶାଢ଼ି, ଟେଣ୍ଟ ଉପକରଣ, ମାଇକ୍ ଓ ଲାଇଟ୍ ପୋଡିଯାଇଛି।

### ସ୍କୁଲ ଛାତ୍ରୀଛାତ୍ରଙ୍କ ବ୍ୟାଗ ପରଖିବାକୁ ୩ ସ୍କ୍ୱାଡ

**ଖୋର୍ଦ୍ଧା ଅଫିସ,୧୦।୯:** ଛାତ୍ରୀଛାତ୍ର ଓଜନ ତୁଳନାରେ ବସ୍ତାନିର ବୋଝ ହ୍ରାସ କରିବାକୁ ଛାତ୍ରୀଛାତ୍ରଙ୍କ ବ୍ୟାଗ ପରଖିବାକୁ ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ ଜିଲାସ୍ତରୀୟ ୩ଟି ସ୍କ୍ୱାଡ ଗଠନ କରିଛନ୍ତି। ଏହି ସ୍କ୍ୱାଡ ୧୧ ତାରିଖ ପରେ ବିଭିନ୍ନ ସ୍କୁଲ ଯାଇ ସ୍ଥିତି ଆକଳନ କରିବା ସହ ଛାତ୍ରୀଛାତ୍ରଙ୍କ ବ୍ୟାଗ ପରଖିବେ। ଆଇନ ଉଲ୍ଲଙ୍ଘନର ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

### ଗଣେଶ ମୂର୍ତ୍ତି ଭସାଣି ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ, ୪ ଆହତ

**ଜଟଣୀ,୧୦।୯(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ କଂସପଦା ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣିକୁ ନେଇ ସୋମବାର ରାତିରେ ଅସବର୍ଣ୍ଣ-ସବର୍ଣ୍ଣ ଜାତିର ଦୁଇଗୋଷ୍ଠୀ ଯୁବକଙ୍କ ମଧ୍ୟରେ ମାରପିଟ ହୋଇ ୪ ଜଣ ଆହତ ହୋଇଛନ୍ତି। ଅସବର୍ଣ୍ଣ ସାହିର ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ଯାଉଥିବା ବେଳେ ଏହି ବିବାଦ ଉପୁଜିଥିବା ଜଣାପଡିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସତର୍କ ଦୃଷ୍ଟି ରଖିଛି।

### ବରୁଣେଇ ସୁରକ୍ଷା ଅଭିଯାନ ଚାରା ଲଗାଇଲେ, ମଞ୍ଜି ଗୁଳା ଜଙ୍ଗଲକୁ ଫିଙ୍ଗିଲେ

**ଖୋର୍ଦ୍ଧା ଅଫିସ,୧୦।୯:** ପ୍ରେରଣା ଇଣ୍ଟର ନ୍ୟାଶନାଲ ଗ୍ରୀନ ଆର୍ମି ଶାଖା ପକ୍ଷରୁ ବରୁଣେଇ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ଗ୍ରୀନ ଆର୍ମିର ସଦସ୍ୟମାନେ ଚାରା ଲଗାଇଲେ, ପର୍ଯ୍ୟଟକଙ୍କୁ ଚାରା ବାଣ୍ଟିଲେ ଓ ବରୁଣେଇ ଜଙ୍ଗଲ ଭିତରକୁ ମାଟି, ଗୋବର, ଗାମାକ୍ସିନ୍‌ର ଗୋଳାରେ ପଣସ, ଲିମ୍ବ, ହରିଡା, ବାହାଡାର ମଞ୍ଜି ସହ ଫୋପାଡି ଥିଲେ। ଜଙ୍ଗଲରେ ପାଦ ଦେଶରେ ବଉଳ, ଖିରିକୋଳି, ଚମ୍ପା, କାଳଚୂଆ, ଅଁଳା, ବାହାଡା, ହରିଡା ଆଦି ୨୦୦ ଚାରାରୋପଣ କରିଥିଲେ। ୨ ହଜାର ମଞ୍ଜିର ଗୁଳା ଜଙ୍ଗଲର ବିଭିନ୍ନ ସ୍ଥାନକୁ ଫୋପଡା ଯାଇଛି। ଅନ୍ୟପକ୍ଷେ ଆଖପାଖ ଗାଁକୁ ଯାଇ ଗ୍ରୀନ ଆର୍ମିର ସଦସ୍ୟମାନେ ଆମ ଜଙ୍ଗଲ ଆମେ ଜଗିବା ଓ ସୁରକ୍ଷିତ କରିବା, ଜଙ୍ଗଲ ଗଲେ ସରି ବାଘ ଭାଲୁ ବନ୍ୟପ୍ରାଣୀ ହେବେ ଗାଁ ମୁହାଁ ଆଦି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ପ୍ରେରଣା ଇଣ୍ଟର ନ୍ୟାଶନାଲ ଗ୍ରୀନ ଆର୍ମି ଶାଖାର ଚିଫ୍ କମାଣ୍ଡର ଦିଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଅଧାପିକା ଅନୁପମା ଚମ୍ପତିରାୟ, ସାମାଜିକ କର୍ମୀମାନେ ସହଯୋଗ କରିଥିଲେ।

### ଗଣେଶ ପୂଜା ପେଣ୍ଡାଲରେ ପାଲା ଭଜନ ପରିବେଷଣ

**ଜଟଣୀ,୧୦।୯(ଡି.ଏନ୍.ଏ.):** ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ମଙ୍ଗଳବାର ନବମ ଦିନରେ ପହଞ୍ଚିଛି। ହରିଭାଇନା ଛକ ଓ ଗୋପବନ୍ଧୁ ବଜାର ପେଣ୍ଡାଲରେ ମଙ୍ଗଳବାର ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା। ରାଜାବଜାରରେ ହୋଇଥିବା ଭଜନ କାର୍ଯ୍ୟକ୍ରମରେ ଅନେକ ଜନସମାଗମ ହୋଇଥିଲା। ଏହି ପେଣ୍ଡାଲ ପୂଜା କମିଟି ପକ୍ଷରୁ ଦିନବେଳା ଏଠାରେ ଏକ ମାଗଣା ଦନ୍ତ ଚିକିତ୍ସା ଶିବିର ଆୟୋଜନ କରି ଏକ ଭିନ୍ନ ବାର୍ତ୍ତା ଦେଇଛନ୍ତି।

### ଗ୍ୟାସ୍ ସିଲିଣ୍ଡର ଚୋରି ଘଟଣାରେ ଜଣେ ଗିରଫ

**ଯାଁଳା, ୧୦।୯(ଡି.ଏନ୍.ଏ.):** ଗ୍ୟାସ ସିଲିଣ୍ଡର ଚୋରି ଅଭିଯୋଗରେ ଯାଁଳା ଫାଣ୍ଡି ପୋଲିସ ମୁନା ପରିଡାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଡେଲାଙ୍ଗ ଥାନା ଅନ୍ତର୍ଗତ ଘୋରଡ଼ିଆ ଗ୍ରାମରେ ମୁନାଙ୍କ ଘର ବୋଲି ପୋଲିସ କହିଛି। ଫାଣ୍ଡି ଅନ୍ତର୍ଗତ ମା' ବାଟଭୁଆଶୁଣି ମନ୍ଦିର ନିକଟରେ ଥିବା ଏକ ହୋଟେଲରୁ ଗତ ୭ ତାରିଖ ରାତିରେ ୨ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିଲା। ସେଠାରେ ଲାଗିଥିବା ସିସିଟିଭି କ୍ୟାମେରା ଫଟେଜକୁ ଆଧାର କରି ପୋଲିସ ମୁନାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

■ ବ୍ରାଉନସୁଗାର ବ୍ୟବସାୟୀଙ୍କ ଦୌରାତ୍ମ୍ୟ

# ଲୋକଙ୍କୁ ପିଟିଲେ, ଭୋଜିରେ ଖାଦ୍ୟ ଫୋପାଡ଼ିଲେ

ଖୋର୍ଦ୍ଧା ଅଫିସ,୧୦।୯

ଖୋର୍ଦ୍ଧା ସଦର ଥାନାର କରଡଗାଡିଆ ଗାଁରେ ବ୍ରାଉନସୁଗାର ବ୍ୟବସାୟୀଙ୍କ ଦୌରାତ୍ମ୍ୟରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ବ୍ୟବସାୟୀମାନେ ବ୍ରାଉନସୁଗାର ବିକ୍ରି କରିବା ସହ ନିଜେ ଖାଇ ଗାଁରେ ଭୋଜିରେ ଖାଦ୍ୟ ଫୋପାଡିବା ସହ ଲୋକଙ୍କୁ ମାରପିଟ୍ ଓ ଧମକଚମକ ଦେଉଛନ୍ତି। ଏପରିକି ଲୁଟ୍ ଓ ଦାଦାବଟି ମାଗି ନେଉଛନ୍ତି। ବ୍ରାଉନସୁଗାର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ବଢିବା ପରେ ଗ୍ରାମବାସୀ ମିଳିତ ହୋଇ ମଙ୍ଗଳବାର ଖୋର୍ଦ୍ଧା ସଦର ଥାନାରେ ଫେରାଦ ହୋଇଛନ୍ତି। ଏପରିକି ବ୍ରାଉନସୁଗାର ବ୍ୟବସାୟୀଙ୍କ ନାଁକୁ ଅଭିଯୋଗରେ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନେବାସହ ସୁରକ୍ଷା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ, କରଡଗାଡିଆ ଗାଁରେ ବ୍ରାଉନସୁଗାର ବିକ୍ରି ଚାଲିଛି। ସ୍ଥାନୀୟ ଗ୍ରାମର ୮ଜଣ ଏହି କାରବାର କରୁଛନ୍ତି। ବ୍ରାଉନସୁଗାର କାରବାରକୁ ନେଇ ଗାଁରେ ପ୍ରତିବାଦ ହେଉଥିଲେ ହେଁ ଏହାର ସୁଫଳ ମିଳୁନି। ବ୍ରାଉନସୁଗାର ବ୍ୟବସାୟୀମାନେ ଧମକଚମକ ଦେଇ ଅଭିଯୋଗକାରୀଙ୍କ ମୁହଁ ବନ୍ଦ କରି ଦେଉଛନ୍ତି। ଗତ ୬ ତାରିଖରେ କେତେଜଣ ଯୁବକ ଗଣେଶ ପୂଜାର ଭୋଜି କରୁଥିଲେ। ରାତି ପ୍ରାୟ ୯ଟାରେ ବ୍ରାଉନସୁଗାର ବ୍ୟବସାୟୀମାନେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଭାତ ଓ ଡାଲିକୁ ଗୋଇଠା ମାରି ଫୋପାଡି ଚାଲି ଯାଇଥିଲେ। ଅନ୍ୟପକ୍ଷେ ଗତ ୭ ତାରିଖରେ ଭାଗବତ ମେଳା ନେଇ ଗାଁରେ ଆଲୋଚନା ଚାଲୁଥାଏ। ସଭା ଚାଲିଥିବାବେଳେ ବ୍ରାଉନସୁଗାର ବ୍ୟବସାୟୀମାନେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବାଲି ଫୋପାଡି ସଭାକୁ ଭାଙ୍ଗି ଦେଇଥିଲେ। ପ୍ରତିବାଦ କରିବାରୁ ହତ୍ୟା ଧମକ ଦେଇ ଚାଲି ଯାଇଥିଲେ। ପରେ ରାତି ୨ଟାରେ ବନ୍ଧୁକ ଆଦି ମାରଣାସ୍ତ୍ର ଧରି କେତେଜଣ ଲୋକଙ୍କ ଘର କବାଟ ବାଡେଇ ଥିଲେ। ପରେ କୁକୁଡା ଗୋଦାମକୁ ଯାଇ ୨ ହଜାର ଟଙ୍କା ସହ ୫ କୁକୁଡା ନେଇଯିବା ସହ ଧମକଚମକ ଦେଇ ଫେରିଥିଲେ।





କରଡଗାଡିଆ ଗାଁର ଲୋକେ ସଦର ଥାନାରେ ପ୍ରତିବାଦ କରୁଛନ୍ତି।

## ଜଟଣୀ ରାମଚନ୍ଦ୍ରପୁର ଅଞ୍ଚଳରୁ ଟଙ୍କା, ସୁନା ଅଳଙ୍କାର ଚୋରି

ଜଟଣୀ,୧୦।୯(ଡି.ଏନ.ଏ.)

ଜଟଣୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାର ଅଞ୍ଚଳରେ ରହୁଥିବା ପବନ କୁମାର ଶର୍ମାଙ୍କ ଘରୁ ଚୋରି ହୋଇଛି। ସ୍ଥାନୀୟ ଧର୍ମଶାଳାରେ ମାରୱାଡି ସମାଜର ହେଉଥିବା ଭଜନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଘର ତାଲା ପକାଇ ପବନ ଓ ପରିବାରର ଅନ୍ୟମାନେ ସୋମବାର ସନ୍ଧ୍ୟାରେ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଘରର ପଛଗେଟ ତାଲା ତାଡି କୋଠରି ମଧ୍ୟରେ ଥିବା ଆଲମିରା ଭାଙ୍ଗି ୭୫ ହଜାର ଟଙ୍କା, ୬ ଭରି ଓଜନର ସୁନା ଅଳଙ୍କାର, ରୁପାର ୧୩ଟି କଏନ, ୮ଟି ଗ୍ଲାସ, ପାଉଁଜି, ବ୍ରେସ୍‌ଲେଟ୍, ଘଣ୍ଟା ଆଦି ଚୋରି କରି ନେଇଥିବା ଥାନାରେ ସେ ଅଭିଯୋଗ କରିଛନ୍ତି। ଘରକୁ ଫେରିବା ପରେ ଏହା ସେ ଜାଣିବାକୁ ପାଇଥିଲେ। ମଙ୍ଗଳବାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଆସିଛନ୍ତି। ଏହି ଘଟଣାରେ କେହି ଧରା ହୋଇନାହାନ୍ତି।

■ ବ୍ୟାପକ ଦୁର୍ନୀତି ଅଭିଯୋଗ

# କଂଗ୍ରେସ ପକ୍ଷରୁ ଜଟଣୀ ବ୍ଲକ ଘେରାଉ



କଂଗ୍ରେସ ପକ୍ଷରୁ ବ୍ଲକକୁ ଘେରାଉରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ଜଟଣୀ,୧୦।୯(ଡି.ଏନ.ଏ.)

ଜଟଣୀ ବ୍ଲକ କାର୍ଯ୍ୟାଳୟ ଓ ଏହା ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତ ଦୁର୍ନୀତିରେ ବୁଡି ରହିଛି। ପିସି କାରବାର ବ୍ୟାପକ ଚାଲିଛି। ଫଲସ ବିଲ କରି ଲକ୍ଷାଧିକ ଟଙ୍କା ତୋସାରପାତ କରାଯାଉଛି। ଏପରି ଦୁର୍ନୀତି ଚାଲିଥିବା ଓ ଏହାର ତଦନ୍ତ ଦାବି କରି କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜଟଣୀ ବ୍ଲକ ଘେରାଉ କରାଯାଇଥିଲା। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ଘେରାଉରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ। ପଞ୍ଚାୟତ ସମିତି ବୈଠକରେ ରିଜଲ୍ୟୁଶନ କରା ନ ଯାଇ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ନ ଜଣାଇ ଅନେକ ବେଆଇନ କାର୍ଯ୍ୟ କରାଯାଉଛି। ଅଙ୍ଗାରପଡା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ କରା ନ ଯାଇ ଦସ୍ତଖତ କରିବାକୁ ସରପଞ୍ଚଙ୍କ ଉପରେ ବ୍ଲକ ପ୍ରଶାସନ ଚାପ ପକାଉଛି। କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନଙ୍କୁ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଅବଗତ କରାଯାଉ ନ ଥିବା ଆଦି ବିଭିନ୍ନ ବେଆଇନ କାମ ହେଉଥିବା ଅଭିଯୋଗ କରିଥିଲେ। ଏ ନେଇ ଖୋର୍ଦ୍ଧା ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ।

# ଚକୋଲେଟ ଦେଇ ସଚେତନ କରାଇଲା ପୋଲିସ

ନିରାକାରପୁର,୧୦।୯(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପୋଲିସ ମଙ୍ଗଳବାର ଚକୋଲେଟ ବାଣ୍ଟି ଲୋକଙ୍କୁ ସଚେତନ କରାଇଛି। ୧୬ନଂ. ଜାତୀୟ ରାଜ ପଥର ରାମେଶ୍ୱର ଛକଠାରେ ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପୋଲିସ କର୍ମଚାରୀ ମୋଟର ଯାନ ନିୟମ ଲେଖାଥିବା ପ୍ଲାକାର୍ଡ ଦେଖାଇ ପ୍ରଥମେ ହେଲମେଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ଅଟକାଉଥିଲେ। ସେମାନଙ୍କଠାରୁ ଜରିମାନା ଆଦାୟ କରିବା ପରିବର୍ତ୍ତେ ଚକୋଲେଟ୍ ଦେଇ ଚାଳକ ପ୍ରମାଣପତ୍ର, ହେଲମେଟ ବ୍ୟବହାର ନ କରିବା ଦ୍ୱାରା କି ଅସୁବିଧା ହେଉଛି ସେ ଉପରେ ସଚେତନ କରାଇଥିଲେ। ଏହା ସହିତ ଯାତ୍ରା ସମୟରେ ବ୍ୟବହୃତ ଗାଡିର ସମସ୍ତ କାଗଜପତ୍ର ସାଥିରେ ନେଇ ଯିବାକୁ ପରାମର୍ଶ ଦେଇଥିଲେ। ଯେଉଁ ଚାଳକ ଗାଡିରେ ହେଲମେଟ ରଖି ପିନ୍ଧୁ ନ ଥିଲେ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଚକୋଲେଟ ଦେଇ ନିଜେ ସେ ବ୍ୟକ୍ତିଙ୍କୁ ହେଲମେଟ ପିନ୍ଧାଇ ଦେଉଥିଲେ। ଥାନା ସବ୍‌ଇନ୍ସପେକ୍ଟର ରଶ୍ମି ରଞ୍ଜନ ଦାଶଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ଜଟଣୀରେ ମାତମ୍ ଶୋଭାଯାତ୍ରା

ଜଟଣୀ,୧୦।୯(ଡି.ଏନ.ଏ.)

ମହରମ ପାଳନ ପରିପ୍ରେକ୍ଷୀରେ ମୁସ୍‌ଲିମ୍ ସିହା ସମ୍ପ୍ରଦାୟ ପକ୍ଷରୁ ଜଟଣୀରେ ମଙ୍ଗଳବାର ମାତମ୍ ଶୋଭାଯାତ୍ରା ବାହାରିଥିଲା। ଏଥିରେ ପୁରୁଷମାନେ ନିଜ ଶରୀରକୁ କ୍ଷତାକ୍ତ କରି ସ୍ଥାନୀୟ ବାଲିଛକ ମୁଣ୍ଡିଆ ସାହିରୁ ରାଜାବଜାର ପର୍ଯ୍ୟନ୍ତ ଏହି ମାତମ୍ ଶୋଭାଯାତ୍ରା ଆସିଥିଲା। ନୌସର ଅଲ୍ଲୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ପରିକ୍ରମା କରିଥିଲା। ସେହିପରି ସନ୍ଧ୍ୟାରେ ମୁସ୍‌ଲିମ୍ ସୁନ୍ନି ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ସ୍ଥାନରେ ତାଜିଆ ଶୋଭାଯାତ୍ରା ପରିକ୍ରମା କରିଥିଲା। ଏଥିରେ ବାଡି ଖେଳ ଆଦି ପ୍ରଦର୍ଶନ ହୋଇଥିଲା।



ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ବାହାରିଥିବା ମାତମ୍ ଶୋଭାଯାତ୍ରା।

# ଷ୍ଟାଡିୟମ ପରିସରରେ ବେନିୟମ ମହୋତ୍ସବ, ମିନାବଜାର ନେଇ ଅଭିଯୋଗ

ଜଟଣୀ,୧୦।୯(ଡି.ଏନ.ଏ)

ଜଟଣୀ ଉଚ୍ଚ ବିଦ୍ୟାଳୟ ଜମିରେ ଥିବା ଏକ ଷ୍ଟାଡିୟମ୍ ପରିସରରେ କୌଣସି ଅନୁମତି ନ ଥାଇ ଏକ ସଙ୍ଗଠନ ପକ୍ଷରୁ ବେଆଇନ ଭାବେ ମହୋତ୍ସବ, ମିନାବଜାର ଆୟୋଜନ କରାଯାଇଛି। ଏଥିପାଇଁ ପୋଲିସ ଓ ପ୍ରଶାସନ ଆଖି ବୁଜି ଦେଇଛନ୍ତି। ସ୍ଥାନୀୟ ମ୍ୟୁନିସିପାଲିଟି ଛକ ନିକଟରେ ଅନ୍ୟ ଏକ ମହୋତ୍ସବ ଆୟୋଜନ କରୁଥିବା କଳିଙ୍ଗ ୟୁଥ୍ ଫୋରମ୍‌ର କର୍ମକର୍ତ୍ତା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏପରି ଅଭିଯୋଗ ଆଣିଛନ୍ତି। ଷ୍ଟାଡିୟମ୍ ପରିସରରେ ଏପରି ଆୟୋଜନ ବେନିୟମ ଦର୍ଶାଇ ଜଟଣୀ ନାଗରିକ ସେବା ମଞ୍ଚ ନାମକ ଏକ ସଙ୍ଗଠନର ସମ୍ପାଦକ ନଟବର ମହାରଣା ହାଇକୋର୍ଟରେ ଏକ ରିଟ୍ ପିଟିସନ୍ କରିଥିଲେ। ଏହାର ଅନୁସନ୍ଧାନ କରି ୪୫ ଦିନ ମଧ୍ୟରେ ଆଇନ ଅନୁଯାୟୀ ବିଚାର କରି ନିଷ୍ପତ୍ତି ନେବାକୁ ଜିଲାପାଳଙ୍କୁ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ଉପରୋକ୍ତ ଜମି ଉପରେ ପୁଣି ସେ ନିର୍ମାଣ କାର୍ଯ୍ୟ ଯେପରି ନ ହୁଏ ନିର୍ଦ୍ଦେଶରେ ଉଲ୍ଲେଖ ରହିଥିଲା। ଗଣେଶ ପୂଜା ୨ ତାରିଖଠାରୁ ଷ୍ଟାଡିୟମ୍ ପରିସରରେ ଆରମ୍ଭ ହେବାକୁ ଥିବା ମହୋତ୍ସବର ୫ ଦିନ ପୂର୍ବରୁ ଅଗଷ୍ଟ ୨୯ରେ ଏହି ନିର୍ଦ୍ଦେଶନାମା ଜାରି ହୋଇଥିଲା। ନିର୍ଦ୍ଦେଶନାମା ଜାରି ପୂର୍ବରୁ ଷ୍ଟାଡିୟମ ପରିସରରେ ଅନେକ ଷ୍ଟଲ ମିନାବଜାର ଆଦି ଗଢି ଉଠିଥିଲା। ନ୍ୟାୟାଳୟର ନିର୍ଦ୍ଦେଶ ପରେ ଷ୍ଟାଡିୟମ୍ ଭିତରେ ହେଉଥିବା ମହୋତ୍ସବ ଓ ମିନାବଜାର ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା। ଚଳିତମାସ ୬ ତାରିଖରେ ଏ ନେଇ ଜିଲାପାଳ ଏକ ଶୁଣାଣି କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଏଥିରେ ସଂଶ୍ଲିଷ୍ଟ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଜିଲାପାଳ ସମସ୍ତଙ୍କ ମତାମତ ଓ ଅଭିଯୋଗ ଶୁଣିବା ପରେ ଆସନ୍ତା ୨୦ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଥିଲେ। ଏହାସତ୍ତ୍ୱେ ଷ୍ଟାଡିୟମ୍ ପରିସରରେ ମହୋତ୍ସବ ଓ ମିନାବଜାର ଚାଲିଥିବା କଳିଙ୍ଗ ୟୁଥ୍ ଫୋରମ୍‌ର ସଭାପତି ମନୋରଞ୍ଜନ ମାର୍ଥା, ଆବାହକ ସୀତାକାନ୍ତ ନାୟକ, ବାବୁ ହୋତା, ଶଶାଙ୍କ ରାୟ, ଉମାକାନ୍ତ ମହାପାତ୍ର, ବିରଞ୍ଚି ନାରାୟଣ ସେଠୀ ପ୍ରମୁଖ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଷ୍ଟାଡିୟମ୍ ପରିସରରେ ମହୋତ୍ସବ ଓ ମିନାବଜାରକୁ ଅନୁମତି ପ୍ରଦାନରେ ପ୍ରମୁଖ ଭୂମିକା ରହୁଥିବା ବିଭିନ୍ନ ପ୍ରଶାସନିକ ଅଧିକାରୀ ଏହା ଉପରେ ମତାମତ ଦେବାକୁ ନୀରବ ରହୁଛନ୍ତି। ସୂଚନାଯୋଗ୍ୟ, ଏହି ଷ୍ଟାଡିୟମ୍‌ରେ ୭ ବର୍ଷ ହେବ ମହୋତ୍ସବ ଓ ମିନାବଜାର ଆୟୋଜିତ ହୋଇଆସୁଥିଲା। ଏ ନେଇ କମିଶନରେଟ୍ ପୋଲିସର ଜୋନ୍ ୩ ଏସିପି ପି.କେ. ରାଉତ କୁହନ୍ତି, ବିଭିନ୍ନ ପୂଜା ପେଣ୍ଡାଲ ଅନୁମତି ମାଗିଥିଲେ ଓ ସେମାନଙ୍କୁ ଦିଆଯାଇଛି। ଷ୍ଟାଡିୟମ ପରିସରରେ ଦୋକାନ ବଜାର ଓ ମିନାବଜାର କରିବାକୁ କେହି ଅନୁମତି ମାଗିନାହାନ୍ତି କି ଦିଆଯାଇନାହିଁ। ଷ୍ଟାଡିୟମ୍ ପରିସରରେ ୭ ବର୍ଷ ହେବ ମହୋତ୍ସବ, ମିନାବଜାର ଆୟୋଜନ କରି ଆସୁଥିବା କଳିଙ୍ଗ ଯୁବ ପରିଷଦର ସମ୍ପାଦକ ସମୀର ଜେନା କୁହନ୍ତି, ନ୍ୟାୟଳୟର ନିର୍ଦ୍ଦେଶକୁ ସମ୍ମାନ ଦିଆଯିବା ସହ ଜିଲାପାଳଙ୍କ ବିଚାର ଓ ନିଷ୍ପତ୍ତିକୁ ପାଳନ କରାଯାଇଛି ଏବଂ କରାଯିବ।



କଳିଙ୍ଗ ୟୁଥ ଫୋରମ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।



" ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ପୁରୀ ଅଫିସ, ୧୦।୯: ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାମନ ଜନ୍ମନୀତି ସମ୍ପନ୍ନ ହୋଇଛି। ସକାଳ ଧୂପ ଓ ଭୋଗମଣ୍ଡପ ସରିବା ପରେ ତିନିବାଡରେ ଯାତ୍ରାଙ୍ଗୀ ମହାସ୍ନାନ ସମ୍ପନ୍ନ ହୋଇଥିଲା। ନୂଆ ଲୁଗା ଲାଗି ପରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇଥିଲା। ପବିତ୍ର ବେଢା ନୀତି ପରେ ମହାପ୍ରଭୁଙ୍କ ପବିତ୍ରା ଲାଗି ହୋଇଥିଲା। ଠାକୁର ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲେ। ମଧ୍ୟାହ୍ନ ଧୂପ ବଢିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଭିତର ଚନ୍ଦନ ଅର୍ଗଳିଠାରେ ପୂଜାପଣ୍ଡା ସାମନ୍ତ ପଞ୍ଚବର୍ଣ୍ଣ ମୁରଜରେ ବାମନ ଜନ୍ମ ନୀତି ମଣ୍ଡଳ ପକାଇଥିଲେ। ଶ୍ରୀମଦନମୋହନ (ବାମନ ଦେବ) ଭିତରକୁ ବିଜେ ହେବା ପରେ ଧଣ୍ଡି ପ୍ରସାଦ ଲାଗି ହୋଇଥିଲା। ଶ୍ରୀମଦନମୋହନ ଜନ୍ମ ଚକଡ଼ାକୁ ବିଜେ କରିଥିଲେ। ସୁନାର ବାମନ ବିଗ୍ରହ ଜନ୍ମ ଚକଡ଼ରେ ଅବସ୍ଥାପିତ ହୋଇଥିଲେ। ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବାମନ ଜନ୍ମ ପଟି ଆସିଥିଲା। ଏହାପରେ ପୂଜାପଣ୍ଡା ପୋଥି ପ୍ରମାଣେ ବାମନ ଦେବଙ୍କ ଜନ୍ମବିଧି ସମ୍ପାଦନ କରିଥିଲେ। କ୍ଷୀର, ଲହୁଣି, କୋରା ମଣୋହି ହୋଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ମହାଜନ ସେବକ ଠାକୁରଙ୍କୁ ସୋମନାଥ ମଣ୍ଡପ ଖଟ ଉପରେ ବିଜେ କରାଇଥିଲେ। ଭଣ୍ଡାରରୁ ରୂପା ବଟାରେ ଶ୍ରୀଦୁର୍ଗାଦେବୀଙ୍କୁ ଅଣାଯାଇ ମଣ୍ଡପ ଖଟ ଉପରେ ବିଜେ କରାଯାଇଥିଲା। ସେଠାରେ ପୂଜାପଣ୍ଡା ପୂଜାବିଧି ସମ୍ପାଦନା କରିଥିଲେ। ଏହାପରେ ପାଣିପଡି ଶୀତଳ ଭୋଗ ପନ୍ତି ବଢା ହୋଇଥିଲା। ଦଧିମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରିଥିଲେ। ବନ୍ଦାପନା ହୋଇ ବାମନ ଦେବ ଦକ୍ଷିଣୀ ଘରକୁ ଏବଂ ଦେବୀ ଦୁର୍ଗା ଭଣ୍ଡାର ଘରକୁ ବିଜେ କରିଥିଲେ।

### ରାଜବେଶରେ ସାକ୍ଷୀଗୋପାଳଙ୍କୁ ସୁନିଆ ଭେଟି

ସାକ୍ଷୀଗୋପାଳ,୧୦।୯(ଡି.ଏନ୍.ଏ.): ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ମଙ୍ଗଳବାର ସାକ୍ଷୀଗୋପାଳ ମନ୍ଦିରରେ ବାମନ ଜନ୍ମ ଓ ସୁନିଆ ପର୍ବ ପାଳିତ ହୋଇଯାଇଛି। ସାକ୍ଷୀଗୋପାଳ ଠାକୁରଙ୍କୁ ଦିନରେ ବାମନ ଓ ସନ୍ଧ୍ୟାରେ ରାଜ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପରେ ବାମନ ବେଶରେ ଠାକୁର ନୂତନ ଧଳାଧୋତି ଓ ଧଳା ଦୋଶଡାର ଉତ୍ତରୀୟ ପରିଧାନ କରିଥିଲେ। ମଥାରେ ଓ ଭୁଜରେ ତ୍ରିପଣ୍ଡକ ଚନ୍ଦନ ଚିତାଲାଗି କରାଯାଇଥିଲା। ଗୋଧନ ବାହୁଡା ଭୋଗ ଅନ୍ତେ ସନ୍ଧ୍ୟାଧୂପ ବେଶ ସମୟରେ ଠାକୁରଙ୍କୁ ରାଜବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ଠାକୁର ପାଟ, ପୀତାମ୍ବରୀ, ସୁବର୍ଣ୍ଣ ମୁକୁଟ, ବଂଶୀ, ମକର କୁଣ୍ଡଳ, ଚାପସରୀ, ନୁଡୁକ, ହୀରା ମୁଦ୍ରିକା, ବେଙ୍ଗପାଟିଆ, ବାଙ୍କି ନୂପୁର ଓ ଫୁଲମାଳ ଆଦି ପରିଧାନ କରିଥିଲେ। ସୁନିଆଁ ଭେଟି ଦେବା ପାଇଁ ଗୋପାଳପୁର ପଟଣା ଗ୍ରାମରୁ ମହାଜନମାନଙ୍କ ସହ ପ୍ରଜା ଓ ଭକ୍ତବୃନ୍ଦ ମଶାଲ ଜଳାଇ ମନ୍ଦିରକୁ ଆସିଥିଲେ। ସେମାନେ ଭୋଗ ନୈବେଦ୍ୟ ଓ ସର ଲବଣୀ ଠାକୁରଙ୍କ ପାଇଁ ଆଣିଥିଲେ। ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ପୂର୍ବବର୍ଷର ତାଲିକା ପଢ଼ିବା ପରେ ସେବାୟତ, ଓ ଭକ୍ତମାନେ ସୁନିଆଁ ଭେଟି (ଅର୍ଥ) ପକାଇଥିଲେ। ଏଥିରେ ୧୦ ହଜାର ୨୧୯ ଟଙ୍କା ଆଦାୟ ହୋଇଥିଲା। ସେବାୟତମାନେ ତିଆରି କରିଥିବା କଟୁରି, ପନିକି, କୋରଣା, ପିଢା, ରୁଖା, ଆଦି ଅର୍ପଣ କରଥିଲେ।

■ ମାପଚୁପ ହେଲା ମଙ୍ଗୁ ମଠ

# ଉଚ୍ଛେଦ ଛଡ଼ାଇ ନେଇଛି ଖୁସି, ଫିକା ପଡ଼ିଲା ସୁନିଆ

ପୁରୀ ଅଫିସ, ୧୦।୯:



ମଙ୍ଗୁମଠ ଉଚ୍ଛେଦ ପାଇଁ ମାପଚୁପ ଚାଲିଛି ।

ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ଚାଲିଛି ଉଚ୍ଛେଦ ଅଭିଯାନ। ପ୍ରାଥମିକ ପର୍ଯ୍ୟାୟରେ ବିପଦସଙ୍କୁଳ ମଠ ଭଙ୍ଗାଯାଉଛି। ଇତିମଧ୍ୟରେ ୨ଟି ପୁରାତନ ମଠ ଲଙ୍ଗୁଳି ଏବଂ ବଡ଼ ଆଖଡା ମଠ ମାଟିରେ ମିଶିଥିବା ବେଳେ ଏମାର ମଠ ବି ଅଧା ଭଙ୍ଗାଯାଇଛି। ଆଗକୁ ଏକାଧିକ ମଠର ପାଳି ଥିବା ବେଳେ ମଙ୍ଗଳବାର ମଙ୍ଗୁ ମଠକୁ ମାପଚୁପ କରାଯାଇଛି। ସିଂହଦ୍ୱାର ସମ୍ମୁଖରେ ଥିବା ମଙ୍ଗୁ ମଠ ମାପଚୁପ ପରେ ପରବର୍ତ୍ତୀ ମଠ ଭାବେ ଏହାର ପାଳି ପଡିବା ନିଶ୍ଚିତ ହୋଇଛି। ସେହିପରି ସାନଛତା ମଠରୁ ଜିନିଷପତ୍ର ଖାଲି କରାଯାଉଥିବା ବେଳେ ରାଧାବଲ୍ଲଭ ମଠରେ ବି ମାପଚୁପ କରାଯାଇଛି। ଆଗକୁ ୭୫ ମିଟର ଉଚ୍ଛେଦ ଅଭିଯାନ ଆରମ୍ଭ ହେଲେ ଆହୁରି ୧୦ରୁ ଉର୍ଦ୍ଧ୍ୱ ମଠ ବଳି ପଡିବେ ବୋଲି କୁହାଯାଉଛି। ତେବେ ମଙ୍ଗଳବାର ପବିତ୍ର ସୁନିଆ ଥିଲେ ମଧ୍ୟ ମଠଗୁଡ଼ିକରେ ଏହାକୁ ନେଇ ଆଗଭଳି ଉତ୍ସାହ ଦେଖିବାକୁ ମିଳି ନ ଥିଲା। ଉଚ୍ଛେଦ ହିଁ ୭୫ ମିଟର ସୁରକ୍ଷିତ ଜୋନ ମଧ୍ୟରେ ଥିବା ମଠ ମହନ୍ତ ଏବଂ ଅନ୍ତେବାସୀଙ୍କ ଖୁସି ଛଡାଇ ନେଇଛି ବୋଲି କୁହାଯାଉଛି। ଫଳରେ ଏହିସବୁ ମଠଗୁଡ଼ିକରେ ସୁନିଆ ଫିକା ପଡିଥିଲା। ମଙ୍ଗଳବାର କୌଣସି ନିର୍ମାଣ ଭଙ୍ଗା ଯାଇ ନ ଥିଲା। କିନ୍ତୁ ବଡ଼ ଆଖଡା ମଠର ଭଗ୍ନାବଶେଷ ବୁହାଯାଇ ସେହି ସ୍ଥାନକୁ ଖାଲି କରାଯାଇଥିଲା। ପରେ ମଙ୍ଗୁ ମଠ ମାପଚୁପ କରାଯାଇଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ଆଉ ତିନୋଟି ମଠକୁ ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯାଇଥିବା ସୂଚନା ମିଳିଛି। ତେବେ ମଙ୍ଗଳବାର ସୁନିଆକୁ ନେଇ ମଠଗୁଡ଼ିକରେ ପୂର୍ବ ବର୍ଷଗୁଡ଼ିକ ଭଳି ଉତ୍ସାହ ଦେଖିବାକୁ ମିଳି ନ ଥିଲା। ପୂର୍ବରୁ ସୁନିଆ ଅବସରରେ ମଠର ଖମାର ଅଞ୍ଚଳରୁ ପ୍ରଜା (ଭାଗଚାଷୀ)ମାନେ ଆସିଥାନ୍ତି। ସେମାନେ ମହନ୍ତଙ୍କୁ ବିଭିନ୍ନ ପ୍ରକାର ଭେଟି ଚୁଡ଼ା, ଗୁଡ଼, ଚାଉଳ, କଞ୍ଚା କଦଳୀ, ଟଙ୍କା ପଇସା ଆଦି ଦେଇଥାନ୍ତି। ମଠରେ ସେମାନଙ୍କ ଲାଗି ଖାଇବା ପିଇବାର ବ୍ୟବସ୍ଥା କରାଯାଇଥାଏ। ବ୍ରାହ୍ମଣମାନେ ଆସି ପଇତା ଦେଇ ଆଶୀର୍ବାଦ କରିଥାନ୍ତି। ଏଥିସହ ମଠରେ ଇନ୍ଦ୍ର ପୂଜା ମଧ୍ୟ କରାଯାଏ। ହେଲେ ମଙ୍ଗଳବାର ୭୫ ମିଟର ପରିଧି ମଧ୍ୟରେ ଥିବା ବହୁ ମଠରେ ସୁନିଆ ଫିକା ପଡିଥିଲା। କେତେକ ମଠରେ ବିଧି ରକ୍ଷା କରାଯାଇଥିବା ବେଳେ ଆଉ କେତେକ ମଠରେ ସୁନିଆ ପାଳନ କରାଯାଇ ନ ଥିଲା।

■ ଅଶୋକ ଗାଣପତ୍ୟ ସମିତିର ଭସାଣି ଉତ୍ସବ

## ଘଣ୍ଟ ନାଦରେ ଉଛୁଳିଲା ବଡ଼ଦାଣ୍ଡ

ପୁରୀ ଅଫିସ, ୧୦।୯:



ବଡ଼ଦାଣ୍ଡସ୍ଥିତ ଅଶୋକ ବଜାର ବ୍ୟବସାୟୀଙ୍କ ସହଯୋଗରେ ଅନୁଷ୍ଠିତ ଗଣେଶ ପୂଜା ଭସାଣି ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ୯ ଦିନ ଧରି ମଣ୍ଡପରେ ପୂଜା ପାଉଥିବା ଅଗ୍ରପୂଜ୍ୟଙ୍କୁ ମଙ୍ଗଳବାର ଅପରାହ୍ନରେ ଅଶୋକ ଗାଣପତ୍ୟ ସମିତିର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବଡ଼ଦାଣ୍ଡ ପରିକ୍ରମା କରାଇଥିଲେ। ଏହାପରେ ମୂଷାନଈରେ ଠାକୁରଙ୍କୁ ବିସର୍ଜନ କରିଥିଲେ। ତେବେ ଏହି ସମିତିର ସ୍ୱତନ୍ତ୍ରତା ସମ୍ପର୍କରେ ସଭାପତି ଜାନକୀ ନନ୍ଦନ ମହାନ୍ତି କୁହନ୍ତି, ଦିନକୁ ଦିନ ପ୍ରଦୂଷଣ ମାତ୍ରା ବଢୁଛି। ତେଣୁ ଆମ ସମିତି ସର୍ବଦା ପ୍ରଦୂଷଣଠାରୁ ଦୂରେଇ ରହିବାକୁ ଚେଷ୍ଟା କରୁଛି। ବର୍ତ୍ତମାନ ଅଧିକ ସଂଖ୍ୟାରେ ମୂର୍ତ୍ତି ନିର୍ମାଣ ହେଉଛି। ବିସର୍ଜନ ପରେ ମୂର୍ତ୍ତିରେ ବ୍ୟବହୃତ ରାସାୟନିକ ରଙ୍ଗ ପାଣିରେ ମିଶି ଜଳ ପ୍ରଦୂଷଣ ବୃଦ୍ଧି କରୁଛି। ତେଣୁ ସମିତି ପକ୍ଷରୁ ଦୀର୍ଘବର୍ଷ ଧରି ଗଢାଯାଉଥିବା ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରା ନ ଯାଇ ପ୍ରାକୃତିକ ରଙ୍ଗ ଦିଆଯାଉଛି। ଚଳିତବର୍ଷ ଏକ ନୂତନ ପରମ୍ପରା ଅନୁଯାୟୀ, ଶ୍ରୀଜଗନ୍ନାଥ ସଂସ୍କୃତି ନେଇ ଆକର୍ଷଣୀୟ ତୋରଣ କରାଯାଇଥିଲା। ଯାହାକି ଚର୍ଚ୍ଚାର ବିଷୟ ହୋଇଥିଲା।

ଏହି ଭସାଣି ଶୋଭାଯାତ୍ରାରେ ଅନୁଷ୍ଠାନର ସଭାପତି ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ଅଶୋକ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ, ଗୋପାଳ ଚୌଧୁରୀ, ସତ୍ୟନାରାୟଣ ସାହୁ, ଶଙ୍କର ପ୍ରସାଦ ନାୟକ, ଦୋଳଗୋବିନ୍ଦ ମହାନ୍ତି, ଲଲାଟେନ୍ଦୁ ସାହୁ, ମୁରଲୀଧର ନାୟକ, ଅଶୋକ କୁମାର ପ୍ରଧାନ, ଶରତ ପୃଷ୍ଟି, ନେତ୍ରାନନ୍ଦ ପାତ୍ର, ତ୍ରିନାଥ ସାହୁଙ୍କ ସମେତ ପ୍ରମୁଖ ବ୍ୟବସାୟୀ ସାମିଲ ଥିଲେ।

## ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ହିନ୍ଦୀ ଅନୁବାଦ ଲୋକାର୍ପିତ

ପୁରୀ ଅଫିସ, ୧୦।୯:



ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ହିନ୍ଦୀ ଅନୁବାଦ ପୁସ୍ତକର ଲୋକାର୍ପଣ କରାଯାଉଛି ।

ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ହିନ୍ଦୀ ଅନୁବାଦ ପୁସ୍ତକର ଲୋକାର୍ପଣ ଉତ୍ସବ ସୋମବାର ଗୋବର୍ଦ୍ଧନ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏହି ପୁସ୍ତକକୁ ଲୋକାର୍ପିତ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ବହୁ ଗବେଷକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

ଏହି ଅବସରରେ ଗଜପତି ମହାରାଜା କହିଥିଲେ, ମହାପ୍ରଭୁଙ୍କର ଇଚ୍ଛା ଓ କୃପା ବିନା କିଛି ବି ସମ୍ଭବ ନୁହେଁ, ଯାହା ବି ଏବେ ଚାଲିଛି ତାହା ଠାକୁରଙ୍କ ଇଚ୍ଛା ଅନୁଯାୟୀ ହେଉଛି। ଏମିତି ସମୟ ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର କିପରି ହେଉଛି ବୋଲି ସାଧୁସନ୍ଥ ପ୍ରଶ୍ନ କରୁଥିଲେ। କାରଣ ପ୍ରବକ୍ତାମାନେ ଯିଏ ଯାହା ଜାଣିଥିଲେ ତାହା କହୁଥିଲେ। କିନ୍ତୁ କେଉଁ ଶାସ୍ତ୍ରରେ ମହାପ୍ରଭୁଙ୍କ ବିଷୟରେ ଉଲ୍ଲେଖ କରାଯାଇଛି ତାହା ଜାଣି ନ ଥିଲେ। ଅନେକ ବର୍ଷ ପୂର୍ବେ ଭାଗବତ ଆଶ୍ରମର ଅଧ୍ୟକ୍ଷ ବାବା ଶ୍ରୀଚୈତନ୍ୟ ଚରଣ ଦାସ ସ୍କନ୍ଦ ପୁରାଣ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପ୍ରବଚନ ଆରମ୍ଭ କରିଥିଲେ। ପୁରପଲ୍ଲୀରେ ତାଙ୍କର ସ୍କନ୍ଦ ପୁରାଣ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ଆଧାରିତ ଶ୍ରୀଜଗନ୍ନାଥ କଥାମୃତ ପରମ୍ପରା ଭାବେ ଆରମ୍ଭ ହେଲା। ଏହାପରେ ଏହି ଅମୂଲ୍ୟଗ୍ରନ୍ଥ ଲୋକ ଲୋଚନକୁ ଆସିଲା ବେଳି ଗଜପତି ମହାରାଜା କହିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଶ୍ରୀଜଗନ୍ନଥ ସଂସ୍କୃତିର ପ୍ରଚାର ପ୍ରସାର କିପରି ବହୁଳ ମାତ୍ରାରେ ହୋଇପାରିବ ସେ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ଉଦ୍ୟମ କରିବ ବୋଲି ମତ ରଖିଥିଲେ। ଏହି ଅବସରରେ ଶଙ୍କରାଚାର୍ଯ୍ୟ ମଧ୍ୟ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଥିବା ଡ. ଶ୍ରୀନିବାସ ଆଚାର୍ଯ୍ୟଙ୍କ ସମେତ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରେକୃଷ୍ଣ ଶତପଥୀଙ୍କ ସମେତ ଏହି ପୁସ୍ତକରେ ସହଯୋଗ ରଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଠ ମୁଖପାତ୍ର ମନୋଜ ରଥ, ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ପରିଚାଳନା କରିଥିଲେ।

### ଉଚ୍ଛେଦ ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୦।୯:

ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ଚାଲିଥିବା ଉଚ୍ଛେଦ ଅଭିଯାନକୁ ବିରୋଧ କରି ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଜଷ୍ଟିସ ବି.ପି. ଦାସ କମିଶନଙ୍କ କାର୍ଯ୍ୟକାଳକୁ ସରକାର ଅଧାରୁ ବନ୍ଦ କରିଦେଲେ। ବର୍ତ୍ତମାନ କେଉଁ କମିଶନଙ୍କ ରିପୋର୍ଟ ଆଧାରରେ ଉଚ୍ଛେଦ କରାଯାଉଛି ତାହା ସରକାର ସର୍ବସାଧାରଣରେ ପ୍ରକାଶ କରନ୍ତୁ। ଶ୍ରୀମନ୍ଦିରର ନୀତିକାନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଅନୁସାରେ ହେବା କଥା। କିନ୍ତୁ ତାହା କରାଯାଇ ନାହିଁ। ଭଙ୍ଗା ଯାଇଥିବା ମଠଗୁଡ଼ିକର ମହନ୍ତ ମହାରାଜଙ୍କ ସହ ବିଚାର ଆଲୋଚନା କରାଯାଇ ଉଚିତ କ୍ଷତିପୂରଣ ଦେବା ସହ ମଠଗୁଡ଼ିକ ପୁନଃସ୍ଥାପନ କରାଯାଉ। ଶ୍ରୀକ୍ଷେତ୍ର ହେଉଛି ଭାରତର ପ୍ରମୁଖ ତୀର୍ଥସ୍ଥଳୀ। ଚାରିଧାମ ମଧ୍ୟରୁ ଅନ୍ୟତମ। ଏହାକୁ ପର୍ଯ୍ୟଟନସ୍ଥଳୀ ନ କରି ଆଧାତ୍ମିକ, ଧାର୍ମିକ କ୍ଷେତ୍ର ଭାବେ ବିକଶିତ କରାଯାଉ ବୋଲି ବଜରଙ୍ଗ ଦଳ ଦାବି କରିଛି। ସେହିପରି ଉଚ୍ଛେଦକୁ ବିରୋଧ କରି ହିନ୍ଦୁସ୍ଥାନ ନିର୍ମାଣ ଦଳ ପକ୍ଷରୁ ମଧ୍ୟ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି।

■ ଅଭିଯୋଗ ରଖି ପୋଲିସ ଚୁପ୍

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି

ପୁରୀ ଅଫିସ, ୧୦।୯ :



ମରଣାନ୍ତକ ଆକ୍ରମଣରେ ଲହୁଲୁହାଣ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଦମ୍ପତି ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗଡିଶାଗୋଦା ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସର ନିଷ୍କ୍ରିୟତାରୁ ସଂପୃକ୍ତ ଆକ୍ରମଣକାରୀମାନେ ପରିବାର ଲୋକଙ୍କୁ ହତ୍ୟାଧମକ ଦେଉଛନ୍ତି ବୋଲି ଦମ୍ପତି ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗକାରୀ ଗଡିଶାଗୋଦା ଥାନା ଯୋଡାପଦର ଗ୍ରାମର ଚକ୍ରଧର ସାମନ୍ତରାୟ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ରବିବାର ଏକ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ପଡିଶା ଘରର ୩ବ୍ୟକ୍ତି ଘରେ ପସି ଲୁହାରଡ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ତ୍ରୀ ବାରଣ କରିବାରୁ ତାଙ୍କ ଚୁଟି ଘୋଷାରି ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଡିଶାଗୋଦା ଥାନାରେ ଅଭିଯୋଗ କରିଥିଲୁ। ତେବେ ପୋଲିସ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚିକିତ୍ସା ହୋଇ ଆସ, ପରେ ଏ ସମ୍ପର୍କରେ କଥା ହେବା କହି ଥାନାରୁ ବାହାର କରିଦେଇଥିଲେ। ଅନ୍ୟପଟେ ପୋଲିସର ନିଷ୍କ୍ରିୟତାରୁ ଆକ୍ରମଣକାରୀମାନେ ଗ୍ରାମରେ ଖୋଲାରେ ବୁଲୁଛନ୍ତି। ପରିବାର ଲୋକଙ୍କୁ ଧମକ ଚମକ ଦେଉଛନ୍ତି। ଏହି ଘଟଣାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଚକ୍ରଧର ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏସ୍‌ପି ଉମାଶଙ୍କର ଦାଶ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଦେବୀରେ ବନ୍ୟାଜଳ ବୃଦ୍ଧି

କାକଟପୁର,୧୦।୯(ଡି.ଏନ୍.ଏ.)

ଦେବୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ଏଥିଯୋଗୁ ନଦୀ ଉପକୂଳବର୍ତ୍ତୀ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଦେବୀ ନଦୀର ବାଉରିଆକଣଠାରେ ବିପଦ ସଙ୍କେତ ସ୍ତର ୪.୯୩ମିଟର ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୪.୪୫ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିବା କାକଟପୁର ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ତପନ କୁମାର ନାୟକ କହିଛନ୍ତି। ବାଉରିଆକଣ, ଷାଠିବୋଟି, ଅସନ ପ୍ରଭୃତି ସ୍ଥାନରେ ବିଭାଗ ପକ୍ଷରୁ ୨୪ଘଣ୍ଟିଆ ପାଟ୍ରୋଲିଂ କରାଯାଉଥିବାବେଳେ ସମ୍ବେଦନଶୀଳ ବନ୍ଧ ଉପରେ ନଜର ରଖାଯାଇଥିବା ଉପନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ବିଶ୍ୱାଳ କହିଛନ୍ତି। ଜରୁରୀ ପରିସ୍ଥିତି ପାଇଁ ବାଲି ବସ୍ତା, ବଲ୍ଲା ମହଜୁଦ ରଖାଯାଇଥିବା ନିର୍ବାହୀଯନ୍ତ୍ରୀ କହିଛନ୍ତି।

### କୋର୍ଟ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ

କୋଣାର୍କ,୧୦।୯(ଡି.ଏନ୍.ଏ.)

କୋଣାର୍କ କୋର୍ଟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ରାଜସ୍ୱ ବିଭାଗ ପକ୍ଷରୁ କୋଣାର୍କ ଏନ୍‌ଏସିର ୧୦ନମ୍ବର ୱାର୍ଡ ଅନ୍ତର୍ଗତ ମାଧିପୁର ମୌଜାର ଖାତା ନଂ–୩୬, ପ୍ଲଟ୍ – ୨୭୪ରୁ ୪ଏକର ଜମି କୋର୍ଟ ନିମନ୍ତେ ଯୋଗାଇ ଦିଆଯାଇଛି। ଏହି ଜମିକୁ କେତେକ ଲୋକେ ଜବରଦଖଲ କରି ରହିଛନ୍ତି। ଏହା ଜଣାପଡିବା ପରେ ମଙ୍ଗଳବାର ରାଜସ୍ୱ ଓ ପୋଲିସ ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ହଟିଯିବାକୁ ୭ଦିନିଆ ନୋଟିସ ଦିଆଯାଇଛି। ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କୋଣାର୍କ ରାଜସ୍ୱ ନିରୀକ୍ଷକ ସତ୍ୟବାଦୀ ଚିନ୍ନରା ଓ କୋଣାର୍କ ଥାନା ଆଇଆଇସି ସଞ୍ଜୀବ କୁମାର ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। କୋର୍ଟ ଏବେ ଏକ କୋଠାରେ ଅସ୍ଥାୟୀ ଭାବେ ଚାଲିଛି।

## ଥାନାରେ ଅଭିଯୋଗକାରୀଙ୍କୁ ଅଭିଯୁକ୍ତଙ୍କ ମାଡ଼ ଉଦ୍ୟମ

**ପ୍ରତିବାଦ କରିବାରୁ ମହିଳା ଏସ୍‌ଆଇଙ୍କୁ ଦୁର୍ବ୍ୟବହାର**

ଡେଲାଙ୍ଗ,୧୦।୯(ଡି.ଏନ୍.ଏ.): ଡେଲାଙ୍ଗ ଥାନାରେ ମଙ୍ଗଳବାର ଜଣେ ମହିଳା ଅଭିଯୋଗକାରୀଙ୍କୁ ମାଡ ମାରିବାକୁ ଉଦ୍ୟମ ଓ କାର୍ଯ୍ୟରତ ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅରିସଲ ଗ୍ରାମର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓରଫ ଚଗଲା (୫୦)। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ପ୍ରତିମା ଦାସ(୪୫)ଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଚଗଲା ବହୁ ସମୟରେ ଗାଳିଗୁଲଜ କରିବା ସହ ତାଙ୍କ ଝିଅମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିଆସୁଥିଲେ। ଏ ନେଇ ପ୍ରତିମା ମଙ୍ଗଳବାର ଚଗଲାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ପ୍ରତିମା ଥାନା ଭିତରକୁ ଯାଇ ସମସ୍ତ ଘଟଣା ବିଷୟରେ ଡ୍ୟୁଟିରେ ଥିବା ମହିଳା ଏସ୍.ଆଇ ଲାଇକା ମହାରଣାଙ୍କୁ ଅବଗତ କରାଇଥିଲେ। ଏହି ସମୟରେ ଚଗଲା ଥାନା ଭିତରକୁ ପଶି ଅଭିଯୋଗକାରୀଙ୍କୁ ଗାଳି କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ଦେଖି ମହିଳା ଏସ୍‌ଆଇ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଚଗଲା ଦୁର୍ବ୍ୟବହାର କରିଥିଲେ। ପ୍ରତିମାଙ୍କର ଅଭିଯୋଗକୁ ଭିତ୍ତିକରି ୧୬୦/୧୯ନଂ. ମାମଲା ଏବଂ ଥାନା ଭିତରେ କାର୍ଯ୍ୟରତ ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ୧୬୧/୧୯ନଂ. ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଐତିହ୍ୟ ସଂରକ୍ଷଣ ପରିଷଦର ମଠ ପରିଦର୍ଶନ

ପୁରୀ ଅଫିସ, ୧୦।୯:



ରାଧାବଲ୍ଲଭ ମଠ ମହନ୍ତଙ୍କ ସହ ଐତିହ୍ୟ ସଂରକ୍ଷଣ ପରିଷଦ କର୍ମକର୍ତ୍ତା ଆଲୋଚନା କରୁଛନ୍ତି ।

ଐତିହ୍ୟ ସଂରକ୍ଷଣ ପରିଷଦ କର୍ମକର୍ତ୍ତା ମଙ୍ଗଳବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ମଠ ପରିଦର୍ଶନ କରିଛନ୍ତି। ଅପରାହ୍ନରେ ରାଧାବଲ୍ଲଭ ମଠ, ସାନଛତା ମଠ ବୁଲିବା ସହ ଉଚ୍ଛେଦରୁ ବାଦ୍ ଦିଆଯାଇଥିବା ଲଙ୍ଗୁଳି ମଠର ବିଜେସ୍ଥଳୀ ଦେଖିଛନ୍ତି। ସଦସ୍ୟମାନେ ମଠ ପୂଜାସ୍ଥଳୀର ବିଗ୍ରହ ସମୂହ ତଥା ପ୍ରାଚୀନ ଐତିହ୍ୟର ପର୍ଯ୍ୟବେକ୍ଷଣ କରିବା ପରେ ସମ୍ପୃକ୍ତ ମହନ୍ତମାନଙ୍କ ସହିତ ଆଲୋଚନା କରିଥିଲେ।

ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ମଠର ସମ୍ମୁଖ ଭାଗରୁ କିଛି ଅଂଶ ଭଙ୍ଗାଯିବା ଲାଗି ପ୍ରଶାସନ ତାଙ୍କୁ ଜଣାଇ ଦେଇଛି। ମଠର ବିଜେସ୍ଥଳୀ ଏବଂ ଅନ୍ୟ ଅଂଶ ସୁରକ୍ଷିତ ରହିବ ବୋଲି ସେ ଆଶାବାଦୀ ଅଛନ୍ତି। ଦ୍ୱାଦଶ ଶତାବ୍ଦୀରେ ସନ୍ଥ ନିମ୍ବାର୍କ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମଠ ମହାପ୍ରଭୁଙ୍କ ନିକଟରେ ଆଲଟ ଚାମର ସେବା ସହିତ ଚନ୍ଦନ ଯାତ୍ରା, ସ୍ନାନଯାତ୍ରା, ରଥଯାତ୍ରା ଏବଂ ସୁଦର୍ଶନ ବିଜେ ସମୟରେ ପନ୍ତି ଭୋଗର ବ୍ୟବସ୍ଥା କରିଥାଏ। ଗୀତଗୋବିନ୍ଦର ରଚୟିତା କବି ଜୟଦେବ ଏହି ମଠରେ ଏକଦା ଅବସ୍ଥାନ କରୁଥିଲେ। ଏହି ପ୍ରାଚୀନ ମଠର ସୁରକ୍ଷାକୁ ପ୍ରଶାସନ ପ୍ରାଥମିକତା ହେବା ଦରକାର ବୋଲି ଆଲୋଚନା ହୋଇଥିଲା। ସେହିପରି ସାନଛତା ମଠ ମହନ୍ତ ରାମଭୂଷଣ ଦାସ କହିଥିଲେ, ରାମାନନ୍ଦୀ ସମ୍ପ୍ରଦାୟର ଏହି ମଠ ୧୬୭୦ ମସିହାରେ ସନ୍ଥ ଶ୍ରୀରାମ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ। ଏହି ମଠର ଶ୍ରୀମନ୍ଦିରରେ ଆଲଟ ଚାମର ସେବା ରହିଛି। ଏକଦା ଦୋଳବେଦିର ସୁରକ୍ଷା ସହିତ ଦୋଳପୂର୍ଣ୍ଣିମାରେ ମହାପ୍ରଭୁଙ୍କ ବିଜେ ଓ ବାହୁଡା ସମୟରେ ଏହି ମଠର ସାଧୁମାନେ ସୁରକ୍ଷା ପ୍ରଦାନ କରୁଥିଲେ। ଶ୍ରୀମନ୍ଦିର ଦୁଆରଫିଟା ସମୟରେ ମଠ ପକ୍ଷରୁ ଚାରି ଦୁଆରେ ମଙ୍ଗଳ ଆବାହନୀ ଗାନ କରାଯାଏ। ପ୍ରବେଶ ତୋରଣର ଦୁଇପାର୍ଶ୍ୱରେ ଶ୍ରୀହନୁମାନ ଓ ଶ୍ରୀଗରୁଡ଼ଙ୍କ ପ୍ରାୟ ୩ ଫୁଟ ଉଚ୍ଚତାର ମୂର୍ତ୍ତି ଦଣ୍ଡାୟମାନ। ମଠ ଭଙ୍ଗାଗଲେ ମଠରେ ପୂଜିତ ଚତୁର୍ଦ୍ଧାବିଗ୍ରହଙ୍କ ସହିତ ଗୋପାଳ ଓ ଶାଳଗ୍ରାମଙ୍କ ନୀତିକାନ୍ତିରେ ବ୍ୟାଘାତ ଘଟିବ। ମଠ ଯଦି ଭଙ୍ଗାଯିବ ତେବେ ବିଗ୍ରହମାନଙ୍କୁ ସାଥିରେ ନେଇ ଅନ୍ୟତ୍ର ଚାଲିଯିବେ ବୋଲି ପରିଷଦ ସଦସ୍ୟଙ୍କ ସହ ଆଲୋଚନା ବେଳେ କହିଥିଲେ। ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର, ଦେବୀପ୍ରସନ୍ନ ନନ୍ଦ, ରାଜକୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଶ୍ୱଜିତ ସେନାପତି, ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ଦାମୋଦର ପରିଡ଼ା ପ୍ରମୁଖ ପରିଦର୍ଶନରେ ସାମିଲ ଥିଲେ।

## କୋଣାର୍କରୁ ଚୋରି କାର ଖେଲାର ବଜାରରୁ ଉଦ୍ଧାର

ନିମାପଡ଼ା/କୋଣାର୍କ, ୧୦।୯(ଡି.ଏନ୍.ଏ.):

କୋଣାର୍କ ଅଞ୍ଚଳରୁ ଚୋରି ହୋଇଥିବା ଏକ କାରକୁ ନିମାପଡ଼ା ପୋଲିସ ମଙ୍ଗଳବାର ଖେଲାର ବଜାରରୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଥିଲେ। ନାବାଳକଙ୍କ ଘର କେନ୍ଦୁଝର ଜିଲା ଯଶିପୁର ଅଞ୍ଚଳରେ ବୋଲି ଜଣାପଡିଛି। ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଛି। କୌଣସି କାରଣରୁ ଉକ୍ତ କାର୍ (ଓଡି ୦୫ଏ ୯୩୮୫) ଖେଲାର ବଜାରରେ ଅଟକି ଥିଲା। ଗାଡି ଭିତରୁ ଏକ ମୋବାଇଲ ଫୋନ ଲୁଟି ନେଇ ବିକ୍ରି କରିବା ପାଇଁ ନାବାଳକଜଣକ ପାନ ଦୋକାନୀଙ୍କ ନିକଟକୁ ଯାଇଥିଲେ। ସନ୍ଦେହରେ ସେ ପଚରାଉଚରା କରିବା ବେଳେ ନାବାଳକ ଖସି ପଳାଉଥିଲେ। ଲୋକେ ତାଙ୍କୁ କଅଁରପୁରସ୍ଥିତ କଳଘର ନିକଟରୁ ଧରିଥିଲେ।

# ଦୟା, ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଜଳମଗ୍ନ

କଣାସ, ୧୦।୯(ସ୍ୱ.ପ୍ର.)



ପାଣିଘେରରେ ଥିବା ଏକ ବିଦ୍ୟାଳୟ ।

ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ପୁରୀ ଜିଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ରାଜୁଆ ନଦୀରେ ଜଳ ପତ୍ତନ ବୃଦ୍ଧିପାଇଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ମିଟର ଥିବାବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୫.୨୨ମିଟରେ ଜଳ ପ୍ରବାହିତ ହେଉଛି। ଫଳରେ ଏହି ଦୁଇ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହୋଇଛି। ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଲୋଚନପୁର, କଣାସ, ସିରେଇ, ବିଜିପୁର, ଅଣ୍ଡାରସିଂହ, ନନ୍ଦିଗୋଦା, ଗଡସାହି, ଖଣ୍ଡହତା, ଜାମଳଗୋଦା, ଆଳିବାଡ, ଗଡିଶାଗୋଦା ଗ୍ରାମପଞ୍ଚାୟତର ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ମାଧିପୁର କାଜରୁ ବନ୍ୟାଜଳ ନିଷ୍କାସିତ ହୋଇ ଏହି ଅଞ୍ଚଳରେ ମାସ ମାସ ଧରି ଜମିରହି ବିଭିନ୍ନ ସମସ୍ୟା ସୃଷ୍ଟି କରିବ। କଣାସ–ଗୋଳବାଇ ରାସ୍ତାର ଦୋକନ୍ଦା ନିକଟରେ ୩ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବନ୍ଦ ରହିଛି। ଦୋକନ୍ଦା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା ଗାଁ ଦାଣ୍ଡରେ ବନ୍ୟା ପାଣି ଜମିଛି। କଣାସ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ମକରା ବେହେରା କଣାସଠାରେ ଉପସ୍ଥିତ ରହି ନଦୀବନ୍ଧର ସୁରକ୍ଷା ଦିଗରେ ଧ୍ୟାନ ଦେଉଛନ୍ତି। ଚାଷ ଜମିଗୁଡିକରେ ବନ୍ୟାଜଳ ଜମିରହି ଲହଡା ଭାଙ୍ଗୁଛି। ପାଣିରେ ଧାନଗଛ ବୁଡିଯିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ପହଞ୍ଚି ନ ଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବନ୍ଧର ସୁରକ୍ଷା ପାଇଁ ବାଲି ବସ୍ତା ରଖାଯାଇଛି।